# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୧/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, December 21/2022 Page 16 | ₹ 7.00 | ★★★★

୪୯ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 28 | ମୂଲ୍ୟ ₹୭/-







# ଜେଲରେ ଗୋବିନ୍ଦଙ୍କ ମୃତ୍ୟୁ

## ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଥିଲେ

- ମଙ୍ଗଳବାର କୋର୍ଟରେ ହାଜର ହେବାର ଥିଲା
- କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ, ୱାର୍ଡର ନିଲମ୍ବିତ
- ଷଡ଼ଯନ୍ତ୍ର କରି ମରାଯାଇଛି, ସିବିଆଇ ତଦନ୍ତ ଦାବି କଲେ ବିରୋଧୀ



ଗୋବିନ୍ଦ ସାହୁ



ମମିତା ମେହେର

**ବଲାଙ୍ଗୀର ଅଫିସ/ ମୁରିବାହାଲ, ୨୦।୧୨(ଡି.ଏନ.ଏ.)**

କିଛି ସମୟ ପରେ କୋର୍ଟରେ ହାଜର ହୋଇଥାନ୍ତେ। ପୋଲିସ ଏସ୍କର୍ଟ ଗାଡ଼ି ମଧ୍ୟ ଜେଲକୁ ଯାଇଥିଲା। ହେଲେ କୋର୍ଟରେ ହାଜର ହେବାକୁ ଥିବା ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିବା ଜେଲ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ମିଳିଲା। ସେ ହେଉଛନ୍ତି ୨୦୨୧ ଅକ୍ଟୋବର ୮ରେ ଘଟିଥିବା ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଗୋବିନ୍ଦଙ୍କ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ଉପକାରାଗାର କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଗୋବିନ୍ଦ ଜେଲ ପରିସରରେ ଥିବା ଏକ ଗଛରେ ଗାମୁଛାରେ ଆତ୍ମହତ୍ୟା କରିଛନ୍ତି। ହେଲେ ଏହାକୁ ସହଜରେ କେହି ଗ୍ରହଣ କରିପାରୁ ନାହାନ୍ତି। ଗୋବିନ୍ଦଙ୍କ ସ୍ତ୍ରୀ ଏବଂ ବିରୋଧୀ ଦଳ ଏହାକୁ ହତ୍ୟାକାଣ୍ଡ ବୋଲି କହିଛନ୍ତି। ଡିଜିପି ସୁନିଲ କୁମାର ବଂଶଲ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦେଇଥିବାବେଳେ ଭାଜପା ଏବଂ କଂଗ୍ରେସ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି। କାରଣ ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇ ଆସୁଥିଲା। ତେଣୁ କ୍ରାଇମବ୍ରାଞ୍ଚ ରାଜ୍ୟ ସରକାରଙ୍କ ଅଧୀନରେ ଥିବାରୁ ତଦନ୍ତ ବାଟବଣା ହେବା ଆଶଙ୍କା ରହିଛି ବୋଲି ବିରୋଧୀ ଯୁକ୍ତି ବାଢ଼ିଛନ୍ତି। ଅପରପକ୍ଷରେ ଜେଲରେ ସୁରକ୍ଷା ବ୍ୟବସ୍ଥା ଓ କାର୍ଯ୍ୟରେ ଅବହେଳା କରିବା ଘଟଣାରେ ଜେଲ ୱାର୍ଡର ଅକ୍ଷୟ କୁମାର ମହାନ୍ତିଙ୍କୁ ପଶ୍ଚିମାଞ୍ଚଳ ଜେଲ୍ ଡିଆଇଜି ଅନୁସୂୟା ଜେନା ନିଲମ୍ବିତ କରିଛନ୍ତି। ତେବେ ଜେଲ୍ ଭିତରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କିଭଳି ଏବଂ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ

☞ପୃଷ୍ଠା-୪

## ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ ସୁଷମା

**ଭବାନୀପାଟଣା/ଗୋଲାମୁଣ୍ଡା, ୨୦।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

କଣ୍ଟାବାଞ୍ଜି ଜେଲରେ ମଙ୍ଗଳବାର ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଆତ୍ମହତ୍ୟା ନୁହେଁ, ବରଂ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଗୋବିନ୍ଦଙ୍କ ସ୍ତ୍ରୀ ସୁଷମା ସାହୁ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ଜେଲ ପ୍ରଶାସନକୁ ଦାୟୀ କରିଛନ୍ତି। ଅପରାହ୍ନରେ ପରିବାରବର୍ଗଙ୍କ ସହ ସୁଷମା କେ.ଗାଁ ଥାନାରେ ଲିଖିତ ଏତଲା ଦେଇଛନ୍ତି। ମୋ ସ୍ୱାମୀ ନିର୍ଦ୍ଦୋଷ, ମମିତା ମେହେର

☞ପୃଷ୍ଠା-୪

## ଓଏଚ୍ଆର୍ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଗୋବିନ୍ଦ ସାହୁଙ୍କ ମଙ୍ଗଳବାର ମୃତ୍ୟୁ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୁକ୍ତ ଗୋବିନ୍ଦ ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ଉପ-କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଦିନ କାଟୁଥିଲେ। ଏହି ଘଟଣାକୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍ସି) ଗୁରୁତ୍ୱର ସହ ନେଇ ନିଜ ଆଡୁ ଏକ ମାମଲା (ନଂ.୨୭୩୭/୨୦୨୨) ରୁଜୁ କରି ସ୍ୱତନ୍ତ୍ର ଜେଲ

☞ପୃଷ୍ଠା-୪




**ଦ**କ୍ଷିଣ ଓଡ଼ିଶା ପାଇଁ ଘଟଣାବହୁଳ ଥିଲା ୨୦୨୨। ବର୍ଷ ଆରମ୍ଭରେ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ପରଲୋକ ଯେତିକି ଦୁଃଖ ଦେଇଥିଲା, ବର୍ଷ ଶେଷରେ ବିଶ୍ୱକପ୍ ହକି ପାଇଁ ଗୀତ ଗାଇ ସୁନାଝିଅ ନମିତା ସେତିକି ଖୁସି ଆଣିଥିଲେ । ଜୟପୁର ବିମାନ ବନ୍ଦରରୁ ବିମାନ ଉଡ଼ାଣ ଜିଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନକୁ ସାକାର କରିଥିଲା। ଅନ୍ୟପକ୍ଷରେ କୋଟିଆ ଉପରେ ଆନ୍ଧ୍ର ବର୍ଷତମାମ ନଜର ରଖିଥିଲା। ରାୟଗଡ଼ା ଜିଲାର କାଶୀପୁର ଓ କୋରାପୁଟ ଜିଲାର ଦଶମନ୍ତପୁରରେ ଝାଡ଼ାବାନ୍ତି ଅଣାୟତ୍ତ ହୋଇଥିଲା। ଶେଷ ଭାଗରେ ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇପଡ଼ିବା ସମସ୍ତଙ୍କ ମନରେ ଖେଳାଇଥିଲା ଆଶା ଆଶଙ୍କାର ଲୁଚକାଳି।

# ଜୟପୁରରୁ ଉଡ଼ିଲା ବିମାନ




**କୋରାପୁଟ** ଜିଲା ପାଇଁ ୨୦୨୨ ଅକ୍ଟୋବର ୩୧ ତାରିଖ ସକାଳ ଆଣିଥିଲା ଖୁସି ଖବର। ଜିଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିଲା। ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟା ପରେ ଉଡ଼ାନ (ଉଡେ ଦେଶ କି ଆମ୍ ନାଗରିକ୍) ଯୋଜନାରେ ଡିଜିସିଏ(ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏଶନ)ରେ ଅନୁମତି ପାଇ ପ୍ରଥମ ଥର ପାଇଁ ଭୁବନେଶ୍ୱର-ଜୟପୁର ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଯାତ୍ରୀଙ୍କୁ ଆକୃଷ୍ଟ କରିବା ଲାଗି ସୀମିତ ସମୟ ପାଇଁ ଟିକେଟ୍ ମୂଲ୍ୟ ୧୦୪୯ ଟଙ୍କା ରହିଥିଲା। ଭୁବନେଶ୍ୱର, ଝାରସୁଗଡ଼ା ଏବଂ ରାଉରକେଲା ବିମାନବନ୍ଦର ପରେ ଏହା ରାଜ୍ୟର ୪ର୍ଥ ଲାଇସେନ୍ସପ୍ରାପ୍ତ ବିମାନ ବନ୍ଦର ଭାବେ ପରିଗଣିତ ହୋଇଛି। ସେହିପରି ବ୍ୟବସାୟିକ ବିମାନ ଚଳାଚଳ ପାଇଁ ଲାଇସେନ୍ସ ପାଇଥିବା ରାଜ୍ୟର ପ୍ରଥମ ନିଜସ୍ୱ ପ୍ରଥମ ବିମାନ ବନ୍ଦର ରୂପେ ପରିଚୟ ପାଇଥିଲା। ପ୍ରଥମ ଦିନରେ ଇଣ୍ଡିଆ ୱାନ ଏୟାର ପକ୍ଷରୁ ଅଫର ପ୍ରାଇସ୍ ଭାବେ ଟିକେଟ୍ ମୂଲ୍ୟ ୯୯୯ ଟଙ୍କା ରହିଥିଲା। ଏବେ ଜୟପୁରରୁ ଭୁବନେଶ୍ୱରକୁ ଟିକେଟ୍ ମୂଲ୍ୟ ରହିଛି ୩୫୭୫ ଟଙ୍କା। ଉଡାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଓଡ଼ିଶା ସରକାର ଏବଂ ବିମାନ ବନ୍ଦର ପ୍ରାଧିକରଣଙ୍କ ମିଳିତ ଉଦ୍ୟମରେ ବିମାନ ବନ୍ଦରର ବିକାଶ କରାଯାଇଥିଲା। ଏହି ବିମାନ ଚଳାଚଳ ଦ୍ୱାରା ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ଧାରା ଯେ ଅଧିକ ତ୍ୱରାନ୍ୱିତ ହୋଇ ଏହି ସହର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ରୂପେ ଉଭା ହୋଇଛି।

## ଗୁଣପୁରରେ ବିଜେଡିକୁ ମାତ୍ ଦେଲେ ସ୍ୱାଧୀନ ପ୍ରାର୍ଥୀ



ମମତା ଗୌଡ଼ | ଶିବ ଗୌଡ଼ | ଝିଲି ଶବର

ପଞ୍ଚାୟତ ଏବଂ ପୌର ନିର୍ବାଚନରେ ରାୟଗଡ଼ା ଜିଲା ଗୁଣପୁର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଠାରେ ବିରଳ ରେକର୍ଡ ଦେଖିବାକୁ ମିଳିଥିଲା। ଉଭୟ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ବାଜି ମାରିଥିବାବେଳେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଏଠାରେ ଧରାଶାୟୀ ହୋଇଥିଲା। ପୌର ନିର୍ବାଚନରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବ ଗୌଡ଼ ସ୍ୱାଧୀନ ଭାବେ ଲଢ଼ି ଉପାଧ୍ୟକ୍ଷ ପଦ ହାତେଇଥିବାବେଳେ ତାଙ୍କ ସ୍ତ୍ରୀ ମମତା ଗୌଡ଼ ପୌରାଧ୍ୟକ୍ଷା ଆସନ ପାଇଁ ସ୍ୱାଧୀନ ଭାବେ ଲଢ଼ି ବିଜୟୀ ହୋଇଥିଲେ। ୧୯ ୱାର୍ଡ ମଧ୍ୟରୁ ୧୧ଟି ସ୍ୱାଧୀନ କାଉନସିଲରଙ୍କ ହାତକୁ ଚାଲିଯାଇଥିଲା। ବିଜେଡିକୁ ୮ଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସେହିପରି ପଞ୍ଚାୟତ ନିର୍ବାଚନରେ ମଧ୍ୟ ଶିବଙ୍କ ସମର୍ଥନରେ ଝିଲି ଶବର ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ହୋଇଥିଲେ। ଉଭୟ ନିର୍ବାଚନରେ ବିଜେଡିକୁ ଶକ୍ତ ଧକ୍କା ଲାଗିଥିଲା। ବିଜେଡିର ଟାଣୁଆ ନେତାଙ୍କ ପ୍ରଚାର ସତ୍ତ୍ୱେ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଏହା ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଥିଲା।

## ନିର୍ବାଚନ ଡ୍ୟୁଟିରେ ଯିବାବେଳେ ବସ୍ ଓଲଟି ଚାଲିଗଲା ୩ ଗୃହରକ୍ଷୀଙ୍କ ଜୀବନ

**ଫେବୃଆରୀରେ** ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନବେଳେ ଇଲେକ୍ସନ ଡ୍ୟୁଟି କରିବାକୁ ଯାଉଥିବା ୩ ଜଣ ଗୃହରକ୍ଷୀଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ନବରଙ୍ଗପୁର ରିଜର୍ଭ ଅଫିସ୍‌ରୁ କୋଷାଗୁମୁଡ଼ା ବ୍ଲକକୁ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୪୫ ଗ୍ରାମରକ୍ଷୀ ଓ ଗୃହରକ୍ଷୀଙ୍କୁ ନେଇ ଯାଉଥିବା ପୋଲିସ ବସ୍‌ଟି ପାପଡ଼ାହାଣ୍ଡି ସୋରିଷପଦର ନିକଟ ବୁଲାଣି ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ବସ୍ ତଳେ ଚାପି ହୋଇ ନବରଙ୍ଗପୁର ଇଚ୍ଛାବତୀଗୁଡ଼ା ସାହିର ସି.ଏଚ୍.ଶେଷାରାଓ, ନନ୍ଦାହାଣ୍ଡିର ଜଗବନ୍ଧୁ ଗୌଡ଼ ଓ ତେନ୍ତୁଳିଖୁଣ୍ଟିର ରବି ବିଶୋଇଙ୍କ ମୃତ୍ୟୁ ହୋଇଯାଇଥିଲା।

## ବିଧାନସଭାରେ ଝାଡ଼ାବାନ୍ତି ଝଡ଼

**ରାୟଗଡ଼ା** ଜିଲା କାଶୀପୁର ବ୍ଲକରେ ଚଳିତ ବର୍ଷ ଭିବ୍ରିଓ କଲେରା ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଥିଲା। ଦୂଷିତ ପାନୀୟ ଜଳ ଏଥିପାଇଁ ଦାୟୀ ବୋଲି ଜଳନମୁନା ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ବ୍ଲକ ଅନ୍ତର୍ଗତ ଟିକିରି, ଡୁଡୁକାବାହାଲ, ଡଙ୍ଗାସିଲ ଏବଂ ଶଙ୍କରଡ଼ା ପଞ୍ଚୟତର ୪୦ରୁ ଉର୍ଦ୍ଧ୍ୱ ଗାଁକୁ ଝାଡ଼ାବାନ୍ତି ବ୍ୟାପିଥିଲା। ଏଥିରେ ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଚାଲିଯାଇଥିଲା। ତେବେ ସରକାରୀ ଭାବେ ମୃତ୍ୟ ସଂଖ୍ୟା ୧୦ ରହିଥିଲା। ଏହି ଘଟଣା ବିଧାନସଭାକୁ ମଧ୍ୟ ହୁଲ୍‌ସ୍ଥୁଲ କରିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସମେତ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ କାଶୀପୁରରେ ପହଞ୍ଚିଥିଲେ। ଏହି ଘଟଣା ଜିଲା ପ୍ରଶାସନ ଏବଂ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ସେ ସମୟରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ସେହିଭଳି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ୬ଜଣଙ୍କ ଜୀବନ ନେଇଥିଲା ଝାଡ଼ାବାନ୍ତି। ୭୯ ଜଣ ଆକ୍ରାନ୍ତ ହୋଇ ଚିକିତ୍ସା ପରେ ଭଲ ହୋଇଥିଲେ। ଏହାକୁ ନିୟନ୍ତ୍ରଣକୁ ଆଣିବାକୁ ବ୍ଲକ ପ୍ରଶାସନକୁ ବେଶ୍ ନାକେଦମ୍ ହେବାକୁ ପଡ଼ିଥିଲା।

## ବନ୍ଦ ହେଲା ଝୁଲାପୋଲ

**ଡେଥ୍** ଡେଥ୍ ଜୋନ୍ ରୂପେ ପରିଚିତ ରାୟଗଡ଼ା ସହର ଉପକଣ୍ଠ ଚେକାଗୁଡ଼ାସ୍ଥିତ ନାଗାବଳୀ ନଦୀ ଉପରେ ଥିବା ରାଜ୍ୟର ଦ୍ୱିତୀୟ ଝୁଲାପୋଲକୁ ସେପ୍ଟେମ୍ବର ୨୫ରେ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ପର୍ଯ୍ୟଟକମାନେ ମାଁ ମଝିଘରିଆଣୀଙ୍କୁ ଦର୍ଶନ କରିବାକୁ ଆସି ଝୁଲାପୋଲ ବୁଲିବାକୁ ଆସୁଥିଲେ। ପୋଲ ତଳେ ପ୍ରବାହିତ ନାଗାବଳୀ ନଦୀକୁ ଗାଧୋଇବା ଏବଂ ସେଲ୍ଫି ନେବାପାଇଁ ଯାଇ ମୃତ୍ୟୁ ଘଟୁଥିଲା। ୫ ବର୍ଷ ମଧ୍ୟରେ ଏଠାରେ ଅସାବଧାନତାବଶତଃ ୨୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିଲା। ଅଗଷ୍ଟରେ ଆନ୍ଧ୍ର ପ୍ରଦେଶର ଏଲୁରୁ ଅଞ୍ଚଳରୁ ଗୋପାଳକୃଷ୍ଣ ନାମକ ବ୍ୟକ୍ତି ପରିବାର ସହ ଏଠାକୁ ବୁଲିବାକୁ ଆସିଥିବାବେଳେ ତାଙ୍କର ୩ ପୁଅ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଗୋପାଳକୃଷ୍ଣ ୨ ପୁଅଙ୍କୁ ବଞ୍ଚାଇବାରେ ସଫଳ ହୋଇଥିଲେ ମଧ୍ୟ ୫ ବର୍ଷର ସାନପୁଅକୁ ବଞ୍ଚାଇପାରି ନ ଥିଲେ। ଏମିତିକି ଗୋପାଳକୃଷ୍ଣ ନିଜେ ନଦୀରେ ଫସିଯାଇଥିଲେ। ଅଗ୍ନିଶମ ବାହିନୀ ଗୋପାଳକୃଷ୍ଣଙ୍କୁ ବହୁ କଷ୍ଟରେ ଉଦ୍ଧାର କରିଥିଲା। ପରେ ସାନପୁଅର ମୃତଦେହ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ ଜିଲା ନଦୀକୂଳରୁ ମିଳିଥିଲା। ଏହି ଘଟଣା ପରେ ରିସ୍କ ନ ନେଇ ପ୍ରଶାସନ ପକ୍ଷରୁ ପୋଲକୁ ବନ୍ଦ କରାଯାଇଥିଲା।






## କୋଟିଆକୁ ନେଇ ଟଣାଓଟରା

**କୋରାପୁଟ** ଜିଲାର କୋଟିଆ ପଞ୍ଚାୟତକୁ ନେଇ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଏବର୍ଷରେ ଲାଗି ରହିଥିଲା ଟଣାଓଟରା। ଆନ୍ଧ୍ର ତା'ର ନବଗଠିତ ୧୩ଟି ଜିଲା ମଧ୍ୟରୁ ପୂର୍ବରୁ ସବ୍ ଡିଭିଜନ ରୂପେ ଥିବା ପାର୍ବତୀପୁରମକୁ ନୂତନ ଜିଲା କରି ଏହାର ନାମ ମାନ୍ୟମ ଜିଲା ରଖିଥିଲ। ଏହି ଜିଲାରେ କୋଟିଆ ପଞ୍ଚାୟତକୁ ରଖିବା ନେଇ ସାଧାରଣରେ ବେଶ୍ ଆଲୋଡନ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ଏପ୍ରିଲ ୪ରେ ମାନ୍ୟମ ଜିଲା ଉଦ୍‌ଘାଟନ କରିଥିବା ଆନ୍ଧ୍ର, ପରବର୍ତ୍ତୀ ସମୟରେ ତା'ର ମନ୍ତ୍ରିମଣ୍ଡଳରେ ଏପ୍ରିଲ ୧୨ରେ ସାଲୁର ବିଧାୟକ ପିଡିକା ରାଜନ ଦୋରାଙ୍କୁ ନେଇଥିଲା। ସେ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିବା ପରେ କୋଟିଆ ଉପରେ ଅଧିକ ଫୋକସ୍ ଦେଇ ଆସୁଛନ୍ତି। ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା କରାଯାଇଥିଲେ ମଧ୍ୟ ଆନ୍ଧ୍ର ଏଥିପ୍ରତି ଭ୍ରୂକ୍ଷେପ ନ କରି କୋଟିଆରେ ବାରମ୍ବାର ଅନୁପ୍ରବେଶ କରି ସେଠାକର ଅଧିବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା ଚଳିତବର୍ଷ। ଏଥିପାଇଁ ଓଡ଼ିଶାର ସମସ୍ତ ରାଜନୈତିକ ଦଳ ଏକାଠି ସ୍ୱର ଉଠାଇଲେ କୋଟିଆ ଓଡ଼ିଶାର ହିଁ ହୋଇ ରହିବ ଏଥିରେ ସନ୍ଦେହ ନାହିଁ।

## ସୁନା ଝିଅ ନମିତା

**ଆସନ୍ତା** ବର୍ଷ ଜାନୁୟାରୀ ୧୩ରେ ହକି ବିଶ୍ୱକପ୍ ଓଡ଼ିଶାରେ ଆୟୋଜନ ହେଉଛି। ଏଥିରେ କୋରାପୁଟ ଜିଲା ବନ୍ଧୁଗାଁର ଆଦିବାସୀ ଝିଅ ନମିତା ମେଲେକା ଜାତୀୟ ସଙ୍ଗୀତ ଗାଇବେ। ଏହାକୁ ନେଇ ନମିତା ଏବେ ଚର୍ଚ୍ଚାକୁ ଆସିଛନ୍ତି। ପୂର୍ବରୁ ସେ ସ୍ଥାନୀୟ କୁଇ ଭାଷାରେ ବିଭିନ୍ନ ସଚେତନତାଧର୍ମୀ ଗୀତ ଗାଇଛନ୍ତି। ବିଶେଷକରି ଲତା ମଙ୍ଗେସ୍‌କରଙ୍କ ବିଭିନ୍ନ ଗୀତ ଏବଂ ଅନ୍ୟ ଭଜନ ତାଙ୍କର ପସନ୍ଦ। ନମିତାଙ୍କ କଣ୍ଠସ୍ୱର ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଭାଇରାଲ ହେଉଥିଲା।



ନମିତା ମେଲେକା

## ଚର୍ଚ୍ଚାରେ ଥିଲେ ପଦ୍ମଶ୍ରୀ କମଳା ପୂଜାରୀ

ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇ କଟକ ସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଆଇସିୟୁରେ ଜଣେ ମହିଳା ତାଙ୍କୁ ନଚାଇବା ସହ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହି ଘଟଣାକୁ ନେଇ ପଦ୍ମଶ୍ରୀ କମଳା ଅସନ୍ତୋଷ ପ୍ରକାଶ କରିବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣା ଚଳିତବର୍ଷ କୋରାପୁଟ ଜିଲା ତଥା ରାଜ୍ୟ ପାଇଁ ଚର୍ଚ୍ଚା ସୃଷ୍ଟି କରିଥିଲା। ଅଗଷ୍ଟ ୨୨ରେ ସେ ଜ୍ୱର ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରଥମେ ଜୟପୁର ଜିଲା ଚିକିତ୍ସାଳୟ ଏବଂ ସେଠାରୁ ୨୪ରେ କଟକ ଏସସିବିକୁ ସ୍ଥାନାନ୍ତର ହୋଇଥିଲେ। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ଶେଷରେ ସେ ଅଗଷ୍ଟ ୨୯ରେ ସୁସ୍ଥ ହେବା ପରେ ତାଙ୍କ ଘରକୁ ଫେରିଥିଲେ। ସେ ଏସସିବି ମେଡିକାଲର ଆଇସିୟୁରେ ଥିବାବେଳେ ତାଙ୍କୁ ଜଣେ ମହିଳା ନଚାଇବା ସହ ଭିଡିଓ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହି ଘଟଣା ରାଜ୍ୟରେ ବେଶ୍ ଚର୍ଚ୍ଚା ପାଲଟିଥିଲା।



## ପରପାରିରେ ପଦ୍ମଶ୍ରୀ ଶାନ୍ତି ଦେବୀ



**ବର୍ଷ** ଆରମ୍ଭରେ ଭୂଦାନ ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ପଦ୍ମଶ୍ରୀ ଶାନ୍ତି ଦେବୀ ପରପାରିକୁ ଚାଲିଯାଇଥିଲେ। ଜାନୁୟାରୀ ୧୬ ରାତିରେ ୮୮ ବର୍ଷ ବୟସରେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା। ବାଲେଶ୍ୱର ଜିଲାରେ ଜନ୍ମଗ୍ରହଣ କରିଥିବା ଶାନ୍ତି ଦେବୀ ୧୭ ବର୍ଷ ବୟସରେ ଆଚାର୍ଯ୍ୟ ବିନୋବାଭାବେଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ସମାଜ ସେବା ଆରମ୍ଭ କରିଥିଲେ। ୧୯୫୧ ରେ ସାମାଜିକ କର୍ମୀ ରତନ ଦାସଙ୍କୁ ସେ ବିବାହ କରିଥିଲେ। ୧୯୫୨ରେ କୋରାପୁଟରେ ଚାଲିଥିବା ଭୂ- ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇ ସାହୁକାରଙ୍କ କବଳରେ ଥିବା ଆଦିବାସୀଙ୍କ ଜମି ମୁକୁଳାଇବା କାମ ଆରମ୍ଭ କରିଥିଲେ। ପରେ ଅନାଥ ଝିଅମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ଲକ୍ଷ୍ୟରେ ଗୁଣପୁର, ରାୟଗଡ଼ା, ଜଗରଗୁଡ଼ାରେ ସେବା ସମାଜ ପ୍ରତିଷ୍ଠା କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶାନ୍ତି ଦେବୀଙ୍କୁ ୨୦୨୧ ନଭେମ୍ବର ୯ ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ।

## ପୁରସ୍କାର ଗ୍ରହଣ ପୂର୍ବରୁ ଏଏସ୍‌ଆଇଙ୍କ ମୃତ୍ୟୁ



**ରାୟଗଡ଼ା** ଜିଲା ପଦ୍ମପୁର ଥାନା ଅଧୀନ କେନ୍ଦୁଗୁଡ଼ା ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ କିଶୋର ଚନ୍ଦ୍ର ବେହେରା ନିଜ ଉତ୍ତମ ସେବା ଓ କର୍ତ୍ତବ୍ୟନିଷ୍ଠା ଯୋଗୁ ଡିଜିପି ଡିସ୍କ ଆୱାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏପ୍ରିଲ ୧ ରେ ପୁରସ୍କାର ଗ୍ରହଣ ପାଇଁ ସେ ଭୁବନେଶ୍ୱର ଯାଇଥିଲେ। ତେବେ ପୁରସ୍କାର ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ରୁମ୍‌ରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ କିଶୋରଙ୍କର ମୃତ୍ୟୁ ଘଟିଥିଲା।

# ରାଜ୍ୟ ସରକାରଙ୍କୁ ଏନ୍‌ଜିଟି ନୋଟିସ

**ହାତୀ କରିଡର ବିଜ୍ଞପ୍ତି ମାମଲା**

**■ ଜାନୁୟାରୀ ୩୦ରେ ପରବର୍ତ୍ତୀ ଶୁଣାଣି**



ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ହାତୀ କରିଡର (ହାତୀ ଚଲାପଥ) ପ୍ରସଙ୍ଗ ନେଇ ପୁଣି ରାଜ୍ୟ ସରକାରଙ୍କୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନୋଟିସ ଜାରି କରିଛନ୍ତି। ମଙ୍ଗଳବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଜିଟି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ହାତୀ କରିଡର ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ସମ୍ପର୍କିତ ମାମଲାରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଆସନ୍ତା ଜାନୁୟାରୀ ୩୦ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ଭିତରେ ଉତ୍ତର ରଖିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି।

ସୂଚନାଯୋଗ୍ୟ, ୨୦୨୧ ଅଗଷ୍ଟ ୧୭ରେ ରାଜ୍ୟରେ ଥିବା ୧୪ଟି ହାତୀ କରିଡର ପାଇଁ ବିଜ୍ଞପ୍ତି ଜାରି କରିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାମକୁ ୨ ମାସ ଭିତରେ ସାରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏନ୍‌ଜିଟିଙ୍କ ରାୟ ଅନୁସାରେ ୨୦୨୧ ଅକ୍ଟୋବର ସୁଦ୍ଧା ବନବିଭାଗ ଓଡ଼ିଶାରେ ହାତୀ କରିଡର ସମ୍ପର୍କରେ ନୋଟିଫିକେଶନ ଜାରି କରିବା କଥା। ହେଲେ ଇତିମଧ୍ୟରେ ଦେଢ଼ବର୍ଷ ବିତି ଯାଇଥିଲେ ମଧ୍ୟ ବନ ବିଭାଗ ଚୁପ୍ ହୋଇ ବସିପଡ଼ିଛି। ତେଣୁ ଚଳିତ ମାସରେ ଓଡ଼ିଶା ବନ୍ୟପ୍ରାଣୀ ସମିତି ପକ୍ଷରୁ ପୁଣି ଥରେ ଏନ୍‌ଜିଟି ନିକଟରେ ଅଭିଯୋଗ କରାଯାଇଥିଲା। ଏ ସମ୍ପର୍କରେ ଶୁଣାଣି କରି ଏନ୍‌ଜିଟି ଏବେ ରାଜ୍ୟ ସରକାରଙ୍କୁ ଆସନ୍ତା ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏ ସମ୍ପର୍କରେ ଓଡ଼ିଶା ବନ୍ୟପ୍ରାଣୀ ସମିତି ସମ୍ପାଦକ ତଥା ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ଏନ୍‌ଜିଟି ଗତବର୍ଷ ଅଗଷ୍ଟରୁ ଏହି ମାମଲାର ରାୟ ଦେବା ସହିତ ମାମଲାର ଅନ୍ତ ଘଟାଇଥିଲେ। କିନ୍ତୁ ବିଭାଗ ତାକୁ ଖାତିର କଲାନାହିଁ। ଏନ୍‌ଜିଟି ୨ମାସ ସମୟ ଦେଇଥିଲେ ମଧ୍ୟ ଖଣି ମାଫିଆଙ୍କ ଚାପରେ ବନ ବିଭାଗ ହାତୀ କରିଡର କଥା ଭୁଲିଯାଉଛି। ହାତୀ କରିଡର ନୋଟିଫିକେଶନ ଜାରି ହେଲେ ସେହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଯଥା ଖଣି ବା କଳକାରଖାନା ସ୍ଥାପନ ପାଇଁ କଟକଣା ଲାଗିଯିବ। ସେଥିପାଇଁ ବନ ବିଭାଗ ଏନ୍‌ଜିଟି ରାୟ ଦେବା ପରେ ମଧ୍ୟ ହାତୀ କରିଡର ବିଜ୍ଞପ୍ତି ଜାରି କରିବାରେ ସମୟ ଗଡ଼େଇ ଚାଲିଛି। ଦେଢ଼ବର୍ଷ ବିତିଯାଇଥିଲେ ମଧ୍ୟ ସରକାର କୌଣସି ବିଜ୍ଞପ୍ତି ଜାରି ନ କରିବାରୁ ଆମେ ଆଉଥରେ ଏନ୍‌ଜିଟିର ଦ୍ୱାରସ୍ଥ ହେଲୁ ବୋଲି ମହାନ୍ତି ପ୍ରକାଶ କରିଛନ୍ତି।

## ୧୪ ହାତୀ କରିଡର

ରାଜ୍ୟରେ ୧୪ଟି ହାତୀ କରିଡର ରହିଥିବା ୨୦୧୦ରେ ବନ ବିଭାଗ କହିଥିଲା। ୨୦୧୨ରେ କେନ୍ଦ୍ର ସରକାରଙ୍କୁ ଡ୍ରାଫ୍ଟ ନୋଟିସ୍ ପଠାଇବା ପାଇଁ ବିଭାଗ ପ୍ରସ୍ତୁତ କରିଥିଲା। ହେଲେ ଏଯାଏ ବିଧିବଦ୍ଧ ଭାବେ ବନବିଭାଗ ପକ୍ଷରୁ ସରକାରୀ ନୋଟିଫିକେସନ ବା ବିଜ୍ଞପ୍ତି ଜାରି କରାଯାଇନାହିଁ। ବନ ବିଭାଗର ତଥ୍ୟାନୁସାରେ, ରାଜ୍ୟରେ ଥିବା ୧୪ଟି ହାତୀ କରିଡର ମଧ୍ୟରୁ ୪ଟି ଆନ୍ତଃରାଜ୍ୟ କରିଡର ହୋଇଥିବାବେଳେ ବାକି ସବୁ ଆନ୍ତଃଜିଲା କରିଡର। ଆନ୍ତଃରାଜ୍ୟ ମଧ୍ୟରେ ଥିବା କରିଡରଗୁଡ଼ିକ ହେଉଛି 'ବାଦାମପାହାଡ଼ (ମୟୂରଭଞ୍ଜ)-ଧୋବାଧୋବଣୀ(ଝାଡ଼ଖଣ୍ଡ)', 'ବାଦାମପାହାଡ଼(ମୟୂରଭଞ୍ଜ)-କରିଡ଼ା (ଝାଡ଼ଖଣ୍ଡ)', 'ପଶ୍ଚିମବଙ୍ଗ-ଦେଉଳୀ-ଶୁଳିଆପଦା' ଏବଂ 'କାରୋ(କେନ୍ଦୁଝର)-କରମପଡ଼ା (ଝାଡ଼ଖଣ୍ଡ)'। ସେହିପରି ଆନ୍ତଃଜିଲା କରିଡରଗୁଡ଼ିକ ହେଲା 'ଶିମିଳିପାଳ-ହଦଗଡ଼-କୁଲଡିହା', 'ତେଲକୋଇ-ପାଲଲହଡ଼ା', 'ମୟୂରଭଞ୍ଜ ଜିରିଡ଼ମାଲି-ଅନନ୍ତପୁର', 'କନ୍ହେଇଜେନା- ଅନନ୍ତପୁର', 'ବୁଗୁଡ଼ା-ସେଣ୍ଟ୍ରାଲ ଆର୍‌ଏଫ୍(ନୟାଗଡ଼ ଡିଭିଜନ), 'ନୂଆଗାଁ-ବାରୁଣୀ', 'ତାଳ-ଖୋଲଗଡ଼', 'ବାରପାହାଡ଼-ତରଭା-କଣ୍ଟାମାଳ', 'କୋଟଗଡ଼-ଚନ୍ଦ୍ରପୁର' ଏବଂ 'କର୍ଲାପାଟ-ଉର୍ଲଡନୀ'। ଏସମସ୍ତ କରିଡର ୮୭୦.୬୧ ବର୍ଗକିମି ହୋଇଥିବାବେଳେ ଦୈର୍ଘ୍ୟ ୪୨୦.୮କିମି ବୋଲି ସୂଚନା ମିଳିଛି।

# ୨୦୨୩ ଡିସେମ୍ବରରେ ଏଡୁଫେଷ୍ଟ

ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ)

ଆସନ୍ତା ୨୦୨୩ ଡିସେମ୍ବରରେ ଏଡୁଫେଷ୍ଟ ଆୟୋଜିତ ହେବ। ଡିସେମ୍ବର ୧ରୁ ୩ ଯାଏ ଭୁବନେଶ୍ୱରରେ ଏହା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏଥିରେ କନ୍‌ଫରେନ୍ସ, ଏଗ୍‌ଜିବିଶନ୍ ଓ ଇଭେଣ୍ଟସ କର୍ନର ହେବ। ସେଥିରେ ପ୍ରାଥମିକ ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଶିକ୍ଷା ସମ୍ପୃକ୍ତ ରହିବ। ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ବିଭିନ୍ନ ବିଭାଗ ସହ ଏ ନେଇ ପ୍ରାଥମିକ ସ୍ତରରେ ଆଲୋଚନା ହୋଇଛି।

**ଯୋଗଦେବେ ୫୦ ଦେଶର ଶିକ୍ଷାମନ୍ତ୍ରୀ**

୫୦ ଦେଶର ଶିକ୍ଷାମନ୍ତ୍ରୀ ଏହି ମେଗା ଇଭେଣ୍ଟରେ ଯୋଗଦେବେ। ସେମାନେ ସେମାନଙ୍କ ଦେଶର ଶିକ୍ଷା କଥା କହିବା ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବେ। ଏଥିସହିତ ଅନ୍ୟ ରାଜ୍ୟର ଶିକ୍ଷାମନ୍ତ୍ରୀମାନେ ମଧ୍ୟ ଏଡୁଫେଷ୍ଟରେ ଯୋଗଦେବେ। ଓଡ଼ିଶାରେ ଶିକ୍ଷାକ୍ଷେତ୍ରରେ ଅନେକ ନୂଆ ସଂସ୍କାର ହୋଇଛି। ହାଇସ୍କୁଲ ୫-ଟି ରୂପାନ୍ତର, ଆଦର୍ଶ ବିଦ୍ୟାଳୟ, ମୋ ସ୍କୁଲ, ମୋ କଲେଜ ଅଭିଯାନ ଇତ୍ୟାଦିକୁ ଫୋକସ୍ କରାଯିବ। ଏଥିରେ ୧ ହଜାର କୋଟି ପୁଞ୍ଜି ନିବେଶ ଆଶା କରାଯାଉଛି। ଅଭିଭାବକ ଓ ଶିକ୍ଷକ ମଧ୍ୟ ନିଜର ପରାମର୍ଶ ଦେଇପାରିବେ। ଶିକ୍ଷା କରିଡର ସୃଷ୍ଟି କରିହେବ। ସ୍ୱତନ୍ତ୍ର ଶିକ୍ଷା ପାଇଁ ଗ୍ଲୋବାଲ ଷ୍ଟାଣ୍ଡାର୍ଡ କ'ଣ ହୋଇପାରିବ ମୁଖ୍ୟ ଶାସନ ସଚିବ ସେ ଦିଗରେ କାମ କରୁଛନ୍ତି। ବଡ଼ ନିବେଶ ଟାର୍ଗେଟ୍ ଥିବାରୁ ନୂଆ ନୂଆ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଯୋଗଦେବା ଲାଗି ସ୍ୱାଗତ କରାଯାଉଛି। ଏଥିରେ ବ୍ଲକ ଚେନ୍ ଟେକ୍ନୋଲୋଜି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ରୋବୋଟିକ୍ସ ପରି ନୂଆ ନୂଆ କ୍ଷେତ୍ର ଆସିବ।










# ହକି ପାଇଁ ୨୨ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀରେ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାକୁ କିଭଳି ସୁରୁଖୁରୁରେ ସମ୍ପାଦନ କରାଯିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଆସନ୍ତା ୨୨ ତାରିଖ ଅପରାହ୍ନ ୫ଟାରେ ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଦଳର ବିଧାୟକମାନେ ଯୋଗଦେବେ। ହକି ବିଶ୍ୱକପ୍ ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଖେଳାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଉରକେଲା ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସହରକୁ ସୁନ୍ଦର ଭାବେ ସଜାଯାଉଛି। ଏ ନେଇ କାର୍ଯ୍ୟ ଜୋରସୋରରେ ଚାଲିଛି।

# ଇଡ୍‌କଲ୍ ଡେପୁଟି ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଇଡ୍‌କଲ୍ (ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭେଲପମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍)ର କୋରାପୁଟ ଜିଲା 'ଆମ୍ବାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସ'ର ଡେପୁଟି ମ୍ୟାନେଜର ଗୟା ସାନ୍ତରାଙ୍କ ଘର ଓ କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିମଧ୍ୟରେ କୋରାପୁଟ ଜିଲା ସୁଙ୍କି ଗେଟ ଅଞ୍ଚଳରେ ଥିବା ଭଡ଼ାଘର, ଆମ୍ବାଭାଲିସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ୩ ମହଲା କୋଠା ଓ ବ୍ୟବସାୟିକ ପ୍ରତିଷ୍ଠାନ, ଜୟଦେବ ବିହାରସ୍ଥିତ ନିର୍ମାଣାଧୀନ ୪ ମହଲା କୋଠା, ନୟାଗଡ଼ ଜିଲା ଓଡ଼ଗାଁସ୍ଥିତ ପୈତୃକ ଘର ଏବଂ ରାୟଗଡ଼ା ଜିଲାର ମୁନିଗୁଡ଼ାସ୍ଥିତ ଶ୍ୱଶୁର ଘର ରହିଛି। ଏହି ଚଢ଼ାଉରେ ଭିଜିଲାନ୍ସର ୭ଜଣ ଡିଏସ୍‌ପି, ୪ଜଣ ଇନ୍ସପେକ୍ଟର, ଜଣେ ସବ୍‌ଇନ୍ସପେକ୍ଟର, ୭ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ରହିଛନ୍ତି। ଚଢ଼ାଉ ଓ ଯାଞ୍ଚ ଚାଲୁଥିବା ବେଳେ ତାଙ୍କର ୧୬ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ୪ଟିରେ ୪.୧୯ କୋଟି ଟଙ୍କା ଜମା ରାଶି ଠାବ ହେଲାଣି, ଯାହା ସମସ୍ତଙ୍କୁ ଚକିତ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଗୟାଙ୍କ ଭୁବନେଶ୍ୱର, ନୟାଗଡ଼ ଓ ଯାଜପୁରର ମୁଖ୍ୟ ଅଞ୍ଚଳରେ ୧୩ଟି ପ୍ଲଟ ମଧ୍ୟ ଠାବ ହୋଇଛି।

**୪ ବ୍ୟାଙ୍କ ଖାତାରୁ ମିଳିଲା ୪.୧୯ କୋଟି ଜମାରାଶି**

**■ କାର୍ଯ୍ୟାଳୟ ସମେତ ଏକକାଳୀନ ୭ ସ୍ଥାନରେ ଚଢ଼ାଉ**

**■ ଭୁବନେଶ୍ୱର, ଯାଜପୁର, ନୟାଗଡ଼ରେ ୧୩ ପ୍ଲଟ ଠାବ**



ଗୟା ସାନ୍ତରା

ଏଥିମଧ୍ୟରେ ଭୁବନେଶ୍ୱରରେ ୭, ଯାଜପୁରରେ ୫ ଓ ନୟାଗଡ଼ରେ ଗୋଟିଏ ପ୍ଲଟ ରହିଛି। ଏହି ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ କେତେ ସେନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ଭିଜିଲାନ୍ସର ଟେକ୍‌ନିକାଲ୍ ୱିଙ୍ଗ୍ ପକ୍ଷରୁ ଏସବୁର ପ୍ରକୃତ ମୂଲ୍ୟ ହିସାବ କରାଯାଉଛି। ଏଥିସହ ୨ଟି ଚାରିଚକିଆ ଯାନ ଓ ୪ଟି ବାଇକ୍ ମଧ୍ୟ ଠାବ ହୋଇଛି। ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ତେଣୁ ଠାବ ହୋଇଥିବା ସମ୍ପତ୍ତିର ପରିମାଣ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ଟିମ୍ ଗୟାଙ୍କୁ ପଚରାଉଚରା କରୁଛି। ତେବେ ୧୬ଟି ବ୍ୟାଙ୍କ ଆକାଉଣ୍ଟରୁ ୪.୧୯ କୋଟି ଜମା ରାଶି ଠାବ ହୋଇଥିବା ବେଳେ ଅନ୍ୟ ଆକାଉଣ୍ଟରୁ ଯାଞ୍ଚ ପରେ ଏହି ପରିମାଣ ବଢ଼ିବ। ଏପରିକି ଜମାରାଶି ୧୦ କୋଟି ଛୁଇଁବା ଆଶଙ୍କା କରାଯାଉଛି। ଦୀର୍ଘଦିନ ଧରି ଖଣି ଦୁର୍ନୀତି ମାଧ୍ୟମରେ ଗୟା ବହୁ ସମ୍ପତ୍ତି ଠୁଳ କରିଥିବା ଚର୍ଚ୍ଚା ହେଉଛି। ଆୟଠାରୁ ଠାବ ହୋଇଥିବା ସମ୍ପତ୍ତି କେତେ ପ୍ରତିଶତ ଜଣାପଡ଼ିବା ପରେ ଭିଜିଲାନ୍ସ ମାମଲା ରୁଜୁ କରି ବୁଧବାର କିମ୍ବା ଗୁରୁବାର ଗୟାଙ୍କୁ ଗିରଫ କରିପାରେ ବୋଲି ସୂଚନା ମିଳିଛି।

# ମେୟର, କର୍ପୋରେଟରଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

**ହକି ବିଶ୍ୱକପ୍ ପ୍ରସ୍ତୁତି**

**■ ସହର ପରିମଳ, ନାଗରିକ ସହଭାଗିତା ଉପରେ ଗୁରୁତ୍ୱ**

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଆସନ୍ତା ମାସରେ ଭୁବନେଶ୍ୱର ଏବଂ ରାଉରକେଲାରେ ଆୟୋଜିତ ହେବ ପୁରୁଷ ହକି ବିଶ୍ୱକପ୍ । ଏହାକୁ କିପରି ସୁଚାରୁରୂପେ ସମ୍ପାଦନ କରାଯିବ ଏବଂ ବିଦେଶୀ ଖେଳାଳିମାନେ ଯେପରି ଉତ୍ତମ ଅନୁଭୂତି ନେଇ ଫେରିବେ ସେଥିପାଇଁ ବିଭିନ୍ନ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଉଭୟ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ସର୍ବଦଳୀୟ ବୈଠକ ଡାକିଥିବା ବେଳେ ମଙ୍ଗଳବାର ଅପରାହ୍ନରେ ନବୀନ ନିବାସଠାରେ ଭୁବନେଶ୍ୱରର ୩ ବିଧାୟକ, ମହାନଗର ନିଗମ ମେୟର ଓ କର୍ପୋରେଟରମାନଙ୍କୁ ଡାକି ଆଲୋଚନା କରିଛନ୍ତି। ହକି ବିଶ୍ୱକପ୍ ସିଟି ଫେଷ୍ଟିଭାଲକୁ କିପରି ସମ୍ପାଦନ କରାଯିବ ସେ ନେଇ କର୍ପୋରେଟରମାନଙ୍କର ଭୂମିକା ଉପରେ ଆଲୋଚନା କରାଯାଇଛି। ବିଶ୍ୱକପ୍ ପୂର୍ବରୁ ସିଟି ଫେଷ୍ଟିଭାଲ ଆୟୋଜନ କରାଯିବ। ସେଥିପାଇଁ ସହରରେ ରାହାଗିରି, ସିଟି ଏକ୍‌ଜିବିଶନ ଆୟୋଜନ କରାଯିବ। ପରିମଳ, ପରିବେଶ, ନାଗରିକ ସହଭାଗିତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପ୍ରତ୍ୟେକ ୱାର୍ଡରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିଭଳି କରାଯାଉଛି ସେ ନେଇ ଆଲୋଚନା କରାଯାଇଛି । କର୍ପୋରେଶନ ଗଠନ ହେବାର ୮ ମାସ ମଧ୍ୟରେ କି କି ସମସ୍ୟା ଦେଖାଦେଇଛି ସେ ନେଇ ମୁଖ୍ୟମନ୍ତ୍ରୀ କର୍ପୋରେଟରଙ୍କଠାରୁ ବୁଝିଛନ୍ତି। ସହରରେ ହକି ଉତ୍ସବ ପାଳନ ପାଇଁ କର୍ପୋରେଟରମାନଙ୍କର ସହଯୋଗ କାମନା କରାଯାଇଛି।

# ବର୍ଷାଙ୍କ ସାକ୍ଷ୍ୟଗ୍ରହଣ, ଓଡ଼ିଆରେ ଉତ୍ତର ଦେଲେ

କଟକ ଅଫିସ, ୨୦।୧୨

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ସ୍ୱାମୀ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି ମଙ୍ଗଳବାର ପରିବାର ଅଦାଲତରେ ହୋଇଛି। ବର୍ଷା ପ୍ରତିପକ୍ଷ ଓକିଲଙ୍କ ପ୍ରଶ୍ନର ଉତ୍ତର ଓଡ଼ିଆରେ ଦେଇଛନ୍ତି। ତେବେ ସାକ୍ଷ୍ୟଗ୍ରହଣ ଅସମ୍ପୂର୍ଣ୍ଣ ରହିଛି।

ପ୍ରକାଶ ଯେ, ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ନିମନ୍ତେ ଡିସେମ୍ବର ୧୯କୁ ଦିନ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ ବର୍ଷା ଅଦାଲତରେ ହାଜର ହୋଇଥିଲେ। ଅନୁଭବଙ୍କ ଓକିଲ ବର୍ଷାଙ୍କୁ ଇଂଲିଶ ଭାଷାରେ ପ୍ରଶ୍ନ ପଚାରିଥିବାବେଳେ ବର୍ଷା ଓଡ଼ିଆରେ ଉତ୍ତର ଦେଇଥିଲେ। ତେବେ ବର୍ଷାଙ୍କୁ ପ୍ରତିପକ୍ଷ ଓକିଲ ଆପତ୍ତିଜନକ ପ୍ରଶ୍ନ ପଚାରିଥିବା ନେଇ ତାଙ୍କ ଓକିଲ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନାରୀର ମର୍ଯ୍ୟାଦା ପ୍ରତି ଆଞ୍ଚ ଆସିଲା ଭଳି କୌଣସି ପ୍ରଶ୍ନ ପ୍ରତିପକ୍ଷ ଓକିଲ ପଚାରିପାରିବେ ନାହିଁ ବୋଲି କୋର୍ଟଙ୍କୁ ସେ ଅବଗତ କରିଥିଲେ। ସେହିପରି ଅନୁଭବଙ୍କ ଓକିଲ ପଚାରିଥିବା କେତେକ ପ୍ରଶ୍ନ ଉପରେ ବର୍ଷା ଆପତ୍ତି ଉଠାଇଥିଲେ। ଯାହାଦ୍ୱାରା ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ଅସମ୍ପୂର୍ଣ୍ଣ ରହିଥିଲା। ମଙ୍ଗଳବାର ବର୍ଷା ଅଦାଲତରେ ହାଜର ହେବା ପରେ ସେ ଓଡ଼ିଆରେ ସମସ୍ତ ଉତ୍ତର ଦେବେ ବୋଲି ଅଦାଲତଙ୍କୁ ଜଣାଇଥିଲେ। ଅଦାଲତ ଏଥିରେ ରାଜି ହେବା ପରେ ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ହୋଇଥିଲା।

**ବର୍ଷା-ଅନୁଭବ ପାରିବାରିକ ବିବାଦ ମାମଲା**



# ୨୪ରୁ କମିବ ଥଣ୍ଡା

**■ ୧୦ ଡିଗ୍ରୀ ତଳେ ୮ ସହର**

**■ ୮ ଜିଲାରେ କୁହୁଡ଼ି ସମ୍ଭାବନା**

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଉତ୍ତର-ପୂର୍ବ ଦିଗରୁ ରାଜ୍ୟକୁ ଥଣ୍ଡା ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ରାଜ୍ୟରେ ଗତ କିଛିଦିନ ହେବ ପାରଦ ତଳମୁହାଁ ରହିଛି। ବିଶେଷ କରି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ଅଧିକ ରହିଛି। ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ରାଜ୍ୟର ୮ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ମଙ୍ଗଳବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୮, କେନ୍ଦୁଝର ୮.୪, ସୁନ୍ଦରଗଡ଼ ୯, ଝାରସୁଗୁଡ଼ା ୯.୬, ଦାରିଙ୍ଗବାଡ଼ି ୧୦, ଅନୁଗୋଳ ୧୦, ହୀରାକୁଦ ୧୦.୯, ଭବାନୀପାଟଣା ୧୦, ସୋନପୁର ୧୧, ବରଗଡ଼ ୧୧.୮, ଦେବଗଡ଼ ୧୧.୬, ସମ୍ବଲପୁର ୧୨.୪, କଟକ ୧୩.୪, ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୩.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୪ ତାରିଖରୁ ରାଜ୍ୟରେ ଶୀତ କମିବ। ପଶ୍ଚିମାବାୟୁ ପ୍ରବାହ ଯୋଗୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ୪ ଦିନ ତାପମାତ୍ରା ଉପର ମୁହାଁ ରହିବ। ପୁଣି ୨୮ ତାରିଖରୁ ଶୀତ ବଢ଼ିବା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଏବଂ ଭଦ୍ରକ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି ।



**ଆଜିର ମନ୍ତବ୍ୟ**

“ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ହିତକର। ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ପାଳନ କରାଯିବାକୁ ଥିବାରୁ ମାଣ୍ଡିଆର ପ୍ରସାର ଦିଗରେ ଭାଜପା ଏମ୍‌ପିମାନେ କାର୍ଯ୍ୟ କରନ୍ତୁ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ମୃତ୍ୟୁ ସମୟ, ପୋଲିସ ତଥ୍ୟରେ ତାଳମେଳ ନାହିଁ

## ଜେଲରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣା

**ବୀରେନ୍ଦ୍ର ଝାଙ୍କର**
**ବଲାଙ୍ଗୀର ଅଫିସ, ୨୦।୧୨**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କଣ୍ଟାବାଞ୍ଜି ଉପକାରାଗାରରେ ସନ୍ଦେହଜନକ ମୃତ୍ୟୁକୁ ନେଇ ପୋଲିସ ପକ୍ଷରୁ ଦିଆଯାଇଥିବା ତଥ୍ୟରେ ତାଳମେଳ ରହୁନାହିଁ। ମଙ୍ଗଳବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମମିତା ହତ୍ୟା ମାମଲାର ଶୁଣାଣି ହେବାକୁ ଥିବାରୁ ଗୋବିନ୍ଦ ସାହୁଙ୍କୁ ପୋଲିସ ଏସ୍କର୍ଟ ଟିମ୍ କଣ୍ଟାବାଞ୍ଜି ଉପକାରାଗାରକୁ ନେବାକୁ ଯାଇଥିଲେ ବୋଲି କୁହାଯାଇଛି। ପୂର୍ବାହ୍ନ ପ୍ରାୟ ୧୦ଟା ପରେ ଗୋବିନ୍ଦଙ୍କୁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏସ୍କର୍ଟ ଟିମ୍ ଉପକାରାଗାରରେ ପହଞ୍ଚିବା ପରେ ଗୋବିନ୍ଦ ସାହୁ ଆତ୍ମହତ୍ୟା କରିଥିବା କୁହାଯାଇଛି। ତେବେ ମୃତକଙ୍କ ପରିଧାନକୁ ଲକ୍ଷ୍ୟ କଲେ ଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଗୋବିନ୍ଦ ଏକ କଳାରଙ୍ଗର ଟ୍ରାଉଜର ଏବଂ ଏକ ନୀଳରଙ୍ଗର ଶୀତବସ୍ତ୍ର (ଜ୍ୟାକେଟ୍) ପିନ୍ଧିଛନ୍ତି। ଅର୍ଥାତ୍ କୋର୍ଟକୁ ଆସିବା ପାଇଁ ଗୋବିନ୍ଦ ପ୍ରସ୍ତୁତ ହୋଇ ନ ଥିଲେ। ଯଦି ପ୍ରସ୍ତୁତ ହୋଇ ନ ଥିଲେ, ତେବେ କଣ୍ଟାବାଞ୍ଜି ଉପକାରାଗାରକୁ ପୋଲିସ ପ୍ରକୃତରେ କେତେବେଳେ ପହଞ୍ଚିଥିଲା ଏବଂ ଗୋବିନ୍ଦ କେତେବେଳେ ଆତ୍ମହତ୍ୟା କଲେ ବୋଲି ସନ୍ଦେହ ହେଉଛି। ଗୋବିନ୍ଦ କଳାରଙ୍ଗର ଟ୍ରାଉଜର ପିନ୍ଧିଥିବାରୁ ପୋଲିସ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିବା ସନ୍ଦେହ କରାଯାଉଛି। ବେକରେ ଗାମୁଛା ଫାଶ ପକାଇ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ୍ୟ



ସ୍ଥାନ ସମ୍ପର୍କରେ ସଠିକ୍ ତଥ୍ୟ ମିଳୁନାହିଁ। ଜେଲ ଭିତର ରନ୍ଧାଘର ପାଖ ଏକ ଗଛରେ ଆତ୍ମହତ୍ୟା କରିଥିବା କୁହାଯାଉଥିଲା। ପରେ ଜେଲ ଭିତର ଡାଇନିଂ ହଲ ଝରକା ରେଲିଂରେ ଆତ୍ମହତ୍ୟା କରିଥିବା କୁହାଯାଉଛି।

### ସାକ୍ଷୀଙ୍କୁ ଧମକ ଘଟଣାର ୨ ଅଭିଯୁକ୍ତ ଜେଲରେ ଥିଲେ

ମମିତା ମେହେର ହତ୍ୟା ମାମଲାର ଶୁଣାଣି ଚାଲିଥିବାବେଳେ ଗତ ନଭେମ୍ବର ୩୦ରେ ମହାଲିଙ୍ଗର ଜଣେ ସାକ୍ଷୀ ସାକ୍ଷ୍ୟ ଦେବାକୁ କଣ୍ଟାବାଞ୍ଜି ଆସି ଗୋବିନ୍ଦ ସାହୁ ଓ ତାଙ୍କର ଦୁଇ ସମର୍ଥକ ତାଙ୍କୁ ଧମକ ଦେଇଥିବା ଅଭିଯୋଗ କରିଥିଲେ। ଏହି ଘଟଣା ପରେ ପର୍ଦ୍ଦା ଦେଇ କୋର୍ଟ ଭିତରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଏଭଳି ଅଭିଯୋଗ ପରେ କଣ୍ଟାବାଞ୍ଜି ପୋଲିସ ଧମକ ଦେଇଥିବା ଦୁଇ ଅଭିଯୁକ୍ତ ମହାଲିଙ୍ଗ କଲେଜ ଅଧ୍ୟକ୍ଷ ରଞ୍ଜିତ ସାହୁ ଏବଂ ଶିକ୍ଷକ କୃତି ଚନ୍ଦନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନେ ମଧ୍ୟ କଣ୍ଟାବାଞ୍ଜି ଜେଲରେ ଥିଲେ। ପୂର୍ବରୁ ସହଯୋଗୀ ଅଭିଯୁକ୍ତ ରାଧେଶ୍ୟାମ ଚଣ୍ଡି ମଧ୍ୟ ଜେଲରେ ଅଛନ୍ତି। ଏମାନଙ୍କ ଉପସ୍ଥିତି ସତ୍ତ୍ୱେ ଏଭଳି କ'ଣ ହେଲା ଯେ, ଗୋବିନ୍ଦ ଆତ୍ମହତ୍ୟା କଲେ ବୁଝାପଡୁନାହିଁ। ଜେଲ ଭିତରେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ସୁଷମା ଅଭିଯୋଗ କରିବା ପରେ ଘଟଣାଟି ଭିନ୍ନ ମୋଡ଼ ନେଇଛି।

### ଜେଲ ସେଲ୍‌ରୁ ଗୋବିନ୍ଦ କେତେବେଳେ ବାହାରିଲେ

କଣ୍ଟାବାଞ୍ଜି ସବ୍‌ଜେଲରେ ସ୍ୱତନ୍ତ୍ର ସେଲ୍ ନାହିଁ। ଦୁଇଟି ସାଧାରଣ ସେଲ୍ ରହିଛି। ଏହା ଭିତରେ ୬୭ଜଣ କଏଦୀ ରହିଛନ୍ତି। ଏହାରି ଭିତରେ ଗୋବିନ୍ଦ ସାହୁ ରହିଥିଲେ। ସମସ୍ତଙ୍କ ଭିତରୁ ବାହାରି ସେ କିଭଳି ଆତ୍ମହତ୍ୟା କଲେ ଏବଂ ଜେଲ କର୍ତ୍ତୃପକ୍ଷ ସୂଚନା ପାଇଲେ ନାହିଁ ଏହାକୁ ଅନେକେ ବିଶ୍ୱାସ କରିପାରୁ ନାହାନ୍ତି। ମଙ୍ଗଳବାର କୋର୍ଟରେ ଶୁଣାଣି ଥିବାରୁ ସେ ପ୍ରସ୍ତୁତ ହୋଇ କୋର୍ଟ ଯିବା କଥା। ଏଣୁ ତାଙ୍କୁ ସକାଳୁ ୱାର୍ଡର ସୂଚନା ଦେଇଥିବେ। ଏହାସତ୍ତ୍ୱେ ସେ କିଭଳି ଭାବେ ସେଲରୁ ଖସି ଡାଇନିଂ ହଲ ପଟକୁ ଯାଇ ଗାମୁଛାରେ ଜୀବନ ହାରିଲେ ତାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଏଣୁ ଏହା ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାକୁ ନେଇ ଅଧିକ ଜାଣିବାକୁ ଲୋକେ ଅପେକ୍ଷା କରିଛନ୍ତି।

## ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ମିଳିଛି: ମମିତାଙ୍କ ପରିବାର

**ବଲାଙ୍ଗୀର ଅଫିସ, ୨୦।୧୨:** ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଖବର ପାଇବା ପରେ ମଙ୍ଗଳବାର ଝରଣୀ ଗାଁରେ ଥିବା ମମିତାଙ୍କ ପରିବାର ଲୋକେ ପ୍ରତିକ୍ରିୟା ରଖିଛନ୍ତି। ମମିତାଙ୍କ ବଡ଼ବାପା କୌଶିକ ମେହେର କହିଛନ୍ତି, ଗୋବିନ୍ଦଙ୍କୁ ଫାଶୀ ମିଳିବାର ଥିଲା। ନ୍ୟାୟିକ ପ୍ରକ୍ରିୟା ଜାରି ରହିଥିଲା। ତେବେ ନ୍ୟାୟାଳୟରୁ ନ୍ୟାୟ ମିଳିବା ପୂର୍ବରୁ ସେ ନିଜେ ନିଜର ଘୃଣିତ କାର୍ଯ୍ୟ ପାଇଁ ଆତ୍ମହତ୍ୟା କରିଛନ୍ତି। ଏହି ଖବର ତାଙ୍କ ପରିବାରକୁ ଆଶ୍ୱସ୍ତ କରିଛି ବୋଲି ସେ କହିଛନ୍ତି। ଗୋଟିଏ ସ୍ଥାନରେ ବସି ପରିବାର ଲୋକେ ଏହି ଖବର ଉପରେ ନଜର ରଖିଥିବା ସେ କହିଥିଲେ। ନ୍ୟାୟିକ ପ୍ରକ୍ରିୟାରେ ଫାଶୀ ମିଳିଥିଲେ ଅଧିକ ଖୁସି ଲାଗିଥାନ୍ତା । ତେବେ ଅଭିଯୁକ୍ତ ନିଜେ ଆତ୍ମହତ୍ୟା କରିଥିବାରୁ ସେ ତାର ଦଣ୍ଡ ପାଇଯାଇଛି ବୋଲି ହୃଦ୍‌ବୋଧ ହେଉଥିବା ସେ ଜଣାଇଛନ୍ତି।

## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ, ୨୦ ଲକ୍ଷ କ୍ଷତିପୂରଣ ଦାବି

ଭୁବନେଶ୍ୱର, (ବ୍ୟୁରୋ): ମମିତା ମେହେର ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣା କେନ୍ଦ୍ର ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ମାନବାଧିକାରୀ କର୍ମୀ ହିମାଂଶୁ ଶେଖର ନାୟକ ଏନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିବା ପରେ କମିଶନ ଡାଏରୀ (ନଂ. ୨୧୨୮୬/୨୦୨୨) ରୁଜୁ କରିଛନ୍ତି। ହିମାଂଶୁ ତାଙ୍କ ଅଭିଯୋଗରେ ଏକାଧିକ ଦାବି ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦେବାକୁ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ପୋଲିସ ଡିଜି କ୍ରାଇମବ୍ରାଞ୍ଚ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି ୩ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରନ୍ତୁ। ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଜେଲ ଆଇଜି କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନ ନିର୍ଦ୍ଦେଶ ଦେବା ଆଦି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ଡିଏସ୍‌ପିଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଟିମ୍‌ର କଣ୍ଟାବାଞ୍ଜି ଗସ୍ତ

**କଟକ ଅଫିସ, ୨୦।୧୨**

କଣ୍ଟାବାଞ୍ଜି ସବ୍-ଜେଲ୍‌ରେ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ। ଡିଜିପିଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ କଣ୍ଟାବାଞ୍ଜି ଅଭିମୁଖେ ମଙ୍ଗଳବାର ଅପରାହ୍ନରେ ଯାତ୍ରା କରିଛନ୍ତି। ଉକ୍ତ ଦଳରେ ଆଉ ୩ ଜଣ ଅଧିକାରୀ ମଧ୍ୟ ରହିଛନ୍ତି। ଏହି ଦଳ କଣ୍ଟାବାଞ୍ଜି ଥାନାରେ ଗୋବିନ୍ଦ ସାହୁ ଆତ୍ମହତ୍ୟାକୁ ନେଇ ମଙ୍ଗଳବାର ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା (ନଂ.୧୫/୨୦୨୨) ର ତଦନ୍ତ କରିବେ। ତେବେ କ୍ରାଇମବ୍ରାଞ୍ଚର ଉପରୋକ୍ତ ଅଧିକାରୀମାନଙ୍କ ସମେତ ମାମଲାର ତଦନ୍ତ ପାଇଁ ଏକ ୧୦ ଜଣିଆ ଦଳ ଗଠନ ହୋଇଛି। ଏଥିରେ ଫୋରେନ୍‌ସିକ, ସାଇବର ବିଶେଷଜ୍ଞ ଓ ରାଜ୍ୟ ପୋଲିସର ଫଟୋ ବ୍ୟୁରୋ ଅଧିକାରୀମାନେ ତଦନ୍ତ ପ୍ରକ୍ରିୟାରେ ସହଯୋଗ ନିମନ୍ତେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗୋବିନ୍ଦ ସାହୁ ସିନ୍ଧେକେଲା ଥାନାର କେସ୍ ନଂ ୯୭/୨୧ର ଅଭିଯୁକ୍ତ ଭାବେ କଣ୍ଟାବାଞ୍ଜି ଜେଲରେ ରହୁଥିବାବେଳେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜେଲରେ ଗୋବିନ୍ଦଙ୍କ...

ପ୍ରଥମ ପୃଷ୍ଠାରୁ...

ନାହିଁ। ଉତ୍ତରାଞ୍ଚଳ ଆଇଜି ଡା. ଦୀପକ କୁମାର ଅପରାହ୍ନରେ ବଲାଙ୍ଗୀର ଏସ୍‌ପି ଅଫିସରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ମଙ୍ଗଳବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମମିତା ମେହେର ହତ୍ୟା ମାମଲାର ଶୁଣାଣି ତାରିଖ ଧାର୍ଯ୍ୟ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ଏବଂ ତାଙ୍କ ସହଯୋଗୀ ଅଭିଯୁକ୍ତ ରାଧେଶ୍ୟାମ ଚଣ୍ଡିଙ୍କୁ କୋର୍ଟରେ ହାଜର କରିବା ପାଇଁ ପୋଲିସ ଏସ୍କର୍ଟ ଟିମ୍ କଣ୍ଟାବାଞ୍ଜି ସବ୍‌ଜେଲରେ ସକାଳ ପ୍ରାୟ ୯ଟାରେ ପହଞ୍ଚିଥିଲେ। ହେଲେ ଜେଲ ପରିସରରେ ଥିବା ରନ୍ଧାଘର ନିକଟରେ ଥିବା ଏକ ଗଛରେ ଗୋବିନ୍ଦ ବେକରେ ଫାଶ ପକାଇ ଝୁଲି ପଡ଼ିଥିବା ଜଣାପଡିଥିଲା। ତାଙ୍କୁ ସେଠାରୁ ତୁରନ୍ତ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (୧୫/୨୨) ରୁଜୁ ହୋଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଏଚ୍‌ଆରସି ଏବଂ ସୁପ୍ରିମକୋର୍ଟ ଗାଇଡଲାଇନ୍ ଅନୁସାରେ ମୃତକଙ୍କ ପରିବାର ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ମୃତଦେହର ପଞ୍ଚନାମା କରାଯିବ। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏକ ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କରିବେ ଏବଂ ଏହାର ଭିଡିଓଗ୍ରାଫି କରାଯିବ ବୋଲି ସେ କହିଛନ୍ତି। ତେବେ ଗୋବିନ୍ଦଙ୍କ ମୃତ୍ୟୁର କାରଣ କ'ଣ ହୋଇଥାଇପାରେ ବୋଲି ଆଇଜି କୁମାରଙ୍କୁ ପଚରାଯିବାରୁ ତଦନ୍ତ ପରେ ଏହା ଜଣାପଡ଼ିବ ବୋଲି କହିଥିଲେ। ତେବେ ମମିତା ମେହେର ହତ୍ୟା ମାମଲାର ଚାର୍ଜଶିଟ୍ ହେଲା ପରେ ତାଙ୍କ ବିରୋଧରେ ଅନେକ ପ୍ରମାଣ ଥିବା ସେ ଜାଣିପାରିଥିଲେ। ଏପରିକି କିଛିଦିନ ତଳେ ସାକ୍ଷୀଙ୍କୁ ଧମକ ଘଟଣାରେ ତାଙ୍କୁ ଜାମିନ ମିଳିବ ନାହିଁ ବୋଲି ସେ ଜାଣିବା ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ସେ କହିଛନ୍ତି। ପୋଲିସ ଡିଜି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ କ୍ରାଇମବ୍ରାଞ୍ଚର ଏକ ୧୦ଜଣିଆ ଟିମ୍ କଣ୍ଟାବାଞ୍ଜି ଅଭିମୁଖେ ବାହାରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ସମ୍ବଲପୁର ଜେଲ ଡିଆଇଜି କଣ୍ଟାବାଞ୍ଜି ଜେଲ ଏବଂ ଡାକ୍ତରଖାନାରେ ପହଞ୍ଚି ଛାନଭିନ୍ କରିଛନ୍ତି। ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ କଣ୍ଟାବାଞ୍ଜିରେ ରହିଛି। ମିଳିଥିବା ସର୍ବଶେଷ ସୂଚନା ମୁତାବକ କଣ୍ଟାବାଞ୍ଜି ଡାକ୍ତରଖାନାରୁ ଗୋବିନ୍ଦଙ୍କ ମୃତଦେହ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଅଣାଯାଉଛି। ବୁର୍ଲା ଭିମସାରର ଏଫଏମ୍‌ଟି ବିଭାଗ ବିଶେଷଜ୍ଞ ଏବଂ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଏଫ୍‌ଏମ୍‌ଟି ବିଭାଗ ବିଶେଷଜ୍ଞ ଟିମ୍ ବ୍ୟବଚ୍ଛେଦ କରିବେ ବୋଲି ଜଣାପଡ଼ିଛି। ୨୪ ଘଣ୍ଟା ଭିତରେ ତଦନ୍ତ ରିପୋର୍ଟ ଦେବାକୁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଥିବାରୁ ଗୋବିନ୍ଦଙ୍କ ମୃତ୍ୟୁ ରହସ୍ୟ ଶୀଘ୍ର ଉନ୍ମୋଚିତ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ମମିତା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କର କଣ୍ଟାବାଞ୍ଜି ସବ୍‌ଜେଲରେ ମୃତ୍ୟୁକୁ ନେଇ ବିରୋଧୀ ଦଳ ଶାସକ ଦଳକୁ ଘେରିଛି। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଷଡଯନ୍ତ୍ର କରି ଗୋବିନ୍ଦଙ୍କୁ ହତ୍ୟା କରାଯାଇଛି ବୋଲି କହିଛନ୍ତି। ଏହି ମାମଲାରେ ପୂର୍ବତନ ମନ୍ତ୍ରୀ ଏବଂ ପ୍ରଭାବଶାଳୀ ଲୋକ ସମ୍ପୃକ୍ତ ଥିବା ନେଇ ଆରମ୍ଭରୁ ଅଭିଯୋଗ ହୋଇଥିଲା। ଏଣୁ ଜାଣିଶୁଣି ତାଙ୍କୁ ଷଡ଼ଯନ୍ତ୍ର କରି ଚୁପ୍ କରାଯାଇଛି। ତେଣୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନୁହେଁ ବରଂ ସିବିଆଇ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ଭାଜପା ମଧ୍ୟ ଗୋବିନ୍ଦ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବି କରିଛି।

୨୦୨୧ ଅକ୍ଟୋବର ୮ ତାରିଖରେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ଝରଣୀ ଗାଁରୁ ସନ୍‌ସାଇନ ପବ୍ଲିକ୍ ସ୍କୁଲ ଅଧକ୍ଷା ମମିତା କଳାହାଣ୍ଡି ଜିଲା ମହାଲିଙ୍ଗ ଅଭିମୁଖେ ବାହାରି ନିଖୋଜ ହୋଇଯାଇଥିଲେ। ତାଙ୍କ ପରିବାର ଲୋକେ କେ.ଗାଁ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ସେଠାରେ ଅଭିଯୋଗ ଗ୍ରହଣ କରିବ ନାହିଁ ବୋଲି ପୋଲିସ ଅଧିକାରୀ ମନା କରିବାରୁ ସେଠାରୁ ଫେରିଆସି ଅକ୍ଟୋବର ୧୩ରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ସେଠାରେ ମାମଲା ରୁଜୁ ହୋଇଥିଲା। ପୋଲିସ ମହାଲିଙ୍ଗରୁ ସନ୍‌ସାଇନ ପବ୍ଲିକ୍ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ୧୪ ତାରିଖରେ ଆଣି ଥାନାରେ ଅଟକ ରଖିଥିଲେ। ସିନ୍ଧେକେଲାରୁ ଟିଟିଲାଗଡ଼ ପୋଲିସ ବାରାକକୁ ତାଙ୍କୁ ନିଆଯାଇଥିଲା। ବାରାକରୁ ୧୭ ତାରିଖରେ ଗୋବିନ୍ଦ ଫେରାର ହୋଇଯାଇଥିଲେ। ଫେରାର ହେବାପରେ ୧୯ତାରିଖରେ ବଙ୍ଗୋମୁଣ୍ଡା ନିକଟ ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ତାଙ୍କୁ ପୋଲିସ ଗିରଫ କରିଥିଲା। ମମିତା ମେହେରଙ୍କୁ ଗୋବିନ୍ଦ ତାଙ୍କ ନିଜ କାର ଭିତରେ ହତ୍ୟା କରିବା ପରେ ମହାଲିଙ୍ଗର ଏକ ନିର୍ମାଣାଧୀନ ଷ୍ଟାଡିୟମରେ ପୋଡ଼ି ମାରିଦେବା ପରେ ପୋତି ଦେଇଥିବା ନେଇ ପୋଲିସ ତଦନ୍ତ ଏବଂ ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ତତ୍କାଳୀନ ମନ୍ତ୍ରୀ ଏବଂ ବିଶିଷ୍ଟ ଲୋକଙ୍କ ସମ୍ପର୍କ ଦୃଷ୍ଟିରୁ ଘଟଣାଟି ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା।





ଥାନାରେ ଏତଲା ଦେଇ ଆସୁଛନ୍ତି ଗୋବିନ୍ଦଙ୍କ ସ୍ତ୍ରୀ ସୁଷମା ସାହୁ।

### ହତ୍ୟା ଅଭିଯୋଗ...

ହତ୍ୟା ମାମଲାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ, ପୋଲିସ ମିଥ୍ୟା ମାମଲାରେ ତାଙ୍କୁ ଫସାଇଦେଇଥିବା ସେ ଅଭିଯୋଗ କରିଛନ୍ତି। ସୋମବାର ଗୋବିନ୍ଦ ତାଙ୍କୁ ଫୋନ କରି ପରିବାରର କଥା ବୁଝିଥିବାବେଳେ ମଙ୍ଗଳବାର କିଭଳି ହଠାତ୍ ଆତ୍ମହତ୍ୟା କଲେ ବୋଲି ସୁଷମା ପ୍ରଶ୍ନ ଉଠାଇଛନ୍ତି। ସ୍ୱାମୀ ଜଣେ ଦୃଢ଼ମନା ବ୍ୟକ୍ତି, ସେ କେବେବି ଆତ୍ମହତ୍ୟା କରିପାରିବେ ନାହିଁ, ବରଂ ତାଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ଏତଲାରେ ସୁଷମା ଦର୍ଶାଇଛନ୍ତି। ଜେଲରେ ଏତେ ସୁରକ୍ଷା ବ୍ୟବସ୍ଥା ଥିବାବେଳେ ସେ ଆତ୍ମହତ୍ୟା କରିବା ସମ୍ଭବ ନୁହଁ। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ତଥା ସିବିଆଇ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହାସହ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ମଧ୍ୟ ଦାବି କରିଛନ୍ତି। ଗୋବିନ୍ଦଙ୍କ ସ୍ତ୍ରୀ ସୁଷମାଙ୍କ ସମେତ ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ୨ଝିଅ ଲିପି ଓ ଲିପା ବେଙ୍ଗାଲୁରୁରେ ବେସରକାରୀ ଚାକିରି କରୁଥିବାବେଳେ ଲିଜା ଭୁବନେଶ୍ୱରରେ ପଢୁଛନ୍ତି। ସେହିପରି ପୁଅ ଚିନୁ ସ୍କୁଲରେ ପଢୁଥିବା ଜଣାପଡିଛି।

### ଓଏଚ୍‌ଆର୍‌ସିଙ୍କ ରିପୋର୍ଟ...

ଡିଜି ଓ ବଲାଙ୍ଗୀର ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୧୫ ଦିନ ମଧ୍ୟରେ ଘଟଣା ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଜାନୁୟାରୀ ୧୦ରେ ଏହି ମାମଲାର ଶୁଣାଣି କରାଯିବ ବୋଲି କମିଶନ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଇକି ବାଣ୍ଟ, ମଡ଼ାକୁ କାଠ**
**ଘୋଡାକୁ ବାଗ, ଶୀତକୁ ମାଠ।**

ଯେତେ ଭାଇ ସେତେ ଘର। ଭାଇ ଥିଲେ ସମ୍ପତ୍ତିର ଭାଗ ବଣ୍ଟା ହୋଇଥାଏ। ମଣିଷ ମୃତ୍ୟୁବରଣ କଲେ ଶବଦାହ କରିବା ପାଇଁ କାଠ ଲୋଡ଼ା ପଡ଼ିଥାଏ। ଘୋଡ଼ାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ହେଲେ ଲଗାମ କଷିବାକୁ ପଡ଼ିଥାଏ। ସେହିପରି ଶୀତରୁ ରକ୍ଷାପାଇବା ପାଇଁ ମୋଟା ବସ୍ତ୍ରର ଆବଶ୍ୟକତା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭୋଜି ହୋଇଥିଲା ବରଷେ**
**ଭଜି ହେଉଥିଲା ପୁରୁଷେ।**

ସାଧାରଣତଃ ଭୋଜିଭାତରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ମିଳିଥାଏ। ତେବେ ଏପରି ଭଲ ସୁଆଦିଆ ଖାଇବା କଥା ବହୁଦିନ ପାଇଁ ମନରେ ସ୍ମୃତି ହୋଇ ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଯାଜପୁରରେ ୧୨୩ ଫୁଟ୍‌ର ମହାଦେବ ମୂର୍ତ୍ତି

**ଯାଜପୁର ଟାଉନ,୨୦।୧୨(ଡି.ଏନ.ଏ.)**

- ଶେଷ ପର୍ଯ୍ୟାୟରେ ନିର୍ମାଣ କାର୍ଯ୍ୟ
- ଏହା ରାଜ୍ୟର ସବୁଠୁ ଉଚ୍ଚ ମୂର୍ତ୍ତି ହେବ
- ଶିବା ଗ୍ୟାଲେରୀ ନାମରେ ନାମିତ କରାଯିବ

ରାଜ୍ୟ ସରକାରଙ୍କ ପକ୍ଷରୁ ଯାଜପୁର ଜିଲାରେ ୧୨୩ ଫୁଟ୍ ଉଚ୍ଚର ମହାଦେବଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ରାଜ୍ୟର ସବୁଠାରୁ ଉଚ୍ଚ ମୂର୍ତ୍ତି ହେବ ବୋଲି ସୂଚନା ମିଳିଛି। ପୂର୍ବରୁ ରାଉରକେଲା ହନୁମାନ ବାଟିକାରେ ୭୫ ଫୁଟ୍‌ର ହନୁମାନ ମୂର୍ତ୍ତି ଓ କୋରାପୁଟର ଦାମନଯୋଡ଼ିରେ ୧୧୦ ଫୁଟ୍ ଉଚ୍ଚର ହନୁମାନ ମୂର୍ତ୍ତି ରହିଛି। ଯାଜପୁରରେ ମା' ବିରଜାଙ୍କ ମନ୍ଦିର ରହିଥିବାବେଳେ ଦଶାଶ୍ୱମେଧ ଘାଟ ରହିଛି। ଆଧ୍ୟାତ୍ମବାଦୀ ତଥା ଧର୍ମପ୍ରାଣ ଶ୍ରଦ୍ଧାଳୁଙ୍କୁ ଏହା ବିଭିନ୍ନ ସମୟରେ ଆକୃଷ୍ଟ କରିଆସୁଛି। ତେଣୁ ଯାଜପୁର ବୈତରଣୀ ନଦୀକୂଳରେ ଓଡ଼ିଶାର ସୁଉଚ୍ଚ ଧ୍ୟାନମଗ୍ନ ଶିବ ମୂର୍ତ୍ତି ନିର୍ମାଣ କରାଯାଉଛି। ଭୂମିଠାରୁ ୩୦ଫୁଟ୍ ଉଚ୍ଚତାରୁ ଏହାର ନିର୍ମାଣ ଆରମ୍ଭ ହୋଇଛି।



୫୦ରୁ୬୦ ଶ୍ରମିକ କାମରେ ଲାଗିଛନ୍ତି। ଦିଲ୍ଲୀର ମାତୁରାମ ଆର୍ଟ ନାମକ ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ କରୁଛି। ପ୍ରାରମ୍ଭିକ ଅଟକଳ ମୂଲ୍ୟ ୯ କୋଟି ୮୦ ଲକ୍ଷ ୪୨ ହଜାର ଟଙ୍କାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ କାମ ସରିଥିବା ବେଳେ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଥିବା ଜଣାପଡ଼ିଛି। ମୂର୍ତ୍ତି ସମ୍ପୂର୍ଣ୍ଣ ହେବାକୁ ୧୬କୋଟିରୁ ଅଧିକ ଟଙ୍କା ଲାଗିବ ବୋଲି ଆକଳନ କରାଯାଉଛି। ଏଭଳି ନିର୍ମାଣ ଏଠାରେ ପ୍ରଥମଥର ପାଇଁ ହେଉଥିବାରୁ ଏହାର ଫ୍ରେମ୍ ନିର୍ମାଣ ବହୁ ସମୟ ସାପେକ୍ଷ ଓ ବ୍ୟୟବହୁଳ ରହିଛି। ଫାଇଭର ଓ ଷ୍ଟିଲ୍‌ରେ ଏହାର ଫ୍ରେମ୍ ନିର୍ମାଣ କରାଯାଉଛି। ଏହାକୁ ଖରା ଓ ବର୍ଷାରୁ ରକ୍ଷା କରିବା ପାଇଁ କପରରେ ପୂରା ମୂର୍ତ୍ତିକୁ ଆଚ୍ଛାଦିତ କରାଯିବ। ଏହାର ଚାରିପଟେ ଅନେକ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହାକୁ ଶିବା ଗ୍ୟାଲେରି ନାମରେ ନାମିତ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ଘର କାମ ଅପେକ୍ଷା ବାହାର ଲୋକଙ୍କ ସକାଶେ ସମୟ ନେବେ। କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ସମସ୍ୟା ହେତୁ ହଠାତ୍ ଅଟକି ରହିଯିବା ଆଶଙ୍କା ରହିଛି । ପରିବାରର ନିର୍ଦ୍ଦେଶକ୍ରମେ ଗୃହକୁ ଧାତୁ, ଅଳଙ୍କାରାଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ ଆଣି ପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। ଯାନ ବାହନ, ଦୋକାନବାଡ଼ି, ସଭା ସମିତିରେ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ। ଅତି ନିକଟରେ ରହି ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ, ମାଲି ମକଦ୍ଦମାରେ ସଫଳତା ହାସଲ କରିବେ।

**ମିଥୁନ**
କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। ବିଭିନ୍ନ ପ୍ରକାର କାମରେ ବ୍ୟସ୍ତ ରହିବା କାରଣରୁ ମନ ଠିକ୍ ରହିବ ନାହିଁ । କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ୍ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିପାରେ।

**କର୍କଟ**
କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡି ପ୍ରଭୃତିରେ କିଛିଟା ସମସ୍ୟା ଦେଖାଦେବ । ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ। ପୁରାତନ ରୋଗର ପୀଡ଼ା ବୃଦ୍ଧି ମାନସିକ ସ୍ଥିତିକୁ ବିଷାଦିତ କରିବ ।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗକୁ କର୍ମହାନି ଯୋଗୁ ମାନସିକ ସନ୍ତୁଳନ ହରାଇପାରନ୍ତି । ସନ୍ଦେହାତ୍ମକ କାର୍ଯ୍ୟ ପାରିପାର୍ଶ୍ୱିକ ପରିସ୍ଥିତିକୁ କେତେକାଂଶରେ ଅସ୍ୱାଭାବିକ କରିପାରେ। ଅବଶ୍ୟ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆକସ୍ମିକ ଆଗନ୍ତୁକ ଅତିଥି ଦୁଶ୍ଚିନ୍ତାର କାରଣ ହୋଇପାରନ୍ତି।

**କନ୍ୟା**
ବହୁତ ଦିନ ହେଲା ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ । ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡ଼ା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନିଜର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ତୁଳା**
ବିଭିନ୍ନ ସ୍ଥଗିତ କାମ ବିଷୟ ଚିନ୍ତାକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ସାକ୍ଷାତକାର, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବେ। ସାହିତ୍ୟସଭା, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରିୟଜନଙ୍କ ସହ ଭ୍ରମଣ କରିବା ମାନସରେ ଆଲୋଚନା କରିପାରନ୍ତି।

**ବିଛା**
ଧୀରେ ଧୀରେ ପୂର୍ବର ସ୍ଥିତି ଓ ସୁଖ, ସୁବିଧା ବଦଳି ଯାଇଥିବାରୁ ମନରେ ଆନନ୍ଦ ରହିବନାହିଁ। ବିଶେଷତଃ ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ମାଲପରିବହନ ପାଇଁ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରେ ସମାଧାନ ହୋଇଯିବ। ପାରିବାରିକ ଜୀବନରେ ସୁଖସନ୍ତୋଷ ପାଇପାରିବେ।

**ଧନୁ**
ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପସ୍ତେଇବେ। କର୍ମ କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ। ଟିକିଏ ଟିକିଏ କଥାରେ ରାଗ ଅଭିମାନ କରି ନିଜର ସ୍ଥିତିକୁ ଦୁର୍ବଳ କରିପାରନ୍ତି।

**ମକର**
ଅତୀତକୁ ସ୍ମରଣ କରି ସାମୟିକ ଭାବରେ ଆନମନା ରହିବେ। କର୍ମକ୍ଷେତ୍ରରେ ନିଜଠାରୁ ସାନଙ୍କ ମତକୁ ସମ୍ମାନ ଦେଲେ ସମାଲୋଚନାରୁ ରିହାତି ମିଳିବ। ଜୀବନଯାତ୍ରାର ଶୈଳୀକୁ ବଦଳାଇବାର ପ୍ରଯତ୍ନକଲେ କେତେକାଂଶରେ ଉପକୃତ ହେବ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ ।

**କୁମ୍ଭ**
ପୂର୍ବନିର୍ଦ୍ଧାରିତ ଧର୍ମାନୁଷ୍ଠାନ ସକାଶେ ବନ୍ଧୁଗଣଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିପାରନ୍ତି। ଘରୋଇ ଆବଶ୍ୟକତା ପୂରଣ କ୍ଷେତ୍ରରେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ। ଦୂରଯାତ୍ରା ସମୟରେ ଯାନ ବାହନରେ ସତର୍କ ରହିବା ଭଲ ହେବ। ପରିସ୍ଥିତିକୁ ଆଖି ଆଗରେ ରଖି କାମ କରିଚାଲିଲେ ଆଶା ପୂରଣ ହୋଇପାରିବ ।

**ମୀନ**
ଆଜି ଆପଣଙ୍କର ମନ ଭୁଲାଣିଆ କଥାରେ ଶତ୍ରୁମାନେ ମଧ୍ୟ ମିତ୍ର ପାଲଟିଯିବେ। ଭାବପ୍ରବଣତାବଶତଃ ନିଜର ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନ ହାନି ଘଟିପାରେ । ପରିବାରରେ, ପରିବହନରେ, ଗୃହ ନିର୍ମାଣରେ,ସଭା ସମିତିରେ କ୍ରମଶଃ ସ୍ଥିରତା ଫେରି ଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି ।

ଆଜି ଡିସେମ୍ବର ୨୧ ତାରିଖ, ପୌଷକୃଷ୍ଣ ତ୍ରୟୋଦଶୀ ବୁଧବାର, ରାଶି ନକ୍ଷତ୍ର-ଦିବା ଘ.୦୮.୨ମି. ପରେ ବିଶାଖା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୦ମି. ଗତେ ଘ.୦୮.୦ମି. ମଧ୍ୟେ, ଘ.୧୦.୯ମି. ଗତେ ଘ.୧୧.୪୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୦୫ମି. ମଧ୍ୟେ ରାହୁ କାଳ।

> ଯୀଶୁଖ୍ରୀଷ୍ଟ ପୃଥିବୀକୁ ଆସିଥିଲେ ଶୁଦ୍ଧି-ସାଧନା ପାଇଁ। ପୂର୍ଣ୍ଣତାର ସିଦ୍ଧି ପାଇଁ ନୁହେଁ। ସେ ପୂର୍ବରୁ ଜାଣିଥିଲେ ଯେ, ତାଙ୍କର ବ୍ରତ ସଫଳ ହେବ ନାହିଁ। ତାଙ୍କୁ ଆଉଥରେ ଏହି ପ୍ରତ୍ୟାଖ୍ୟାନକାରୀ ପୃଥିବୀକୁ ଫେରି ଆସିବାକୁ ହେବ ଈଶ୍ୱରଙ୍କ କୃପାକୁ ହାତରେ ଧାରଣ କରି। **-ଶ୍ରୀଅରବିନ୍ଦ**

# ୨ ଇଞ୍ଜିନ୍ ଚାଲୁନାହିଁ

ଦୁଇ ଭାଜପା ଶାସିତ ରାଜ୍ୟ ମହାରାଷ୍ଟ୍ର ଓ କର୍ନାଟକ ମଧ୍ୟରେ 'ବେଲଗାଭି'କୁ ନେଇ ସୀମା ବିବାଦ ବଢ଼ିବା ପରେ ଏବେ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ବେଲଗାମ୍ ବା ବେଲଗାଭି ହେଉଛି କର୍ନାଟକର ଏକ ଅଂଶ, ଯାହାକି ବ୍ରିଟିଶ ଇଣ୍ଡିଆର ବମ୍ବେ ପ୍ରେସିଡେନ୍ସି ଅଧୀନରେ ଥିଲା। ବମ୍ବେ ପ୍ରେସିଡେନ୍ସି ମଧ୍ୟରେ ସେତେବେଳେ ଗୁଜରାଟ, ମହାରାଷ୍ଟ୍ର ଓ ଉତ୍ତର କର୍ନାଟକର କେତେକ ଅଞ୍ଚଳ ଆସୁଥିଲା। ସ୍ୱାଧୀନତା ପରେ ବେଲଗାମ ଜିଲା ବମ୍ବେ ପ୍ରଦେଶର ଅଂଶ ହୋଇ ରହିଥିଲା। ୧୯୫୬ରେ ଭାଷାଭିତ୍ତିରେ ରାଜ୍ୟ ପୁନର୍ଗଠନ ଆଇନ ପ୍ରଣୟନ ହେବା ପରେ ବେଲଗାମ ଓ ବମ୍ବେ ଷ୍ଟେଟ୍‌ର ୧୦ ତାଲୁକକୁ ନବଗଠିତ ମହୀଶୂର ଷ୍ଟେଟ୍‌ରେ ସାମିଲ କରାଗଲା। ତେଣୁ ଉତ୍ତର କର୍ନାଟକ ସୀମାରେ ଆସୁଥିବା ମରାଠୀ ଭାଷୀ ଅଞ୍ଚଳ ବେଲଗାଭି ଉପରେ ଏବେ ମହାରାଷ୍ଟ୍ର ଅଧିକାର ସାବ୍ୟସ୍ତ କରୁଥିବାରୁ ସ୍ଥିତି ଅସ୍ୱାଭାବିକ ହୋଇଛି। ଏହି ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ତେବେ ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଏବଂ କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଉପସ୍ଥିତିରେ ସୀମା ବିବାଦର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ବିଫଳ ହୋଇଛି। ଫଳରେ ୧୯ ଡିସେମ୍ବରରେ ମହାରାଷ୍ଟ୍ରର କେତେକ ସଙ୍ଗଠନ ସୀମାରେ ପ୍ରତିବାଦ କରିବାରୁ ୪୦ ଜଣଙ୍କୁ କର୍ନାଟକ ସରକାର ଅଟକ ରଖିଛନ୍ତି। ସେମାନଙ୍କ ମଧ୍ୟରେ ୮ ଜଣ ମହିଳା ଥିବା କୁହାଯାଉଛି। ଏଭଳି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଏହାକୁ ନେଇ ରାଜନୀତି ହେବା ଉଚିତ ନୁହେଁ। ଅର୍ଥାତ୍ ଶାହା ଏହି ଘଟଣାରେ ନିଜର ଅସାମର୍ଥ୍ୟ ପ୍ରଦର୍ଶନ କରିଛନ୍ତି। କେବଳ ତାଙ୍କର ଅସାମର୍ଥ୍ୟ ନୁହେଁ, ଭାଜପା ଦେଉଥିବା 'ଡବଲ ଇଞ୍ଜିନ୍' ଡାକରା ଅର୍ଥାତ୍ କେନ୍ଦ୍ରରେ ଭାଜପା ସରକାର ଥିବାରୁ ରାଜ୍ୟରେ ମଧ୍ୟ ଭାଜପା ସରକାର ହେବା ଉଚିତ ; ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ ବୋଲି ପ୍ରମାଣିତ ହୋଇଛି। ମନେପକାଇ ଦିଆଯାଇପାରେ ଯେ, ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଅନୁରୂପ ଡାକରା ଦେଇ କଂଗ୍ରେସ ଦଳ 'ମେନ୍‌ଷ୍ଟ୍ରିମ୍' ବା ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ କହି ଅନେକ ରାଜ୍ୟ ସରକାରଙ୍କୁ ଭାଙ୍ଗି ଦେଉଥିଲେ।

ଚାଇନା ଓ ଭାରତ ମଧ୍ୟରେ ଅନ୍ତର୍ଜାତୀୟ ସୀମା ବିବାଦ ଲାଗି ରହିଥିବା ବେଳେ ମହାରାଷ୍ଟ୍ର ଓ କର୍ନାଟକ ଭିତରେ ଆନ୍ତଃରାଜ୍ୟ ସୀମା ସମସ୍ୟା କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। କର୍ନାଟକରେ ଭାଜପା ସରକାର ଚାଲିଥିବା ବେଳେ ମହାରାଷ୍ଟ୍ରରେ ଶିନ୍ଦେ ଗୋଷ୍ଠୀ ସହ ମିଶି ଭାଜପା ଶାସନ କରୁଥିବାରୁ କାହାକୁ କିଭଳି ସନ୍ତୁଷ୍ଟ କରି ରଖିହେବ ତାହାର ସମାଧାନ ସୂତ୍ର ଶାହାଙ୍କୁ ମିଳିପାରୁ ନାହିଁ। ଇତିମଧ୍ୟରେ ଶିବ ସେନା ନେତା ସଞ୍ଜୟ ରାଉତ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ-ୟୁକ୍ରେନ୍ ଯୁଦ୍ଧାବସାନ ପାଇଁ ମଧ୍ୟସ୍ଥତା କରିପାରୁଥିବା ବେଳେ ଦୁଇ ରାଜ୍ୟ ମଧ୍ୟରେ ଉପୁଜିଥିବା ସୀମା ବିବାଦ ସମାଧାନ କରିବା ଲାଗି ତାଙ୍କ ପାଖରେ ସମୟ ନାହିଁ। ଭାଜପା ଗତ କିଛିବର୍ଷ ହେବ ନିର୍ବାଚନ ଆସିଲେ 'ଡବଲ ଇଞ୍ଜିନ୍ ସରକାର' ବିଷୟରେ କହି ବୁଲୁଛି। କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳ ଶାସନ କଲେ ବହୁ ସମସ୍ୟାର ସମାଧାନ ଆସିପାରିବ ବୋଲି ଗୁରୁତ୍ୱ ଦିଆଯାଉଛି। ବେଲଗାଭି ପ୍ରସଙ୍ଗକୁ ପରୀକ୍ଷାମୂଳକ ଭାବେ ନେଇ କେନ୍ଦ୍ର ସରକାର ସମାଧାନ ସୂତ୍ର ବାହାର କରିପାରିଥିଲେ ତାହା ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥାଆନ୍ତା। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ବୈଠକ ବସି ଆଲୋଚନା ହୋଇଥିଲେ ମଧ୍ୟ ସୁଫଳ ଆସିପାରିଲା ନାହିଁ। ଏଥିରୁ ବୁଝିବାକୁ ହେବ ଯେ, କେବଳ ନିର୍ବାଚନ ଜିତିବା ଲାଗି ଭାଜପା ସରକାର 'ଡବଲ୍ ଇଞ୍ଜିନ୍ ସରକାର'କୁ ଏକ ସ୍ଲୋଗାନ ଭାବେ ବ୍ୟବହାର କରୁଛି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ରରେ ଶାସନ କରୁଥିବା ସରକାର ରାଜ୍ୟଗୁଡ଼ିକ ଯେଉଁ ରାଜନୈତିକ ଦଳ ଦ୍ୱାରା ଶାସିତ ହେଉଥାଉନା କାହିଁକି, ସମସ୍ତଙ୍କୁ ସମାନ ଗୁରୁତ୍ୱ ଦେବା ଦରକାର। ଯେତେବେଳେ ଦୁଇ ଭାଜପା ଶାସିତ ରାଜ୍ୟର ସମସ୍ୟା ସମାଧାନ କରିବାରେ କେନ୍ଦ୍ର ସରକାର ବିଫଳ ହେଉଛନ୍ତି, ସେତେବେଳେ ଅଣ-ଭାଜପା ଶାସିତ ରାଜ୍ୟ କି ଦଶା ଭୋଗୁଥିବେ ଅନୁମେୟ।

# ପ୍ଲାଷ୍ଟିକ୍ ଖାଉଛି ଭାଲୁ

ଇ-କମର୍ସ କମ୍ପାନୀ ଆମାଜନ ପକ୍ଷରୁ କୋଭିଡ୍ ମହାମାରୀ ସମୟରେ ଯେତିକି ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି କରାଯାଇଛି, ତାହା ପୃଥିବୀକୁ ୮୦୦ ଥର ବୁଲିପାରିବ ବୋଲି ଏନଭାଇରନମେଣ୍ଟ ଗ୍ରୁପ 'ଓସେନା' ପକ୍ଷରୁ କୁହାଯାଇଛି। ଏହା ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। କେବଳ ଯେ ଆମାଜନ ଏହି ସମୟରେ ଏକାକୀ ୧୮ ପ୍ରତିଶତ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ବ୍ୟବହାର କରିଛି ତାହା ନୁହେଁ, ତତ୍‌ସହିତ ପୃଥିବୀବ୍ୟାପୀ ଛୋଟ ବଡ଼ ସବୁ ବ୍ୟବସାୟ ଆହୁରି ଅଧିକ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର କରିଚାଲିଛନ୍ତି। ଏଭଳି ସ୍ଥିତିରେ ହିମାଳୟରେ ଘଟୁଥିବା ପ୍ଲାଷ୍ଟିକ୍ ଜନିତ ବର୍ଜ୍ୟକୁ ଦେଖାଯିବା ଦରକାର। ପ୍ଲାଷ୍ଟିକ୍ ବର୍ଜ୍ୟ ଜନିତ ପ୍ରଦୂଷଣ ଯୋଗୁ ହିମାଳୟର ଦୁର୍ଲଭ ଔଷଧୀୟ ଗଛ ଓ ବହୁ ଜୀବ ବିଲୁପ୍ତପ୍ରାୟ। ଏମାନଙ୍କ ମଧ୍ୟରେ କଶ୍ମୀରର ବିରଳ ବୃହତ୍ ସ୍ତନ୍ୟପାୟୀ ଧୂସର ଭାଲୁ ଅନ୍ୟତମ। ବାସସ୍ଥାନ ଓ ଖାଦ୍ୟାଭାବ ସହ ପର୍ଯ୍ୟଟନଜନିତ ପ୍ରଦୂଷଣ ଯୋଗୁ ସେମାନଙ୍କ ଜୀବନ ବିପଦରେ। ଆକଳନରୁ ଜଣାପଡ଼ିଛି ଯେ, ହିମାଳୟ ଅଞ୍ଚଳରେ ମୋଟ ୫୦୦ରୁ ୭୫୦ ଧୂସର ଭାଲୁ ରହିଛନ୍ତି। ଇଣ୍ଟର ନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ ଅଫ୍ ନେଚର(ଆଇୟୁସିଏନ୍) ରେଡ୍ ଲିଷ୍ଟରେ ଉକ୍ତ ଧୂସର ଭାଲୁକୁ ସବୁଠୁ ବିପଦରେ ଥିବା ପ୍ରାଣୀ ଭାବେ ସ୍ଥାନିତ କରାଯାଇଛି। ନିକଟରେ ଜମ୍ମୁ-କଶ୍ମୀର ବନ୍ୟଜନ୍ତୁ ସୁରକ୍ଷା ବିଭାଗ ଓ ୱାଇଲ୍ଡଲାଇଫ୍ ଏସ୍‌ଓଏସ୍ ନାମକ ବେସରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି, ଏମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାରେ ପ୍ଲାଷ୍ଟିକ୍ ବର୍ଜ୍ୟ ମୁଖ୍ୟ ଭୂମିକା ନେଉଛି। । ଧୂସର ଭାଲୁ ପ୍ଲାଷ୍ଟିକ ବର୍ଜ୍ୟ ଓ ପିଙ୍ଗି ଦିଆଯାଉଥିବା ଖାଦ୍ୟ ଖାଉଛନ୍ତି । ଜଣାପଡ଼ିଛି ଯେ,ଏହି ଭାଲୁ ବର୍ଜ୍ୟଗଦାଗୁଡ଼ିକରୁ ୭୫% ଖାଦ୍ୟ ସଂଗ୍ରହ କରୁଛନ୍ତି। ଗବେଷକମାନେ ସେମାନଙ୍କ ମଳ ପରୀକ୍ଷା କରିବା ପରେ ସେଥିରେ ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ, ମିଲ୍କ ପାଉଡର ଏବଂ ଚକୋଲେଟ ଖୋଳ ପାଇଛନ୍ତି। ଏପରି କି କିଛି ସାମ୍ପୁଲ୍‌ରେ କାଚ ଅବଶେଷାଂଶ ମିଳିଛି। ରିପୋର୍ଟରେ କୁହାଯାଇଛି ଯେ ଏହି ବର୍ଜ୍ୟ ସହ ବଳକା ବିରିଆନି ଖାଇବା ଦ୍ୱାରା ଭାଲୁ ବିଭିନ୍ନ ରୋଗରେ ପଡୁଛନ୍ତି ଓ ସେମାନଙ୍କ ଆୟୁଷ କମିଯାଉଛି। ଏପରି କି ଏହାର ପ୍ରଭାବ ମା'ଭାଲୁଠାରୁ ସେମାନଙ୍କ ଛୁଆକୁ ଯାଉଛି। ଉକ୍ତ ଗବେଷଣାରେ ଜଡ଼ିତ ବରିଷ୍ଠ ଜୀବ ବିଜ୍ଞାନୀ ସ୍ୱାମୀନାଥନ ଏସ୍ କହିଛନ୍ତି ଯେ, ସେମାନେ କଅଁଳିଆ ଗଛପତ୍ର, କୀଟ ଏବଂ ଛୋଟ ମେରୁଦଣ୍ଡୀ ପ୍ରାଣୀଙ୍କୁ ଖାଇବା ବଦଳରେ ବର୍ଜ୍ୟରୁ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ପ୍ରତି ଅତ୍ୟଧିକ ଆକୃଷ୍ଟ ହୋଇଛନ୍ତି।

ବିଗତ ଦୁଇ ଦଶନ୍ଧି ହେଲା ହିମାଳୟ ଅଞ୍ଚଳରେ ବର୍ଜ୍ୟଜନିତ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଏହା ମଧ୍ୟରେ ସବୁଠୁ ବେଶି ଭାଗ ହେଉଛି ପ୍ଲାଷ୍ଟିକ୍ ବର୍ଜ୍ୟ। ଏକ ଆକଳନରୁ ଜଣାପଡ଼ିଛି ଯେ, ହିମାଳୟ ଅଞ୍ଚଳର ୧୦ଟି ରାଜ୍ୟର ପର୍ଯ୍ୟଟନ ଯୋଗୁ ପ୍ରତିବର୍ଷ ୮ମିଲିୟନ ଟନ୍ ବର୍ଜ୍ୟ ସୃଷ୍ଟି ହେଉଛି। ୨୦୧୮ରେ ନୀତି ଆୟୋଗ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ସେହିବର୍ଷରେ ହିମାଳୟ ଅଞ୍ଚଳକୁ ୧୦୦ ମିଲିୟନ ପର୍ଯ୍ୟଟକ ଯାଉଥିଲାବେଳେ ୨୦୨୫ ସୁଦ୍ଧା ଏହି ସଂଖ୍ୟା ୨୪୦ ମିଲିୟନକୁ ଛୁଇଁବ। ସେଥିପାଇଁ ଗ୍ରୀନ୍ ସେସ୍ ଲାଗୁ କରିବାକୁ ପ୍ରସ୍ତାବ ରଖିଥିଲା। ଭାରତରେ ପ୍ରତିଦିନ ୨୫,୦୦୦ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ବାହାରୁଛି। କୁହାଯାଉଛି ୪୦ ପ୍ରତିଶତ ସଂଗ୍ରହ ହୋଇ ନ ପାରି ପାଣି ଓ ସ୍ଥଳ ଭାଗରେ ପଡ଼ିରହୁଛି। କିନ୍ତୁ ବାସ୍ତବରେ ହୁଏତ ଯଥେଷ୍ଟ ପ୍ରତିଶତ ଅଧିକ ବର୍ଜ୍ୟ ଏହିଭଳି ପଡ଼ିରହୁଛି। ଧୂସର ଭାଲୁଙ୍କ ପରି ଏହାକୁ ପକ୍ଷୀଠାରୁ ଆରମ୍ଭକରି ଗୋରୁ ଖାଇ ରୋଗରେ ପଡୁଛନ୍ତି ଓ ଏହାଯୋଗୁ ସେମାନଙ୍କର ମୃତ୍ୟୁ ହେଉଛି। କେବଳ ସ୍ଥଳଭାଗ ନୁହେଁ, ଜଳଭାଗରେ ପ୍ଲାଷ୍ଟିକ୍ ବର୍ଜ୍ୟ ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ବିଶ୍ୱରେ ସମୁଦ୍ରରେ ମିଶୁଥିବା ସମସ୍ତ ବର୍ଜ୍ୟର ୮୦ ଭାଗ ହେଉଛି ପ୍ଲାଷ୍ଟିକ୍। ଜାତିସଂଘ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅତି କମ୍‌ରେ ୮୦୦ ପ୍ରଜାତିର ଜଳଚର ଜୀବ ପ୍ଲାଷ୍ଟିକ ବର୍ଜ୍ୟ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଅଗଷ୍ଟ ୨୦୨୧ରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ଉପରେ ଅଣାଯାଇଥିବା ଆଇନକୁ ୨୦୨୨ରେ ଲାଗୁ କରିଥିଲେ। ଏଥିରୁ ବୁଝାପଡୁଛି ଯେ, ଆଇନ କରିଦେବା ସହଜ, କିନ୍ତୁ ସରକାରଙ୍କର ଆନ୍ତରିକତା ଅଭାବ ଥିବାରୁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସାମଗ୍ରୀର କାରଖାନାଗୁଡ଼ିକୁ ବନ୍ଦ କରାଯାଉ ନାହିଁ। ପ୍ଲାଷ୍ଟିକ ବିକଳ୍ପ ବ୍ୟବହାର ପାଇଁ କନା ହେଉ କି କାଗଜ କିମ୍ବା ଝୋଟ ନିର୍ମିତ ଜିନିଷ ପ୍ରସ୍ତୁତ କରିବା ସମୟସାପେକ୍ଷ। ଅନ୍ୟପକ୍ଷରେ ବିକଳ୍ପ ଭାବେ ମାଟିରେ ମିଶିପାରୁଥିବା ବିଘଟନଯୋଗ୍ୟ ପ୍ଲାଷ୍ଟିକ୍ ଗ୍ରହଣ କରାଯାଇପାରିବ ନାହିଁ, କାରଣ ଏହାର ବିଘଟନ ପ୍ରକ୍ରିୟାରେ ଅଧିକ ମିଥେନ ଗ୍ୟାସ୍ ନିର୍ଗମନ ହୋଇଥାଏ। ଏହାସହ ପ୍ଲାଷ୍ଟିକ୍ କ୍ଷେତ୍ରରେ ନିଯୁକ୍ତ ପାଖାପାଖି ୫ ଲକ୍ଷ ଲୋକ ଚାକିରି ହରାଇବା ପରେ ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ସୃଷ୍ଟି କରିବା ଦରକାର। ଏଣୁ କେବଳ ସରକାରୀ ଆଇନ ନୁହେଁ, ବରଂ ଲୋକେ ପ୍ଲାଷ୍ଟିକ ବର୍ଜ୍ୟର କ୍ଷତିକାରକ ପ୍ରଭାବକୁ ଅନୁଭବ କରିବା ସହ ସଚେତନ ହୋଇପାରିଲେ ସଙ୍କଟରେ ଥିବା ଧୂସର ଭାଲୁ ଭଳି ବହୁ ପ୍ରଜାତିର ଜୀବଜନ୍ତୁଙ୍କ ଜୀବନ ରକ୍ଷା କରାଯାଇପାରିବ।



# ଶିଶୁଶ୍ରମିକ ସୁରକ୍ଷା ଓ ପେନ୍‌ସିଲ ପୋର୍ଟାଲ

ଡ. ସମୀର କୁମାର ନନ୍ଦ

୧୯୭୯ ମସିହାରେ ଗଠିତ ଗୁରୁପଦସ୍ୱାମୀ କମିଟିଙ୍କ ରିପୋର୍ଟ ଭାରତବର୍ଷରେ ଶିଶୁଶ୍ରମିକ ପ୍ରଥାର ନିରାକରଣ ପାଇଁ ଅନେକ ବାଟ ଖୋଲିଦେଇଥିଲା। ଏହି ରିପୋର୍ଟ ଆଧାରରେ ଦେଶରେ ଶିଶୁଶ୍ରମିକ (ନିଷିଦ୍ଧ ଓ ନିୟନ୍ତ୍ରଣ) ଆଇନ,୧୯୮୬ରେ ପ୍ରଣୟନ କରାଗଲା। ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଦେଶରେ ଜାତୀୟ ଶିଶୁ ଶ୍ରମ ପଲିସି କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଲା। ପୁନଶ୍ଚ ୧୪ ବର୍ଷରୁ କମ୍ ବୟସର କାର୍ଯ୍ୟରତ ଶିଶୁ ମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଉଦ୍ଧାରକରି ସ୍ୱତନ୍ତ୍ର ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ଦେଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଶ୍ୱର ସର୍ବବୃହତ୍ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପ ୧୯୮୮ରେ ଖୋଲାଗଲା। ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପ ଦେଶର ଶିଶୁଶ୍ରମିକମାନଙ୍କ ପାଇଁ ବରଦାନ ସଦୃଶ ଥିଲା। ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା ୨୦୦୧ ରୁ ୨୦୧୧ ଭିତରେ ଦେଶରେ ପ୍ରାୟ ୮୩ ଲକ୍ଷ ଶିଶୁଶ୍ରମିକ ହ୍ରାସ ପାଇଲେ।

ସମଗ୍ର ଦେଶରେ ଏକ ଶିଶୁଶ୍ରମିକ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲା ପ୍ରଶାସନ,ନାଗରିକ ସମାଜ ଓ ଜନସାଧାରଣଙ୍କୁ ଏକକ ମଞ୍ଚରେ ନିୟୋଜିତ କରିବା ସହିତ ଶିଶୁ ଶ୍ରମିକ ପ୍ରଥା ସମ୍ପର୍କିତ ସମସ୍ତ ତଥ୍ୟ ଓ ଅଭିଯୋଗକୁ ଏକକ ଡାଟାବେସ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ ସରକାର ତା୨୬ା୦୯ା୨୦୧୭ରିଖରେ ପେନ୍‌ସିଲ (Platform for Effective Enforcement for No Child Labour) ନାମରେ ଏକ ପୋର୍ଟାଲ ପ୍ରଚଳନ କଲେ। ଶିଶୁଶ୍ରମିକ ଆଇନର ସଫଳ ପ୍ରଣୟନ,ଅଭିଯୋଗ ପ୍ରକୋଷ୍ଠ,ସମସ୍ତ ବିଭାଗର ଏକାଭିମୁଖତା,ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପର ପରିଚାଳନା,ଶିଶୁମାନଙ୍କ ଟ୍ରାକିଂ ଓ ରାଜ୍ୟ ସରକାରଙ୍କ ଦ୍ୱାରା ମନିଟରିଂ ଆଦି ଏହି ପୋର୍ଟାଲର ମୁଖ୍ୟ ଉପାଦାନ ରହିଲା। ଏହି ପୋର୍ଟାଲରେ ଥିବା ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଦେଶର ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ଯେକେହି ଶିଶୁ କିମ୍ବା କିଶୋର ଶ୍ରମିକ ନିୟୋଜିତ ହେବାର ଦେଖିଲେ କୌଣସି କାର୍ଯ୍ୟାଳୟକୁ ନ ଯାଇ ତତ୍‌କ୍ଷଣାତ ଅଭିଯୋଗ ଦାଖଲକରି ପାରିବାର ବ୍ୟବସ୍ଥା ରହିଛି। ନୂତନ ଅଭିଯୋଗ ଦାଖଲ ଲିଙ୍କ୍‌ରେ କ୍ଲିକ୍ କଲେ ନିୟୋଜିତ ହୋଇଥିବା ଶିଶୁ/କିଶୋରର ତଥ୍ୟ,କାର୍ଯ୍ୟକ୍ଷେତ୍ରର ଠିକଣା ଓ ଅଭିଯୋଗକାରୀଙ୍କ ତଥ୍ୟ ପ୍ରଦାନ କରି ଅଭିଯୋଗ ଦାଖଲ କରିହେବ। ଜିଲା ନୋଡାଲ ଅଧିକାରୀ ଅଭିଯୋଗର ସତ୍ୟାସତ୍ୟ ତଦନ୍ତକରି କାର୍ଯ୍ୟାନୁଷ୍ଠାନ କରିବା ସହ ସମ୍ପୃକ୍ତ ଶିଶୁ/କିଶୋର ଶ୍ରମିକକୁ ଉଦ୍ଧାରକରି (୮ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଶ୍ରମିକ) ସମଗ୍ର ଶିକ୍ଷା ଅଭିଯାନରେ ୯ ରୁ ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁକୁ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପରେ ଓ ୧୫ ରୁ ୧୮ ବର୍ଷ ପର୍ଯ୍ୟନ୍ତ କିଶୋରକୁ ଦକ୍ଷତା ବିକାଶ କେନ୍ଦ୍ରରେ ଦାଖଲ କରି ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ।



ପେନ୍‌ସିଲ ପୋର୍ଟାଲ ଖୋଲିବା ପରଠାରୁ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପ ସମେତ ସମସ୍ତ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ପରିଚାଳନା ପୋର୍ଟାଲ ମାଧ୍ୟମରେ କେବଳ ଗ୍ରହଣ କରାଗଲା। ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରେ ପଢୁଥିବା ଶିଶୁଶ୍ରମିକ ଛାତ୍ରୀଛାତ୍ରମାନଙ୍କ ଦୈନିକ ଉପସ୍ଥାନ ମଧ୍ୟ ପୋର୍ଟାଲ ମାଧ୍ୟମରେ କରିବା ପାଇଁ ବାଧ୍ୟ କରାଗଲା। କିନ୍ତୁ ସେଥିପାଇଁ ଭିତ୍ତିଭୂମିର ବିକାଶ କରାଗଲା ନାହିଁ। ଉଦାହରଣ ସ୍ୱରୂପ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକଙ୍କ ଦରମା ମାସିକ ୭୦୦୦ ଟଙ୍କା ଥିଲାବେଳେ ହିସାବ ରକ୍ଷକଙ୍କ ଦରମା ମାତ୍ର ୫୦୦୦ ଟଙ୍କା। ଏତିକି ଦରମାରେ ଉକ୍ତ କର୍ମଚାରୀ ବିଚରା ପେନ୍‌ସିଲ ପୋର୍ଟାଲର ପରିଚାଳନା ପାଇଁ ଆଣ୍ଡ୍ରୋଏଡ୍ ଫୋନ୍‌ଟିଏ କିଣିବ କେମିତି ? ପୁଣି ସେଥିରେ ପ୍ରତି ମାସରେ ଡାଟାପ୍ୟାକ୍ ପକାଇବ କିପରି ? ପୁନଶ୍ଚ ଚଳିତ ବର୍ଷ ଲୋକ ସଭାରେ କେନ୍ଦ୍ର ସଞ୍ଚାର ମନ୍ତ୍ରଣାଳୟ ତରଫରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଆମ ଦେଶର ୫,୯୭,୬୧୮ ଗ୍ରାମ ମଧ୍ୟରୁ ୨୫,୦୬୭ ଗ୍ରାମରେ ଓ ଆମ ରାଜ୍ୟର ୫୧୫୮୩ ଗ୍ରାମ ମଧ୍ୟରୁ ୬୦୯୯ ଗ୍ରାମରେ ବର୍ତ୍ତମାନ ସୁଦ୍ଧା ମୋବାଇଲ ଓ ଇଣ୍ଟରନେଟ୍‌ର ସେବାର ବ୍ୟବସ୍ଥା ନାହିଁ। ତା'ହେଲେ ଉକ୍ତ ଗ୍ରାମଗୁଡ଼ିକର ଜନସାଧାରଣ ଓ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ପେନ୍‌ସିଲ ପୋର୍ଟାଲକୁ ବ୍ୟବହାର କରିବେ କେମିତି ? ପେନ୍‌ସିଲ ପୋର୍ଟାଲ ମାଧ୍ୟମରେ ଦୈନିକ ତଥ୍ୟ ନ ଦେଲେ ସରକାର ଅନୁଦାନ ବନ୍ଦ କରିଦେଲେ। ଫଳରେ ଦେଶର ଅନେକ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଅନୁଦାନ ଅଭାବରୁ ବନ୍ଦ ହୋଇଗଲା, ଯାହାର ଶିକାର ହେଲେ ଲକ୍ଷାଧିକ ଶିଶୁଶ୍ରମିକ ଓ ସେମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ଦ୍ୱାରା ନିୟୋଜିତ ହୋଇଥିବା ହଜାର ହଜାର କର୍ମଚାରୀ। ପେନ୍‌ସିଲ ପୋର୍ଟାଲରେ ପ୍ରଦର୍ଶିତ ତଥ୍ୟକୁ ଅନୁଧ୍ୟାନକଲେ ପୋର୍ଟାଲର ପରିଚାଳନା କେତେ ଉପଯୋଗୀ ତାହା ଜଣାପଡ଼େ। ପୋର୍ଟାଲରେ ପ୍ରଦର୍ଶିତ ତଥ୍ୟ ଅନୁଯାୟୀ ପୋର୍ଟାଲ ଆରମ୍ଭ ହେଲା ଦିନ ଠାରୁ ୨୦୨୨ ନଭେମ୍ବର ୧୭ ପର୍ଯ୍ୟନ୍ତ ୬୨ ମାସ ମଧ୍ୟରେ ଆମ ଦେଶରେ ମାତ୍ର ୧,୯୭,୩୬୫ (୦.୦୫%) ଜଣ ଶିଶୁ ଚିହ୍ନଟ ହୋଇଛନ୍ତି। ନଭେମ୍ବର ୨୭ରେ ତଥ୍ୟ ଦେଖିଲେ ସେହି ସଂଖ୍ୟା ବୃଦ୍ଧି ପାଇ ୧,୯୭,୩୯୧ (+୭୪) ରେ ପହଞ୍ଚିଛି। ତା'ହେଲେ କ'ଣ ପୋର୍ଟାଲ ଆରମ୍ଭ ହେଲା ଦିନଠାରୁ ଚଳିତ ବର୍ଷ ନଭେମ୍ବର ୧୭ପର୍ଯ୍ୟନ୍ତ ଏତେବଡ଼ ଦେଶରେ ଦୈନିକ ହାରାହାରି ୧୦୫ ଜଣ ଶିଶୁ ଚିହ୍ନଟ ହୋଇଥିଲା ବେଳେ ନଭେମ୍ବର ୧୭ ରୁ ୨୭ତାରିଖ ଭିତରେ ସାରା ଦେଶରେ ଦୈନିକ ହାରାହାରି ୭ଜଣ ଶିଶୁ ଚିହ୍ନଟ ହୋଇପାରିଛନ୍ତି? ସରକାରଙ୍କ ମତରେ ଯଦି ଶିଶୁଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ଏହି ପୋର୍ଟାଲ ହିଁ ଏକମାତ୍ର ମାଧ୍ୟମ ଓ ସମଗ୍ର ଦେଶରେ ୧୮୮୦ ଦିନ ମଧ୍ୟରେ ମାତ୍ର ୦.୦୫ % ଶିଶୁ ଚିହ୍ନଟ ହେଲେ ତା'ହେଲେ କ'ଣ ଆମ ଦେଶ ଶିଶୁଶ୍ରମିକ ମୁକ୍ତ ହୋଇଗଲା ନା ଏହି ପୋର୍ଟାଲର ଅପାରଗତା ବୋଲି ଆମେ କହିବା ? ସେହିପରି ଦେଶରେ ୭୬୩ ରାଜସ୍ୱ ଜିଲା ଥିଲାବେଳେ ପେନ୍‌ସିଲ ପୋର୍ଟାଲର ତଥ୍ୟ ଅନୁସାରେ ଗତ ୬୨ ମାସରେ ମାତ୍ର ୬୨୦ ଜିଲାରେ ଜିଲା ନୋଡାଲ ଅଧିକାରୀ ନିଯୁକ୍ତ ହୋଇପାରିଛନ୍ତି। ତା'ହେଲେ ଅବଶିଷ୍ଟ ୧୪୩ ଜିଲାର ଶିଶୁମାନଙ୍କର ଭବିଷ୍ୟତ କାହା ହାତରେ ? ଏହି ପୋର୍ଟାଲର ପ୍ରଚଳନ ସରକାରଙ୍କ ଏକ ସୁନ୍ଦର ଯୋଜନା। କିନ୍ତୁ ଏହାକୁ ଶତ ପ୍ରତିଶତ ଉପଯୋଗୀ କରିବା ନିମନ୍ତେ ପ୍ରଥମେ ଦେଶର ସମସ୍ତ ଅଞ୍ଚଳରେ ମୋବାଇଲ ଓ ଇଣ୍ଟରନେଟ୍ ସେବାର ବ୍ୟବସ୍ଥା କରିବାକୁ ହେବ। ଦ୍ୱିତୀୟରେ ଏହାକୁ ବ୍ୟବହାର କରିବା ପାଇଁ ସମ୍ପୃକ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଦେବାକୁ ହେବ। ଜନସାଧାରଣରେ ଏହାର ବ୍ୟବହାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ପଡିବ।

ଗତ ବଜେଟ ଅଭିଭାଷଣ ସମୟରେ ଦେଶର ଅର୍ଥମନ୍ତ୍ରୀ ସଂସଦ ରେ ଘୋଷଣାକଲେ ଯେ, ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଅଧୀନରେ ସାରା ଦେଶରେ କାର୍ଯ୍ୟ କରୁଥିବା ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପକୁ ବନ୍ଦ ନ କରି ସମଗ୍ର ଶିକ୍ଷା ଅଭିଯାନ (ଶିକ୍ଷା ମନ୍ତ୍ରଣାଳୟ)ରେ ୨୦୨୧ ମାର୍ଚ୍ଚ ୩୧ରୁ ମିଶ୍ରଣ କରାଗଲା। ପ୍ରଶ୍ନ ଉଠୁଛି, ଯଦି ସରକାରଙ୍କ ଗୋଟିଏ ମନ୍ତ୍ରଣାଳୟ ଶିଶୁଶ୍ରମିକଙ୍କ ପାଇଁ ୧୯୮୮ ରୁ ଦେଶରେ ସୁଚାରୁରୂପେ କାର୍ଯ୍ୟ କରିଆସୁଥିଲା ତା'ହେଲେ କାହା ସ୍ୱାର୍ଥରେ ଓ କ'ଣ ପାଇଁ ସେହି ମନ୍ତ୍ରଣାଳୟଠାରୁ ଦାୟିତ୍ୱ ଅପସାରଣ କରି ଶିକ୍ଷା ମନ୍ତ୍ରଣାଳୟକୁ ପ୍ରଦାନ କରାଗଲା। ଏହା ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ଅପାରଗତା ଥିଲା କି ସରକାରଙ୍କ ଶିଶୁଶ୍ରମିକ ମାରଣ ଯୋଜନା ଥିଲା ? ଏହି ଘୋଷଣା ପରେ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପର କଥା ଆଉ ନ ବୁଝି ହାତ ଟେକି ବସିଗଲା ସତ, କିନ୍ତୁ ପରିତାପର ବିଷୟ ଯେ ବଜେଟ ଘୋଷଣା ହେବାର ୧ବର୍ଷ ବିତିବାକୁ ଥିଲା ବେଳେ ଶିଶୁଶ୍ରମିକ ପ୍ରସଙ୍ଗକୁ ସରକାର ଅଣଦେଖା କରିବା ସହିତ ଏଯାବତ୍ ସମଗ୍ର ଶିକ୍ଷା ଅଭିଯାନକୁ ମଧ୍ୟ ଦାୟିତ୍ୱ ହସ୍ତାନ୍ତର କଲେ ନାହିଁ। ପେନ୍‌ସିଲ ପୋର୍ଟାଲ ମାଧ୍ୟମରେ ସବୁ ଦାୟିତ୍ୱ ଦେଇ ସରକାରଙ୍କ ଶିଶୁ ଶ୍ରମିକ ମାରଣ ନୀତି ଓ ରାଜ୍ୟରେ ଶିଶୁଶ୍ରମିକମାନଙ୍କ ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ ନ କରି ହାତଟେକିଦେବା ଶିଶୁ ସୁରକ୍ଷା ପାଇଁ କେତେ ଶୁଭଙ୍କର ହେବ ତାହା ପାଠକେ ବିଚାର କରିବେ।

**ପ୍ରୋଗ୍ରାମ ମ୍ୟାନେଜର, ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ, ଭାରତ ସରକାର**
**ମୋ: ୯୪୩୭୨୧୮୯୧୭**



# ଆର୍ଥିକ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ

ସୌରଜିତ ପ୍ରଧାନୀ

ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ସକାରାତ୍ମକ ନିଶ୍ଚିତତା ନେଇ ସରକାରଙ୍କ ଆଇନକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି। ନ୍ୟାୟପାଳିକା ନିଶ୍ଚିତ କରିଛି ଯେ ଏଭଳି ଆଇନ ଆମ ସମ୍ବିଧାନର 'ମୌଳିକ ଢାଞ୍ଚା'କୁ ଉଲ୍ଲଂଘନ କରିବ ନାହିଁ। ଆମ ସାମାଜିକ ଢାଞ୍ଚାରେ 'ବନ୍ଦ ବ୍ୟବସ୍ଥା' ଏବଂ 'ଖୋଲା ବ୍ୟବସ୍ଥା' ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି। ଯେତେବେଳେ ଆମେ 'ବନ୍ଦ ବ୍ୟବସ୍ଥା' ବିଷୟରେ କହୁ, ଏହା ଜାତି, ବର୍ଣ୍ଣ, ଧର୍ମ ଇତ୍ୟାଦିକୁ ସୂଚାଇଥାଏ। ଥରେ ଏକ ନିର୍ଦ୍ଦିଷ୍ଟ ପରିବାରରେ ଜନ୍ମ ନେଲେ ଆପଣଙ୍କ ଭାଗ୍ୟରେ ମୋହର ଲାଗିଥାଏ। ଏହା ଏକ 'ବନ୍ଦ ବ୍ୟବସ୍ଥା' ଅର୍ଥାତ୍ ଏକ ପରିଚୟ ଯାହା ଜୀବନ ସାରା ଆପଣଙ୍କ ସହ ରହିଥାଏ।

ଆର୍ଥିକ ସ୍ଥିତି କଥା ଉଠିଲେ ଏହା ଏକ 'ଖୋଲା ବ୍ୟବସ୍ଥା'। ଯେକୌଣସି ବ୍ୟକ୍ତିର ଆର୍ଥିକ ଓ ଅର୍ଥନୈତିକ ସ୍ଥିତି ଭ୍ରାମ୍ୟମାଣ ଥାଏ ଏବଂ ସାମାଜିକ ପିରାମିଡରେ ସମୟ ସମୟରେ ପରିବର୍ତ୍ତନ ହୋଇଥାଏ। ଆର୍ଥିକ ସ୍ଥିତି ଆଧାରରେ ଯୋଗ୍ୟତା ଚିହ୍ନଟ କରିବା ଏକ କଠିନ କାର୍ଯ୍ୟ ହେବ। ଆର୍ଥିକ ଅଭିବୃଦ୍ଧି ଏବଂ ଆର୍ଥିକ ମୁଦ୍ରାସ୍ଫୀତି ଦ୍ୱାରା ପରିଚାଳିତ ଏକ ଇକୋସିଷ୍ଟମରେ ଆବଶ୍ୟକ ହିତାଧିକାରୀଙ୍କ ଚିହ୍ନଟ କରିବା କଷ୍ଟକର ହେବ।

ତେବେ ଆର୍ଥିକ ପଛୁଆ ବିଭାଗ (ଇଡବ୍ଲ୍ୟୁଏସ୍) ଚୟନ ପାଇଁ ଜଣେ ପ୍ରାର୍ଥୀ କେମିତି ଯୋଗ୍ୟ ହୋଇପାରେ? ପରିଚୟ ଅନୁସାରେ, ଚାକିରି କିମ୍ବା ଶିକ୍ଷାଗତ ଆସନ ପାଇଁ ଆଶାୟୀ ପ୍ରାର୍ଥୀ କୌଣସି ନିର୍ଦ୍ଦିଷ୍ଟ ଜାତି ଗୋଷ୍ଠୀର ହେବା ଉଚିତ ନୁହେଁ, ଯାହାର ଚାକିରି କିମ୍ବା ଆସନରେ ସଂରକ୍ଷଣ ଅଧିକାର ମଧ୍ୟ ରହିଛି। ପରବର୍ତ୍ତୀ କଥା ହେଲା, ପରିବାରର ବାର୍ଷିକ ଆୟ ୮ ଲକ୍ଷରୁ ଅଧିକ ହେବା କଥା ନୁହେଁ। ଇଡବ୍ଲ୍ୟୁଏସ୍‌ର ଅନ୍ତର୍ଭୁକ୍ତୀକରଣ ସୀମା ପ୍ରକୃତରେ ଭାରତର ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କୋଟା ପାଇଁ ବାଦ୍ ସ୍ତର। ବାର୍ଷିକ ୮ଲକ୍ଷ ଆୟକୁ ବାଦ୍ ଦେଲେ ଏହାକୁ 'କ୍ରିମିଲେୟାର' କୁହାଯାଏ। ତେଣୁ ନୂତନ ନୀତି ଅନୁସାରେ, ଏହା ଆମ ଦେଶରେ ସାଧାରଣ ଅଭାବ କିମ୍ବା ଆର୍ଥିକ ଦୁର୍ବଳତା ପାଇଁ ସରକାରୀ କଟ୍ ଅଫ୍।

ଏହି ମାପକାଠି ଜଟିଳତାର କାରଣ ହେଉଛି ମୁଦ୍ରାସ୍ଫୀତି ଓ ବିନିମୟ ହାରର ଭୂମିକା। ମୁଦ୍ରାସ୍ଫୀତି ହାର ଏବଂ ଭାରତୀୟ ମୁଦ୍ରାର ମୂଲ୍ୟ ପ୍ରକୃତିରେ ଗତିଶୀଳ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ଏହା ଅତ୍ୟନ୍ତ ପରିବର୍ତ୍ତନଶୀଳ। ଟଙ୍କାର ମୂଲ୍ୟ ହ୍ରାସ ପାଇ ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଥିବାରୁ ଏବଂ ମୁଦ୍ରାସ୍ଫୀତିର ସ୍ତର କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଆୟ ସ୍ତରରେ ସ୍ଥିରତାର ଅଭାବ ଦେଖାଦେଇଛି। ମାସିକ ୬୫ ହଜାର ଟଙ୍କା ଆୟ ପୂର୍ବରୁ ଆରାମଦାୟକ ହୋଇଥାଇପାରେ। ଆଜିର ପରିପ୍ରେକ୍ଷୀରେ ଏହାକୁ ବଞ୍ଚିତ ବୋଲି ବିବେଚନା କରାଯାଉଛି। ଏବେଠାରୁ ୧ ଦଶନ୍ଧି ପରେ ଏହାକୁ 'ପିଟାନ୍ସ' ଭାବେ ବିବେଚନା କରାଯିବ। ତଥାପି ଆମର ଆୟକର ନୀତି ପରିବର୍ତ୍ତିତ ଦୃଶ୍ୟପଟ ସହିତ ତାଳ ଦେଇ ପାରିନାହିଁ।



ବାର୍ଷିକ ଆୟ ୨.୫ ଲକ୍ଷ ଟପିବା ପରେ ଟ୍ୟାକ୍ସ ଲାୟାବିଲିଟି ଆରମ୍ଭ ହୋଇଥାଏ। ଏପରିକି ୨ଗୁଣା ଆୟ କରୁଥିବା ପରିବାର ପାଇଁ ଏହା ଇଡବ୍ଲ୍ୟୁଏସ୍ ସୀମାଠାରୁ ମଧ୍ୟ କମ୍। ଏଭଳି ପରିବାର ଇଡବ୍ଲ୍ୟୁଏସ୍ ସୁବିଧା ପାଇବାକୁ ଯୋଗ୍ୟ, କିନ୍ତୁ ଟିକସ ପ୍ରଦାନରୁ ବାଦ୍ ପଡ଼ିବେ ନାହିଁ। ଇଡବ୍ଲ୍ୟୁଏସ୍ କୋଟା ବ୍ୟବସ୍ଥାର ଏହା ହେଉଛି ସବୁଠାରୁ ବଡ଼ ଅନ୍ତର୍ନିହିତ ବିଭାଜନ। ଏଭଳି ପରିବାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ, କିନ୍ତୁ ଟିକସ ଛାଡ଼ କରିବା ଭଳି ଦୁର୍ବଳ ନୁହନ୍ତି।

ଇଡବ୍ଲ୍ୟୁଏସ୍ ନୀତି ଅନ୍ୟ ତଥ୍ୟକୁ ମଧ୍ୟ ପାଳନ କରୁନାହିଁ। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରେ, ବ୍ୟବହାର ଆଧାରରେ, ବାର୍ଷିକ ୫ ଲକ୍ଷରୁ ୩୦ ଲକ୍ଷ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ପରିବାରକୁ 'ମଧ୍ୟବିତ୍ତ' ଭାବରେ ଏକତ୍ର କରାଯାଇଥିଲା। ତେଣୁ 'ମଧ୍ୟବିତ୍ତ' ଭିତରେ ଏମିତି ଅନେକ ପରିବାର ରହିବେ, ଯେଉଁମାନେ 'ଆର୍ଥିକ ଦୃଷ୍ଟିରୁ ଦୁର୍ବଳ' ବୋଲି ଯୋଗ୍ୟ ବିବେଚିତ ହେବେ।

ନୀତିଗତ ଦୃଷ୍ଟିକୋଣରୁ ଏଭଳି ସକାରାତ୍ମକ ନିଶ୍ଚିତତା ମଧ୍ୟ ଚିରକାଳ ପଛୁଆ ରହିବାର କାରଣ ହୋଇପାରେ। ଲୋକମାନେ ନିଜକୁ ଉଚ୍ଚାଭିଳାଷୀ ହେବା ପାଇଁ ଦୂରେଇ ରଖିବେ ଏବଂ ଏଭଳି ବ୍ୟବସ୍ଥାରୁ ଲାଭ ଉଠାଇବେ। ଏହା ମଧ୍ୟ ଆୟ ହେରଫେର ଏବଂ ଜାଲିଆତିକୁ ପ୍ରୋତ୍ସାହିତ କରିବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ)କୁ ସମାଜର ଗରିବ ଓ ଦୁର୍ବଳବର୍ଗର ଲୋକଙ୍କୁ ଉପଯୁକ୍ତ ଓ ଯୁକ୍ତିଯୁକ୍ତ କର୍ମନିଯୁକ୍ତି ସମାଧାନ ପ୍ରଦାନ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ବରଂ ଏହି ଯୋଜନା ଆଳସ୍ୟ ଓ ଅଳସତାକୁ ପ୍ରୋତ୍ସାହନ ଦେଉଛି। ସରକାର ଏଥିପ୍ରତି ଯତ୍ନବାନ ହେବା ଉଚିତ ଯେ, ସେଭଳି କୌଣସି ପଦକ୍ଷେପ ନିଆଯିବ ନାହିଁ।

ଆଇନଗତ ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟ ଏହି ଆଇନର ବୈଧତାକୁ ସମର୍ଥନ କରିବା ଯଥାର୍ଥ। କିନ୍ତୁ କାର୍ଯ୍ୟାନ୍ୱୟନ ଦୃଷ୍ଟିକୋଣରୁ, ଅନ୍ତର୍ନିହିତ ଜଟିଳତାକୁ ଦୂର କରିବା ପାଇଁ ବାସ୍ତବଧର୍ମୀ ସଂସ୍କାର ଆଣିବା ଆବଶ୍ୟକତା ରହିଛି। ସକାରାତ୍ମକ ନିଶ୍ଚିତତା ଏବଂ କୋଟା ବ୍ୟବସ୍ଥା ବିତର୍କ ଜୀବନର ବିଭିନ୍ନ କ୍ଷେତ୍ରରୁ ଯଥେଷ୍ଟ ବିତର୍କକୁ ଆକର୍ଷିତ କରିବ। ଏକ ସମାବେଶୀ ଓ ସମତାଭିତ୍ତିକ ସମାଜ ଗଠନ ପାଇଁ ଏହା ଏକ ଆବଶ୍ୟକ କୁପ୍ରଥା।

**ଜିଲା କେନ୍ଦ୍ର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ମୋ-୯୯୬୭୧୦୨୨୬୪**

## ଏଇ ଭାରତରେ

ପରିବେଶକୁ ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତ କରିବାରେ କେରଳର ଇଞ୍ଜିନିୟର ବିନ୍ଦୁ ଜନ୍ କାଲିଗାଲ୍‌ଙ୍କ ଅଭିନବ ପଦ୍ଧତି ବେଶ୍ ପ୍ରେରଣାଦାୟକ। କାଲିଗାଲଙ୍କ ବୟସ ୩୩ ଓ ସେ ଏମ୍.ଟେକ୍ କରିଛନ୍ତି। ସେ ୭ରୁ ୯ଟି ଗ୍ରୀନ୍ ସବ୍ ଅର୍ଥାତ୍ ବର୍ଜ୍ୟଶୂନ୍ୟ ଗ୍ରୋସେରି ଶପ୍ ବା ତେଜରାତି ଦୋକାନ ଖୋଲି ପ୍ଲାଷ୍ଟିକ ବର୍ଜ୍ୟ ହ୍ରାସ କରୁଛନ୍ତି। କାଲିଗାଲ ରହୁଛନ୍ତି ଏର୍ନାକୁଲମ୍‌ରେ। ସେ ୟୁରୋପ ଗସ୍ତରେ ଯାଇଥିବା ସମୟରେ ବହୁ 'ଗ୍ରୀନ ଶପ୍' ବା ସବୁଜ ଦୋକାନ ଦେଖିବାକୁ ପାଇଥିଲେ। ସେଠାରୁ ଫେରିବା ପରେ କାଲିଗାଲ୍ ଏର୍ନାକୁଲମ୍‌ରେ ସମାନ ପ୍ରକାର ଦୋକାନ ଖୋଲି ବିନା ପ୍ଲାଷ୍ଟିକ ବ୍ୟବହାରରେ ସବୁ ଗ୍ରୋସେରି ଜିନିଷ ବିକ୍ରି କରୁଛନ୍ତି। ଯେଉଁମାନେ ଜିନିଷ ନେବା ପାଇଁ ବ୍ୟାଗ କିମ୍ବା କିଛି ପାତ୍ର ଆଣୁଛନ୍ତି ସେମାନଙ୍କୁ ୨% ରିହାତି ଦେଉଛନ୍ତି। ଅନେକ ଦୋକାନରୁ କାଚ ପାତ୍ର କିମ୍ବା ପେପର ବ୍ୟାଗ୍ ଟଙ୍କା ପଇଠ କରି ସେଥିରେ ଜିନିଷ ନେଉଛନ୍ତି ଓ ତାହାକୁ ପୁଣି ଜିନିଷ କିଣିବାକୁ ଆସିଲେ ଫେରାଉଛନ୍ତି ଓ ପଇଠ ଟଙ୍କା ଫେରସ୍ତ ପାଉଛନ୍ତି। ପ୍ରତିଦିନ ୩୦୦ ଗ୍ରାହକ ତାଙ୍କ ଦୋକାନରୁ ଜିନିଷ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଡିସେମ୍ବର ୧୯୯୭**

- ଶିବସେନା ମୁଖ୍ୟ ବାଲ୍ ଥାକ୍‌ରେ ସର୍ବସମ୍ମତ କ୍ରମେ ଦଳର ଆଜୀବନ ମୁଖ୍ୟ ଭାବେ ନିର୍ବାଚିତ।
- ରଣଜୀ ଦଳର ଅଧିନାୟକ ସଞ୍ଜୟ ରାଉଳଙ୍କୁ ଇମ୍ପା ଗ୍ରୁପ୍ ପକ୍ଷରୁ ପ୍ରଦତ୍ତ ରାଜ୍ୟର ମର୍ଯ୍ୟାଦାଜନକ ଏକଲବ୍ୟ ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ। -(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 8 | | | 7 |
| | | 2 | | | | 5 | 6 | |
| 5 | 1 | | | | 9 | 2 | 8 | |
| | | | 2 | | 1 | | 4 | |
| | | 4 | | | | | | |
| | | | | | 4 | | 9 | 5 |
| | | | 3 | | | 7 | | |
| 1 | | | 9 | | | | | |
| 9 | | | | | 5 | | | |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

| | | | | | | | | |
|---|---|---|---|---|---|---|---|---|
| 5 | 3 | 2 | 4 | 8 | 1 | 9 | 6 | 7 |
| 1 | 7 | 6 | 3 | 5 | 9 | 8 | 2 | 4 |
| 4 | 8 | 9 | 2 | 7 | 6 | 1 | 5 | 3 |
| 6 | 5 | 1 | 7 | 9 | 2 | 4 | 3 | 8 |
| 8 | 2 | 3 | 5 | 1 | 4 | 6 | 7 | 9 |
| 7 | 9 | 4 | 8 | 6 | 3 | 2 | 1 | 5 |
| 3 | 1 | 8 | 6 | 4 | 5 | 7 | 9 | 2 |
| 2 | 6 | 7 | 9 | 3 | 8 | 5 | 4 | 1 |
| 9 | 4 | 5 | 1 | 2 | 7 | 3 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁଙ୍କ ଖାଦ୍ୟରେ ବିଷାକ୍ତ ଦ୍ରବ୍ୟ

ମହାଶୟ, ରାଜ୍ୟ ତଥା ଦେଶର ଶିଶୁମାନଙ୍କ ଖାଦ୍ୟ ପଦାର୍ଥ ସମ୍ପୂର୍ଣ୍ଣ ଗୁଣହୀନ। ପଲ୍ଲୀ, ସହର, ହାଟ, ବଜାର, ଦୋକାନମାନଙ୍କରେ ବିଭିନ୍ନ ରଙ୍ଗ ବେରଙ୍ଗ ପ୍ୟାକେଟରେ ବହୁଳ ଭାବରେ କିଣା ବିକା ଚାଲିଛି। ଏହା ମୁଖ୍ୟ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏସବୁ ଖାଦ୍ୟପଦାର୍ଥ ଶିଶୁମାନଙ୍କ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ କି ନୁହେଁ, ଏହାର ପରୀକ୍ଷା ନିରୀକ୍ଷା କରୁଛି କିଏ ? ଏକାଧିକ ଖାଦ୍ୟ ସାମଗ୍ରୀ ରାସାୟନିକ ବିଷ ପ୍ରକ୍ରିୟା ସଂଯୁକ୍ତ। ଆଜି ଓ ଆଗାମୀ କାଲିର ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟହାନିକାରକ ଅନିବାର୍ଯ୍ୟ। ସରକାରଙ୍କ ଗୋଚରରେ ଶିଶୁମାନଙ୍କ ଖାଦ୍ୟ ପଦାର୍ଥରେ କେମିତି ଠକାମି, ଚଞ୍ଚକତା ବୃଦ୍ଧି ପାଇବାରେ ଲାଗିଛି ଏଥିରୁ ଅନୁମେୟ।

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ାଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୀପ୍ତି


@ ଜୟଶ୍ରୀ


@ ମଧୁସ୍ମିତା


@ ଜୟଶ୍ରୀ ବେହେରା


@ ରଞ୍ଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିଜିଲାନ୍ସ ବିଭାଗର ତଦନ୍ତ ଆରମ୍ଭ

## ଗୋଟିଏ ରାସ୍ତାକୁ ୨୧ ଥର ବିଲ୍ ଘଟଣା

ଭାପୁର, ୨୦।୧୨ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ ବଡସହରା ପଞ୍ଚାୟତରେ ଗୋଟିଏ ରାସ୍ତାକୁ ୨୧ ଥର ଫଲସ୍ ବିଲ୍ ଘଟଣା ରାଜ୍ୟରେ ଚର୍ଚ୍ଚିତ ଥିବାବେଳେ ଏବେ ପୁଣିଥରେ ଭିଜିଲାନ୍ସ ତନାଘନା ଆରମ୍ଭ କରିଛି। ମଙ୍ଗଳବାର ପୂର୍ବାହ୍ନରେ ନୟାଗଡ଼ ଭିଜିଲାନ୍ସ ବିଭାଗର ଏକ ଟିମ୍ ଭାପୁର ବ୍ଲକ ବଡସହରା ଅଧୀନ ଗୋପାଳପ୍ରସାଦ ଗାଁରେ ପହଞ୍ଚି ତଦନ୍ତ କରିଥିଲା। ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଅଭିଯୋଗ ହୋଇଥିବା ବିବାଦୀୟ ରାସ୍ତାକୁ ମାପଚୁପ କରିବା ସହ ସ୍ଥାନୀୟ ଗ୍ରାମବାସୀ ତଥା ଭାପୁର ବ୍ଲକ ପ୍ରଶାସନର ଅଧିକାରୀମାନଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ବିଶେଷକରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଉକ୍ତ ରାସ୍ତା କେବେ ନିର୍ମାଣ ହୋଇଥିଲା, ଏଥିନିମନ୍ତେ ସରକାରୀ ସ୍ତରରେ କେତେ ଅନୁଦାନ ଆସିଥିଲା, ସେସବୁ ପଚାରି ବୁଝିଥିଲେ। ପରେ ଉକ୍ତ ଟିମ୍ ଫେରି ଯାଇଛନ୍ତି। ଏ ନେଇ ଭିଜିଲାନ୍ସ ବିଭାଗ ସହ ଆମ ପ୍ରତିନିଧି ଯୋଗାଯୋଗ କରିବାର ଅଧିକାରୀ କହିଥିଲେ, ୨୦୨୧ରେ ଏକ ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି। ରାସ୍ତା ମାପଚୁପ କରିବା ସହ କେତେ ରାସ୍ତା ନିର୍ମାଣ ହୋଇଛି, କେଉଁ ବିଭାଗରୁ ଅର୍ଥ ଖର୍ଚ୍ଚ ହୋଇଛି ଏହାର କାଗଜପତ୍ର ତଦନ୍ତ କରାଯାଉଛି। ଦରକାର ପଡିଲେ ପୁଣି ସେ ସ୍ଥାନ ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚରେ ଗୋପାଳପ୍ରସାଦ ଗ୍ରାମରେ ଏମ୍‌ଜିଏନ୍ ଆରଇଜିଏସ୍ ଯୋଜନାରେ ଗୋଟିଏ ରାସ୍ତାକୁ ଦେଖାଇ ୨୧ ଥର ଫଲସ୍ ବିଲ୍ ସହ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୂର୍ବରୁ ଜିଲାପାଳ ତଦନ୍ତ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ଦୀର୍ଘଦିନର ନୀରବତା ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ ଦାୟିତ୍ୱ ନେଇଥିବାରୁ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।


ଭିଜିଲାନ୍ସ ଅଧିକାରୀମାନେ ଗୋପାଳପ୍ରସାଦ ଗାଁରେ ପହଞ୍ଚି ରାସ୍ତାର ତଦନ୍ତ କରୁଛନ୍ତି ।

# ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ନୟାଗଡ଼ ଅଫିସ,୨୦।୧୨:

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିପଡା ଫାଣ୍ଡି ଗୋଡିପଡାର କେନାଲ ବନ୍ଧ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି । ସ୍ୱାମୀ ଲିପୁନ ସାହୁ ବେକରେ ଦଉଡି ବାନ୍ଧି ହରିଡାବନ୍ଧ ଡ୍ୟାମର ଏକ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସ୍ୱାମୀଙ୍କ ଏହି ଖବର ଶୁଣିବା ପରେ ସ୍ତ୍ରୀ ମାମି ସାହୁ ଘରେ କବାଟ ଦେଇ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଶାଶୁ ଘର ଲୋକ ବୋହୂଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ ମେଡିକାଲରେ ଭର୍ତ୍ତି କରିଛନ୍ତି । ତାଙ୍କ ଶରୀର ୭୦ ପ୍ରତିଶତ ପୋଡି ଯାଇଛି । ଅନ୍ୟପକ୍ଷେ ମାମୀଙ୍କ ବାପା ବୋଲଗଡ ଥାନା ସୁନାଖଳାର ଛବି ସାହୁ ଥାନାରେ ଅଭିଯୋଗ କରିଛନ୍ତି ତାଙ୍କ ଜ୍ୱାଇଁଙ୍କୁ ମାରି ଦିଆଯାଇଛି। ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଇଛି । ଶାଶୁ ଘର ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି । ପ୍ରକୃତ ଘଟଣା ପୋଲିସ ଅନୁଧ୍ୟାନ କରି ପଦକ୍ଷେପ ନେଉ ବୋଲି କୁହାଯାଇଛି । ଅପରପକ୍ଷେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନାହିଁ ।

# ଶିଶୁଙ୍କୁ ଅମାନୁଷିକ ମାଡ଼

ମୋରଡ଼ା,୨୦।୧୨(ଡି.ଏନ.ଏ):

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ସୁରେଇଡ଼ିହି ପଞ୍ଚାୟତର ଜାମଶୋଳ ୟୁଜିଏମଇ ବିଦ୍ୟାଳୟ ପରିସରରେ ଜଣେ ସାଢେ ୩ବର୍ଷର ଶିଶୁଙ୍କୁ ଅମାନୁଷିକ ଭାବେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ସୋମବାର ଖେଳ ଛୁଟି ବେଳେ ପିଲାମାନେ ଖେଳକୁଦ କରୁଥିଲେ। ଏହି ସମୟରେ ଉକ୍ତ ଶିଶୁ ଜଣକ ପ୍ରବେଶ କରିବାରୁ କେତେଜଣ ଛାତ୍ର ତାଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ମାଡ଼ ମାରିଥିଲେ।

# ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ

ଦଶପଲ୍ଲା,୨୦।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ସୀମାନ୍ତ ଆଦିବାସୀ ଅଧ୍ୟୁଷିତ କୁଜାମେଣ୍ଢିଠାରୁ ବଣି, ପଧାନପଡ଼ା, ମୁଣ୍ଡଳାକୁ ଯାତାୟାତ ବିଚ୍ଛିନ୍ନ କରୁଥିବା ବୃତ୍ତଙ୍ଗ ନଦୀରେ ମଙ୍ଗଳବାର ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ୯ ନଂ. ଜୋନ ଜିଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନି, ପୂର୍ବତନ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, କୁଜାମେଣ୍ଢି ପଞ୍ଚାୟତ ସରପଞ୍ଚ ସଙ୍ଗୀତା ପୃଷ୍ଟି, ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ସାହୁ, କନ୍ଧମାଳ ଜିଲା ବ୍ରାହ୍ମଣପାଦ ସରପଞ୍ଚ ହେମକେଶ ମଳିକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସେତୁ ନିର୍ମାଣ ହେଲେ ଉକ୍ତ ଅଞ୍ଚଳର ଜନସାଧାରଣଙ୍କର ବହୁଦିନର ସମସ୍ୟା ଦୂର ହୋଇପାରିବ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
Phone:06842-253708, E-mail:rw_phulbani@yahoo.co.in
No......5764................RWDP, Dated the 17.12.2022
Government of Odisha e-Procurement Notice
No.O-1481: Bid Identification No.
Online Tender/16/SERWD PHULBANI/ 2022-23
1. Name of the work : Road Work (1 No.)
2. Estimated cost : Rs. 58.82 Lakhs
3. Period of Completion : 6 (Six) Calendar Months
4. Date & Time of availability of Bid documents in the Portal : From 22.12.2022 10.00 AM to 02.01.2023 Up to 05.00 PM
5. Last Date/ Time for receipt of Bids in the Portal : 02.01.2023 up to 5.00 PM
6. Name and address of the Officer Inviting Bid : Superintending Engineer, Rural Works Division, Phulbani
Further details can be seen from the e-procurement portal website www.tendersodisha.gov.in
Sd./- Superintending Engineer
Rural Works Division, Phulbani
OIPR-25077/11/0017/2223

OFFICE OF THE PRINCIPAL
GOVT. COLLEGE OF PHYSICAL EDUCATION
SAMBALPUR, KULUNDI
Letter No.930 / Date 16.12.2022
TENDER CALL NOTICE
Sealed tenders are invited from authorised suppliers / dealers and registered farms having valid TIN / VAT / OST and GST Clearance Certificate for supply of sports uniforms for use of the students of Govt. College of Physical Education, Sambalpur, Kulundi during the session of 2022-24 batch. The detail information will be obtained through tender paper. The tender papers will be available in the college office from 23.12.2022 to 30.12.2022 between 11 A.M. to 4 P.M. on every working day on payment of Rs.100/- (Rupees one hundred) only each. The last date for receive tender documents is fixed on dtd.02.01.2023 by 12 A.M. and open on dtd. 03.01.2023 at 12.30 P.M. The undersigned reserves the right to accept or reject this tender in fully or partly without assigning any reason thereof.
Sd./- PRINCIPAL

# ବାହାଡାଝୋଲା, ମାଇଛେଳି ପଞ୍ଚାୟତ ଦଳ ବିଜୟୀ

## ନୂଆଗାଁ କପ୍-୨୦୨୨ ଦ୍ୱିତୀୟ ଦିବସ


ଅତିଥିଙ୍କ ଗହଣରେ ଖେଳାଳିମାନେ ।

ନୂଆଗାଁ, ୨୦।୧୨ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କଲେଜ ସମ୍ମୁଖ ପଡିଆରେ ନୂଆଗାଁ ଏଫଇସିସି ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିବସର ଖେଳ ହୋଇଥିଲା। ଏଥିରେ ବାହାଡାଝୋଲା ଓ ମାଇଛେଳି ପଞ୍ଚାୟତ ଦଳ ବିଜୟୀ ହୋଇଛନ୍ତି।

ନୂଆଗାଁ କପ୍-୨୦୨୨ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସର ପ୍ରଥମ ମ୍ୟାଚ ବାହାଡାଝୋଲା ପଞ୍ଚାୟତ ଦଳ ଓ କୋରଡା ପଞ୍ଚାୟତ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୨ ଓଭର ମ୍ୟାଚ ଖେଳା ଯାଇଥିଲା। ବାହାଡାଝୋଲା ଦଳ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୩୭ ରନ ସଂଗ୍ରହ କରିଥିଲା। କୋରଡା ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା। ତେବେ ବାହାଡାଝୋଲା ଦଳ ୪୮ ରନରେ ଆଗୁଆ ରହି କୋରଡା ଦଳଠାରୁ ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ବିକାଶ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ମାଇଛେଳି ପଞ୍ଚାୟତ ସହ ସିଙ୍ଗାରପଲି ପଞ୍ଚାୟତ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମାଇଛେଳି ଦଳ ୧୨ ଓଭରରେ ୮ ଉଇକେଟ ବିନିମୟରେ ୯୫ ରନ ସଂଗ୍ରହ କରିଥିଲା। ସିଙ୍ଗାରପଲି ଦଳ ୧୧ ଓଭରରେ ୧୦ ଉଇକେଟ ହରାଇ ୩୧ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଦ୍ୱିତୀୟ ମ୍ୟାଚରେ ଗୋବିନ୍ଦ ଚନ୍ଦ୍ର ବାଘ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଖେଳରେ ମ୍ୟାନ ଅଫ୍ ଦି ମ୍ୟାଚ ପଦକ ନୂଆଗାଁ ରାମେଶ୍ୱର ସୁପର ମାର୍କେଟର ମାଲିକ ଲକ୍ଷ୍ମୀଧର ପରିଡା ପ୍ରଦାନ କରିଥିବା ଆୟୋଜକ କମିଟି ସୂଚନା ଦେଇଛି। ଖେଳରେ ମାଇଛେଳି ସରପଞ୍ଚଙ୍କ ପ୍ରତିନିଧି ଦାଶରଥି ପ୍ରଧାନ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଖଣ୍ଡୁଗାଁ ପଞ୍ଚାୟତ ସହ ହରିପୁର ପଞ୍ଚାୟତ ଦଳ ଓ ଉଦୟପୁର ପଞ୍ଚାୟତ ଦଳ ସହ ଚାହାଳୀ ପଞ୍ଚାୟତ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ମହିଳାଙ୍କୁ ଅସଦାଚରଣ, ଜେଲ ଗଲେ ରାଜମିସ୍ତ୍ରି

ନୟାଗଡ଼ ଅଫିସ,୧୯।୧୨:ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ନୟାଗଡ ଟାଉନ ଥାନା ପୋଲିସ ଭାଟସାହିର ଅନିଲ ବରାଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଅନିଲଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନିଲଙ୍କର ଘର କ୍ଷେତ୍ରୀବରପୁରରେ । ସେ ଭାଟସାହିରେ ରହି ଆସୁଛନ୍ତି । ସେ ଜଣେ ମହିଳା ବ୍ୟବସାୟୀଙ୍କଠାରୁ ସଉଦା ନେଇଥିଲେ । ଅଧିକ ଟଙ୍କା ଦେଇଥିବାରୁ ଆଉ କିଛି ପାଇବାର ଥିଲା । ରାଜମିସ୍ତ୍ରୀ କାମ କରିବାକୁ ଯିବାରେ ବିଳମ୍ବ ହେତୁ ପରେ ନେବାକୁ କହିଥିଲେ । ହେଲେ ରାତିରେ ଟଙ୍କା ମାଗିବାକୁ ଆସି ଅସଦ୍‌ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା ।

GOVERNMENT OF ODISHA
OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA
e-mail:eerwsskld@gmail.com, eerwss_kld@nic.in, Phone No.06670-230784
INVITATION OF BID THROUGH e - TENDERING
Bid Identification No- 74/SE/RWSS/2022-23/Bpt Dated. 19.12.2022
No.O-1480:
01.Name of the work :- As per ANNEXURE - A

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 74/SE/RWSS/ 2022-23 /Bpt Dated- 19.12.2022 | 27.12.2022 10.00AM | 16.01.2023 05.30 PM | 17.01.2023 10.00AM onwards |

Cost of tender paper to be made online payment system. Further details can be seen from the e-procurement portal http://tenderodisha.gov.in. The original documents should be scanned and uploaded.
Sd./- Superintending Engineer
Kalahandi RWS&S Division, Bhawanipatna
OIPR-25005/11/0022/2223

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)
Letter No.110 BID IDENTIFICATION NO: BP -1/12/2022-23 dt. 20.12.2022 Date:20.12.2022
No.CAD-4186:The Executive Engineer, O.T.D.C. Ltd Bhubaneswar, on behalf of Governor of Odisha invites Item rate bids in Single cover system in ONLINE MODE only for the following works.

| Sl. No. | Name of Work | Bid Security/Bid Security declaration | Cost of bid document including GST (online) | Class of Contractor |
|---|---|---|---|---|
| 1 | Organisation of Mukteswar Dance Festival 2023 | Rs.1,00,000/- BID Security declaration | Rs.11,800/- | Firms/ Agencies having experience and expertise in making logistic arrangements for similar kind of events and festivals |

Bid documents such as DTCN / BOQ etc. can be seen / downloaded from the Govt. Website i.e. www.tenderodisha.gov.in during the period as detailed below.
1. Online bids shall be received from dtd. 19.12.2022 till 17.00 Hours of dtd. 26.12.2022.
2. The bids will be opened in the office of the Executive Engineer, OTDC Ltd, Bhubaneswar at 11.30 Hours of dt. 27.12.2022.
3. The authority reserves the right to reject any or all bids without assigning any reason thereof.
4. Any addendum / corrigendum / cancellation of tender can also be seen in the said website.
OIPR-37002/11/0019/2223 Sd./- Executive Engineer

GOVERNMENT OF ODISHA No. B-996
OFFICE OF THE SUPERINTENDING ENGINEER
PARALAKHEMUNDI(R&B)DIVISION,PARALAKHEMUNDI
Tel. Ph. No. 06815-222542, Email ID: eerbparala@yahoo.com
e-Procurement Notice
Bid Identification No. S.E., PKD, R&B Divn. - 16/2022-23
No. 3406 Dt.16.12.2022
INVITATION FOR BIDS

| | | |
|---|---|---|
| 1 | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in Double/Single Cover system to be received in on ONLINE MODE only for the construction of works as detailed in the table below: | |
| 2 | Nature of Works | : Building and Road Works |
| 3 | No. of Works | : 4 (Four) Nos. of Works |
| 4 | Estimated Cost (Approximately) | : Sl. No. 01) Rs.63.06 lakhs<br>: Sl. No. 02) 11.14 lakhs to Rs.18.07 lakhs |
| 5 | Bid Cost | : Sl. No. 01) Rs.10000/-<br>: Sl. No. 02 to Sl. No. 04) Rs.6000/- |
| 6 | Class of Contractor | : Sl. No. 01) "B" Class<br>: Sl. No. 02 to Sl. No. 04) "D" Class/ "C" Class |
| 7 | Availability of Bid Documents in the Website | : 10.00 hrs. of Dt.22.12.2022 to 17.00 hrs. of Dt.02.01.2023 |
| 8 | Date of Opening of the Bid | : 12.00 hrs. of Dt.03.01.2023 |
| 9 | The bidders have to participate in ONLINE bidding only. Further details can be seen from the website http://tendersorissa.gov.in. Any Addendum/ Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer
Paralakhemundi (R&B) Division
OIPR-34065/11/0018/2223

GOVERNMENT OF ODISHA No. O-1477
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA - JAJPUR
At/P.O.- Nayabazar, Cuttack - 753004, Tel. No. 0671-2444488, Email: serw_kpd@yahoo.com
No. Tender Online RCK-38/22 Letter No. 3291 Date: 19.12.2022
e-Procurement NOTICE
1. Name of the work : Tender for the Bridge Work under BSY in the Dist. of Jajpur.
2. Class of Contractor :
a) Estimated cost more than Rs.20.00 Crore : Super Class (of Odisha PWD) & relevant class of other licensing authorities.
b) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant Class of other licensing authorities.
c) Estimated cost more than Rs.1 Crore & upto Rs.20 Crore : A Class (of Odisha PWD) & relevant class of other licensing authorities.
d) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time of completion : As specified in the Column - 6 of the Annexure
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-38/22 | 29.12.2022 at 11.30 A.M. | 13.01.2023 to 05.00 P.M. | 12.01.2023 upto 02.00 P.M. | 16.01.2023 at 11.30 A.M. | To be intimated later |

Further details can be seen from the website www.tendersorissa.gov.in.
Sd./- Chief Construction Engineer,
Rural Works Circle, Kendrapara-Jajpur
OIPR-25129/11/0046/2223

No.CAD-4190: idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C), IDCO,
IDCO TOWERS, JANPATH, BHUBANESWAR- 751022
Tender Call Notice No.
IDCO:H.O./P&C/EST/E-2110/03/2022/ 33053 Dt.:19.12.2022
NOTICE INVITING TENDER UNDER NATIONAL COMPETITIVE BIDDING THROUGH e- PROCUREMENT
1. Name of the work : Improvement of Internal Road and RCC Drain at Industrial Estate Kesinga, Kalahandi, Odisha.
2. Value of the work : Rs.97.57 Lakhs.
3. Period of Completion : 03 (Three) Calendar months.
4. Other details :

| Procurement Officer | Bid ID/ Tender reference No. | Availability of Tender Online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/EST/E-125/ 2022-23 | 28.12.2022 at 17.00 Hrs. | 12.01.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.
Sd./- Chief General Manager (P&C)
IDCO, Bhubaneswar
OIPR-14003/11/0231/2223

## ସଂକ୍ଷେପରେ

### ଅଶୋକ ଦାସଙ୍କ ଶ୍ରାଦ୍ଧୋତ୍ସବ ପ୍ରସ୍ତୁତି

ପାଣିକୋଇଲି,୨୦।୧୨(ଡି.ଏନ୍.ଏ.): ଯାଜପୁରର ଭୂମିପୁତ୍ର ତଥା କୋରେଇର ପୂର୍ବତନ ବିଧାୟକ, ସାଲିସ ବିହୀନ ନେତା ସ୍ୱର୍ଗତ ଅଶୋକ ଦାସଙ୍କ ଚର୍ତୁଦ୍ଦଶ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି ମା' ତାରିଣୀ ମନ୍ଦିର ପରିସର ସୂର୍ଯ୍ୟମଣି ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୨୯ ତାରିଖ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସ୍ଥିର କରାଯାଇଛି। ମା' ତାରିଣୀ ମନ୍ଦିର ପରିସରରେ ଗୀତା ଯଜ୍ଞ, ସ୍ମୃତି ଚାରଣ ସଭା, ସମୂହ ପ୍ରସାଦ ସେବନ ପାଇଁ ନିଷ୍ପତ୍ତି ନିଆଯାଇଛି। କୋରେଇର ସମସ୍ତ ଅଶୋକ ପ୍ରେମୀ ଏହି ସଭାରେ ଯୋଗଦେବାକୁ ନିବେଦନ କରାଯାଇଛି। ବୈଠକରେ ଅଦୈତ ଚରଣ ଦାଶ, କଳ୍ପତରୁ ମହାପାତ୍ର, ସୁବାସ ଧଳ, ସନ୍ତୋଷ କୁମାର ବେହେରା, କାର୍ତ୍ତିକ ମଲ୍ଲିକ, ଗଙ୍ଗାଧର ସାହୁ, ବେଣୁଧର ଖଣ୍ଡାଇ, ଆନନ୍ଦ ସାହୁ, ବିପିନ ଧଳ, ବୃନ୍ଦାବନ ମହାକୁଡ଼, ଗୋକୁଳାନନ୍ଦ ସାହୁ, ସେକ୍ ଜହର ଅଲ୍ଲୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ଜନନେତା ଥିଲେ ମୋହନ

ଛତିଆ,୨୦।୨୨(ଡି.ଏନ.ଏ.): ଯାଜପୁର ଜିଲାର ପ୍ରାକ୍ତନ ଏମ୍‌ପି ମୋହନ ଜେନାଙ୍କ ବିୟୋଗରେ ପୂଜ୍ୟପୂଜା କମିଟି ଓ ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନ ଛତିଆ ପକ୍ଷରୁ ଛତିଆ ପାନ୍ଥନିବାସ ପରିସରରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜ୍ୟପୂଜା କମିଟି ସଭାପତି ଅନନ୍ତ କିଶୋର ଷେଣ୍ଢ ଅଧକ୍ଷତା କରିଥିଲେ। ଏହି ଅବସରରେ ବହୁ ବକ୍ତା ଯୋଗଦେଇ ମୋହନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସେ ଜଣେ ବିପ୍ଲବୀ, ଜ୍ଞାନୀ, ସାହିତ୍ୟିକ, ମାତୃଭାଷା, ମାତୃଭୂମିର ରକ୍ଷକ ଓ ଜନନେତା ଥିଲେ ବୋଲି ମତପ୍ରକାଶ ପାଇଥିଲା। ଆୟୋଜିତ ସଭାରେ ଛତିଆ ସରପଞ୍ଚ ରମେଶ ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ, ସୋଲର ସରପଞ୍ଚ ବିଜୟ ସ୍ୱାଇଁ, କାଇମାଟିଆ ସରପଞ୍ଚ ଅଶୋକ ନାୟକ, ଦିଲୀପ ରାଉତ, ଧନେଶ୍ୱର ବେହେରା, ଭାଗ୍ୟଧର ମଲିକ, ନୀଳମଣି ରାଉତ, ନୟନା ବେହେରା, ଚିନ୍ମୟୀ ସାହୁ, ଜିତେନ୍ଦ୍ର ଖଟୁଆ ଓ ଗିରିଶ ପାତ୍ରଙ୍କ ସମେତ ବହୁ ପ୍ରାକ୍ତନ ସରପଞ୍ଚ ଏବଂ ସମିତିସଭ୍ୟ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

### ଆଜି ଉପଭୋକ୍ତା କର୍ମୀଙ୍କ ନୂଆଦିଲ୍ଲୀ ଯାତ୍ରା

**ଜାତୀୟ ଉପଭୋକ୍ତା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ**




ଯାଜପୁର ଟାଉନ,୨୦।୧୨(ଡି.ଏନ.ଏ.): କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଚଳିତ ବର୍ଷ ବିଜ୍ଞାନ ଭବନରେ ଜାତୀୟ ଉପଭୋକ୍ତା ଦିବସ -୨୦୨୨ ପାଳନ କରାଯିବ। ଏଥିରେ ଦେଶରୁ ୨୫ ଉପଭୋକ୍ତା ଅଧିକାରୀ କର୍ମୀ ଯୋଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଓଡ଼ିଶାରୁ ବରିଷ୍ଠ ଉପଭୋକ୍ତା କର୍ମୀ ହୃଷୀକେଶ ପଣ୍ଡା ଓ ଗୋବିନ୍ଦ ଓଝା ଯୋଗଦେବା ପାଇଁ ବୁଧବାର ନୂଆଦିଲ୍ଲୀ ଯାତ୍ରା କରିବେ। କେନ୍ଦ୍ର ସରକାରଙ୍କ ନିମନ୍ତ୍ରଣ ପାଇ ଏମାନେ ଯାତ୍ରା କରୁଛନ୍ତି। ତେବେ ତାଙ୍କ ଯାତ୍ରାକୁ ନେଇ ରାଜ୍ୟର ବିଭିନ୍ନ ମହଲରୁ ଯଥା ଉପଭୋକ୍ତା କର୍ମୀମାନେ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି। ସେମାନଙ୍କ ମଧ୍ୟରୁ ଯାଜପୁରରୁ ଦୀଗମ୍ବର କର, ଢେଙ୍କାନାଳରୁ ଶ୍ରୀନିବାସ ସାହୁ, ଭୁବନେଶ୍ୱରରୁ ଅରୁଣ ସ୍ୱାଇଁ, ପ୍ରଶାନ୍ତ ନାୟକ, ଅନୁଗୋଳରୁ ଅନୁପମା ରାଉତ, ବୌଦ୍ଧରୁ ଚେତାରାମ ପଟ୍ଟନାୟକ, ଦାମୋଦର ସାହୁ, କେନ୍ଦୁଝରରୁ ପ୍ରସନ୍ନ ମିଶ୍ର, ପ୍ରମୋଦ ସାହୁ, ଗୋକୁଳାନନ୍ଦ ଓଝା, ସମ୍ବଲପୁରରୁ ବିଜୟ ମହାନ୍ତି, କୋରାପୁଟରୁ ଅରବିନ୍ଦ ମହାନ୍ତି, ରାୟଗଡ଼ାରୁ ସୁଲୋଚନା ବେହେରା, ରଞ୍ଜନ ମହାନ୍ତି, ଝାରସୁଗୁଡ଼ାରୁ ସ୍ନେହମୟୀ ନାୟକ, ଅହଲ୍ୟା ନାୟକ, ଜଗତ୍‌ସିଂହପୁରରୁ ବିଜୟଲକ୍ଷ୍ମୀ ମହାପାତ୍ର, ନିରଞ୍ଜନ ବାରିକ, ରବି ମହାନ୍ତି, ବଂଶୀଧର ଆଚାର୍ଯ୍ୟ, ନୃସିଂହ ବାରିକ, ମୟୂରଭଞ୍ଜରୁ ପ୍ରଦୀପ ଦାଶମହାପାତ୍ର, କେନ୍ଦ୍ରାପଡ଼ାରୁ ମନୋଜ ଶତପଥୀ ଓ ଜୟନ୍ତୀ ସ୍ୱାଇଁ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରତାରଣାର ଶିକାର ବ୍ୟାସନଗରବାସୀ

ଯାଜପୁର ରୋଡ,୨୦।୧୨(ଡି.ଏନ.ଏ.)

ବର୍ଷ ବର୍ଷ ଧରି ବ୍ୟାସନଗରବାସୀ ସରକାର, ଅଫିସର ଏବଂ ଜନପ୍ରତିନିଧିମାନଙ୍କ ପ୍ରତାରଣାର ଶିକାର ହୋଇଆସୁଛନ୍ତି ବୋଲି ଅଭିଯୋଗ ହୋଇଛି । ଭାରତର ଇସ୍ପାତ୍ ରାଜଧାନୀ କଳିଙ୍ଗନଗରରେ ବହୁ କଳକାରଖାନା ରହିଛି । ଏସିଆ ମହାଦେଶର କ୍ରୋମ ରାଜଧାନୀ ସୁକିନ୍ଦାରେ ୧୩ଟି କ୍ରୋମାଇଟ ଖଣି, ଟମକା ପାହାଡ ଦୈତାରୀ ପର୍ବତର ଲୁହା ପଥର ଖଣି ଅଞ୍ଚଳରୁ ୪ ଚକିଆଠାରୁ ୧୮ ଚକିଆ ଯାନ ସମେତ ଅସଂଖ୍ୟ ଗାଡି ମୁଖଶାଳା ବ୍ୟାସନଗର ଦେଇ ଚଳାଚଳ କରୁଛି। ଅଧିକାଂଶ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ବ୍ୟାସନଗର ସହରରେ ଘରଦ୍ୱାର କରି ଏବଂ ଭଡାଘରେ ଡେରା ପକାଇଛନ୍ତି । ସହରବାସୀଙ୍କ ସମେତ କଳକାରଖାନା ଖଣିଖାଦାନର ଲୋକ ଏବଂ ଭୁବନ, ସୁକିନ୍ଦା, ଆନନ୍ଦପୁର ଅଞ୍ଚଳରୁ ପ୍ରତିଦିନ ହଜାର ହଜାର ସଂଖାରେ ଯାତାୟତ କରୁଛନ୍ତି । ସମୁଦାୟ କେତେ ଲକ୍ଷ ଲୋକଙ୍କ ବ୍ୟାସନଗରରେ ଯାତାୟତ ତାହା କହି ହେବନାହିଁ । ଟ୍ରାଫିକ ଜାମ ଏବେ ସହରବାସୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ସତ୍ୟସାଇ ମନ୍ଦିର ପାଖ ଓ ଗୋପବନ୍ଧୁ ଛକର



ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟ।

ଦୁଇ ରେଳଫାଟକ ପଡିଥିଲେ ୧୦ରୁ ୧୫ ମିନିଟ ଅଟକିବାକୁ ପଡେ । ଏହି ଦୁଇ ରେଳଫାଟକ ଅପରପାର୍ଶ୍ୱରେ ଡାକ୍ତରଖାନା, ସ୍କୁଲ, କଲେଜ, ବହୁ କ୍ଲିନିକ, ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଶାଖା ରହିଛି । ଆମ୍ବୁଲାନ୍ସରେ ସଙ୍କଟାପନ୍ନ ରୋଗୀକୁ ନେଉଥିଲେ ରେଳଫାଟକ ନ ଖୋଲିଲା ଯାଏ ବାଧ ବିରକ୍ତ ହୋଇ ଅଟକିବାକୁ ପଡୁଛି । ଯାହାକି ଜୀବନମରଣ ସମସ୍ୟା ସହ ଜଡିତ । ରେଲ ଫ୍ଲାଏ ଓଭରବ୍ରିଜ ଓ ଗଳିପୋଲ ନିର୍ମାଣ କରିବାକୁ ବଜେଟ୍‌ରେ ଅର୍ଥ ମଞ୍ଜୁର ହୋଇ ସାରିଛି। ହେଲେ ଜମି ଅଧିଗ୍ରହଣ ପାଇଁ ତାହା ଏବେ ଫସର ଫାଟିଯାଇଛି । ଏସବୁ ସମସ୍ୟା ଭିତରେ ଏ ସହରବାସୀ, ଏ ସହର ଉପରେ ନିର୍ଭର କରୁଥିବା ଆଖପାଖ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ବିଶିଷ୍ଟ ଶ୍ରମିକନେତା ମାୟାଧର ନାୟକ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ସବୁଠୁ ବଳିଯାଉଛି ପରିମଳ ବ୍ୟବସ୍ଥା । ସହରରେ ପ୍ରତ୍ୟେକଙ୍କ ଘରୁ ବ୍ୟବହୃତ ଜଳ ନିଷ୍କାସନ ପାଇଁ ଅତ୍ୟାଧୁନିକ ଡ୍ରେନର ବ୍ୟବସ୍ଥା ନାହିଁ। ସହରର ସବୁ ଡ୍ରେନରେ ପାଣି ଜମିରହି ମଶା, ମାଛି, ଡାଆଁସଙ୍କ ଗର୍ଭଗୃହରେ ପରିଣତ ହୋଇଛି । ଘର ଭିତରର ବର୍ଜ୍ୟବସ୍ତୁଗୁଡିକୁ ସାଧାରଣ ଲୋକଙ୍କ ପାଇଁ ଉର୍ଦ୍ଦିଷ୍ଟ ଯାତାୟତ ରାସ୍ତାରେ ଫିଙ୍ଗି ଦିଆଯାଉଛି । ଦିନ ପରେ ଦିନ ସେଇ ମଇଳା ଓ ବର୍ଜ୍ୟବସ୍ତୁଗୁଡିକର କଳେବର ବୃଦ୍ଧି ହୋଇ ରାସ୍ତା କଡରେ କୁଢ କୁଢ ଅଳିଆ ପଡି ରହୁଛି ଏବଂ ସେ ଅରୁଚିକର ଦୃଶ୍ୟ ବ୍ୟଥିତ କରୁଛି । ଅଳିଆ ଗାଡି କେତେବେଳେ ଆସେ ଆଉ କେତେବେଳେ ଯାଏ ତାର ଠିକଠିକଣା ନାହିଁ। ଏହାସହ ଶୁଦ୍ଧ ପାନୀୟ ଜଳ ଯୋଗାଣ, ଅପମିଶ୍ରଣ ଖାଦ୍ୟ ବିକ୍ରୟ ରୋକିବା, ଅଧପନ୍ତରିଆ ସଂସ୍କୃତି ଭବନକୁ ପୂର୍ଣ୍ଣାଙ୍ଗ କରିବା, ଭଙ୍ଗା ଟାଉନ ହଲକୁ ତୁରନ୍ତ ନିର୍ମାଣ, ପାର୍କିଂବ୍ୟବସ୍ଥା, ଡେଲିମାର୍କେଟ, ଅତିଥିଗୃହ ପ୍ରମୂଖ ସମସ୍ୟାର ସମାଧାନ କରିବାରେ ହେଳା କରାଯାଉଛି । ପାଣି, ଆଲୋକ, ପାଇଖାନା, ହୋଲଡିଂ ଟ୍ୟାକ୍ସ ଆଦାୟ କରିବାରେ ହେଳା ନାହିଁ । ସହରଟି ଦିନକୁ ଦିନ ଜନାକୀର୍ଣ୍ଣ ହୋଇଉଠୁଥିବାବେଳେ ଛୋଟଛୋଟ କୋମଳମତି ପିଲାମାନଙ୍କ ମନୋରଞ୍ଜନ ପାଇଁ ସହରରେ ଗୋଟିଏ ଭଲ ପାର୍କ ନାହିଁ । ବ୍ୟାସ ସରୋବରର ବିକାଶ କାମ ଏନ୍‌ଜଟି ଜାଲରେ ଫସିଛି। ସ୍ୱାଧୀନତାର ୭୬ବର୍ଷ ପରେ ବି ପୌରାଞ୍ଚଳର କୋପଣ୍ଡ, ମୁଣ୍ଡମାଳ, ଉମାପଦା, ଚୋରଦା, ରମ୍ଭାସ, ସୋବରା, ଚାନ୍ଦମା, ସାତକଣିଆଁ ପ୍ରମୁଖ ଅଞ୍ଚଳବାସୀ ଜମି ପଟ୍ଟାଟିଏ ପାଇ ନ ପାରି ଦୁଃଖରେ ଜୀବନ କାଟୁଛନ୍ତି । ପୌରାଞ୍ଚଳର ଆୟ ତୁଳନାରେ ବହୁତ କମ ଅଂଶ ସହରର ବିକାଶ କାର୍ଯ୍ୟରେ ବିନିଯୋଗ ହେଉଛି। ଉପରୋକ୍ତ ସମସ୍ୟାଗୁଡିକ ସମ୍ପର୍କରେ ସହରର ବୁଦ୍ଧିଜୀବୀ, ବିରୋଧୀ ଦଳ ନେତୃବୃନ୍ଦ ପ୍ରମୁଖ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। କିନ୍ତୁ କେବେ ସୁଦ୍ଧା ଉପରୋକ୍ତ ସମସ୍ୟାଗୁଡିକର ସମାଧାନ ହେବ ତାହା କେହି କହି ପାରୁନାହାନ୍ତି ବୋଲି ଶ୍ରମିକ ନେତା ଦାସ ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# ୩୫୪ ନୂତନ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ଧର୍ମଶାଳା,୨୦।୧୨(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ୩୫୪ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ମଙ୍ଗଳବାର ଭତ୍ତା ପ୍ରଦାନ କରାଯାଇଛି। ଧର୍ମଶାଳା ବ୍ଲକ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ରାଶି ପ୍ରଦାନ କରିଥିଲେ। ଏଥିସହିତ କମ୍ବଳ କିଣିବା ପାଇଁ ପ୍ରତିହିତାଧିକାରୀଙ୍କ ପିଛା ଆସିଥିବା ୩୦୦ ଲେଖାଏ ଟଙ୍କା ବଣ୍ଟନ କରାଯାଇଥିଲା। ଏଥିରେ ୨୩୪ ହିତାଧିକାରୀଙ୍କୁ ୨ ମାସର ଭତ୍ତା ଓ କମ୍ବଳ ପାଇଁ ୩୦୦ ମୋଟ ୧୩୦୦ ଲେଖାଏ ଟଙ୍କା ଦିଆଯାଇଥିଲା। ୧୨୦ଜଣଙ୍କୁ ୩ ମାସର ଭତ୍ତା ଓ କମ୍ବଳ ପାଇଁ ୩୦୦ ମୋଟ୍ ୧୮ଶହ ଲେଖାଏ ଟଙ୍କା ବଣ୍ଟନ କରାଯାଇଥିଲା। ନୂତନ ଭାବେ ୧୦୮ ବିଧବା, ୭୮ ଦିବ୍ୟାଙ୍ଗ ଓ ୧୬୮ ବୃଦ୍ଧାବୃଦ୍ଧଙ୍କୁ ମୋଟ ୫ ଲକ୍ଷ ୨୦ ହଜାର ୨ଶହ ଟଙ୍କା ଭତ୍ତା ବଣ୍ଟନ କରାଯାଇଥିଲା।

ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଅସିତ କୁମାର ପାତ୍ର, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, ରାଜଲକ୍ଷ୍ମୀ ମହାପାତ୍ର ଏବଂ ତାପସ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାପରିଷଦ ଜୋନ୍ ୧୧ର ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ଜୋନ ୧୨ର ପ୍ରଣତୀ ଲେଙ୍କା, ଜୋନ୍ ୧୩ର ସ୍ମୃତିରେଖା ବେହେରା, ଜୋନ୍ ୧୪ର ଜଳଧର ମହାନ୍ତି, ଜୋନ୍ ୧୫ର ଭାଗ୍ୟଧର ସେଠୀ ଓ ସମସ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ରାଶି ପ୍ରଦାନ କରୁଛନ୍ତି।

# ଗଣପତି ଜ୍ଞାନମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଚଣ୍ଡିଖୋଲ,୨୦।୧୨(ଡି.ଏନ.ଏ.):

ଚଣ୍ଡିଖୋଲ ଚାରି ବାଟିଆସ୍ଥିତ ଗଣପତି ଜ୍ଞାନ ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଶା ବିଦ୍ୟା ବିକାଶ ସମିତି ସମ୍ପାଦକ ଯୋଗେନ୍ଦ୍ର ନାଥ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ବିକାଶ ଦିଗରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯେତିକି ଦାୟିତ୍ୱବାନ ହେବେ ସମ ପରିମାଣରେ ଅଭିଭାବକ ସେତିକି ସଚେତନ ହେବା ଆବଶ୍ୟକ। ଏ କ୍ଷେତ୍ରରେ ସୈକ୍ଷିକ ବାତାବରଣର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ବିଦ୍ୟା ବିକାଶ ସମିତି ସଭାପତି ଡ. ରମେଶ ଚନ୍ଦ୍ର ଦାସ ଯୋଗଦେଇ କର୍ତ୍ତବ୍ୟ, ନିଷ୍ଠା, ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ସଫଳତାର ଶୀର୍ଷରେ ପହଞ୍ଚାଇବାର ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ରେଣୁବାଳା ମହାନ୍ତି, ଶିକ୍ଷା ମଣ୍ଡଳ ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଯୋଗ ଦେଇଥିଲେ। ଜ୍ଞାନ ମନ୍ଦିର ସମ୍ପାଦକ ପ୍ରଦୀପ୍ତ କୁମାର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ପ୍ରସନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଚନ୍ଦ୍ରମଣି ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦର୍ଶ ଶିକ୍ଷକ ଭାବେ ବିନାୟକ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଘନଶ୍ୟାମ ବିଶ୍ୱାଳ, ଅନିମା ବଳ, ଅନ୍ନପୂର୍ଣ୍ଣା ରାଉତ, ରାଜଶ୍ରୀ ସାହୁ, ରୀତା ଦାସ ଓ ଦେବକୀ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ କେଶବ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଦ୍ୟୁତ୍ ବିଲ୍‌କୁ ନେଇ ମାରପିଟ, ଜଣେ ଗୁରୁତର

ରସୁଲପୁର,୨୦।୧୨(ଡି.ଏନ.ଏ.):

କୁଆଖିଆ ଥାନା ଅଧୀନ ମୁଗୁପାଳ ପଞ୍ଚାୟତରେ ବିଦ୍ୟୁତ୍ ବିଲ୍‌କୁ ନେଇ ମାରପିଟ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ନିର୍ମଳ ମଲ୍ଲିକ।ସୂଚନା ମୁତାବକ, ବିଦ୍ୟୁତ୍ କମ୍ପାନୀ ପକ୍ଷରୁ ବିଲ୍ ପ୍ରଦାନ ପାଇଁ କର୍ମଚାରୀ ତାଙ୍କ ଘରକୁ ଆସିଥିଲେ। ଏହି ସମୟରେ ଘରେ କେହି ନ ଥିବାରୁ ନିର୍ମଳ ବିଲଟିକୁ କମ୍ପାନୀ କର୍ମଚାରୀଙ୍କଠାରୁ ଗ୍ରହଣ କରିନେଇଥିଲେ। ବାପା ନରେନ୍ଦ୍ର ଓ ବଡ଼ଭାଇ ଜୟନ୍ତ ଘରକୁ ଆସିବାରୁ ସେ ସେମାନଙ୍କୁ ବିଲ୍ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ କମ୍ପାନୀ ପକ୍ଷରୁ ୪ମାସ ବିଦ୍ୟୁତ ବକେୟା ବିଲ୍ ଦିଆଯାଇଛି ବୋଲି ସୂଚନା ଦେଇଥିଲେ। ଏହା ଜାଣି ବାପା ଓ ବଡ଼ଭାଇ ରାଗିଯାଇ ଥିଲେ। କମ୍ପାନୀ ଲୋକଙ୍କଠାରୁ କାହିଁକି ବିଲ୍ ଗ୍ରହଣ କଲେ ବୋଲି କହି ଗାଳିଗୁଲଜ କରିଥିଲେ। ଏହାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା। ଉଭୟ ବାପା ଓ ବଡ଼ଭାଇଙ୍କ ମାଡ଼ରେ ସାନ ନିର୍ମଳ ଗୁରୁତର ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏ ନେଇ ନିର୍ମଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୧୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଏସ୍‌ଆଇ ପ୍ରଳୟ ଉତ୍ତରରାୟ ମାମଲାର ତଦନ୍ତ କରୁଛନ୍ତି। ଡାକ୍ତରଖାନାରେ ଗୁରୁତରଙ୍କ ଚିକିତ୍ସା ଚାଲିଛି। ତାଙ୍କର ଡାକ୍ତରୀ ରିପୋର୍ଟ ହସ୍ତଗତ ହୋଇନାହିଁ। ରିପୋର୍ଟ ଆସିବା ପରେ ପରିବାରର ଉଭୟ ପକ୍ଷଙ୍କୁ ଡକାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି।

# କଲେଜ ପରିସରରେ ଗୁଣ୍ଡାରାଜ, ୨ ଗିରଫ

ଚଣ୍ଡିଖୋଲ,୨୦।୧୨(ଡି.ଏନ.ଏ.):

ବାଲିଚନ୍ଦ୍ରପୁରସ୍ଥିତ ସାହସପୁର କଲେଜ ପରିସରରେ ଛାତ୍ରୀଙ୍କୁ କମେଣ୍ଟ ମାରିବା ଓ ଅଧ୍ୟାପକଙ୍କୁ ଗାଳି ଗୁଲଜ କରିବା ମହଙ୍ଗା ପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ବାଲିଚନ୍ଦ୍ରପୁର ପୋଲିସ ୨ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଯୁବକ ଦ୍ୱୟ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଜନ୍ମେଜୟ ସାହୁ ଓ ଶରତ କୁମାର ସାମଲ।

ସୂଚନା ଅନୁଯାୟୀ, ସୋମବାର ୩ ଜଣ ଯୁବକ ଏକ ବୁଲେଟ ଧରି କଲେଜ ପରିସରକୁ ଯାଇଥିଲେ। ହେଲେ ସେଠାରେ ନିଯୁକ୍ତ ପିଅନ ସେମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ। ତେଣୁ ସେମାନେ ସାଇକେଲ ଷ୍ଟାଣ୍ଡ ନିକଟରେ ରହି ମୋଟର ସାଇକେଲ ଏକ୍ସିଲେଟର ଦାବିବା ସହ ପଡିଆ ମଧ୍ୟରେ ବାରମ୍ବାର ଗାଡି ବୁଲାଇ ଛାତ୍ରୀଙ୍କୁ କମେଣ୍ଟ ମାରିଥିଲେ। ଏହାକୁ କଲେଜ ଅଧକ୍ଷ ଓ ଅଧ୍ୟାପକ ଆସିବାରଣ କରିବାରୁ ସେମାନେ ତାଙ୍କୁ ମଧ୍ୟ ଗାଳି ଗୁଲଜ କରି ଖସି ଯିବାକୁ ଚେଷ୍ଟା କରିଥିଲେ। ମାତ୍ର କଲେଜ ଛାତ୍ରମାନେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ପରେ କଲେଜ ଅଧକ୍ଷ ଦିଲୀପ କୁମାର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ପୋଲିସ ବୁଲେଟ ଜବତ କରିବା ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିଥିଲା। ମାମଲା ନଂ.୪୨୬/୨୨ରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

# ପାଣିକୋଇଲିରୁ ଯୁବତୀ ଉଦ୍ଧାର

ପାଣିକୋଇଲି, ୨୦।୧୨(ଡି.ଏନ.ଏ.):

ପାଣିକୋଇଲି ଥାନା ଅଞ୍ଚଳରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ପରେ ତାଙ୍କୁ ସ୍ୱଧାର ଗୃହରେ ଛଡ଼ାଯାଇଛି। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଯୁବତୀ ଜଣକ ପାଣିକୋଇଲି ଆଙ୍କୁଲା ରାସ୍ତାର ଶିବ ମନ୍ଦିରର ଅନତୀ ଦୂରରେ ଛିଡା ହୋଇ ରହିଥିଲେ। ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଉକ୍ତ ଯୁବତୀ ଜଣଙ୍କ କିଛି ନ ଖାଇ ଉପବାସରେ କାହା ସହ କଥା ନ ହୋଇ ମଧ୍ୟ ଗୋଟିଏ ଜାଗାରେ ଛିଡାହୋଇ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟିତ କରିଥିଲା। ଘଟଣାସ୍ଥଳେ ସମାଜିକ କର୍ମୀ ତାରିଣୀ ପଟ୍ଟନାୟକ, ଥାନାରୁ ମନମୋହନ ବାରିକ ପହଞ୍ଚି ତାଙ୍କୁ ଥାନାକୁ ନେଇଥିଲେ। ମାତ୍ର ଯୁବତୀ ଜଣଙ୍କ କିଛି କହୁ ନ ଥିବାରୁ ତାଙ୍କୁ ଖାଦ୍ୟ ପାନୀୟ ଦେଇ ପୋଲିସ ସହାୟତାରେ ସ୍ୱଧାର ଗୃରେ ଛଡ଼ାଯାଇଛି। ଉକ୍ତ ଯୁବତୀ ଜଣକ ମାନସିକ ଭାରସାମ୍ୟ ହରାଇ ଥିବା ଅନୁମାନ କରାଯାଉଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଯଦି କେହି ବ୍ୟକ୍ତି ଉକ୍ତ ଯୁବତୀଙ୍କ ପରିଚୟ ପାଆନ୍ତି ପାଣିକୋଇଲି ପୋଲିସ ସହ ଯୋଗାଯୋଗ କରିବାକୁ ଥାନା ପକ୍ଷରୁ କୁହାଯାଇଛି।

# ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡ୍ ଯୋଗାଇବା ଦାବି ଜୋର ଧରିଲା

ପାଣିକୋଇଲି,୨୦।୧୨(ଡି.ଏନ.ଏ.):

ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡ୍ ଯୋଗାଇ ଦେବାନେଇ ଦାବି ଜୋର ଧରିଛି। ୨୦୨୧ରେ କୋରେଇ ବ୍ଲକର ୨୮ ପଞ୍ଚାୟତ ଓ ବ୍ୟାସନଗର ପୌରାଞ୍ଚଳ ସମେତ ଅନାବୃଷ୍ଟି ଯୋଗୁ ୨୦ ହଜାର ହେକ୍ଟର ଜମିରେ ଖରିଫ ଧାନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଏହି ପରୀପ୍ରେକ୍ଷୀରେ କୋରେଇ କୃଷକ ମଞ୍ଚ ପକ୍ଷରୁ ରାଜସ୍ୱ ମନ୍ତ୍ରୀ, ଜିଲାପାଳଙ୍କୁ ମରୁଡି ସମ୍ପର୍କିତ ଦାବିପତ୍ର ପ୍ରଦାନ ସଙ୍ଗେସଙ୍ଗେ ବିଗତ ନଭେମ୍ବର ୭ରେ ବ୍ୟାସନଗର ତହସିଲ ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାଜସ୍ୱ ମନ୍ତ୍ରୀ, ବିଧାୟକ, ବ୍ୟାସନଗର ତହସିଲଦାର ଇନପୁଟ ସବସିଡ ପ୍ରଦାନ ପାଇଁ ରିଲିଫ କମିଶନରଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାର ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ନିକଟରେ ମୁଖ୍ୟମନ୍ତ୍ରୀ ମରୁଡିଗ୍ରସ୍ତ ବ୍ଲକ୍‌ଗୁଡ଼ିକୁ ଇନପୁଟ ସବସିଡ ପ୍ରଦାନ ପାଇଁ ଘୋଷଣା କରିଥିଲେ। ହେଲେ ଜିଲା ପ୍ରଶାସନ ବା ତହସିଲ ପକ୍ଷରୁ ଚାଷୀ ଚିହ୍ନଟ ପାଇଁ କୌଣସି ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ତୁରନ୍ତ ଚାଷୀଙ୍କୁ ଇନପୁଟ ସବସିଡ ଯୋଗାଇଦେବାକୁ କୃଷକ ନେତା ବଳରାମ ସାହୁ ଦାବି କରିଛନ୍ତି।

# ସାମାଜିକ କର୍ମୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

ରସୁଲପୁର, ୨୦।୧୨(ଡି.ଏନ.ଏ.)

କୁଆଖିଆ ଅଞ୍ଚଳରେ ସ୍ୱର୍ଗତ କାହ୍ନୁ ଚରଣ ସାହୁ ଏକାଧାରରେ ଜଣେ ସାମାଜିକ କର୍ମୀ, ହୃଦୟବାନ ସଂଗଠକ, ମେଳାପି ମଣିଷ ଥିଲେ ବୋଲି ରବିବାର ତାଙ୍କ ଏକାଦଶାହରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି । ଉକ୍ତ ସଭାରେ ପୂର୍ବତନ ଶିକ୍ଷକ ପ୍ରଦୀପ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା, ମୁଖ୍ୟବକ୍ତା ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ବୈଦ୍ୟନ୍ଦ୍ରନାଥ ସାହୁ, କୁଆଖିଆ ବଜାର କମିଟିର ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର, ଖବରଦାତା କାଳିନ୍ଦୀ ଚରଣ କଣ୍ଡ, ନରୋତ୍ତମ ସାହୁ, ପ୍ରବୀର କୁମାର ନାୟକ, ଯୋଗେନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଅରୁଣ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ଦାସ, ଗଣେଶ ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ, ଶୁଭଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ୱର୍ଗତ ସାହୁଙ୍କ ଭ୍ରାଇଁ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜିଠୁ ଭିତରକନିକାରେ ଡଲ୍‌ଫିନ୍ ଗଣନା

ରାଜନଗର, ୨୦।୧୨(ଡି.ଏନ୍.ଏ.)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ବୁଧବାରଠାରୁ ୨୩ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଡଲ୍‌ଫିନ ଗଣନା କରାଯିବ। ବୁଧବାର ସକାଳୁ ୯ଟି ଟିମ ଡଲ୍‌ଫିନ ଗଣନା କରିବେ। ଧାମରା ମୁହାଣଠାରୁ ଦେବୀ ମୁହାଣଯାଏ ସମୁଦ୍ର ମଧ୍ୟରେ ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ଗଣନା କରାଯିବ ବୋଲି ରାଜନଗର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଗୁପ୍ତି ବନ ବିଭାଗ ପାନ୍ଥଶାଳାରେ ଏ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡଲ୍‌ଫିନ ବିଶେଷଜ୍ଞ ଡ. ଶିବ ପ୍ରସାଦ ପରିଡ଼ା, ଭକ୍ତ ପଦାରବିନ୍ଦ ରଥ, ନିମାଇଁ ଚରଣ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଡଲ୍‌ଫିନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଉପସ୍ଥାନ କରିବା ସହ ଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିଷ୍ପତ୍ତିକ୍ରମେ ୨୦୧୫ଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍‌ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ଚଳିତବର୍ଷ ୯ଟି ଟିମ୍ ଗଠନ କରାଯାଇଛି। ଆଉଟର ହୁଇଲରରୁ ଚିଙ୍ଗୁଡ଼ି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜ୍‌ରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଳା, ଖୋଳାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆଁ, ଜମ୍ବୁ ଖରନାସିରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣଯାଏ ୯ଟି ଗ୍ରୁପରେ ବିଭକ୍ତ ହୋଇ ଡଲ୍‌ଫିନ୍ ଗଣନା କରାଯିବ ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ପ୍ରତି ଗ୍ରୁପରେ ୩ ରୁ ୫ ଜଣ ଲେଖାଏ ଗଣନାକାରୀ ରହିବେ।

**ଗଣନା ପାଇଁ ପ୍ରଶିକ୍ଷଣ, ଟିମ୍ ଗଠନ**

ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍‌ରେ ୪ଟି ଟିମ୍ ଡଲ୍‌ଫିନ୍‌ମାନଙ୍କୁ ଗଣନା କରିବେ। ଭିତରକନିକା ସଂଲଗ୍ନ ନଦୀ, କ୍ରିକ୍ ଓ ସମୁଦ୍ରରେ ଇରାୱାର୍ଡି, ବଟଲ୍‌ନୋଜ୍, ହମ୍ପବ୍ୟାକ୍, ଫିନ୍‌ଲେସ୍ ପରିପଏସ୍ ଓ ଗାଙ୍ଗେଟିକ୍ ପ୍ରଭୃତି ୫ ପ୍ରଜାତିର ଡଲ୍‌ଫିନ୍ ଦେଖାଯା'ନ୍ତି। ଏମାନଙ୍କ ଗଣନା କରାଯିବା ସହ ଭାରତ ଉପକୂଳରେ ଦେଖାଯାଉଥିବା ରିସୋସ୍ ଓ ସ୍ପିନ୍‌ର ଜାତୀୟ ଡଲ୍‌ଫିନ୍ ଅଛନ୍ତି କି ନାହିଁ ଦେଖାଯିବ। ଏହାବାଦ୍ ଏହି ସମୁଦ୍ରରେ ଗଣନା ସମୟରେ ତିମି ମାଛ ଦେଖାଗଲେ ସେମାନଙ୍କ ଗଣନା କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଚିଲିକା ଅଞ୍ଚଳରେ କେବଳ ଇରାୱାଡି ପ୍ରଜାତିର ଡଲ୍‌ଫିନ୍ ଦେଖାଯାଆନ୍ତି। ଭିତରକନିକାରେ ୫ ପ୍ରକାର ଡଲ୍‌ଫିନ୍ ଦେଖାଯାଇଥାନ୍ତି। ପ୍ରତ୍ୟେକ ଗଣନା ଟିମ୍ ସଦସ୍ୟମାନଙ୍କୁ ସହାୟତା ପାଇଁ ବୋଟ ସହିତ ବାଇନାକୁଲାର, ଜିପିଏସ୍, ହ୍ୟାଣ୍ଡସେଟ କ୍ୟାମେରା, ହ୍ୟାଣ୍ଡିକ୍ୟାମ ପ୍ରଭୃତି ଉପକରଣ ବନ ବିଭାଗ ତରଫରୁ ଯୋଗାଇ ଦିଆଯିବ। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ବନ ସଂରକ୍ଷିକା ପୂର୍ଣ୍ଣିମା ହୀରା ହାଁସଦା, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସ, ଗବେଷକ ପ୍ରସନ୍ନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଫରେଷ୍ଟର ବିଜୟ କୁମାର ପାତ୍ର, ବିଭୂତି ଭୂଷଣ ତରାଇ, ପଦ୍ମନାଭ ରାଉତ, ତ୍ରିଦୀପ ପ୍ରଧାନ, ବିଶ୍ୱରଞ୍ଜନ ତରାଇ, ରଞ୍ଜନ କୁମାର ପାଣି, ସତ୍ୟଜିତ ପାଣି, ସୁନିଲ ରଞ୍ଜନ ରାଉତରାୟ, ରୋଜାଲିନ ଦାସ, ସୁରେଶ କୁମାର ରାଉତ, ପ୍ରଦୋଷ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ।

## ସଂକ୍ଷେପରେ

### ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସଂଘ ବୈଠକ

**ପଟ୍ଟାମୁଣ୍ଡାଇ, ୨୦।୧୨(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଓ ରାଜକନିକା ବ୍ଲକର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କ ବୈଠକ ପଣ୍ଡିତ ବିଷ୍ଣୁ ଚରଣ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ପଣ୍ଡିତ ଶରତ କୁମାର ପାଣି ବେଦପାଠ କରିଥିଲେ। ସମ୍ପାଦକ ପଣ୍ଡିତ ଉପେନ୍ଦ୍ର କୁମାର ଦାସ ବିବରଣୀ ପାଠ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ, କଳ୍ପତରୁ ଦାସ, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ନକୁଳ ଦାସ, ଅଭିରାମ ସାହୁ, ଗୋଲକ ରାଉତ, ଅଚ୍ୟୁତ ନାୟକ, ଗଣେଶ ସାହୁ, ଅର୍ଜ୍ଜୁନ ସ୍ୱାଇଁ, ଶଙ୍କର୍ଷଣ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପଣ୍ଡିତ ବିପିନ ବିହାରୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ବୈଠକରେ ଚାନ୍ଦି ବାଉଁଶମୂଳ ଶ୍ରୀଜଗନ୍ନାଥ ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମହେନ୍ଦ୍ର କୁମାର ମିଶ୍ରଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଖବରଦାତାଙ୍କ ସ୍ମୃତିଚାରଣ ସଭା

**ବାଲିକୁଦା,୨୦।୧୨(ସ୍ୱ.ପ୍ର.):** ଖବରଦାତା ବନବିହାରୀ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ପଞ୍ଚୁପାଣ୍ଡବଠାରେ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ସଭାପତି କୈଳାସ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସମ୍ପାଦକ ଅରୁଣ ମହାନ୍ତି ସଂଯୋଜନା କରିଥିଲେ। ଅତିଥି ଭାବେ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ଡ. ବିଷ୍ଣୁ ଚରଣ ସ୍ୱାଇଁ ଯୋଗଦେଇ ଖବରକାଗଜ ଜରିଆରେ ବାଲିକୁଦାରେ ନିଆରା ପରିଚୟରେ ସୃଷ୍ଟି କରିଥିବା ବନବାବୁ ଜଣେ ଭଲି ମଣିଷ ଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ଶ୍ୱେତ କୁମାର ସ୍ୱାଇଁ, ଭାରତୀ ମିଶ୍ର, ବାବନ ଚରଣ ସ୍ୱାଇଁ, ରମାକାନ୍ତ ବାରିକ, ସରୋଜକାନ୍ତ ସ୍ୱାଇଁ,ବିଧାନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ ।

### ନୂତନ ଆଇଆଇସିଙ୍କ ଯୋଗଦାନ



**ରଘୁନାଥପୁର, ୨୦।୧୨ (ଡି.ଏନ୍.ଏ.):** ରଘୁନାଥପୁର ଥାନା ନୂତନ ଆଇଆଇସି ଭାବେ ସୁଶାନ୍ତ କୁମାର ସେଠୀ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ବାଲିକୁଦା ଥାନାର ଅତିରିକ୍ତ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ଥିବା ଆଇଆଇସି ରାଜକିଶୋର ବେହେରାଙ୍କୁ ପାରାଦୀପସ୍ଥିତ ଅଭୟଚାନ୍ଦପୁର ଥାନାକୁ ବଦଳି କରାଯାଇଛି। ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପଣ୍ଡାଙ୍କ ସହ ଅନେକ ବୁଦ୍ଧିଜୀବୀ ନୂତନ ଆଇଆଇସିଙ୍କୁ ସ୍ୱାଗତ ଜଣାଇଛନ୍ତି। ସାଧାରଣଜନତା ଯେପରି ସୁରକ୍ଷିତ ଜୀବନ ଯାପନ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଆଇଆଇସି ସେଠି ପ୍ରକାଶ କରିଛନ୍ତି।

# ନିଆଁରେ ୮୦ ଛେଳି, ୧ ଗାଈ ଜୀବନ୍ତଦଗ୍ଧ

## ୬ ବଖରା ଜଳିଗଲା

**କୁଜଙ୍ଗ,୨୦।୧୨(ଡି.ଏନ୍.ଏ.)**



ଦୁଆଡିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ବାଦଲ ସ୍ୱାଇଁଙ୍କ ୬ ବଖରା ଜଳିଯାଇଛି।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ଦୁଆଡିଆ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟି ୬ ବଖରା ଜଳିଯାଇଛି। ସେଠାରେ ଥିବା ୮୦ ଛେଳି ସମେତ ଗୋଟିଏ ଗାଈ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ଆଉ ଏକ ଗାଈର ଅବସ୍ଥା ଗୁରୁତର ରହିଛି। ଅଗ୍ନିକାଣ୍ଡରେ ଗ୍ରାମର ପହଲି ସ୍ୱାଇଁଙ୍କ ପୁଅ ବାଦଲ ସ୍ୱାଇଁ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ନିଆଁ ଲାଗିବା ଦେଖି ପରିବାର ଲୋକେ ଓ ପଡ଼ୋଶୀ ଅବଶିଷ୍ଟ ଛେଳିଗୁଡ଼ିକୁ ଖୁଣ୍ଟରୁ ଫିଟାଇ ଦେବାରୁ ସେମାନେ ରକ୍ଷା ପାଇ ଯାଇଥିଲେ। ଖବରପାଇ କୁଜଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରାଜସ୍ୱ ବିଭାଗ ପକ୍ଷରୁ ଆରଆଇ ଦୀନବନ୍ଧୁ ସୋରେନ୍ ଓ ସନ୍ତୋଷ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଜରିପାଲ ପ୍ରଦାନ କରିଛନ୍ତି। ସେ ଛଅବଖରା ଛେଳି ଘରେ ପ୍ରାୟ ୧୫୦ ଛେଳି ରଖି ପରିବାର ପ୍ରତିପୋଷଣ କରୁଥିଲେ। ଏହି ଅଗ୍ନିକାଣ୍ଡ ପରେ ବାଦଲ ଅସହାୟ ହୋଇପଡ଼ିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ନୂତନ ତ୍ରିପାଠୀ, ଯୁବ ନେତା ପ୍ରକାଶ ବେହେରା ପ୍ରମୁଖ ଦାବି କରିଛନ୍ତି।

# ସରକାରୀ କର୍ମଚାରୀ ମାନ୍ୟତା ଦିଅ

**ବାଲିକୁଦା,୨୦।୧୨(ସ୍ୱ.ପ୍ର.)**



ଅଙ୍ଗନୱାଡି କର୍ମୀମାନେ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

ଆଠ ଦଫା ଦାବି ପୂରଣ ନେଇ ବିଧାନସଭା ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ ଏକ ମାସରୁ ଉର୍ଦ୍ଧ୍ୱ ହେବ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଘର ଆହ୍ୱାନକ୍ରମେ ବାଲିକୁଦା ବ୍ଲକର ଅଙ୍ଗନୱାଡି କର୍ମୀମାନେ ମଧ ସେମାନଙ୍କ ଦାବିପତ୍ର ବିଡିଓ, ବ୍ଲକ ଅଧକ୍ଷ ଓ ସିଡିପିଓଙ୍କୁ ପ୍ରଦାନ କରିଛନ୍ତି। ସଭାନେତ୍ରୀ ଜଲି ଜେନା, ସମ୍ପାଦିକା ରୀନା ଦାସ, ଜୟନ୍ତୀ ହାତୀ, ସରଳା ଦେଈ, ଲକ୍ଷ୍ମୀପ୍ରିୟା ମହାନ୍ତି, ବେବିନା ରାୟ, ପ୍ରମିଳା ମହାନ୍ତି, ବିଦ୍ୟୁଲତା ଭୋଇ, କାମିନୀ ଭୋଳଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବାଲିକୁଦା ଅଧିଷ୍ଠାତ୍ରୀ ଦେବୀ ମା' ଥାନପତିଙ୍କ ପାଖରୁ ଏକ ଶୋଭାଯାତ୍ରାରେ ବାହାରି ବାଲିକୁଦା ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସେମାନେ ବିଭିନ୍ନ ଦାବି କରିଥିଲେ। ଆମକୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କର। ନଚେତ୍ ଏହା କରାଯିବା ପର୍ଯ୍ୟନ୍ତ ୧୮ ହଜାର ଓ ସହାୟିକାମାନଙ୍କୁ ୯ ହଜାର ଟଙ୍କା ଦରମା ପ୍ରଦାନ କର । ମିନି ଅଙ୍ଗନୱାଡି ଉଚ୍ଛେଦ କରି ମୁଖ୍ୟ ଅଙ୍ଗନୱାଡିର ମାନ୍ୟତା ଦିଅ ।

ଅବସରକାଳୀନ ସହାୟତା ୫ ଲକ୍ଷ ଟଙ୍କା ଦେବା ସହ ପେନସନ ଦିଅ। କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ମୃତ୍ୟୁକାଳୀନ ସହାୟତା ଓ ପରିବାରରୁ ଜଣକୁ ଚାକିରି ଦିଆଯାଉ। ସୁପରଭାଇଜର ପଦବୀକୁ ୫୦% କର୍ମୀଙ୍କୁ ପଦୋନ୍ନତି କରାଯାଉ। ୨୦୧୮ର ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉ। ଏଭଳି ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ସଂଲଗ୍ନ ଭାରତୀୟ ମଜଦୁର ସଂଘ ବାଲିକୁଦା ଶାଖା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନକାରୀମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏବିଡିଓ ସଞ୍ଜୟ ଦାସ ଆସି ସେମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ସେହିପରି ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ ତାଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନକାରୀମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ । ସିଡିପିଓଙ୍କ ଅନୁପସ୍ଥିତିରେ ସୁପରଭାଇଜର ପ୍ରତିମା ଭୋଇଙ୍କୁ ଦାବିପତ୍ର ଦିଆଯାଇଥିଲା।

## ହସ୍ପିଟାଲ ସଫେଇ କଲେ ଏନ୍‌ସିସି ଛାତ୍ରୀଛାତ୍ର

**ପଟ୍ଟାମୁଣ୍ଡାଇ,୨୦।୧୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଏମ.ଏନ. ହାଇସ୍କୁଲ ଏନ୍‌ସିସି ଛାତ୍ରୀଛାତ୍ର ଓ ସବ୍‌ଡିଭିଜନ ହସ୍ପିଟାଲ କର୍ମଚାରୀମାନଙ୍କ ପକ୍ଷରୁ ମିଳିତ ଭାବେ ହସ୍ପିଟାଲ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥି ପୂର୍ବରୁ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର କ୍ରିଷ୍ଣାମୟୀ ସାହୁ, ସ୍ୱାତିଶ୍ରୀ ବେହେରା ଓ ଦେବାଶୀଷ ପ୍ରିୟଦର୍ଶୀଙ୍କୁ ସବ୍‌ଡିଭିଜନ ହସ୍ପିଟାଲର ଭାରପ୍ରାପ୍ତ ଅଧିକାରୀ ନିରାକାର ପରିଡା ପୁରସ୍କାର ବିତରଣ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଏମ୍.ଏନ. ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସିଂହ, ଶିକ୍ଷକ ସରୋଜ କୁମାର ସ୍ୱାଇଁ, ଶଶାଙ୍କ ଶେଖର ସାହୁ, ସନ୍ତୋଷ କୁମାର ରାଉଳ, ପିଏଚଇଓ ନୃସିଂହ ଚରଣ ଦାସ, ବିପିଏମ୍ ପ୍ରଶାନ୍ତ କୁମାର ଜେନା, ସଞ୍ଜୟ କୁମାର ଦାସ, ଦୀପକ କୁମାର ମହାରଣା, ପ୍ରିୟଦର୍ଶିନୀ ଦିପ୍ତୀମୟୀ ସାହୁ, ଶୁଭରଞ୍ଜନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ସବ୍‌ଡିଭିଜନ ହସ୍ପିଟାଲ ପରିସର ସଫେଇ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଙ୍କୁ ନିର୍ଯାତନା ଘଟଣାରେ ଶିକ୍ଷୟିତ୍ରୀ ନିଲମ୍ବିତ

**ବାଲିଆ,୨୦।୧୨(ସ୍ୱ.ପ୍ର.)**

ଦିବ୍ୟାଙ୍ଗ ଛାତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ବିରିଡି ବ୍ଲକ ସହାବାଦ ପ୍ରାଥମିକ ବିଦ୍ୟାଳୟର ବିବାଦୀୟ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଆଦେଶ କାର୍ଯ୍ୟକାରୀ କରିବା ପାଇଁ ବିରିଡି ବିଇଓ ସର୍ବେଶ୍ୱର ବିଶ୍ୱାଳଙ୍କୁ ପତ୍ର ପଠାଇଥିଲେ। ଏହାପରେ ବିଇଓ ବିଶ୍ୱାଳ ଶିକ୍ଷୟିତ୍ରୀ ଇନ୍ଦ୍ରାଣୀ ବେହେରାଙ୍କୁ ନିଲମ୍ବନ କରିଛନ୍ତି। ୧୬ ନଭେମ୍ବରରେ ଅଭିଯୁକ୍ତ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଙ୍କୁ ମାଡ଼ ମାରିବା ସହ ତାଙ୍କ ଉପରେ ପାଣି ଢାଳିଥିବା ନେଇ ସମ୍ପୃକ୍ତ ଛାତ୍ରୀଙ୍କ ମା' ଅଭିଯୋଗ କରିଥିଲେ। ଏହାପରେ ସିଡବ୍ଲ୍ୟୁସି, ଜିଲା ଚାଇଲ୍ଡ ଲାଇନ ଓ ବିଇଓ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇଥିଲା। ମାତ୍ର କାର୍ଯ୍ୟାନୁଷ୍ଠାନ ହେବାରେ ବିଳମ୍ବ ହେବାରୁ ପୀଡ଼ିତାଙ୍କ ମା' ଜିଲାପାଳଙ୍କୁ ଭେଟି ନ୍ୟାୟ ପାଇଁ ଅନୁରୋଧ କରିଥିଲେ। ଏହାପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ




ବାର୍ଷିକ କ୍ରୀଡ଼ାରେ ଯୋଗଦେଇଥିବା ଅତିଥିମାନେ।

**ଆଳି,୨୦।୧୨(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ଥିବା ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳିବ୍ଲକଶିକ୍ଷାଅଧିକାରୀ ଏମ୍, ଡି. ହୁମାୟୁନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୃଷ୍ଣଚନ୍ଦ୍ର ପଣ୍ଡା, ଗାଳ୍ପିକ ବନମାଳୀ ସେନାପତି, ଶିକ୍ଷାବିତ୍ ପ୍ରମୋଦ କୁମାର ମଲ୍ଲିକ, କୃଷି ଓ ଉଦ୍ୟାନ ବିଭାଗର ପୂର୍ବତନ ଡେପୁଟି ଡାଇରେକ୍ଟର ଧରଣୀଧର ପାତ୍ର, ଆଳି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅର୍ଜ୍ଜୁନ ବିଶ୍ୱାଳ ଓ ବୈଦନାଥ ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଅକ୍ଷୟ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ପ୍ରବୀର ସ୍ୱାଇଁଙ୍କ ନେତୃତ୍ୱରେ ପରେଡ, ରଙ୍ଗାରଙ୍ଗ ନାଚ ଗୀତ, ବର୍ତ୍ତିକା ସ୍ଥାପନ ଓ ଧ୍ୱଜା ଉତ୍ତୋଳନ ପରେ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ଖବର ପ୍ରକାଶ ପରେ ବଦଳିଲା ବିଇଓଙ୍କ ଚିଠି

**ନାଉଗାଁ,୨୦।୧୨(ସ୍ୱ.ପ୍ର.)**

## ଏଲ୍‌ଆର୍‌ପି ପରୀକ୍ଷା ସମୟରେ ୟୁଡିଆଇଏସ୍‌ଇ କର୍ମଶାଳା ପ୍ରସଙ୍ଗ

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିର୍ଦ୍ଦେଶରେ ଏଲ୍‌ଆର୍‌ପି ପରୀକ୍ଷା କରାଯିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୟୁନିଫାଏଡ୍ ଜିଲା ସୂଚନା ବ୍ୟବସ୍ଥା (ୟୁଡିଆଇଏସ୍‌ଇ)ର କର୍ମଶାଳାରେ ଯୋଗଦେବାକୁ ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ପକ୍ଷରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଖବର ଗଣମାଧମରେ ପ୍ରକାଶ ପାଇବା ପରେ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ୟୁଡିଆଇଏସ୍‌ଇ କର୍ମଶାଳା ପାଇଁ ଦିନ ପରିବର୍ତ୍ତନ କରାଯାଇଛି। ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି (ନଂ. ୨୧୪୧/ ୧୯ ୧୨।୨୨) ଅନୁଯାୟୀ, କର୍ମଶାଳାକୁ ୨୧ ଡିସେମ୍ବର ପରିବର୍ତ୍ତେ ୨୩ ଡିସେମ୍ବରରେ କରିବାକୁ ସ୍ଥିର କରାଯାଇଛି। ଉକ୍ତ ଚିଠିକୁ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ଓ ସିଆରସିସିମାନଙ୍କ ନିକଟକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, କରୋନା ମହାମାରୀ ସମୟରେ ବିଗତ ଦୁଇ ବର୍ଷର ଶିକ୍ଷା ବ୍ୟବସ୍ଥାରେ ହୋଇଥିବା କ୍ଷତିପରିପୂରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ (ଏଲ୍‌ଆରପି) କରାଯାଉଛି। ଏହି କାର୍ଯ୍ୟକ୍ରମରେ ତୃତୀୟ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ଭାବେ ପାଠ ପଢ଼ାଯାଇ ପରୀକ୍ଷା କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଉକ୍ତ ପରୀକ୍ଷା ନିମନ୍ତେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର କାର୍ଯ୍ୟାଳୟର ପତ୍ରସଂଖ୍ୟା– ୧୫୯୯୫/୧୪।୧୨।୨୦୨୨ ଅନୁଯାୟୀ, ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ପରୀକ୍ଷା ଡିସେମ୍ବର ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ କରାଯିବା ପାଇଁ ପତ୍ରରେ ଦର୍ଶାଯାଇଥିଲା। ହେଲେ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ପତ୍ର (ନଂ.୨୧୨୯/୧୬।୧୨।୨୨) ଅନୁଯାୟୀ, ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟରେ ୨୧ତାରିଖ ଦିନ ୟୁନିଫାଏଡ୍ ଜିଲା ସୂଚନା ବ୍ୟବସ୍ଥା (ୟୁଡିଆଇଏସଇ)ର ଦିନିକିଆ କର୍ମଶାଳାରେ ଯୋଗ ଦେବା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିଯୋଗୁ ଶିକ୍ଷକମାନେ ଦ୍ୱନ୍ଦ୍ୱରେ ପଡିଥିଲେ। ଯେଉଁ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କୁ ମିଶାଇ ଦୁଇ ଜଣ ଶିକ୍ଷକ ଅବା ଆବଶ୍ୟକତାଠାରୁ କମ୍ ଶିକ୍ଷକ ରହିଥିବେ, ସେଠାରେ ଏଲ୍‌ଆରପି ପରୀକ୍ଷା କିପରି ଚାଲିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଖବର ଗଣମାଧମରେ ପ୍ରକାଶ ପାଇବା ପରେ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁନର୍ବାର ଚିଠି କରାଯାଇଥିବା ଜଣାଯାଇଛି।

ଏ ସମ୍ପର୍କରେ ବିଇଓ ମନୋରମା ରାଉତ କହିଛନ୍ତି, ଚିଠି ହେବା ସମୟରେ ମୁଁ ଟ୍ରେନିଂରେ ଥିଲି। ତେଣୁ ଏ ବିଷୟରେ ଜାଣି ନଥିଲି। ପରୀକ୍ଷାରେ ବାଧା ନ ଉପୁଜିବା ପାଇଁ କର୍ମଶାଳାର ଦିନ ପରିବର୍ତ୍ତନ କରାଯାଇଛି ବୋଲି ସେ କହିଛନ୍ତି।

# ଇଣ୍ଟରନ୍ୟାଶନାଲ ଟିଚର୍ସ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ରମାନେ।

**ଡେରାବିଶ,୨୦।୧୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବାରିମୂଳସ୍ଥିତ ଇଣ୍ଟରନ୍ୟାଶନାଲ ଟିଚର୍ସ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ଅଧକ୍ଷ ତୁଳସୀ ସାଣ୍ଡାଲ ପୌରୋହିତ୍ୟ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଡ. ସର୍ବେଶ୍ୱର ସେଣ ମୁଖ୍ୟବକ୍ତା ଏବଂ ସାମାଜିକ କର୍ମୀ ସନ୍ତୋଷ ପଣ୍ଡା ଓ ସ୍କୁଲ ପ୍ରତିଷ୍ଠାତା ଏକାମ୍ରବାସିନୀ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ଲୋକମାନଙ୍କ ଜୀବନ ଧାରଣରେ କ୍ରୀଡ଼ାର ଉପକାରିତା ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏହାର ଆବଶ୍ୟକତା ରହିଛି। ପରେ କ୍ରୀଡ଼ା ଶିକ୍ଷୟିତ୍ରୀ ଦିଲାଫର ଖାତୁନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ୪ଦିନ ଧରି ହେବାକୁ ଥିବା ଏହି କ୍ରୀଡ଼ା ଉତ୍ସବରେ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଦୌଡ଼କୁଦ, ଲମ୍ଫ ଓ ଉଚ୍ଚଡିଆଁ, ଜାଭେଲିନ ଓ ଡିସ୍‌କସ୍ ଥ୍ରୋ, ବାଇଗଣ ଓ ଅଖା ଦୌଡ଼ ଏବଂ ମ୍ୟୁଜିକ ଚେୟାର ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ନିବେଦିତା ଲେଙ୍କା, ପ୍ରତିଭା ସାହୁ, ରଶ୍ମିତା ସାହୁ ଓ ଶିକ୍ଷକ ଜୀବନଜ୍ୟୋତି ପରିଡ଼ା ପ୍ରମୁଖ ସହଯୋଗ କରୁଛନ୍ତି।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ତିର୍ତ୍ତୋଲ, ୨୦।୧୨ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ଖେଳପଡିଆରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋବିନ୍ଦପୁରର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ଉଚ୍ଚ ବିଦ୍ୟାଳୟ, କୋଷ୍ଟିମଲ୍ଲିକାପୁର ଇଚ୍ଛାବିହାରୀ ବିଦ୍ୟାମନ୍ଦିର, ଗରାମ ଅଲଣାର ସତ୍ୟନାରାୟଣ ହାଇସ୍କୁଲ ଓ ପିପାଳ ମାଧବ ପଞ୍ଚସଖା ହାଇସ୍କୁଲର ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ୪ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ କବାଡ଼ି ଖେଳରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ହାଇସ୍କୁଲ, ଖୋକୋରେ ସତ୍ୟନାରାୟଣ ହାଇସ୍କୁଲ ଓ ଭଲିବଲରେ ଇଚ୍ଛାବିହାରୀ ବିଦ୍ୟାମନ୍ଦିରର ଖେଳାଳି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ସଭାରେ ସାମାଜିକ କର୍ମୀ ଭାସ୍କର ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବେହେରା, ଜିପିଓ କେଶବ ଚନ୍ଦ୍ର ମହାପାତ୍ର, ଗୋବିନ୍ଦପୁର ସରପଞ୍ଚ ଶୁଭଶ୍ରୀ ନାୟକ, ପିପାଳମାଧବ ସରପଞ୍ଚ ଅଶୋକ କୁମାର ନାୟକ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କେଶରୀ ଚୟନୀ ଓ କୋଷ୍ଟିମଲ୍ଲିକାପୁର ସରପଞ୍ଚ ବିଭୁପ୍ରସାଦ ମହାନ୍ତିଙ୍କ ସମେତ ଯୁବନେତା ଅରୁଣ ମହାପାତ୍ର, ଶିକ୍ଷାବିତ୍ ଦିଗାମ୍ବର ରାଉତ, ସାରଦା ପ୍ରସନ୍ନ ଶତପଥୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଫକୀରମୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ। କୃତିତ୍ୱଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସିଲ୍, କପ୍ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

# ବିଜ୍ଞାନ ଦୁର୍ଗତିର କାରଣ ନ ହେଉ

- ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ
- ୮ ବ୍ଲକର ୩୩୩ ପ୍ରକଳ୍ପ ପ୍ରଦର୍ଶିତ କଲେ ଛାତ୍ରୀଛାତ୍ର

**କୁଜଙ୍ଗ,୨୦।୧୨(ଡି.ଏନ୍.ଏ.)**




ଛାତ୍ରୀଛାତ୍ରମାନେ ବିଜ୍ଞାନମେଳାରେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ବିଜ୍ଞାନ ବିନା ବିଶ୍ୱ ପ୍ରଗତି ଅସମ୍ଭବ। କିନ୍ତୁ ବିଜ୍ଞାନ ଦୁର୍ଗତିର କାରଣ ନ ହେଉ ବୋଲି ମଙ୍ଗଳବାର କୁଜଙ୍ଗ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ପଙ୍କପାଳ ପରିସରରେ ଆୟୋଜିତ ଜିଲାସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଥିଲେ। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ମୁଦୁଲି କହିଥିଲେ, ବିଜ୍ଞାନ ବଳରେ ଆଜି ୟୁକ୍ରେନ୍ ଧ୍ୱଂସ ହୋଇ ଚାଲିଛି। ତେଣୁ ବିଜ୍ଞାନର ଦୁରୁପଯୋଗ ନହେଉ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ଜିଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ ନୂତନ ଚିନ୍ତାଧାରା ହିଁ ବିଜ୍ଞାନ। ସମ୍ମାନିତ ଅତିଥିଭାବେ କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ନୀନାରାଣୀ ସାହୁ ଯୋଗଦେଇ ଜଗତ୍‌ସିଂହପୁର ଜିଲାରୁ ଅଧିକ ବୈଜ୍ଞାନିକ ସୃଷ୍ଟି ହେଲେ ଗର୍ବ ଅନୁଭବ କରିବେ ବୋଲି କହିଥିଲେ। ଏହି ଜିଲାସ୍ତରୀୟ ବିଜ୍ଞାନ ମେଳାରେ ୮ ବ୍ଲକ୍‌ର ଛାତ୍ରୀଛାତ୍ର ୩୩୩ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପରେଶ କୁମାର ପାତ୍ର, ପଙ୍କପାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ମହାନ୍ତି ପ୍ରମୁଖ ଯୋଗଦେଇ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ଉତ୍ସବରେ ଜିଲା ବିଜ୍ଞାନ କ୍ଲବ ସମ୍ପାଦକ ଜୀବନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସଂଯୋଜକ ତଥା ସରକାରୀ ଉଚ୍ଚ ବିଦ୍ୟାଳୟ ତରତଙ୍ଗର ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା, ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ଦାସ, ସୁଧାଂଶୁ କୁମାର ମହାପାତ୍ର, ରଶ୍ମିରଞ୍ଜନ ଦାସ, ସମରେଶ ଆଚାର୍ଯ୍ୟ, ଶାରଦା ପ୍ରସନ୍ନ ଦାସ, ଉମାକାନ୍ତ ପଦରାଜ ନାୟକ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ

ଜି.ଉଦୟଗିରି: ବିଜ୍ଞାପିତ ଅଞ୍ଚଳ ପରିଷଦର ୬ନଂ ୱାର୍ଡସଭ୍ୟ ଏଲ ବୁଲିୟନଙ୍କ ପରଲୋକ ପରେ ସେହି ୱାର୍ଡର ସଭ୍ୟ ପଦବୀ ଖାଲିରହିଛି। ସେହି ପଦବୀ ପୂରଣ ପାଇଁ ମଙ୍ଗଳବାର ନିର୍ବାଚନ କମିଶନର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଚଳିତ ମାସ ୨୬ ରୁ୨୮ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ହେବ। ୩୦ ତାରିଖ ଯାଞ୍ଚ ଓ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ। ଜାନୁଆରୀ ୧ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀପତ୍ର ଘୋଷଣା ହେବ। ୧୨ ଜାନୁଆରୀରେ ଭୋଟ ଗ୍ରହଣ ଓ ୧୩ରେ ଭୋଟ ଗଣନା ଓ ଫଳାଫଳ ଘୋଷଣା କରାଯିବା ନେଇ କାର୍ଯ୍ୟାଳୟ ତରଫରୁ ଜଣାପଡ଼ିଛି।



## ସଂକ୍ଷେପରେ

### ଧାନକଟା ବେଳେ ଜମିରେ ନିଆଁ

ପାରଳାଖେମୁଣ୍ଡି,୨୦।୧୨(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ବି.ଏନ୍. ପ୍ୟାଲେସ ନିକଟ ଜମିରେ ଧାନକଟା ବେଳେ ଅସାବଧାନତାରୁ କୌଣସି ପ୍ରକାରେ ନିଆଁ ଲାଗିଯାଇଥିଲା। ଏଥିରେ ଦୁଇ ଏକର ଜମିର ଧାନ ଜଳିଯାଇଛି। ତେବେ ଚାଷୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡ଼ଧରଣର କ୍ଷତି ଟଳିଯାଇଛି। ବର୍ତ୍ତମାନ ଜମିଗୁଡ଼ିକରେ ଶୁଖିଲା ଧାନ କଟା ହେବାକୁ ଅଛି। ମଙ୍ଗଳବାର ଜଣେ ଚାଷୀ ମେଶିନରେ ଧାନକାଟୁ ଥିବା ବେଳେ କୌଣସି ପ୍ରକାରେ ନିଆଁ ଲାଗି ଯାଇଥିଲା। ଜମିରେ ନିଆଁ ବ୍ୟାପି ଯାଇଥିବା ଦେଖି ସେ ତୁରନ୍ତ ଦମକଳ କେନ୍ଦ୍ରକୁ ଫୋନ କରିଥିଲେ। କିଛି କ୍ଷଣ ମଧ୍ୟରେ ୨ଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ନିଆଁ କିଭଳି ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ।

### ଗ୍ଲୁକୋମା, ପରଳ ଚକ୍ଷୁ ଚିକିତ୍ସା ଶିବିର

ସୋରଡ଼ା, ୨୦।୧୨ (ଡି.ଏନ୍.ଏ): ଦିବ୍ୟଜୀବନ ସଂଘ, ଜନସେବା କେନ୍ଦ୍ର ବୋରସିଙ୍ଗି ଶାଖା ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁ ଓ ସାଇଟ ସେଭର୍ସ ଇଣ୍ଟରନ୍ୟାଶନାଲଙ୍କ ମିଳିତ ଆନୁକୂଲ୍ୟରେ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ଚିକିତ୍ସା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ସୁଶାନ୍ତ କୁମାର ପାତ୍ର, ଦିବ୍ୟଜୀବନ ସଂଘର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏହି ଶିବିରରେ ୧୦୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୫ ଜଣଙ୍କୁ ଚଷମା ଦିଆଯାଇଥିଲା ବେଳେ ୫୫ ଜଣଙ୍କୁ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ୪୫ ଜଣଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଡାକ୍ତରଖାନାକୁ ପଠାଯାଇଥିଲା। ଏହି ଶିବିରକୁ ନଳିନୀକାନ୍ତ ରାଉତ, ସୁନୀଲ ସାହୁ, ମିସ୍ ଖୋଜିନୀ ଗୌଡ଼, ମିସ୍ ସୁନିତା ଗୌଡ଼, ରଘୁନାଥ ପାଢ଼ୀ ପରିଚାଳନା କରିଥିଲେ।

### ବିଜ୍ଞାନ ମେଳା

ଭଞ୍ଜନଗର,୨୦।୧୨(ଡି.ଏନ.ଏ.): ଭଞ୍ଜନଗର ସତ୍ୟସାଇ ବିଦ୍ୟା ବିହାରରେ ମଙ୍ଗଳବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜିତ କୁମାର ଦାସ ବିଚାରକ ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ଡ. ଅଶୋକ କୁମାର ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟ ସଭାପତି ସତ୍ୟନାରାୟଣ ଲେଙ୍କା ସଭା ସଂଯୋଜନା କରିଥିଲେ।

### ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ

ଭଞ୍ଜନଗର,୨୦।୧୨(ଡି.ଏନ.ଏ.)- ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଶାଖା 'ଏ' ଏବଂ 'ବି' ପକ୍ଷରୁ ମଙ୍ଗଳବାର କଲେଜ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ସପ୍ତାହ ବ୍ୟାପୀ ଏହି ଶିବିର ଚାଲିବ। ଶିବିରରେ ଏନ୍‌ଏସ୍‌ଏସ୍ ଏବଂ ଏନ୍‌ସିସି ଛାତ୍ରୀଛାତ୍ରମାନେ ଯୋଗଦେଇ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏନ୍‌ସିସି ଅଫିସର ଲ୍ୟୁଟ୍‌ନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ନାଭାଲ ଅଫିସର ଡ. ରବୀନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ସନାତନ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଯୋଜନା ଅଧିକାରିଣୀ ଅଧାପିକା ସସ୍ମିତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ସବୁ ଯୋଜନାକୁ ଜନପ୍ରତିନିଧି, ଅଧିକାରୀ ତଦାରଖ କରନ୍ତୁ

## କନ୍ଧମାଳ ଜିଲା ଯୋଜନା କମିଟି ବୈଠକ

ଫୁଲବାଣୀ ଅଫିସ, ୨୦।୧୨

କନ୍ଧମାଳ ଜିଲା ଯୋଜନା କମିଟି ବୈଠକ ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ବିଜୁ କନ୍ଧମାଳ ଓ ଗଜପତି ଯୋଜନାରେ ଉନ୍ନୟନ କାର୍ଯ୍ୟ ଚାଲୁ ରହିଛି । ଆଗକୁ ମଧ୍ୟ କରାଯିବାର ଯୋଜନା ରହିଛି । ହେଲେ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଜନ ପ୍ରତିନିଧିମାନେ ସେଗୁଡ଼ିକୁ ତଦାରଖ କରିବା ଆବଶ୍ୟକ। ଜିଲାକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ସମସ୍ତଙ୍କର ସହଯୋଗ ଦରକାର ବୋଲି ମନ୍ତ୍ରୀ କହିଛନ୍ତି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ, ଉପାଧକ୍ଷା ସାଧବାଣୀ ନାୟକ ପ୍ରମୁଖ ଜିଲାର ଉନ୍ନତି ପାଇଁ କରାଯାଇଥିବା ଯୋଜନାଗୁଡ଼ିକର କାର୍ଯ୍ୟକାରିତାରେ ସେମାନଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି କହିଥିଲେ। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଜିଲାର ଅଗ୍ରଣୀ କାର୍ଯ୍ୟକ୍ରମରେ ଯେଉଁଠି ସବୁ ଅସୁବିଧା ରହିଛି ତାହାର ସମାଧାନ ପାଇଁ ଯୋଜନା କରିଛୁ ବୋଲି କହିଥିଲେ। ଜିଲା ଯୋଜନା ଅଟକଳ ଏବଂ ବିଜୁ କନ୍ଧମାଳ ଓ ଗଜପତି ଯୋଜନା ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ବାର୍ଷିକ ଯୋଜନାକୁ ଅନୁମୋଦନ ପାଇଁ ସମସ୍ତଙ୍କର ପରାମର୍ଶ କାମନା କରିଥିଲେ। ଯୋଜନା ଉପ ନିର୍ଦ୍ଦେଶକ ଭୀମସେନ ବାର୍ଲା ପାୱାର ପଏଣ୍ଟ ମାଧ୍ୟମରେ ସଂକ୍ଷିପ୍ତ ଜିଲା ପରିଚୟ, ଜିଲାର ଅଗ୍ରଣୀ କାର୍ଯ୍ୟକ୍ରମ, ଶକ୍ତି, ଦୁର୍ବଳତା, ସୁଯୋଗ ଓ ଆଶଙ୍କା ଆଧାରିତ ରଣନୀତିକ ଯୋଜନା ଏବଂ ବିଭାଗୱାରି ଅଟକଳ ଉପରେ ତଥ୍ୟ ପ୍ରଦାନ କରିଥିଲେ। କୃଷି ଓ ଅନୁସଙ୍ଗିକ କାର୍ଯ୍ୟକ୍ରମ, ଗ୍ରାମ୍ୟ ଉନ୍ନୟନ, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ ଆର୍ଥିକ ସେବା, ସାମାଜିକ ସେବା ଓ ସାଧାରଣ ସରକାରୀ ସେବା ବାବଦରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସମୁଦାୟ ୧,୬୬୪କୋଟି ୭୩ ଲକ୍ଷ ୯୪ ହଜାର ଟଙ୍କା, ୨୦୨୨-୨୩ ପାଇଁ ସମୁଦାୟ ୧,୮୩୧ କୋଟି ୨୧ ଲକ୍ଷ ୩୫ ହଜାର ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବିଜୁ କନ୍ଧମାଳ ଓ ଗଜପତି ଯୋଜନାରେ ସଡ଼କ, ବିଜୁଳି,ପାଣି, ଓ ଅନ୍ୟାନ୍ୟ ବାବଦରେ ସମୁଦାୟ ୬କୋଟି ଟଙ୍କାର ବ୍ୟୟ ଅଟକଳ ଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସେହି ସବୁ ବାବଦରେ ସମୁଦାୟ ୬କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏସବୁ ଜିଲା ଯୋଜନା କମିଟି ଦ୍ୱାରା ଅନୁମୋଦିତ ହୋଇଥିଲା।

# କ୍ଷୁଦ୍ରଦାନା ଶସ୍ୟ ସଂଗ୍ରହ ସଚେତନତା ରଥ ଗଡ଼ିଲା



ଟିକାବାଲି ବ୍ଲକରେ ଅତିଥିମାନେ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

ଫୁଲବାଣୀ ଅଫିସ/ରାଇକିଆ (ଡି.ଏନ୍.ଏ.)/ଟିକାବାଲି,୨୦।୧୨

ଓଡିଶା ମିଲେଟ୍ ମିଶନ ଓ ସ୍ୱାତୀର ମିଳିତ ଆନୁକୂଲ୍ୟରେ ରାଇକିଆ ବ୍ଲକରେ କାର୍ଯ୍ୟ କରୁଥିବା କ୍ଷୁଦ୍ରଦାନା ଶସ୍ୟ ପ୍ରକଳ୍ପ ପକ୍ଷରୁ ମାଣ୍ଡିଆ ସଂଗ୍ରହ ନିମନ୍ତେ ଏକ ସଚେତନତା ରଥକୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରାଇକିଆ ବ୍ଲକର ସମସ୍ତ ଗ୍ରାମରେ ବୁଲି ମାଣ୍ଡିଆ ଚାଷୀମାନଙ୍କ ମଧ୍ୟରେ ଏମ୍‌ଏସ୍‌ପି ଓ ମଣ୍ଡି ମାଧ୍ୟମରେ ମାଣ୍ଡିଆ ସଂଗ୍ରହର ପ୍ରଚାର ପ୍ରସାର କରିବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଲିଗୁଡା ପିଏ ଆଇଟିଡିଏ ମଧୁସୂଦନ ବେହେରା, ଏଡିଓ ବସନ୍ତ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ପ୍ରତିମା କୁମାରୀ ପ୍ରଧାନ, ସହକାରୀ କୃଷି ଅଧିକାରୀ ସୁଦୀପ୍ତି ପ୍ରଧାନ, ଲକ୍ଷ୍ମୀ ନାରାୟଣ ସାହୁ, ପବିତ୍ର କୁମାର ନାୟକ, ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ବିପିନ ଚନ୍ଦ୍ର ଦିଗାଲ ଓ ଗିରିଶ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଟିକାବାଲି ବ୍ଲକରେ ମଧ୍ୟ ଏହି ରଥ ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଦିଲୀପ କହଁର ଯୋଗଦେଇ ସଚେତନତା ରଥ ଉଦ୍‌ଘାଟନ କରିଥିଲେ। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, ସହକାରୀ କୃଷି ଅଧିକାରୀ ତ୍ରିଲୋଚନ ମଲ୍ଲିକ, କୃଷି ଅଧିଦର୍ଶକ ଅରୁଣୋଦୟ ପଟ୍ଟନାୟକ, ସୁରେନ୍ଦ୍ର କୁମାର ପ୍ରଧାନ, ସରୋଜ କୁମାର ପାଢ଼ୀ, ଚଣ୍ଡିପ୍ରସାଦ ମହାନ୍ତି, ରମାନନ୍ଦ କହଁର ପ୍ରମୁଖ ଉପସ୍ଥିତ ଥିଲେ । ରଥ ଗ୍ରାମରେ ବୁଲି କ୍ଷୁଦ୍ର ଦାନାଶସ୍ୟ ଉପରେ ଲୋକଙ୍କୁ ଅବଗତ କରିବ।

# କଲେଜ ବାର୍ଷିକ ଉତ୍ସବ ବନ୍ଦ ପ୍ରତିବାଦରେ ରାସ୍ତାରୋକ



ଜାତୀୟ ରାଜପଥ ଅବରୋଧ କରିଛନ୍ତି ସୋମନାଥ ବିଜ୍ଞାନ କଲେଜର ଛାତ୍ରୀଛାତ୍ର।

ଧରାକୋଟ,୨୦।୧୨(ଡି.ଏନ.ଏ.)

ସୋମନାଥ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ ବନ୍ଦ ପ୍ରତିବାଦରେ ଛାତ୍ରୀଛାତ୍ରମାନେ ମଙ୍ଗଳବାର ମୁଣ୍ଡମରାଇଠାରେ ୫୯ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବରପାଇ ଧରାକୋଟ ଥାନା ଆଇଆଇସି ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଛି। ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ପାଇଁ ଆଇଆଇସି କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ସୋରଡ଼ା, ୨୦।୧୨(ଡି.ଏନ୍.ଏ):

ସ୍ଥାନୀୟ ପଲ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ଅଧକ୍ଷ ସୁଧୀର କୁମାର ପ୍ରଧାନ ପରିଚାଳନା କରିଥିଲେ। ସମାଜିକ କର୍ମୀ ଲକ୍ଷ୍ମୀଚରଣ ପଣ୍ଡା ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

# ୫ ଦିନରେ ୮୭ ଚାଷୀଙ୍କଠୁ କିଣାଯାଇଛି ଧାନ

## ଗଞ୍ଜାମ ଜିଲା

ଛତ୍ରପୁର,୨୦।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ୧୬ ତାରିଖରୁ ଚାଷୀଙ୍କ ଠାରୁ ଧାନକିଣା ଆରମ୍ଭ ହୋଇଛି। ଏହି ୫ ଦିନ ମଧ୍ୟରେ ମାତ୍ର ୮୭ ଜଣଙ୍କ ଠାରୁ ଧାନ କିଣାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଜିଲାର ମାତ୍ର ୧୬ଟି ପ୍ରାଥମିକ ସେବା ସମବାୟ ସମିତି ଓ ୪ଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଚାଷୀଙ୍କ ଠାରୁ ୪୬୪୩.୪୨ କୁଇଣ୍ଟାଲ ଧାନ କିଣିଛନ୍ତି। ଆରମ୍ଭରୁ ଧାନ କିଣା ପ୍ରକ୍ରିୟା ଧିମା ରହିଛି। ପ୍ରଥମ ପର୍ଯ୍ୟାୟରେ ଜିଲାକୁ ୩୬ ଲକ୍ଷ ୭୪ ହଜାର ୩୮ କୁଇଣ୍ଟାଲ ଧାନ ତଥା ୨୪ ଲକ୍ଷ ୬୧ ହଜାର ୬ ଶହ କୁଇଣ୍ଟାଲ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି । ସରକାରଙ୍କୁ ଧାନ ବିକିବା ପାଇଁ ଚଳିତବର୍ଷ ୧ ଲକ୍ଷ ୨୬ ହଜାର ୪୨୦ ଜଣ ଚାଷୀ ଅନଲାଇନ୍‌ରେ ପଞ୍ଜୀକୃତ ହୋଇଛନ୍ତି। ଚଳିତବର୍ଷ ଜିଲାର ୩୬୫ ପ୍ରାଥମିକ ସେବା ସମବାୟ ସମିତି, ୧୦୩ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ଧାନ କିଣିବାକୁ ସ୍ଥିର ହୋଇଛି। ଧାନ କିଣା ପ୍ରକ୍ରିୟାରେ ଜିଲାର ୩୬୪ ମିଲର ମଧ୍ୟ ସାମିଲ ହୋଇଛନ୍ତି। ଧାନ କିଣା ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଗତ ୨୦୨୧-୨୨ ରେ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୨୬ ହଜାର ୩୪୩ ଜଣ ଚାଷୀ ଧାନ ବିକି ପାରିନଥିଲେ। ମିଳିଥିବା ସୂଚନା ଅନୁସାରେ ସେହି ବର୍ଷ ଜିଲାର ୧ ଲକ୍ଷ ୨୨ ହଜାର ୮୩୪ ଜଣ ଚାଷୀ ଅନଲାଇନ୍‌ରେ ପଞ୍ଜୀକରଣ କରିଥିବାବେଳେ ସେଥିରୁ ୯୬ ହଜାର ୪୯୧ ଚାଷୀଙ୍କ ଠାରୁ ୪୦ ଲକ୍ଷ ୨୫ ହଜାର ୩୭୪ କୁଇଣ୍ଟାଲ ଧାନ କିଣାଯାଇପାରିଥିଲା । ଉକ୍ତ ବର୍ଷ ଧାନ କିଣାରେ ନାନା ସମସ୍ୟା ଉପୁଜିବା ସହ ବିଭିନ୍ନ ସ୍ଥାନରେ ଧାର୍ଯ୍ୟ ସମୟରେ ଧାନ କିଣାଯାଉ ନ ଥିବାରୁ ଆନ୍ଦୋଳନ ଓ ବିକ୍ଷୋଭ ଆଦି ହୋଇଥିବା ନଜିର ରହିଛି। ଟୋକନ୍ ଲାମ୍ପ ସମସ୍ୟା ଯୋଗୁଁ ଚାଷୀ ମାନେ ସରକାରଙ୍କୁ ଧାନ ନ ବିକିପାରି କମ୍ ଦରରେ ଧାନ ବିକିଥିବା ଦେଖିବାକୁ ମିଳିଥିଲା ।

# କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ମହୋତ୍ସବ ପ୍ରସ୍ତୁତି ବୈଠକ

ଗଞ୍ଜାମ,୨୦।୧୨(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗ୍‌ଦର୍ଶନ ୟୁଥ କ୍ଲବ ଏବଂ ବ୍ରହ୍ମପୁର ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ମହୋତ୍ସବ ଲାଗି ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଉମାକାନ୍ତ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଗ୍ରାମାଞ୍ଚଳର ଲୁକ୍କାୟିତ ଯୁବ ପ୍ରତିଭାମାନେ କ୍ରୀଡ଼ା ମହୋତ୍ସବରେ କିପରି ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେଇ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନୁଷ୍ଠାନ ସମ୍ପାଦିକା ବିଜୟଲକ୍ଷ୍ମୀ ମହାକୁଡ଼, ଉପସଭାପତି ରାକେଶ କୁମାର ନାୟକ, ସହସମ୍ପାଦକ ସୁଦର୍ଶନ ପାଢ଼ୀ ଉପସ୍ଥିତ ରହି କ୍ରୀଡ଼ା ମହୋତ୍ସବର ରୂପରେଖ ଉପସ୍ଥାପନ କରିଥିଲେ। ଜିଲା ପରିଷଦ ସଭ୍ୟ ସନାତନ ବେହେରା ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିବା ବେଳେ ଶବର କୁମାର ତରାଇ, ସୁଧୀର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସ, ନୀଳାଞ୍ଚଳ ବାରିକ, ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା, ନିରଞ୍ଜନ ପରିଡ଼ା, କେ. ରଜନୀ କାନ୍ତ ରେଡ୍ଡୀ, କୃଷ୍ଣ ଚନ୍ଦ୍ର ଦାଶ, ପପୁ ପଣ୍ଡା, ହରିହର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଛେଦାଭୂମିକୁ ଆଦର୍ଶ ଗ୍ରାମ କରିବାକୁ ପ୍ରୟାସ

ଭଞ୍ଜନଗର,୨୦।୧୨(ଡି.ଏନ୍.ଏ)



ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରୁଥିବା ଗ୍ରାମବାସୀ।

ଭଞ୍ଜନଗର ବ୍ଲକ ଲାଲସିଂ ପଞ୍ଚାୟତର ଛେଦାଭୂମିକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି। ଲାଲସିଂ ପୋଖରୀଠାରୁ ଗ୍ରାମ ପର୍ଯ୍ୟନ୍ତ ୧୮ ଫୁଟ ଚଉଡ଼ା ରାସ୍ତା କାମ ଚାଲିଛି। ଏ ବାବଦରେ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିଭଳି ଗ୍ରାମ ମୁଖ୍ୟଦାଣ୍ଡର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହେବା ସହ ପାଦଚଲା ରାସ୍ତା ପାଇଁ ଇଟା ବିଛାଯିବ। ମଝି ରାସ୍ତାକୁ ସିମେଣ୍ଟ କଂକ୍ରିଟ କରାଯିବ। ସମସ୍ତ ଘର ସମ୍ମୁଖରେ ଗୁଆ ସମେତ ବିଭିନ୍ନ ପ୍ରକାର ଡିଜାଇନ୍ ଗଛ ଲଗାଯିବ। ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ରାସ୍ତାକଡ଼କୁ ନିଆଯିବ। ସମସ୍ତ ଘର ଅଗଣାରେ ମୋ ଉପକାରୀ ବଗିଚା କାମ ଚାଲିଛି । ସମସ୍ତ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ସମସ୍ତଙ୍କ ଘରେ ପାଇଖାନା ନିର୍ମାଣ କରାଯିବା ସହିତ ଗାଁ ରାସ୍ତାରେ ଷ୍ଟ୍ରିଟ ଲାଇଟ ଲାଗିବାର ଯୋଜନା ରଖାଯାଇଛି। ତେବେ ଏସବୁ କାର୍ଯ୍ୟ ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବା ପାଇଁ ପଞ୍ଚାୟତର ସାମାଜିକ କର୍ମୀ ବିଷ୍ଣୁ ପ୍ରଧାନ, ବ୍ଲକ ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସରପଞ୍ଚ ଶିବରାମ ସାହୁ ପ୍ରମୁଖ ଚେଷ୍ଟା ଚଳାଇଛନ୍ତି। ବିଡିଓ ଶଶିଭୂଷଣ ମହାପାତ୍ର ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

# ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଆର.ଉଦୟଗିରି,୨୦।୧୨(ଡି.ଏନ.ଏ.)



କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

ଆର.ଉଦୟଗିରି ବ୍ଲକ କେ.ଏମ.ଭାଲିଆ ସାହି ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆର.ଉଦୟଗିରି ଓ ମୋହନା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲାମାନେ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ୨ଟି ବ୍ଲକର ୨୫୦ ଛାତ୍ରୀଛାତ୍ର ଭଲି, କବାଡି, ଖୋଖୋ, ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଡ, ଶଟ୍‌ପୁଟ, ଡିସ୍‌କସ, ଜାଭେଲିନ ଆଦି ଖେଳରେ ଭାଗ ନେଇଥିଲେ। ଉଦ୍‌ଯାପନୀ ସଭାରେ ଆର.ଉଦୟଗିରି ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀନାରାୟଣ ଶବର ମୁଖ୍ୟଅତିଥି, ମହେନ୍ଦ୍ରଗିରି କଲେଜ, ରାମଗିରିର ପ୍ରିନ୍ସିପାଲ ପ୍ରିୟଦର୍ଶିନୀ ପଟ୍ଟନାୟକ ମୁଖ୍ୟବକ୍ତା, ଆର.ଉଦୟଗିରି ଏବିଇଓ ଯୁଧିଷ୍ଠିର ବେହେରା ସଭାପତି, ଜିଲା ପରିଷଦ ଯମୁନା ଦଳବେହେରା, ଜିଲା ପରିଷଦ ଦଣ୍ଡପାଣି ବଡମୁଣ୍ଡି, ଜଗବନ୍ଧୁ ଦାସ, ପବିତ୍ର ଗମାଙ୍ଗ, ଭୀମ ପାଇକ, ସର୍ବେଶ୍ୱର ସେଠୀ, ବିଦ୍ୟାଳୟର ସଭାପତି ସାଧୁଚରଣ ଦଣ୍ଡସେନା, ଶିକ୍ଷାବିତ ଆଦିକନ୍ଦ ବଣ୍ଡୁଆରାୟୀ ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ଶିଅଳ ସଭା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ରାସ୍ତା କାମରେ ବିଳମ୍ବ କରୁଛି ଏନ୍‌ଏଚ୍‌ଏଆଇ

# ଉଦୟନାଥ ବିଦ୍ୟାପୀଠ ମୁଖ୍ୟ ଫାଟକରେ ତାଲା

ଖଲ୍ଲିକୋଟ,୨୦।୧୨(ଡି.ଏନ.ଏ.)



ଉଦୟନାଥ ବିଦ୍ୟାପୀଠ ଫାଟକରେ ତାଲା।

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ଜାତୀୟ ରାଜପଥ ନଂ ୧୬ ପାର୍ଶ୍ୱରେ ଥିବା ଉଦୟନାଥ ବିଦ୍ୟାପୀଠର ମୁଖ୍ୟ ଫାଟକରେ ଦୀର୍ଘଦିନ ଧରି ତାଲା ପଡ଼ିରହିଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ପକ୍ଷରୁ ରାସ୍ତା ଏବଂ ଡ୍ରେନେଜ କାମରେ ବିଳମ୍ବ ଯୋଗୁ ଏପରି ଘଟଣା ଘଟିଛି। ମୁଖ୍ୟ ଫାଟକ ସମ୍ମୁଖରେ ରାସ୍ତା ଖୋଳା ଯାଇଥିବାରୁ ଛାତ୍ରୀଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଶପୁର ବଜାରର ଜନସାଧାରଣ ଓ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନେଜ କାମ ନେଇଥିବା ଠିକାଦାରଙ୍କୁ ବାରମ୍ବାର ସୂଚନା ଦେଲେ ସୁଦ୍ଧା ବିଦ୍ୟାଳୟ ସମ୍ମୁଖ ଡ୍ରେନେଜ ନିର୍ମାଣ ହେଉନାହିଁ। ଫଳରେ ବିଦ୍ୟାଳୟର ଏକ ପାଚେରି ଭାଙ୍ଗି ଘରୋଇ ଜମି ରାସ୍ତା ଦେଇ ଛାତ୍ରୀଛାତ୍ର ଯାତାୟତ କରୁଛନ୍ତି। ଶ୍ରୀକୃଷ୍ଣଶରଣପୁର ସରପଞ୍ଚ ରୁବିଲତା ସାହୁ, ଯୁବନେତା ଭ୍ରମରବର ସାହୁ, ସମିତିସଭ୍ୟ ରାଜୁ ତରେଇ ବିଦ୍ୟାଳୟ ଏସ୍‌ଏମ୍‌ସି କମିଟି ସହ ଆଲୋଚନା କରି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ଖୁବଶୀଘ୍ର ଏହାର କାମ କରା ନ ଗଲେ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବିଦ୍ୟାଳୟସ୍ତରରେ ହକି ଖେଳ ପ୍ରତି ବଢ଼ୁଛି ଆକର୍ଷଣ

ରାଇକିଆ,୨୦।୧୨ (ଡି.ଏନ୍.ଏ)



ହକିରେ ଭାଗ ନେଇଥିବା ଛାତ୍ରୀ।

କନ୍ଧମାଳ ଜିଲାରେ ବିଦ୍ୟାଳୟସ୍ତରରେ ଏବେ ହକି ଖେଳ ପ୍ରତି ଆକର୍ଷଣ ବଢ଼ୁଥିବା ଜଣାପଡ଼ିଛି। ବିଦ୍ୟାଳୟସ୍ତରରେ ଏହି କ୍ରୀଡ଼ାକୁ ଆଗକୁ ବଢ଼ାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ରାଇକିଆ ବ୍ଲକର ସେଣ୍ଟ କ୍ୟାଥରିନ ବିଦ୍ୟାଳୟର ଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ହକି ଖେଳ ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଏଥିପାଇଁ ସେମାନେ ଗତ ଏକ ବର୍ଷ ଧରି ବିଦ୍ୟାଳୟ ପରିସରରେ ଥିବା ଖେଳପଡ଼ିଆରେ ଅଭ୍ୟାସ କରିଆସୁଛନ୍ତି। ବିଦ୍ୟାଳୟରେ ଜୁନିୟର୍, ସବ୍‌ଜୁନିୟର୍, ସିନିୟର୍ ତିନୋଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଆସୁଛନ୍ତି। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିୟମିତ ପ୍ରଶିକ୍ଷଣ ନେଉଛନ୍ତି। ଏ ନେଇ କ୍ରୀଡ଼ା ଶିକ୍ଷୟିତ୍ରୀ ବିଜୟା କଣ୍ହୁଲାନ କୁହନ୍ତି, ରାଜ୍ୟ ସରକାରଙ୍କ ହକି ପ୍ରତି ପ୍ରୋତ୍ସାହନ ଏବଂ ଛାତ୍ରୀଙ୍କ ଆଗ୍ରହ ଦେଖି ଏହି କ୍ରୀଡ଼ା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ । ଅନ୍ୟପକ୍ଷରେ ସେ ନିଜେ ହକି ଖେଳାଳି ଭାବେ ପୂର୍ବରୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିବାରୁ ଛାତ୍ରୀମାନଙ୍କୁ ଏହି କ୍ରୀଡ଼ା ପ୍ରଶିକ୍ଷଣ ଦେବାରେ ସହଜ ହୋଇଥିଲା। ଗତ କିଛି ମାସ ମଧ୍ୟରେ ଏହି ଛାତ୍ରୀମାନେ ରାଜ୍ୟର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳ ହୋଇଛନ୍ତି । ଛାତ୍ରୀଙ୍କ ପାଇଁ ଆଉ କିଛି ହକି କ୍ରୀଡ଼ା ଉପକରଣ ଉପଲବ୍ଧ ହୋଇପାରିନାହିଁ। ସେସବୁର ବ୍ୟବସ୍ଥା ହୋଇପାରିଲେ ଆହୁରି ଉନ୍ନତ ପ୍ରଦର୍ଶନ କରିବେ ବୋଲି କହିଛନ୍ତି। ଏ ନେଇ ଛାତ୍ରୀ ରୂପିକା ମଲ୍ଲିକ କହନ୍ତି, ମୁଁ ପୂର୍ବରୁ ଏହି ଖେଳ ବିଷୟରେ ଜାଣି ନ ଥିଲି କିମ୍ବା ଦେଖି ବି ନ ଥିଲି। ଗତ ଆଠ ମାସ ହେଲା ଖେଳିବା ଆରମ୍ଭ କରିଛି। ଅନ୍ୟ ଖେଳ ତୁଳନାରେ ହକି ବହୁତ ଭଲ ଲାଗୁଛି ଏବଂ ବିଭିନ୍ନ ପ୍ରତିଯୋଗିତାରେ ଭାଗ ମଧ୍ୟ ନେଇଛି । ଆମ ଟିମ୍ ନିୟମିତ ଅଭ୍ୟାସ କରୁଛି, ଆଗକୁ ଆହୁରି ଭଲ ପ୍ରଦର୍ଶନ ମଧ୍ୟ କରିବ।

# ଆବାସ ମିଳିବା ଆଶା ଉଜ୍ଜ୍ୱଳ

**ରସୁଲପୁର,୨୦।୧୨(ଡି.ଏନ.ଏ.):** ଗରିବ ଲୋକଙ୍କୁ ସରକାରୀ ବାସଗୃହ ପ୍ରଦାନ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଏଭଳି ଅଚଳାବସ୍ଥା ୨ ବର୍ଷଧରି ଲାଗି ରହିଥିଲା। ଏବେ ଲାଗି ରହିଥିବା ଦ୍ୱନ୍ଦ ଦୂର ହୋଇଛି। ପୁରୁଣା ତାଲିକାରେ ନାମ ଥିବା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିବା ଆଶା ଉଜ୍ଜ୍ୱଳ ହୋଇଛି। ଏହି ତାଲିକାକୁ ନେଇ ବ୍ଲକ ପ୍ରଶାସନର ତତ୍ପରତାରୁ ଏହା ସ୍ପଷ୍ଟ ହୋଇପାରିଛି। ଏହିକ୍ରମରେ ରସୁଲପୁର ବ୍ଲକରେ ୩୩୫୨ଜଣ ହିତାଧିକାରୀଙ୍କ ନାମ ସରକାରୀ ଆବାସ ପାଇଁ ପଞ୍ଚାୟତସ୍ତରରେ ପ୍ରସ୍ତୁତ ଯୋଗ୍ୟ ଅଗ୍ରାଧିକାର ତାଲିକାରେ ସ୍ଥାନ ପାଇଥିବା ଜଣାଯାଇଛି। ସେଥିମଧ୍ୟରୁ ୩୪୩୩ ହିତାଧିକାରୀଙ୍କୁ ଚୂଡ଼ାନ୍ତ ତାଲିକାରେ ସ୍ଥାନ ଦିଆଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ପ୍ରାଥମିକସ୍ତରରେ ପଞ୍ଚାୟତର ସ୍ୱତନ୍ତ୍ର ବୈଠକ ଜରିଆରେ ସମଗ୍ର ୨୮ ପଞ୍ଚାୟତରେ ୮୧ଜଣଙ୍କୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଛି। ବାକି ହିତାଧିକାରୀଙ୍କୁ ଯୋଗ୍ୟ ବୋଲି ଦର୍ଶାଇ ବିଭିନ୍ନ ପଞ୍ଚାୟତରୁ ଆସିଥିବା ରିପୋର୍ଟ ଆଧାରରେ ଜିଲାକୁ ରିପୋର୍ଟ ପ୍ରଦାନ କରାଯାଇଛି। ସେହିହାରରେ ଦେଖିଲେ ଏହି ବ୍ଲକରୁ ପହଁଗା ପଞ୍ଚାୟତରେ ସର୍ବାଧିକ ୩୯୫ ଓ ମୁଗୁପାଳ ପଞ୍ଚାୟତରେ ସର୍ବନିମ୍ନ ୨୯ଜଣ ହିତାଧିକାରୀ ଅଗ୍ରାଧିକାର ତାଲିକାରେ ସ୍ଥାନ ପାଇଛନ୍ତି। ରାହାମ୍ବାରେ ସର୍ବାଧିକ ୩୫ଜଣଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିବା ବେଳେ ୧୯ଟି ପଞ୍ଚାୟତରେ ପୂର୍ବରୁ ତାଲିକାରେ ସ୍ଥାନ ପାଇଥିବା ହିତାଧିକାରୀଙ୍କୁ କାଏମ ରଖାଯାଇଛି ଅର୍ଥାତ ଜଣେ ହେଲେ ହିତାଧିକାରୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇ ନାହିଁ। ତାଲିକାକୁ ମଙ୍ଗଳବାର ଜିଲାସ୍ତରରେ ଅନୁମୋଦନ ମିଳିଛି। ୨୧ ଡିସେମ୍ବରରେ ପଞ୍ଚାୟତସ୍ତରୀୟ ଅଟୋ ଜେନେରେଟେଡ ତାଲିକା ପ୍ରକାଶ ପାଇବ। ୨୨ରେ ରାଜ୍ୟସ୍ତରରେ ଟାର୍ଗେଟ ସ୍ଥିର କରାଯିବ। ୨୫ରେ ହିତାଧିକାରୀଙ୍କୁ ଜିଓ ଟ୍ୟାଗିଂ କରାଯିବ। ୨୮ରେ ଆଧାର ଭେରିଫିକେଶନ ଓ ଆବାସ ଆପରେ ଜିଓ ଟ୍ୟାଗିଂ କରାଯିବ। ୩୧ରେ ଆବାସକୁ ଅନୁମୋଦନ ମିଳିବ। ୧ ରୁ ୧୬ ଜାନୁଆରୀ,୨୦୨୩ ପଞ୍ଚାୟତରେ ତାଲିକା ପ୍ରକାଶନ ଓ ତଦନ୍ତ ଆରମ୍ଭ ହେବ। ୧୭ରେ ଅଯୋଗ୍ୟଙ୍କୁ ତାଲିକାରୁ ବାଦ ଦିଆଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୧୮ ଜାନୁୟାରୀରୁ ହିତାଧିକାରୀଙ୍କ ଜମାଖାତାକୁ ପ୍ରଥମକିସ୍ତି ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି ଖବର ଜାଣି ଆବାସ ପାଇବାକୁ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ମଧ୍ୟରେ ଖୁସି ପ୍ରକଟିତ ହୋଇଛି।

**ଅଗ୍ରାଧିକାର ତାଲିକାରେ ରସୁଲପୁର ବ୍ଲକରୁ ୩୩୫୨ ହିତାଧିକାରୀ**

PMAY
PRADHAN MANTRI AWAAS YOJANA

## କୋଣାର୍କ ଝୋଟକଲ ପୁରାତନ କର୍ମଚାରୀଙ୍କ ବନ୍ଧୁମିଳନ

**ଯାଜପୁର ଟାଉନ,୨୦।୧୨(ଡି.ଏନ.ଏ.):** ଯାଜପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କୋଣାର୍କ ଝୋଟକଲ ପୁରାତନ କର୍ମଚାରୀମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ସଭାପତି ତଥା ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରାତନ କର୍ମଚାରୀଙ୍କ ସୁବିଧା ଓ ଅସୁବିଧା ଉପରେ ଆଲୋଚନା କରିଥିଲେ। ଯୁବ ସମ୍ପାଦକ ଶରତ କୁମାର ପାଣି, ସ୍ୱାଧୀନ କେତନ ନାୟକ, ଗଣେଶ ଚନ୍ଦ୍ର ଦାସ, ପରମାନନ୍ଦ ଖିଲାର, ଚକ୍ରଧର ନାୟକ, ନଗେନ୍ ସୂତାର, ଦୁର୍ଯ୍ୟୋଧନ ସାହୁ, ଅନନ୍ତ ପଣ୍ଡା, ନାରାୟଣ ସେଠୀ, ରବୀନ୍ଦ୍ର ନାୟକ, ସଚ୍ଚିଦାନନ୍ଦ ଦାସ, ଭରତ ଚନ୍ଦ୍ର ନାୟକ, କ୍ଷୀରୋଧ ବେହେରା, ପ୍ରତାପ ମହାନ୍ତି ଓ ନରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ପ୍ରଧାନଶିକ୍ଷକ ନିଲମ୍ବିତ

**ମଧ୍ୟାହ୍ନଭୋଜନ, ପୋଷାକ ଓ ଜୋତା ଅର୍ଥ ପ୍ରଦାନରେ ଅନିୟମିତତା**

**ଦଶରଥପୁର,୨୦।୧୨(ଡି.ଏନ୍.ଏ.):** ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା କୁଆଁରପୁର ନୋଡାଲ ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ନାୟକଙ୍କୁ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏନେଇ ଭାରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ (ବିଇଓ/ଆଇସି)କିଶୋର ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି। ଉକ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କ ଲାଗି ଆସିଥିବା ମଧ୍ୟାହ୍ନଭୋଜନର ଚାଉଳ, ପୋଷାକ ଓ ଜୋତା ବାବଦ ଅର୍ଥକୁ ଛାତ୍ରୀଛାତ୍ରଙ୍କୁ ଦିଆଯାଇ ନ ଥିବାନେଇ ଅଭିଭାବକଙ୍କ ପକ୍ଷରୁ ଚଳିତ ମାସ ୧୨ ତାରିଖରେ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ମଣ୍ଡଳ ଶିକ୍ଷାଧିକାରୀ ଏବିଇଓ ସାବିତ୍ରୀ ସେଠୀଙ୍କୁ ଘଟଣାର ତଦନ୍ତଭାର ଦେଇଥିଲେ। ତଦନ୍ତପରେ ପ୍ରଧାନଶିକ୍ଷକ ମଧ୍ୟାହ୍ନଭୋଜନ, ପୋଷାକ ଓ ଜୋତାପାଇଁ ଆସିଥିବା ଅର୍ଥରୁ ଲକ୍ଷାଧିକ ଟଙ୍କା ଘୋଟାଲା କରିଥିବା ଜଣାପଡ଼ିଥିଲା। ତଦନ୍ତ ଦାୟିତ୍ୱରେ ଥିବା ଏବିଇଓ ସେଠୀ ଏହାର ରିପୋର୍ଟ ପ୍ରଦାନ କରିବା ପରେ ମଣ୍ଡଳ ଶିକ୍ଷାଧିକାରୀ ଉକ୍ତ ରିପୋର୍ଟକୁ ବିଭାଗୀୟ ଉଚ୍ଚସ୍ତରକୁ ପଠାଇଥିଲେ। ଏହାପରେ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୮୩୭୩ ନିର୍ଦ୍ଦେଶନାମା ଅନୁଯାୟୀ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠିନଂ.୧୪୬୬ରେ କୁଆଁରପୁର ନୋଡାଲ ୟୁପି ସ୍କୁଲର ଆସିଷ୍ଟାଣ୍ଟ ଟିଚର (ଭାରପ୍ରାପ୍ତ) ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ସୂଚନା ଦିଆଯାଇଛି।

## ମୋହନ ଜେନାଙ୍କ କାର୍ଯ୍ୟ ପ୍ରେରଣାର ଉତ୍ସ ହୋଇ ରହିବ

**ବରୀ,୨୦।୧୨(ଡି.ଏନ.ଏ.):** ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ବିୟୋଗରେ ବରୀ ମାଉଣ୍ଡ ଜାଗୁଲାଇ ପୀଠଠାରେ ଏକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଦିଂବଗତ ଏମ୍‌ପି ଜେନାଙ୍କ କର୍ମମୟ ଜୀବନ, କାର୍ଯ୍ୟ ଦକ୍ଷତା, ନିଷ୍ଠା ଓ ଆଦର୍ଶ ଆଜି ବି ଅନ୍ୟମାନଙ୍କ ନିମନ୍ତେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, କାମିନୀ ନାୟକ, ସଚ୍ଚନ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଦାଶ, ଶିକ୍ଷାବିତ କୁଞ୍ଜବିହାରୀ ଦାଶ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ସାମଲ, ଆଇନଜୀବୀ ରାଜକିଶୋର ସାମଲ, ରମ୍ଭା ସରପଞ୍ଚ ମାନସ ଯେନା, ପମୋଦ ଜେନା, ପୂର୍ବତନ ସରପଞ୍ଚ ରମାକାନ୍ତ ମଲିକ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ବିଜୟ ନାୟକ, ରମାକାନ୍ତ ମଣ୍ଡଳ, ସୀତା ଅପା, ପ୍ରସନ୍ନ ସାମଲ, ଦୁର୍ଯ୍ୟୋଧନ ଦଳାଇ, ନଟବର ବେହେରା, ଦୁଷ୍ମନ୍ତ ସେଠୀ, ରବୀନ୍ଦ୍ର ମଲିକ ଓ ଜଳଧର ମଲିକ ପ୍ରମୁଖ ଯୋଗଦେଇ ଜେନାଙ୍କ ସ୍ମୃତିଚାରଣ କରିଥିଲେ।

## ଖଣି ପରିବେଶ, ଖଣିଜ ସମ୍ପଦ ସଂରକ୍ଷଣ ସପ୍ତାହ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି କୃତୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**କଳିଆପାଣି,୨୦।୧୨(ଡି.ଏନ.ଏ.):** ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଭୁବନେଶ୍ୱର ଜୋନ୍ ପକ୍ଷରୁ ଆୟୋଜିତ ଖଣି ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ସପ୍ତାହ ଖଣି ଅଞ୍ଚଳରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଖଣି ନିଗମ, ଟିଏସ୍ଏମ୍ଏଲ, ବେଦାନ୍ତ, ଇମ୍ଫା, କମ୍ପାନୀ ପକ୍ଷରୁ ଏଥିପାଇଁ ଖଣିରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଗଠିତ ପରିଦର୍ଶନ କମିଟି ବିଭିନ୍ନ ଖଣି ପରିଦର୍ଶନ କରିଥିଲେ। ପରିବେଶ ଓ ଖଣିଜ ପଦାର୍ଥକୁ କିପରି ସୁରକ୍ଷା ଦେଇ ସଂରକ୍ଷଣ କରାଯାଇପାରିବ ସେନେଇ ଛାତ୍ରୀଛାତ୍ର, କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ପ୍ରଦର୍ଶନୀ ମଣ୍ଡପ ହୋଇଥିଲା। ଏହାକୁ କମିଟି ସଭ୍ୟମାନେ ପରିଦର୍ଶନ କରିଥିଲେ।

ଖଣି ନିଗମ ଦକ୍ଷିଣ କଳିଆପାଣି ଖଣି ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଖଣି ପରିଚାଳକ ଇଂ. ଗଣେଶ୍ୱର ଭୂଆଁ ଅଧ୍ୟକ୍ଷତା କରିଥିଲେ। ପଟାବେଡ଼ା ଆଇରନ ଖଣିର ଡିଜିଏମ୍ ତଥା କମିଟି ଆବାହକ ଚର୍ତ୍ତୁଭୁଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ଓ ଖଣିଜ ସମ୍ପଦ କିପରି ସଂରକ୍ଷଣ କରାଯାଇ ପାରିବ ତା' ଉପରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଗମ ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତରାୟ, କଟାମାଟି ଆଇରନ ଖଣି ପରିଚାଳକ ନିରଜ କୁମାର, ଶାଗସାହି ଆଇରନ ଖଣିର ବରିଷ୍ଠ ଭୂତତ୍ତ୍ୱବିତ ପୂର୍ଣ୍ଣଚନ୍ଦ୍ର ସାହୁ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଜିଲା ପରିଷଦ ସଭ୍ୟା ଜେମା ଚାଖି, ସରପଞ୍ଚ ବିକାଶ ପାତ୍ର, ସମିତି ସଭ୍ୟ ସାଲୁକା ହନେଗା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଏଥିସହିତ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଂଗୀତା ବିଶି ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଆଇଟି ପରିଚାଳକ ସନ୍ତୋଷ ବେହେରା ଧନ୍ୟବାଦ ଦେଇଥିଲେ। ସୁକୁରଙ୍ଗୀ ଖଣି ପରିଚାଳକ ଇଂ. ମାୟାଧର ପାତ୍ର, ଇଂ. ଅମ୍ବିକା ମହାପାତ୍ର, ଇଂ. ନିଗମାନନ୍ଦ ସେଠୀ, ସୁମିତ ପାଢ଼ୀ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ରେଳପଥ ଷ୍ଟାଣ୍ଡିଂ କମିଟି ସଦସ୍ୟ, ଏମ୍‌ପିଙ୍କୁ ଚିଠି

**ଯାଜପୁରରୋଡ-ଧାମରା ରେଳପଥ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି**




**ପାଣିକୋଇଲି,୨୦।୧୨(ଡି.ଏନ.ଏ.):** ଯାଜପୁରରୋଡ–ଧାମରା ରେଳପଥ ନିର୍ମାଣ ପାଇଁ ଓଡ଼ିଶାରୁ ରେଳପଥ ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟ ଥିବା ଡ. ଅଚ୍ୟୁତ ସାମନ୍ତ, ପ୍ରଶାନ୍ତ ନନ୍ଦ, ସଙ୍ଗିତା ସିଂହଦେଓ, ସୁଶ୍ରୀ ଚନ୍ଦ୍ରିକା ମୁର୍ମୁଙ୍କ ସମେତ ଏମ୍‌ପି ଶର୍ମିଷ୍ଠା ସେଠୀ, ମଞ୍ଜୁଲତା ମଣ୍ଡଳ ଓ ସୁଲତା ଦେଓଙ୍କୁ ଯାଜପୁରରୋଡ୍ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ୱାକ୍ଷର ପତ୍ର ପ୍ରେରଣ କରାଯାଇଛି।

ଯାଜପୁର ଜିଲା ସଦର ମହକୁମା ସହ ରେଳ ସଂଯୋଗ ସୁନିଶ୍ଚିନ୍ତ କରିବା, ଯାଜପୁର ସମେତ ଆରଡି, ଧାମରା ଓ ଭିତରକନିକାକୁ କେନ୍ଦ୍ରକରି ପର୍ଯ୍ୟଟନର ବିକାଶ, କଳିଙ୍ଗନଗର ଓ ନାଲୋକୋ ଶିଳ୍ପଜାତ ଦ୍ରବ୍ୟର ପରିବହନ ସାଙ୍ଗକୁ ସୁକିନ୍ଦା, ତାଳଚେର ଓ କେନ୍ଦୁଝର ଜିଲାର ଖଣିଜ ସମ୍ପଦର ପରିବହନକୁ ସୁବିଧା ଜନକ କରିବା, ବୈତରଣୀ, ସାଳନ୍ଦୀ ଓ ଖରସ୍ରୋତାର ଅବବାହିକାରେ ଅବସ୍ଥିତ ଭଦ୍ରକ ଏବଂ ଯାଜପୁର ଜିଲାର କୃଷିଜାତ ସାମଗ୍ରୀ ଓ ମତ୍ସ ସମ୍ପଦ ସରବରାହ ବୃଦ୍ଧି ଜରିଆରେ କୃଷିଜୀବୀ ଓ ମତ୍ସ୍ୟଜୀବୀଙ୍କ ଆର୍ଥିକ ଅବସ୍ଥାକୁ ଉନ୍ନୀତ କରିବା ପାଇଁ ଏହି ନୂତନ ରେଳପଥ ନିର୍ମାଣର ଅପରିହାର୍ଯ୍ୟତା ସମ୍ପର୍କରେ ସ୍ମାରକପତ୍ରରେ ବର୍ଣ୍ଣନା କରାଯାଇଛି।

୨୦୧୨–୧୩ ରେଳ ବଜେଟରେ ଏହି ରେଳପଥର ସର୍ଭେ ପାଇଁ ମଞ୍ଜୁରୀ ମିଳିବା ପରେ ସର୍ଭେ କରାଯାଇ ରେଳବାଇ ବୋର୍ଡକୁ ୨୦୧୫ରେ ରିପୋର୍ଟ ପ୍ରଦାନ କରାଯାଇଛି। ହେଲେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ରେଳ ମନ୍ତ୍ରଣାଳୟ କୌଣସି ଆଗ୍ରହ ପ୍ରଦର୍ଶନ କରୁନାହିଁ। ୯୬ କିଲୋମିଟିର ଦୈର୍ଘ୍ୟ ବିଶିଷ୍ଟ ଏହି ରେଳପଥ ନିର୍ମାଣ ପାଇଁ ପ୍ରାୟ ୧୦୪୨ କୋଟି ୬୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ନେଇ ଅଟକଳ କରାଯାଇଛି। ରେଳପଥ ନିର୍ମାଣ କରାଗଲେ ରେଳବାଇର ଶତକଡ଼ା ୨୭.୪୩% ଲାଭ ହେବ ବୋଲି ଆକଳନ କରାଯାଇଥିଲେ ମଧ୍ୟ ରେଳବାଇ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେବାକୁ ପଛଘୁଞ୍ଚା ଦେବା ବିସ୍ମୟର କାରଣ ପାଲଟିଛି। କେବଳ ପୂର୍ବତଟ ରେଳବାଇରୁ ବାର୍ଷିକ ୨୦ ହଜାର କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରୁଥିବା ରେଳବାଇ ଏହି ନୂତନ ପ୍ରକଳ୍ପ ପାଇଁ ବାର୍ଷିକ ୩ଶହ କୋଟି ଟଙ୍କା ଲେଖାଏ ବ୍ୟୟ ବରାଦ କଲେ ରେଳପଥଟିର ନିର୍ମାଣ କାମ ୫ ବର୍ଷରେ ସମାପ୍ତ ହୋଇପାରିବ। ରେଳବାଇ ଷ୍ଟାଣ୍ଡି କମିଟି ସଦସ୍ୟଙ୍କ ସମେତ ଓଡ଼ିଶାର ଏମ୍‌ପିମାନେ ପ୍ରକଳ୍ପକୁ ମଞ୍ଜୁରୀ କରାଇବା ଓ ୨୦୨୩/୨୪ ରେଳ ବଜେଟରେ ୩ଶହ କୋଟି ଟଙ୍କା ବ୍ୟୟ ବରାଦ କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସଂଗ୍ରାମ ସମିତି ଅବାହକ ସନ୍ତୋଷ ଦାସ ଅନୁରୋଧ କରିଛନ୍ତି।

## ତଣ୍ଡରାରେ ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପିତ

**ପାଣିକୋଇଲି,୨୦।୧୨(ଡି.ଏନ.ଏ.):** କୋରେଇ ବ୍ଲକ ଅନ୍ତର୍ଗତ ତଣ୍ଡରା ଗ୍ରାମରେ ଧନୁସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପିତ ହୋଇଯାଇଛି। ୧୬ ତାରିଖରୁ ପୂଜାର୍ଚ୍ଚନା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ। କାହ୍ନୁଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗ୍ରାମୀ ଆଲୋକ ମହାନ୍ତି, ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ ଓ କାହ୍ନୁ ପରିଡାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ପ୍ରମୋଦ ମଲିକ, ଶରତ ମଲିକ, ସାଗର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶତାଧିକ ଲୋକ ସମବେତ ହୋଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।


ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଗ୍ରାମବାସୀ।

## ଦିବ୍ୟାଙ୍ଗ ଛାତ୍ରୀଙ୍କୁ ନିର୍ଯାତନା ଘଟଣାରେ ଶିକ୍ଷୟିତ୍ରୀ ନିଲମ୍ବିତ

**ବାଲିଆ,୨୦।୧୨(ସ୍ୱ.ପ୍ର.)** ଦିବ୍ୟାଙ୍ଗ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ବିରିଡି ବ୍ଲକ ସହାବାଦ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଆଦେଶ କାର୍ଯ୍ୟକାରୀ ପାଇଁ ବିରିଡି ବିଇଓ ସର୍ବେଶ୍ୱର ବିଶ୍ୱାଳଙ୍କୁ ପତ୍ର ପଠାଇଥିଲେ। ବିଇଓ ବିଶ୍ୱାଳ ଶିକ୍ଷୟିତ୍ରୀ ଇନ୍ଦ୍ରାଣୀ ବେହେରାଙ୍କୁ ନିଲମ୍ବନ କରିଛନ୍ତି। ୧୬ ନଭେମ୍ବରରେ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଙ୍କୁ ମାଡ଼ ମାରିବା ସହ ତାଙ୍କ ଉପରେ ପାଣି ଢ଼ାଳିଥିବା ନେଇ ସମ୍ପୃକ୍ତା ଛାତ୍ରୀଙ୍କ ମା' ଅଭିଯୋଗ କରିଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ହେବାରେ ବିଳମ୍ବ ହେବାରୁ ପୀଡ଼ିତାଙ୍କ ମା' ଜିଲାପାଳଙ୍କୁ ଭେଟି ନ୍ୟାୟ ପାଇଁ ଅନୁରୋଧ କରିଥିଲେ।

# ଇଡି ହାତରେ ଡିଜିଟାଲ ଫୋରେନ୍‌ସିକ୍ ରିପୋର୍ଟ

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ ମାମଲା**
- ଅର୍ଚ୍ଚନା ଜେଲ ଫେରିଯିବା ପରେ ରିପୋର୍ଟ ମିଳିବାକୁ ନେଇ ପ୍ରଶ୍ନ
- ଖଣ୍ଡଗିରି ପୋଲିସ ବି ପାଇଲା
- ୨୨ରେ ଜଗବନ୍ଧୁଙ୍କ ରିମାଣ୍ଡ ସରିବ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)** ଦୁଇଟି ପର୍ଯ୍ୟାୟରେ ୧୩ ଦିନର ରିମାଣ୍ଡ ସରିବା ପରେ ସୋମବାରଠାରୁ ଝାରପଡ଼ା ଜେଲକୁ ଫେରିଯାଇଛନ୍ତି ରହସ୍ୟମୟୀ ବ୍ଲାକମେଲର ଅର୍ଚ୍ଚନା ନାଗ। ଏପରି ସ୍ଥିତିରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଅର୍ଚ୍ଚନାଙ୍କ ଡିଜିଟାଲ ଦସ୍ତାବିଜ୍‌ର ଫରେନ୍‌ସିକ୍ ରିପୋର୍ଟ ମିଳିଛି। ଷ୍ଟେଟ୍ ଫରେନ୍‌ସିକ୍ ଲ୍ୟାବ୍ ପକ୍ଷରୁ ଇଡିକୁ ଏହା ଦିଆଯାଇଛି। ଏହି ପ୍ରଥମ ପର୍ଯ୍ୟାୟର ରିପୋର୍ଟରେ ୧୨ଟି ସାମ୍ପଲ ରିପୋର୍ଟ ରହିଛି। ଏଥିମଧ୍ୟରେ ଅର୍ଚ୍ଚନାଙ୍କ ମୋବାଇଲ, ଲାପଟପ୍, ପେନ୍‌ଡ୍ରାଇଭ ଓ ଟ୍ୟାବ୍‌ର ତଥ୍ୟ ରହିଛି। ତେବେ ରିମାଣ୍ଡ ସମୟରେ ଅର୍ଚ୍ଚନା ଏହି ମାମଲା ସଂକ୍ରାନ୍ତରେ ମୁହଁ ଖୋଲୁ ନ ଥିବାରୁ ଇଡି ଡିଜିଟାଲ ଦସ୍ତାବିଜ୍ ମାଗିଥିଲା। ହେଲେ ଫରେନ୍‌ସିକ୍‌ଲ୍ୟାବ୍‌ପକ୍ଷରୁଏହା ଦେବାକୁ ବିଳମ୍ବ କରାଯାଇଥିଲା। ଏ ନେଇ ଇଡି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହେଲେ ଏବେ ଅର୍ଚ୍ଚନାଙ୍କ ରିମାଣ୍ଡ ସରିବା ପରେ ଏହି ରିପୋର୍ଟ ମିଳିଥିବାରୁ ଏହାକୁ ନେଇ ଚର୍ଚ୍ଚା ହେଉଛି। ଜାଣି ଜାଣି ଫରେନ୍‌ସିକ୍ ଲ୍ୟାବ୍ ପକ୍ଷରୁ ଏହି ରିପୋର୍ଟ ଦିଆଯାଉଥିବା କୁହାଯାଉଛି।

ସେହିପରି ଖଣ୍ଡଗିରି ଥାନା ପୋଲିସ ମଧ୍ୟ ଏହି ଡିଜିଟାଲ ଦସ୍ତାବିଜ୍ ରିପୋର୍ଟ ଆଣିଛି। ଏହି ରିପୋର୍ଟ ଆଧାରରେ ମାମଲାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି। ତେବେ ଦୀର୍ଘଦିନର ଜେରା ଓ ଚଢ଼ାଉ ସତ୍ତ୍ୱେ ଏଯାଏ ବ୍ଲାକମେଲର ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର କାଣିଚାଏ ଗୁମର ଖୋଲିପାରି ନାହିଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ମାତ୍ର କିଛି ଲକ୍ଷ ଟଙ୍କାର ବେଆଇନ କାରବାର ଧରିଥିଲେ ମଧ୍ୟ ରାଜ୍ୟର ଏହି ବଡ଼ ହନିଟ୍ରାପ୍, ବ୍ଲାକ୍‌ମେଲିଂ ଓ ଠକେଇ ଘଟଣାରେ ପ୍ରଭାବଶାଳୀ ନେତା, ଅଫିସର, ପୋଲିସ ଓ ବ୍ୟବସାୟୀଙ୍କ ସମ୍ପୃକ୍ତିର ପ୍ରମାଣ ପାଇପାରି ନାହିଁ। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ୯ ଦିନିଆ ରିମାଣ୍ଡରୁ ଆଉ ୨ଦିନ ବାକି ଅଛି। ସେ ଗତ ୧୪ ତାରିଖରୁ ରିମାଣ୍ଡରେ ଆସି ଜେରାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ୨୨ ତାରିଖରେ ତାଙ୍କର ରିମାଣ୍ଡ ସରିବାର ଥିବାରୁ ତାଙ୍କଠୁ ଆଉ କିଛି ତଥ୍ୟ ହାସଲ କରିବାକୁ ଇଡି ଆଶା ରଖିଛି। ତେବେ ଏହି ଡିଜିଟାଲ ଦସ୍ତାବିଜ୍‌ର ରିପୋର୍ଟ ମିଳିବା ପରେ ଇଡି ତା'ର ତଦନ୍ତକୁ ଅଧିକ କ୍ରିୟାଶୀଳ କରିବ ବୋଲି କୁହାଯାଉଛି। ଏପରିକି ଜେଲ ଭିତରେ ଇଡି ଏହି ଡିଜିଟାଲ ଦସ୍ତାବିଜ୍ ଆଧାରରେ ଅର୍ଚ୍ଚନାଙ୍କୁ ଜେରା କରିବାର ଯୋଜନା ରଖିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ୭ଦିନ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ଦିନ ପାଇଁ ରିମାଣ୍ଡରେ ଆସି ଅର୍ଚ୍ଚନା ଚୁପ୍ ରହିଥିଲେ। ତେଣୁ ଆଉ ୨ ଦିନ ରିମାଣ୍ଡରେ ନେଇ କିଛି ପ୍ରମାଣ ପାଇବାକୁ ଇଡି ମଙ୍ଗଳବାର ଆବେଦନ କରିଥିଲା, କିନ୍ତୁ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ।



# ବରୀରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

**ବରୀ,୨୦।୧୨(ଡି.ଏନ.ଏ.):** ବରୀ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଶିବିରରେ ଅଧ୍ୟକ୍ଷତା କରିଥିଲେ। ଦୀର୍ଘ ଦିନ ଧରି ଉକ୍ତ ବ୍ଲକ୍‌ରେ ଉନ୍ନୟନମୂଳକ କାର୍ଯ୍ୟଠପ୍ ହେବା, ବ୍ଲକ୍‌ର କର୍ମଚାରୀ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଦ୍ୱନ୍ଦ୍ୱ ଲାଗି ରହିଥିଲା। ପରବର୍ତ୍ତୀ ଅବସ୍ଥାରେ ବିଡିଓ ସମସ୍ତ ଲୋକପ୍ରତିନିଧିଙ୍କୁ ଡାକି ବ୍ଲକ୍ ପରିସରରେ ଆଲୋଚନା କରିଥିଲେ। ତେଣୁ ଶିବିରରେ ଉପସ୍ଥିତ ଲୋକପ୍ରତିନିଧିଙ୍କ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସରକାରଙ୍କ ମୂଳଲକ୍ଷ୍ୟକୁ ଆଧାର କରି ଅଭିଯୋଗର ତ୍ୱରିତ ସମାଧାନ କରିବା କ୍ଷେତ୍ରରେ ବ୍ଲକ୍ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ ବୋଲି ସ୍ୱାଇଁଖଣ୍ଡ ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ ମତ ରଖିଥିଲେ।

ଶିବିରରେ ଆବାସ ଯୋଜନା, ଚିକିତ୍ସା ସହାୟତା, ଭତ୍ତା ପ୍ରଦାନ, ଜଳ ଯୋଗାଣ, ଜମିଜମା ସମ୍ବନ୍ଧୀୟ ୬୬୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ଆବାସ ଯୋଜନାରେ ୫୩୩, ରାଶନକାର୍ଡ ୩୬, ଭତ୍ତା ୨୭, ସ୍ୱାସ୍ଥ୍ୟ ଓ ଅନ୍ୟ ସହାୟତା ପାଇଁ ୬୫ ଆବେଦନପତ୍ର ମିଳିଥିବା ଅତିରିକ୍ତ ବିଡିଓ ସୂଚନା ଦେଇଛନ୍ତି। ତନ୍ମଧ୍ୟରୁ ରେଡ୍‌କ୍ରସ ସହାୟତା ପାଇଁ ୯ ଆବେଦନ ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୫ ଆବେଦନର ଶୁଣାଣି ହୋଇଥିଲା। ତତ୍କାଳ ୨୦ ଆବେଦନର ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ଗ୍ରାମୀଣ ଆବାସ ଏବଂ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ହିତାଧିକାରୀମାନେ ଦୀର୍ଘ ଦିନ ଧରି ଅନୁଦାନ ପାଇ ନ ଥିବା ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ନାରାୟଣ ଚନ୍ଦ୍ର ବାରିକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ରଶ୍ମିରେଖା ପ୍ରଧାନ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତିଳୋତମା ପୃଷ୍ଟି, ଜିଲା ସମାଜ ମଙ୍ଗଳ ଅଧିକାରୀ ଏ. ଉଷାରାଣୀ, ବରୀ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ତହସିଲଦାର ମନୋଜ କୁମାର ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଏଲଡିଏମ୍ ମନୋଜ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସଙ୍କ ସହ ବ୍ଲକ୍‌ସ୍ତରୀୟ ଓ ଜିଲାର ବିଭିନ୍ନ ବିଭାଗ ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣାଣ କରିଥିଲେ।

## ସଂକ୍ଷେପରେ

### ବେଡ଼ାରୀ ଗ୍ରାମରେ ଗୋଟିଏ ରାତିରେ ଏକାଧିକ ଘରୁ ଚୋରି

ପାଟକୁରା, ୨୦।୧୨ (ଡ଼ି.ଏନ୍.ଏ): ପାଟକୁରା ଥାନା ବେଡ଼ାରୀ ଗାଁରେ ସୋମବାର ବିଳମ୍ବିତ ରାତିରେ ଏକାଧିକ ଘରେ ଦୁର୍ବୃତ୍ତମାନେ ପଶି ଚୋରି କରିଛନ୍ତି। ଗାଁର ମାନସ ସାହୁଙ୍କ ଘରେ ଦୁର୍ବୃତ୍ତମାନେ ପଶି ସେ ଓ ତାଙ୍କ ସ୍ତ୍ରୀ ଶୋଇଥିବା ଘର କବାଟ ବାହାରୁ ବନ୍ଦ କରି ଦେଇଥିଲେ। ଅନ୍ୟ ଘରେ ଶୋଇଥିବା ତାଙ୍କ ମା'ଙ୍କ ବେକରେ ଛୁରି ଲଗାଇ ଆଲମିରାରେ ଥିବା ୨ଟି ସୁନା ଚେନ୍, ୩ଟା ମୁଦି, ୪ ହଳ ସୁନା କାନ ଫୁଲ, ଗୋଟିଏ ମଙ୍ଗଳ ସୂତ୍ର, ୭ଟା ଛୋଟ ଲକେଟ୍ , ସୁନା ଶଙ୍ଖା ୨ ହଳ, ସୁନାହାର ୧ଟା, ନଗଦ ୩୦ ହଜାର ଟଙ୍କା ନେଇଯାଇଛନ୍ତି। ଘରର ଜମିବାଡ଼ି କାଗଜପତ୍ର ସବୁ ନିକଟରେ ଥିବା ପଡ଼ିଆରେ ପକାଇ ଦେଇଛନ୍ତି। ଥାନାରେ ଖବର ଦେବା ପରେ ପୋଲିସ ଅନୁସନ୍ଧାନ କରିବାକୁ କୁକୁର ସହାୟତା ନେଇଥିଲା। ଗାଁର ପ୍ରଶାନ୍ତ ବାରିକ ଘର କୋଲପ ଭାଙ୍ଗି ଘରେ ପଶିଥିବା ବେଳେ ତାଙ୍କ ସ୍ତ୍ରୀ ପାଟି କରିବାରୁ ସେମାନେ ପଳାଇ ଥିଲେ। ଘର ନିକଟରୁ ୪୦୦ ମିଟର ଦୂରରେ ଅପେରା ପରିବେଷଣର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶିଥିବା କୁହାଯାଉଛି।

### ଶିକ୍ଷାଶ୍ରମର ବିକାଶ ପାଇଁ ଶପଥ ନେଲେ ପୁରାତନ ଛାତ୍ରୀଛାତ୍ର

ପଟ୍ଟାମୁଣ୍ଡାଇ,୨୦।୧୨(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ଅଞ୍ଚଳର ଖ୍ୟାତି ସମ୍ପନ୍ନ ଅରୁଆ ଉଚ୍ଚ ଶିକ୍ଷାଶ୍ରମର ୨୦୦୩ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମର ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ଶିକ୍ଷାଶ୍ରମର ପୁରାତନ ଶିକ୍ଷକ କବି ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ମୁଖ୍ୟଅତିଥି, ଜିଲାପରିଷଦ ସଦସ୍ୟା ମଧୁଛନ୍ଦା ମହାନ୍ତି ମୁଖ୍ୟବକ୍ତା, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅରୁଆ ଉଚ୍ଚଶିକ୍ଷାଶ୍ରମର ଗୌରବମୟ ଇତିହାସ ଓ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ପ୍ରତି ସମାଜରୁ ହଜି ଯାଇଥିବା ପୂଜ୍ୟପୂଜା ପରମ୍ପରାକୁ ପୁରାତନ ଛାତ୍ରୀଛାତ୍ରମାନେ କରିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ପୁରାତନ ଶିକ୍ଷକ ନିର୍ମଳ କୁମାର ପରିଡା, ଜ୍ୟୋତିରାମ ବେହୁରା, ଅମୁଲ୍ୟ କୁମାର ପରିଡା, ଶଶାଙ୍କ ଶେଖର ସାହୁ, ରବିନାରାୟଣ ନନ୍ଦ ଓ ଶିକ୍ଷୟିତ୍ରୀ ଉର୍ବଶୀ ସାହୁ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ତତ୍କାଳୀନ ସ୍କୁଲର ଶୈକ୍ଷିକ ପରିବେଶ ସମ୍ପର୍କରେ ଆଲୋକପାତ କରିବା ସହ ପୁରାତନ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ କରିଥିଲେ। ପୁରାତନ ଛାତ୍ର ଗୋପୀନାଥ ବିଶ୍ୱାଳ, କମଳାକାନ୍ତ ସୂତାର, ସୂର୍ଯ୍ୟକାନ୍ତ ପ୍ରଧାନ, ହିମାଂଶୁ ନନ୍ଦ, ସୌଭାଗ୍ୟ ଧଳ, ସୁଧାଂଶୁବାଳା କୁଣ୍ଡୁ, ସବିତା ନାୟକ, ମିନତି ଦେ, ସୁଦିପ୍ତା ଦେ ପ୍ରମୁଖ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ପିଲା ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏଇ ଅବସରରେ ପୁରାତନ ଶିକ୍ଷକମାନଙ୍କୁ ପୂଜା କରିବା ସହ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲା ପାଇଁ ଜଳ ହେବ ମହରଗ

କେନ୍ଦ୍ରାପଡ଼ା ଅଫିସ, ୨୦।୧୨


ଶୁଖିଲା ପଡିଛି କାଣିନଦୀ।

ମହାନଦୀ ପରେ ଏବେ ବ୍ରାହ୍ମଣୀରେ ଜଳ ସଙ୍କଟ ଦେଖାଦେଇଛି। ବୈତରଣୀ ନଦୀର ଜୋକଡିଆଠାରେ ଦ୍ୱିତୀୟ ବ୍ୟାରେଜ କାର୍ଯ୍ୟକାରୀ ପରେ ଏହି ଜଳ ସଙ୍କଟ କେନ୍ଦ୍ରାପଡ଼ା ଜିଲା ପାଇଁ ମହରଗ ହେବ। ଡିସେମ୍ବର ଆରମ୍ଭରୁ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା ନଦୀ ଶୁଖିଲା ପଡିବାରୁ ଜାତୀୟ ଉଦ୍ୟାନ ଭିତରକନିକାକୁ ଆବଶ୍ୟକ ମୁତାବକ ମଧୁର ଜଳ ମିଳୁନାହିଁ। ଏହା ଆଗକୁ ଭୟଙ୍କର ହେବ। ନଦୀର ଉପରମୁଣ୍ଡରେ ହେଉଥିବା ଶିଳ୍ପ ଓ ଜଳ ପ୍ରକଳ୍ପକୁ ନେଇ ଜିଲାବାସୀଙ୍କ ଚିନ୍ତା ବଢ଼ିଛି। କେନ୍ଦ୍ରାପଡ଼ା ଜିଲାରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ୭ ନଦୀ ପ୍ରବାହିତ ହେଉଛି। ଏହାର ଜଳ ଦୈନନ୍ଦିନ ନିତ୍ୟକର୍ମ ସହ କୃଷି ପାଇଁ ବ୍ୟବହାର କରାଯାଉଛି। ଏଥିସହ ଏହାର ମଧୁର ଜଳ ଜାତୀୟଉଦ୍ୟାନ ଭିତରକନିକାର ଜୈବ ବିବିଧତାକୁ ରକ୍ଷା କରୁଛି। ତେବେ ନଦୀ ପରିଚାଳନା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଆଗାମୀ ୩ ଦଶନ୍ଧିରେ ଚଳନ୍ତି ଭାବେ ମହରଗରେ ଥିବା ଜଳ ଆଗାମୀ ଦିନରେ କାନ୍ତାରରେ ପରିଣତ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଶିକ୍ଷାବିତ୍ ଭୂବନମୋହନ ଜେନା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, କ୍ଷୀତିଶ କୁମାର ସିଂହ, ଶ୍ରୀକାନ୍ତ ନାୟକ ପ୍ରମୁଖ ନଦୀ ଜଳ ପରିଚାଳନାକୁ ନେଇ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଓଡ଼ିଶା ଓ ଛତିଶଗଡ଼ ସରକାର ମହାନଦୀର ଜଳ ପ୍ରବାହ ବିବାଦକୁ ତୁରନ୍ତ ସମାଧାନ କରିବା ଦରକାର। ତଳମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲା ଏଥିନେଇ ବହୁ ଭାବରେ ପ୍ରଭାବିତ ହେଉଥିବା ବେଳେ ଆଗାମୀଦିନରେ ହେବାକୁ ଥିବା ଷ୍ଟିଲ ପ୍ଲାଣ୍ଟ ଓ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଉପରେ ପ୍ରଭାବ ପଡିବ। ସେହିପରି ଯାଜପୁରଠାରେ ବ୍ୟାରେଜ ନିର୍ମାଣ ପରେ ଜାତୀୟ ଉଦ୍ୟାନ ଭିତରକନିକାକୁ ବୈତରଣୀ ନଦୀର ଜଳ

- ■ ଶୁଖିଲା ପଡ଼ିଲାଣି ମହାନଦୀ, ବ୍ରାହ୍ମଣୀ ସିଷ୍ଟମ
- ■ ନଦୀ ଜଳ ପରିଚାଳନାକୁ ନେଇ ବୁଦ୍ଧିଜୀବୀଙ୍କ ଉଦ୍‌ବେଗ
- ■ ଜାତୀୟ ଉଦ୍ୟାନକୁ ମିଳିବନି ମଧୁର ଜଳ

ପ୍ରବାହ କମିବ। ବ୍ରାହ୍ମଣୀ ନଦୀ ଉପର ମୁଣ୍ଡରେ ରେଙ୍ଗାଲି ପ୍ରୋଜେକ୍ଟ ନିର୍ମାଣ ଚାଲିଛି। ଏହା ଚାଷ ପାଇଁ ବ୍ୟବହାର ହେବ। ସେହିପରି ଏହି ନଦୀ ଜଳ ଉପରେ କଳିଙ୍ଗ ନଗର ଶିଳ୍ପାଞ୍ଚଳ ନିର୍ଭର କରୁଛି। ଏହି ଶିଳ୍ପାଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଶିଳ୍ପ ପାଇଁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ୧୨୦ କ୍ୟୁସେକ ପାଣି ଉତ୍ତୋଳନ ହେଉଛି। ପଙ୍କପାଳସ୍ଥିତ ବ୍ରାହ୍ମଣୀ ନଦୀ ମୁହାଣରେ ଇଡ୍‌କୋ ପକ୍ଷରୁ ଉଚ୍ଚଶକ୍ତିସମ୍ପନ୍ନ ପମ୍ପ ହାଉସ ନିର୍ମାଣ କରିଛି। ସେହିପରି ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରୁ ମାର୍ଥାପୁରଠାରେ ଶିଳ୍ପକୁ ପାଣି ଯୋଗାଣ ହେଉଛି। ଆଗାମୀ ଦିନରେ ମେସ୍କୋ, ମୈଥାନ ଆଦି ଶିଳ୍ପ ବ୍ରାହ୍ମଣୀ ନଦୀକୁ ଉପଯୋଗ କରିବେ। ଶିଳ୍ପ ପରି ରାଜ୍ୟ ସରକାର କୃଷି ଓ ପାନୀୟ ଜଳକୁ ଗୁରୁତ୍ୱ ଦେଉଛନ୍ତି। ସୁକିନ୍ଦା ଓ ଦାନଗଦୀ ବ୍ଲକ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା ହୋଇଥିବା ବେଳେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ବିଞ୍ଝାରପୁର, ଯାଜପୁର, କୋରେଇ ଓ ରସୁଲପୁର ବ୍ଲକ ଅଞ୍ଚଳର ୨୮୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ମଞ୍ଜୁରୀ ଦିଆଯାଇଛି। ଏଥିସହ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାରେ ଖରସ୍ରୋତା ନଦୀରୁ ଭଦ୍ରକର ୪ ବ୍ଲକ ଅଞ୍ଚଳ ପାଇଁ ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ନିକଟରେ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୬୫ ପଞ୍ଚାୟତରେ ପିଇବା ପାଣି ଯୋଗାଇବା ପାଇଁ ଜଳ ଜୀବନ ମିଶନରେ ବ୍ୟୟ ବରାଦ ହୋଇଛି। ଏହା ବ୍ୟତୀତ କୃଷି ପାଇଁ ଜିଲାରେ ପ୍ରବାହିତ ବହୁ ନଦୀରେ ପ୍ରକଳ୍ପ ଅଛି। ଜିଲାର ଭୂତଳ ଜଳ ଚିନ୍ତାଜନକ ସ୍ଥିତିରେ ଥିବା ବିଭିନ୍ନ ସର୍ଭେ ରିପୋର୍ଟରୁ ଜଣାପଡିଛି। ୨୦୧୭ ମସିହାରେ କେନ୍ଦ୍ର ଭୂତଳ ଜଳ ବୋର୍ଡ ଦ୍ୱାରା ହୋଇଥିବା ସର୍ଭେ ରିପୋର୍ଟ ଅନୁଯାୟୀ, ଆଗାମୀ ୩ ଦଶନ୍ଧିରେ ବ୍ରାହ୍ମଣୀରେ ଯେତିକି ଜଳ ପ୍ରବାହିତ ହେବ, ତା'ଠାରୁ ପ୍ରାୟ ୩ ହଜାର କ୍ୟୁବିକ ମିଟର ଅଧିକ ଜଳ ଆବଶ୍ୟକ କରିବ। ରାଜ୍ୟରେ ଉପଲବ୍ଧ ହେଉଥିବା ମୁଣ୍ଡପିଛା ହାରାହାରି ଜଳ ପରିମାଣ ଦ୍ରୁତ ବେଗରେ ହ୍ରାସ ପାଉଥିବା ବେଳେ ମହାନଦୀ, ବ୍ରାହ୍ମଣୀ ପରି ପ୍ରମୁଖ ନଦୀଗୁଡିକରେ ଯେଉଁ ଜଳାଭାବ ଦେଖାଦେବ, ସେଥିଯୋଗୁ ମୁଣ୍ଡ ପିଛା ଜଳ ଉପଲବ୍ଧତା ଆହୁରି ହ୍ରାସ ପାଇବ ବୋଲି ସେମାନେ ଆଶଙ୍କା କରିଛନ୍ତି।

## ରାଜନଗରରେ ମାନସିକ ରୋଗୀ ନିରୂପଣ ଶିବିର

ରାଜନଗର, ୨୦।୧୨(ଡି.ଏନ୍.ଏ.)

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଜଗନ୍ନାଥପୁର ଶାସନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ମାନସିକ ରୋଗୀ ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିର୍ଜା ବାବର ବେଗ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଡା. ସୁଜାତା ତ୍ରିପାଠୀ, ବିଜୟାଲକ୍ଷ୍ମୀ ନାଥ, ସୋମାପୁଷ୍ପା ମିଶ୍ର, ସବ୍ୟସାଚୀ ମହାନ୍ତି, ଶ୍ୟାମ ସୁନ୍ଦର ବିଶ୍ୱାଳ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ବିପିଏଚ୍‌ଓ ଡା. ପ୍ରଣବ କୁମାର ଶୁକ୍ଳା, ଡା. ସିତମ କଳାକାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଶିବିରର ଆଭିମୁଖ୍ୟ ଓ ମାନସିକ ରୋଗର ଆଶୁ ନିରାକରଣ ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ଆଖପାଖ ଅଞ୍ଚଳରୁ ଆସିଥିବା ୧୯୬ଜଣ ମାନସିକ ରୋଗୀଙ୍କୁ ଚିକିତ୍ସା କରାଯିବା ସହ ଔଷଧ ବଣ୍ଟନ କରାଯାଇଛି। ଏଥିରେ ଜଗନ୍ନାଥପୁର ଶାସନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ମହିଳା ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସିଏଚ୍‌ଓ ଏବଂ ଆଶାକର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିପିଏମ୍ ଶ୍ରୀକାନ୍ତ ଦାସ, ପିଏଚଇଓ ହିମାଂଶୁ ଶେଖର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଆଜିଠାରୁ ଭିତରକନିକାରେ ଡଲ୍‌ଫିନ୍ ଗଣନା

ରାଜନଗର, ୨୦।୧୨(ଡି.ଏନ୍.ଏ.)

## ଗଣନା ପାଇଁ ପ୍ରଶିକ୍ଷଣ, ଟିମ୍ ଗଠନ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବନ କର୍ମଚାରୀ ଓ ଅନ୍ୟମାନେ।

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ବୁଧବାରଠାରୁ ୨୩ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଡଲ୍‌ଫିନ ଗଣନା କରାଯିବ। ବୁଧବାର ସକାଳୁ ୯ଟି ଟିମ ଡଲ୍‌ଫିନ ଗଣନା କରିବେ। ଧାମରା ମୁହାଣଠାରୁ ଦେବୀ ମୁହାଣଯାଏ ସମୁଦ୍ର ମଧ୍ୟରେ ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ଗଣନା କରାଯିବ ବୋଲି ରାଜନଗର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଗୁପ୍ତି ବନ ବିଭାଗ ପାନ୍ଥଶାଳାରେ ଏ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡଲ୍‌ଫିନ ବିଶେଷଜ୍ଞ ଡ. ଶିବ ପ୍ରସାଦ ପରିଡ଼ା, ଭକ୍ତ ପଦାରବିନ୍ଦ ରଥ, ନିମାଇଁ ଚରଣ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଡଲ୍‌ଫିନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଉପସ୍ଥାନ କରିବା ସହ ଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିଷ୍ପତ୍ତିକ୍ରମେ ୨୦୧୫ଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ଚଳିତବର୍ଷ ୯ଟି ଟିମ୍ ଗଠନ କରାଯାଇଛି। ଆଉଟର ହୁଇଲରରୁ ଚିଙ୍କିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜ୍‌ରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଳା, ଖୋଳାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆଁ, ଜମ୍ବୁ ଖରନାସିରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣଯାଏ ୯ଟି ଗ୍ରୁପରେ ବିଭକ୍ତ ହୋଇ ଡଲ୍‌ଫିନ୍ ଗଣନା କରାଯିବ ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ପ୍ରତି ଗ୍ରୁପରେ ୩ ରୁ ୫ ଜଣ ଲେଖାଏ ଗଣନାକାରୀ ରହିବେ। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍‌ରେ ୪ଟି ଟିମ୍ ଡଲ୍‌ଫିନ୍‌ମାନଙ୍କୁ ଗଣନା କରିବେ। ଭିତରକନିକା ସଂଲଗ୍ନ ନଦୀ, କ୍ରିକ୍ ଓ ସମୁଦ୍ରରେ ଇରାୱାର୍ଡି, ବଟଲ୍‌ନୋଜ୍, ହମ୍ପ୍‌ବ୍ୟାକ୍, ଫିନ୍‌ଲେସ୍ ପରିପଏସ୍ ଓ ଗାଙ୍ଗେଟିକ୍ ପ୍ରଭୃତି ୫ ପ୍ରଜାତିର ଡଲ୍‌ଫିନ୍ ଦେଖାଯା'ନ୍ତି। ଏମାନଙ୍କ ଗଣନା କରାଯିବା ସହ ଭାରତ ଉପକୂଳରେ ଦେଖାଯାଉଥିବା ରିସୋସ୍ ଓ ସ୍ପିନ୍‌ର ଜାତୀୟ ଡଲ୍‌ଫିନ୍ ଅଛନ୍ତି କି ନାହିଁ ଦେଖାଯିବ। ଏହାବାଦ୍ ଏହି ସମୁଦ୍ରରେ ଗଣନା ସମୟରେ ତିମି ମାଛ ଦେଖାଗଲେ ସେମାନଙ୍କ ଗଣନା କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଚିଲିକା ଅଞ୍ଚଳରେ କେବଳ ଇରାୱାଡି ପ୍ରଜାତିର ଡଲ୍‌ଫିନ୍ ଦେଖାଯାଆନ୍ତି। ଭିତରକନିକାରେ ୫ ପ୍ରକାର ଡଲ୍‌ଫିନ୍ ଦେଖାଯାଇଥାନ୍ତି। ପ୍ରତ୍ୟେକ ଗଣନା ଟିମ୍ ସଦସ୍ୟମାନଙ୍କୁ ସହାୟତା ପାଇଁ ବୋଟ ସହିତ ବାଇନାକୁଲାର, ଜିପିଏସ୍, ହ୍ୟାଣ୍ଡସେଟ କ୍ୟାମେରା, ହ୍ୟାଣ୍ଡିକ୍ୟାମ ପ୍ରଭୃତି ଉପକରଣ ବନ ବିଭାଗ ତରଫରୁ ଯୋଗାଇ ଦିଆଯିବ। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ବନ ସଂରକ୍ଷିକା ପୂର୍ଣ୍ଣିମା ହୀରା ହାଁସଦା, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସ, ଗବେଷକ ପ୍ରସନ୍ନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଫରେଷ୍ଟର ବିଜୟ କୁମାର ପାତ୍ର, ବିଭୂତି ଭୂଷଣ ତରାଇ, ପଦ୍ମନାଭ ରାଉତ, ତ୍ରିଦୀପ ପ୍ରଧାନ, ବିଶ୍ୱରଞ୍ଜନ ତରାଇ, ରଞ୍ଜନ କୁମାର ପାଣି, ସତ୍ୟଜିତ ପାଣି, ସୁନିଲ ରଞ୍ଜନ ରାଉତରାୟ, ରୋଜାଲିନ ଦାସ, ସୁରେଶ କୁମାର ରାଉତ, ପ୍ରଦୋଷ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ।

# ରାଜନଗରରେ କଳାକାର ଭତ୍ତା ପାଇଁ ଚୟନ ଅଡିଶନ


ଚୟନ ପ୍ରକ୍ରିୟାରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

ରାଜନଗର, ୨୦।୧୨(ଡି.ଏନ୍.ଏ.)

ରାଜନଗର ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ କଳାକାର ଭତ୍ତା ପାଇଁ ଚୟନ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ୩ଦିନ ଧରି ହେବାକୁ ଥିବା ଏହି ଚୟନ ପ୍ରକ୍ରିୟାର ପ୍ରଥମ ଦିବସରେ ୩୦ନଂ. ଜୋନର ୧୩୧ଜଣ କଳାକାର ଅନ୍‌ଲାଇନରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୦ଜଣ କଳାକାର ଏଥିରେ ଯୋଗଦେଇ ନିଜର କଳା ନୈପୁଣ୍ୟତା, ସଙ୍ଗୀତ ପରିବେଷଣ, ନୃତ୍ୟ, ବାଦ୍ୟଯନ୍ତ୍ର ବଜାଇବା, ସଂକୀର୍ତ୍ତନ ମଣ୍ଡଳର କଳାକାରମାନେ କଳା ପରିବେଷଣ କରିଥିଲେ। ଏହି ଚୟନ ପ୍ରକ୍ରିୟାରେ ବିଚାରକ ଭାବେ ଗୀତିକାର ଅନାଦି ଚରଣ ଜେନା, ପାଲା ଗାୟକ ଭାଗବତ ବେହେରା, ତବଲା ବାଦକ ବଳରାମ ପରିଡ଼ା, କଣ୍ଠଶିଳ୍ପୀ ଲିପି ମିଶ୍ର ପ୍ରମୁଖ ଯୋଗଦେଇ କଳାକାର ଭାବେ ଚୟନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ କୁମାର ଗୁଡିଆ, ସରପଞ୍ଚ ଅଶୋକ କୁମାର ମହାନ୍ତି, କୈଳାସ କୁମାର ପରିଡା, ସମିତିସଭ୍ୟା ହରପ୍ରିୟା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଏସ୍‌ଏସ୍‌ଓ ମନୋଜ କୁମାର ବେହେରା, ଜୁନିୟର କ୍ଲର୍କ ଅସିତ କୁମାର ସ୍ୱାଇଁ, ଶୀତଲ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ପାଟକୁରା ବିକାଶର ପୁରୁଷ ଥିଲେ ବେଦପ୍ରକାଶ ଅଗ୍ରୱାଲ

ପାଟକୁରା ୨୦।୧୨ (ଡି.ଏନ୍.ଏ.)

ପାଟକୁରା ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲାଙ୍କ ୮୭ତମ ଜୟନ୍ତୀ ସମାରୋହ ଏବଂ ପ୍ରତିଭା ସମ୍ମାନ ଉତ୍ସବ ମଙ୍ଗଳବାର ଗରଦପୁର ବ୍ଲକ ଅଧୀନ ତିକନପୁର ଶ୍ରୀରାମ ମନ୍ଦିର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ୨ ଦିନିଆ କାର୍ଯ୍ୟକ୍ରମରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡ. ସଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। ବେଦପ୍ରକାଶଙ୍କ ଆବର୍ତ୍ତମାନରେ ବି ତାଙ୍କ ଜୟନ୍ତୀ ସମାରୋହରେ ଅର୍ଥ ଜନସମାବେଶ ତାଙ୍କ ଲୋକ ପ୍ରିୟତାକୁ ପ୍ରମାଣ କରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ। ବେଦ ପ୍ରକାଶ ଅଗ୍ରୱାଲା ସ୍ମୃତିପରିଷଦ ଦ୍ୱାରା ଆୟୋଜିତ ସମାରୋହରେ କଟକ ନଗରର ମେୟର ସୁବାସ ସିଂ ସମ୍ମାନୀତ ଅତିଥି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଅନ୍ୟତମ ଅତିଥି, ଗରଦପୁର ପଞ୍ଚାୟତ ସମିତିର ଅଧକ୍ଷ ଅଭୟ କୁମାର ମହାରାଜ ମଞ୍ଚାସୀନ ଥିଲେ। ସ୍ମୃତି ପରିଷଦର ଅଧକ୍ଷା ମଧୁମତୀ ଅଗ୍ରୱାଲା ବେଦୁବାବୁଙ୍କ ସ୍ମୃତି ଚାଳନା କରି ତାଙ୍କ ଆଦର୍ଶରେ ଜନସେବା କାର୍ଯ୍ୟ ଆଗେଇ ନେବାକୁ କହିଥିଲେ। କରୋନା ସମୟରେ ବହୁ ବିଧ କାର୍ଯ୍ୟ କରାଯାଇଥିଲା। ଜୟନ୍ତୀରେ ୮୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବେଦୁବାବୁ ପାଟକୁରାର ବିକାଶ ପୁରୁଷ ଥିଲେ। ନଦୀ ନାଳ ଘେରା ପାଟକୁରା ଅଞ୍ଚଳରେ ଗମନାଗମନର ସଫଳ ରୂପାୟନ କେବଳ ତାଙ୍କ ଅବଦାନ ବୋଲି ଅତିଥିମାନେ କହିଥିଲେ। ମାଟ୍ରିକ ପରିକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅଙ୍କିତା ସାହୁଙ୍କୁ ମାନପତ୍ର ଓ ନଗଦ ୫ ହଜାର ଟଙ୍କା ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ସେହିପରି ଜ୍ୟୋର୍ତିମୟୀ ଦାଶ, ହିତେଶ କୁମାର ରାଉତ, ଅଭିନ୍ନ ସୁନ୍ଦର ନାୟକ, ମୁନାଶ୍ରୀ ବିଶ୍ୱାଳ, ଭଜକୃଷ୍ଣ ରାଉତ, ସ୍ୱପ୍ନା ସିଂ, ମାଧବ ଚରଣ ନାୟକ, ସୁବାସ ଖୁଣ୍ଟିଆ, ଅନାଦି ଚରଣ ମହାନ୍ତି, ଶେଖ୍ ଇସରାଜ ଅଲ୍ଲୀ, ପ୍ରଭାତ ମିଶ୍ର, ସାରଦା ପ୍ରସାଦ ଶତପଥୀ, କୁଞ୍ଜ ବିହାରୀ ପାଣି, ପୁରୁଷୋତ୍ତମ ତ୍ରିପାଠୀ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ଡେରାବିଶ ବ୍ଲକ ଉପଧକ୍ଷା ଦେବାଶିଶ ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆବାହକ ପ୍ରହ୍ଲାଦ ସାହୁ, ଉପସଭାପତି ନବଘନ ନାୟକ ସମାବେଶ ପରିଚାଳନାରେ ସହାୟତା କରିଥିଲେ।



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ପରିବେଶକୁ ପ୍ରଦୂଷିତ କରୁଛି ଇଟାଭାଟି ଧୂଆଁ

ପଟ୍ଟାମୁଣ୍ଡାଇ,୨୦।୧୨(ସ୍ୱ.ପ୍ର.)


ବେଆଇନ୍ ଭାବେ ଇଟାଭାଟି ପୋଡ଼ାଯାଉଛି।

ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଇଟା ବ୍ୟବସାୟ ଚାଲିଛି। ଏପରିକି ସହରର ବିଭିନ୍ନ ଅଞ୍ଚଳରେ ଶତାଧିକ ଭାଟିରେ ଇଟା ପୋଡା ଯାଉଥିବା ଅଭିଯୋଗ ହେଉଛି। ଇଟାଭାଟିରୁ ନିର୍ଗତ ଧୂଆଁରେ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଶ୍ୱାସ ଓ ହୃଦ୍‌ରୋଗୀମାନଙ୍କ ପାଇଁ ଏହା ଘାତକ ସାବ୍ୟସ୍ତ ହେଉଛି। ସେମାନେ ନିଃଶ୍ୱାସ ଓ ପ୍ରଶ୍ୱାସରେ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଗଛଗୁଡିକର ପତ୍ର ଉପରେ କୋଇଲା ପାଉଁଶର ଆସ୍ତରଣ ଲାଗି ଧଳା ଦେଖା ଦେଉଛି। ଧୂଆଁ ପ୍ରଭାବରେ କେତେକ ଗଛର ପତ୍ର ଶୁଖି ଛଡିପଡୁଛି। ପ୍ରଶାସନର ଜ୍ଞାତସାରରେ ଏହି ସବୁ ଇଟା ବ୍ୟବସାୟ ଚାଲୁଥିବା ଅଭିଯୋଗ ହେଉଛି। ନାମକୁ ମାତ୍ର ଫାଇନ ଆଦାୟ କରାଯାଇ ଭାଟି ମାଲିକମାନଙ୍କୁ ଛାଡ଼ି ଦିଆଯାଉଛି। ଫଳରେ ପୁଣି ସେମାନେ ଇଟା ପକାଇ ପୋଡ଼ିବା ସହ ବ୍ୟବସାୟ କରି ଲାଭବାନ୍ ହେଉଛନ୍ତି।

ବିଶେଷକରି ପଟ୍ଟାମୁଣ୍ଡାଇ ମାଟିଆପାଳରେ ଇଟା ବ୍ୟବସାୟ ବହୁ ପରିମାଣରେ ଚାଲିଥିବା ପରିଲକ୍ଷିତ ହେଉଛି। ଏପରିକି ପୋତା ଗୋବରୀ ନଦୀ ଶଯ୍ୟାରେ ଇଟାଭାଟି ରାତିଦିନ ଜଳୁଥିବା ଦେଖିବାକୁ ମିଳୁଛି। ଇଟାଭାଟି ମାଲିକମାନେ ପୋତା ଗୋବରୀ ନଦୀ ଶଯ୍ୟାରୁ ମାଟି ଖୋଳି ନେଇ ଇଟା ତିଆରି କରୁଛନ୍ତି। ଏଥିପ୍ରତି ଜଳ ସମ୍ପଦ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ଜାଗାରୁ ବେଆଇନ ଭାବେ ଇଟା ବ୍ୟବସାୟୀମାନେ ଜେସିବି ମାଧ୍ୟମରେ ମାଟି ଖୋଳି ନେଉଛନ୍ତି। ସରକାରୀ ଜାଗାରେ ଇଟାଭାଟି କରି ପୋଡୁଛନ୍ତି। ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଗୃହ ଓ ଅନ୍ୟାନ୍ୟ ନିର୍ମାଣ କାମରେ ସରକାର ଆଶ୍ ଓ ସିମେଣ୍ଟ ଇଟା ବ୍ୟାବହର କରିବାକୁ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ନାଲି ଇଟା ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହି ନିୟମ କାର୍ଯ୍ୟକାରୀ ହେଉନାହିଁ। ଅନ୍ୟପକ୍ଷରେ ଗତ ଏପ୍ରିଲରେ ବଡ଼ମୋହନପୁର ପଞ୍ଚାୟତର କଣିପାଳ ଗାଁରେ ଇଟାଭାଟି ନିର୍ମାଣକୁ ନେଇ ପଟ୍ଟାମୁଣ୍ଡାଇ ତହସିଲରେ ତୁମୁଳକାଣ୍ଡ ଘଟିଥିଲା। ୨ ଜଣ ବ୍ୟକ୍ତି ତହସିଲଦାରଙ୍କ ସହ ଧସ୍ତାଧସ୍ତି କରିଥିବା ଅଭିଯୋଗରେ ଜେଲ ମଧ୍ୟ ଯାଇଥିଲେ। ମାତ୍ର ପୁଣି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଇଟାଭାଟି ଗଢ଼ି ଉଠୁଛି ଯାହାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ତହସିଲ ଅଞ୍ଚଳର ମାଟିଆପାଳ, ଅଠରବାଟିଆ, ତାତନା, ତନୁପୁର, ଅଳଭା, ନିମପୁର, କଷଣଅଣ୍ଡା, ଆମ୍ବେର, କଖାରୁଣୀ, ଖଡ଼ିଅଣ୍ଡା ଆଦି ବିଭିନ୍ନ ଅଞ୍ଚଳରେ ବ୍ୟାପକ ଭାବେ ନାଲିଇଟା ପୋଡ଼ାଯାଇ ବ୍ୟବସାୟ କରାଯାଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପ୍ରଶାସନ ବେଆଇନ ଭାବେ ନିର୍ମାଣ କରାଯାଉଥିବା ନାଲିଇଟା ବ୍ୟବସାୟ ଓ ପରିବେଶ ପ୍ରଦୂଷିତ କରୁଥିବା ବ୍ୟବସାୟୀମାନଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରୁ ନାଲିଇଟା ପୋଡ଼ିବା ବେଆଇନ, ଇଟାଭାଟି କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ୨ ଡକାୟତ ଗିରଫ, ଲୁଟ କାର୍ ଜବତ

ନୟାଗଡ଼ ଅଫିସ,୨୦।୧୨

- ରାଜକିଆରି ପେଟ୍ରୋଲ ପମ୍ପ ଡକାୟତି ଘଟଣାରେ ଜଡିତ
- ୬ ଯୁବକ ମିଶି କରିଥିଲେ ଡକାୟତି

ନୟାଗଡ଼ ସଦର ଥାନା ପୋଲିସ କାର ଚୋରଙ୍କୁ ଗିରଫ କରିବାକୁ ଯାଇ ୨ଜଣ ଡକାୟତଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ପରେ ଫତେଗଡ ଥାନା ଚକ୍ରଧରପ୍ରସାଦ ଗାଁର ଦିଲ୍ଲୀପ ପରିଡ଼ା (୨୬) ଓ ଶରଣକୁଳ ଥାନା କୁସାପାଣ୍ଡେରୀ ଗାଁର ମାନସ ପ୍ରଧାନ(୨୯)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଉଭୟ ଖଣ୍ଡପଡା ଥାନା ରାଜକିଆରୀ ଛକର ପେଟ୍ରୋଲ ପମ୍ପର ଡକାୟତ ଘଟଣାରେ ସମ୍ପୃକ୍ତ ଅଛନ୍ତି । ସେମାନଙ୍କୁ ପେଟ୍ରୋଲ ପମ୍ପ ଡକାୟତି ଘଟଣାରେ ରିମାଣ୍ଡରେ ଅଣାଯିବ । ଅନ୍ୟପକ୍ଷେ ୨ଜଣ ଡକାୟତଙ୍କୁ ଗିରଫ କରିବାକୁ ଯାଇ ପୋଲିସ ୬ ଜଣିଆ ଡକାୟତ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି । ଏନେଇ ମଙ୍ଗଳବାର ନୟାଗଡ଼ ଏସ୍‌ପି ଅଲେଖ ପହି ନୟାଗଡ ସଦର ଥାନାରେ ଏକ ଖବରଦାତା ସମ୍ମିଳନୀ କରାଇ ଡକାୟତି ଗ୍ୟାଙ୍ଗର ଗୁମର ଖୋଲିଛନ୍ତି । ୨ ଡକାୟତିଙ୍କଠାରୁ ଚୋରି କାର, ସ୍କୁଟି, ୬ ମୋବାଇଲ ସମେତ ମାରଣାସ୍ତ୍ର ଜବତ



ଖବରଦାତା ସମ୍ମିଳନୀରେ ପୋଲିସ ୨ ଡକାୟତଙ୍କୁ ଦେଖାଉଛି।

ହୋଇଛି । ତେବେ ଡକାୟତ ହୋଇଥିବା ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇ ପାରି ନାହିଁ ।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ନଭେମ୍ବର ୧୫ରେ ସଦର ଥାନାର ସିପାହୀ ଅସୁରଢ଼ିପା ଠାରୁ ସୁଧିର ଗୌଡ ବ୍ୟବହାର କରୁଥିବା ଏକ କାର(ନଂ.ଓଡି୦୭ ଭି ୯୩୯୧), ମୋବାଇଲ ଫୋନ ଓ ୮ହଜାର ଟଙ୍କାକୁ ୬ଜଣ ଡକାୟତ ବନ୍ଧୁକ ଓ ଭୁଜାଲି ଦେଖାଇ ଲୁଟି ନେଇଥିଲେ । ଡକାୟତ ମାନେ ବାଇକ୍ ଓ ସ୍କୁଟିରେ ଆସିଥିଲେ । ସୁଧିର ସେହି କାରକୁ ନିଜ ସାଙ୍ଗ ଦେବାଶିଷ ମହାପାତ୍ରଙ୍କଠାରୁ ମାଗି ଆଣିଥିଲେ । ଉକ୍ତ କାରରେ ମା'ଙ୍କୁ ଭୁବନେଶ୍ୱର ମେଡିକାଲରେ ଦେଖାଇବାକୁ ନେଇଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୮୬/୨୨) ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତରେ କାର ଚୋରମାନେ ରାଜକିଆରୀ ପେଟ୍ରୋଲ ପମ୍ପ ଡକାୟତି ଘଟଣାରେ ସଂଶ୍ଲିଷ୍ଟ ଥିବା ତଦନ୍ତରୁ ଜଣାପଡିଥିଲା । ୬ ଡକାୟତ ଖଣ୍ଡପଡା ଥାନା ଅଧୀନ ରାଜକିଆରୀ ଛକ ନିକଟ କଣ୍ଟିଲୋ-ଗଣିଆ ୪୮ନଂ. ରାଜ୍ୟ ରାଜପଥ ପାର୍ଶ୍ୱସ୍ଥିତ ଇଣ୍ଡିଆନ ଅଏଲ ମା'ଭାନୁମତୀ ପେଟ୍ରୋଲ ପମ୍ପରେ ଗତ ନଭେମ୍ବର ୧୭ ସନ୍ଧ୍ୟାରେ ୨ଟି ବୋମା ଫୁଟାଇ ସିସି କ୍ୟାମେରାକୁ ଭଙ୍ଗାରୁଜା କରିଥିଲେ । ପରେ ୩ କର୍ମଚାରୀଙ୍କୁ ମାରଣାନ୍ତକ ଆକ୍ରମଣ କରି ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ପେଟ୍ରୋଲ ପମ୍ପ ମାଲିକ ବିକ୍ରମ କେଶରୀ ରାଉତଙ୍କ ଅଭିଯୋଗ ପରେ ପୋଲିସ ୨୬୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ କେହି ଧରାପଡି ନ ଥିଲେ । ନଭେମ୍ବର ୨୭ରେ ବ୍ରହ୍ମଗିରି ଥାନା ଅଞ୍ଚଳରେ ଡକାୟତି କରିବା ସମୟରେ ୩ ଡକାୟତ ଲୋକଙ୍କ ଦ୍ୱାରା ଧରା ପଡିଥିଲେ । ବ୍ରହ୍ମଗିରି ପୋଲିସ ଓଡ଼ଗାଁ ଆଦର୍ଶ ଥାନାର ବନ୍ଧସାହିର ସଞ୍ଜୟ ନାୟକ(୨୨), ନୟାଗଡ ସଦର ଥାନା ନନ୍ଦିଘୋର ତୁଳସୀସାହିର କାର୍ତ୍ତିକ ନାୟକ ଓ କଟକ ଜିଲା ବେଗୁନିଆପଡା ଗାଁର ରଘୁନାଥ ଦାସ(୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ପୁରୀ ଜେଲରେ ଅଛନ୍ତି । ସେହିପରି ଏହି ଡକାୟତିଙ୍କ ମଧ୍ୟରୁ ରଣପୁର ଥାନା ସାନଗଡ ଗାଁର ସିଲୁ ନାୟକ (୨୬) ରଣପୁର ଥାନା ପୋଲିସ ଦ୍ୱାରା ଗିରଫ ହୋଇ ରଣପୁର ଜେଲରେ ଅଛି । ଡକାୟତି ଗ୍ୟାଙ୍ଗଙ୍କୁ ଧରିବାରେ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ଏସ୍‌ଆଇ ସ୍ମୃତି ରଞ୍ଜନ ମହାନ୍ତି ଓ ଖଣ୍ଡପଡା ଥାନା ଏସ୍‌ଆଇ ଶ୍ରଦ୍ଧା ନାୟକ ସାମିଲ ହୋଇଥିଲେ । ଏହି ଖବରଦାତା ସମ୍ମିଳନୀରେ ଡିଏସ୍‌ପି ତପସ୍ୱିନୀ କହଁର, ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତ ରାୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାକୁଟ ଗାଁ ପଞ୍ଚାୟତରେ ଗ୍ରାମସଭା

ଖଲ୍ଲିକୋଟ,୨୦।୧୨(ଡି.ଏନ.ଏ.): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବାକୁଟ ଗାଁ ପଞ୍ଚାୟତରେ ମଙ୍ଗଳବାର ସାମାଜିକ ସମୀକ୍ଷା ଓ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗଣେଶ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ସରସ୍ୱତୀ ପ୍ରଧାନ, ପିଇଓ କେ.ପୋଟୁଡୁ, ଏମବିକେ ଧରିତ୍ରୀ ପାଣିଗ୍ରାହୀ, ଜେଇ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ଓ ଜିଆରଏସ ପ୍ରଭାତ ଶିଶିର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପିଏମୱାଇ,ଏମଜିଏନ୍‌ଆର୍‌ଇଜିଏସ କାର୍ଯ୍ୟର ସମୀକ୍ଷା ହୋଇଥିଲା। ସେହିପରି ୧୬ ଦିନ କାମର ଯାଞ୍ଚର ବିବରଣୀ ଭିଆରପି ମାନେ ପ୍ରକାଶ କରିଥିଲେ। ଏହି ସଭାରେ ଶ୍ରମିକ ମାନେ ୩୦୦ ଦିନର କାମ ଓ ଦୈନିକ ୪୦୦ ଟଙ୍କା ମଜୁରି ପାଇଁ ଦାବି କରିଥିଲେ। ସମସ୍ତ ୱାର୍ଡ଼ ସଭ୍ୟା ସଭ୍ୟ ଓ ବିଏସଏ ରଶ୍ମିତା ସାହୁ, ମୋନାଲିସା ଦାସ, ପ୍ରବୀଣା ଜାଲୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜ୍ଞାନ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ପୋଲସରା,୨୦।୧୨(ଡି.ଏନ୍.ଏ.): ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ନୂତନ କରି ଅଧ୍ୟୟନ ପାଇଁ ପ୍ରବେଶ କରିଥିବା ସମସ୍ତ ଛାତ୍ରୀଛାତ୍ର ଏବଂ ନୂତନ ରାଜନୀତି ବିଜ୍ଞାନ ଅଧାପକ ବନମାଳି ବେହେରାଙ୍କୁ ସ୍ୱାଗତ କରାଯାଇଛି। ଗଞ୍ଜାମ ଜିଲା ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ସମସ୍ତ ନୂତନ ଛାତ୍ରୀଛାତ୍ରମାନଙ୍କୁ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସଭାରେ ଅଧାପକ ରୁଦ୍ର ପ୍ରସାଦ ଗୌଡ, ଇଂରାଜୀ ପ୍ରାଧାପକ ପ୍ରମୋଦ କୁମାର ରଥ, ଏବଂ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧାପକ କିଶୋର ଚନ୍ଦ୍ର ଜେନା ଏବଂ ନୂତନ କରି ରାଜନୀତି ବିଜ୍ଞାନର ବିଭାଗରେ ଯୋଗ ଦେଇଥିବା ଅଧାପକ ବନମାଳି ବେହେରା ଓ ଅନୀଲ କୁମାର ଦାସ, ଅଧାପିକା ଭାରତୀ ଗୌଡ଼ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

### ଅବହେଳିତ ଶିଶୁଙ୍କୁ ଉଦ୍ଧାରକଲା ପ୍ରଶାସନ

ପାରଳାଖେମୁଣ୍ଡି, ୨୦।୧୨ (ଡି.ଏନ୍.ଏ): ଏକ ଅବହେଳିତ ଶିଶୁକୁ ଉଦ୍ଧାର କରିଛି ପ୍ରଶାସନ। ପାରଳାଖେମୁଣ୍ଡି ସହରର ରାମଲିଙ୍ଗେଶ୍ୱର ମନ୍ଦିର ନିକଟରେ ଜଣେ ମହିଳା ଶିଶୁଙ୍କୁ ଧରି ଭିକ୍ଷାବୃତ୍ତି କରନ୍ତି। ଖରା, ବର୍ଷା, ଶୀତ କାକରରେ ଶିଶୁଟିକୁ ଧରି ଭିକ ମାଗିବା ସହ ବେଳେ ବେଳେ ଶିଶୁଟିକୁ ଅବହେଳିତ ଅବସ୍ଥାରେ ଛାଡ଼ି ଦିଅନ୍ତି। ଶିଶୁଟିର ଏପରି ଅବସ୍ଥା ଦେଖି ସ୍ଥାନୀ ଲୋକେ ପ୍ରଶାସନକୁ ଖବର ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲଡ଼ଲାଇନ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସଦସ୍ୟ ପହଞ୍ଚି ଶିଶୁକୁ ସ୍ୱଧାର ଗୃହରେ ଛାଡ଼ିଦେବାକୁ ମହିଳାଙ୍କୁ ବୁଝାଇଥିଲେ। ହେଲେ ମହିଳାଜଣଙ୍କ ବୁଝି ନଥିଲେ। ତେବେ ଶିଶୁଟିର ସ୍ୱାସ୍ଥ୍ୟ ଖରାପ ଥିବା ଜାଣିପାରି ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ୟୁନିଟ ଶିଶୁଟିକୁ ମା' ପାଖରୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ତା'ର ଦାୟିତ୍ୱ ନେଇଛି।

## ଗୋବିନ୍ଦପୁରରେ ଅଭିଯୋଗ ଶୁଣାଣି

ଆର.ଉଦୟଗିରି, ୨୦।୧୨ (ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଆର. ଉଦୟଗିରି ଉପ ଆରକ୍ଷୀ ଅଧକ୍ଷ ଦିଲ୍ଲୀପ କୁମାର ନାୟକ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ମୋହନା ବ୍ଲକର ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ଅଧିକାରୀଙ୍କ ଠାରେ ନିଜ ନିଜର ଅଭିଯୋଗ ଦାଖଲ କରିଥିଲେ। ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ରମାକାନ୍ତ ଚୌଧୁରୀ, ସରପଞ୍ଚ ପଲ୍ଲଭି ମଣ୍ଡଳ, ଡିଆରଡିଏ ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରାଜ ଅଧିକାରୀ, ମୋହନା ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ଶତପଥୀ, ସହକାରୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଦାଶିବ ପାତ୍ର, ବ୍ଲକ ଶିକ୍ଷାଧିକାରୀ ଦେବଦାଶ ତମରାପୁ, ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତି ଥିଲେ।

# ସୋଲାର ଶସ୍ୟ କଟା ମେଶିନ ସହ ୭ ପ୍ରକଳ୍ପ ମନୋନୀତ

ଓଡ଼ଗାଁ,୨୦।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ରାଧାକାନ୍ତ ସରକାରୀ ବାଳିକା ହାଇସ୍କୁଲ ପରିସରରେ ୩୨ ତମ ଜିଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ୮ ବ୍ଲକରୁ ୧୦୪ କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ଗଣିଆର ଓମ୍ ପ୍ରକାଶ ପଣ୍ଡାଙ୍କ ସୋଲାର ଦ୍ୱାରା ଶସ୍ୟ କଟା ମେଶିନ ପ୍ରଥମ ହୋଇଥିବା ବେଳେ ସରକାରୀ ହାଇସ୍କୁଲ ଲେଙ୍କୁଡିପଡାର ବୈଷ୍ଣବୀରାଣୀ ସାହୁଙ୍କ କର୍ଟେବଲ ଆମ୍ବ୍ରଲା, ବାପୁଜୀ ବିଦ୍ୟାପୀଠ ଢୋଲମରାର ରୀତାଞ୍ଜଳୀ ସାହୁଙ୍କ ପ୍ରୋବିଓଟିକ୍ ଆଣ୍ଡ ବାୟୋଏଞ୍ଜାୟିମ, ଆନନ୍ଦ ସାହୁ ବାଳିକା ହାଇସ୍କୁଲ କୁରାଳର ତୁଳସୀ ନାୟକଙ୍କ ସ୍ମାର୍ଟ ପାର୍କିଂ ସିଷ୍ଟମ, ଏଜି ମିଶନ ସ୍କୁଲର ଅଭିପ୍ସା ଚମ୍ପତିଙ୍କ ସ୍ୱଚ୍ଛ ପ୍ରାଣବାୟୁ, କେଏନ ଜନତା ହାଇସ୍କୁଲ ସଜନାପଡାର ଗାୟତ୍ରୀ ନାୟକଙ୍କ ହାଇଡ୍ରୋଜେନେରେଟେଡ



ବିଜ୍ଞାନମେଳାରେ ମାଞ୍ଚାସୀନ ଅତିଥି।

ଇନ ଏଗ୍ରିକଲଚର ଓ ବିବି ବିଦ୍ୟାପୀଠ ବାଉଁଶଗାଡିଆର ସାଗରିକା ପ୍ରଧାନଙ୍କ ହାଇଟ୍ ଆଣ୍ଡ ଡଷ୍ଟେନ୍ସ ଆଦି ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ମନୋନୀତ ହୋଇଛି।

ସକାଳର ପ୍ରଥମ ଅଧିବେଶନରେ ଜିଲା ଶିକ୍ଷା ଅଧିକାରୀଙ୍କ ଅକ୍ରୁର ବାରିକଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀରଘୁନାଥଜୀଉଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ । କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ପ୍ରଦର୍ଶନ ସହିତ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗୀତାରେ ବିସି ହାଇସ୍କୁଲର ଅଂଶୁମାନ ଆଚାର୍ଯ୍ୟ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ଏହି ଅବସରରେ କେତେଜଣ ଛାତ୍ରୀଛାତ୍ର

**ଜିଲାସ୍ତରୀୟ ବିଜ୍ଞାନ ମେଳା**

ତଥା ବିଜ୍ଞାନ ଶିକ୍ଷକ ସେମାନଙ୍କ ସନ୍ଦର୍ଭ ପ୍ରଦର୍ଶିତ କରିଥିଲେ । ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଡିଇଓ ବାରିକ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧକ୍ଷ ପଟ୍ଟନାୟକ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ଅତରିକ୍ତ ଡିଇଓ ବସନ୍ତ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଓଡ଼ଗାଁ ବିଇଓ ଗୀତାଞ୍ଜଳୀ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବିଜ୍ଞାନ ମେଳା ପରିଚାଳନା ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରଞ୍ଜନ କୁମାର ଦାଶ, ଭାବଗ୍ରାହୀ ମହାପାତ୍ର, ଏକଲବ୍ୟ ଦାଶ ଓ ପଞ୍ଚାନନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

# ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଉପରେ ଗୁରୁତ୍ୱ


ବ୍ଲକସ୍ତରୀୟ ଶିଶୁମେଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

ଖଣ୍ଡପଡ଼ା,୨୦।୧୨(ସ୍ୱ.ପ୍ର.)

**ଖଣ୍ଡପଡ଼ା ବ୍ଲକସ୍ତରୀୟ ଶିଶୁମେଳା**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବୋଦସା ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ପରିସରରେ ଓଡିଶା ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁମେଳା-୨୦୨୨ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଓଷ୍ଟା ସଭାପତି ସନାତନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମେଳାରେ ବ୍ଲକ୍ ଅନ୍ତର୍ଗତ ୨୫ ଉଚ୍ଚ ବିଦ୍ୟାଳୟରୁ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ ବୁଦ୍ଧି ପରୀକ୍ଷା ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ଯୋଗଦେଇ ଥିଲେ । ଓଷ୍ଟାର ନୟାଗଡ଼ ଜିଲା ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଜିଲା ସଭାପତି ତଥା ପ୍ରଧାନ ଶିକ୍ଷକ ଅଯୋଧ୍ୟାନାଥ ନାୟକ, କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା, ବେଣାଗଡିଆ ହାଇସ୍କୁଲ ପ୍ରଧାନଶିକ୍ଷକ ହରିହର ଗୋଛି, ସିଂଘାପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ସେନ, ବନମାଳୀପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ନକୁଳ ଖୁଣ୍ଟିଆ, ଖଳିସାହି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦେଇ, ନୟାଗଡ଼ ଜିଲା ଓଷ୍ଟା ସଭାପତି ଅଯୋଦ୍ଧା ନାଥ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଦାବରୀ ବରାଡ, ବୋଦସା ସରପଂଚ ପୁଷ୍ପାଂଜଳୀ ରାଉତ, ସମିତି ସଭ୍ୟା ସୁଜାତା ବସ୍ତି ପ୍ରମୁଖ ଯୋଗଦେଇଥିଲେ । ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସ୍ୱାଇଁ ସଂଯୋଜନା କରିଥିଲେ । ଓଷ୍ଟାର ବ୍ଲକ ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଖଣ୍ଡପଡ଼ା ବ୍ଲକ ଓଷ୍ଟାର ସଭାପତି ସନାତନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିବା ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମେଳାର ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗୀତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଓଷ୍ଟା ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା ।

# ଭାପୁର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଭାପୁର, ୨୦।୧୨(ଡି.ଏନ.ଏ.)

ଏହି ବ୍ଲକ ଅଧୀନ ବାଇପାସ ନିକଟସ୍ଥ ଶ୍ରୀରାମ ବିହାର କଲ୍ୟାଣ ମଣ୍ଡପ ପରିସରରେ ଭାପୁର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧୧, ୧୨ ଓ ୧୩ରେ ମହୋତ୍ସବ ସ୍ଥାନୀୟ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିରେ ପଲ୍ଲିଶ୍ରୀ ମେଳା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରିବେ ବୋଲି ଆୟୋଜକଙ୍କଠାରୁ ଜଣାପଡିଛି। ଅଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ମହୋତ୍ସବ କମିଟି ସଭାପତି ବେଣୁଧର ପ୍ରଧାନ,




ଭାପୁର ଏବିଡିଓ ସରୋଜ କୁମାର ନାୟକ, ସଙ୍ଗଠକ ତଥା ଉପଦେଷ୍ଟା ଜିତେନ୍ଦ୍ର କୁମାର ରଣସିଂହ, ଫତେଗଡ ଥାନାଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା, ଭାପୁର ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ସତ୍ୟପ୍ରିୟ ସାହୁ, ସନ୍ତୋଷ କୁମାର ତ୍ରିପାଠୀ, ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର କୁମାର ଧଳ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସହ ବହୁ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଓ ମହୋତ୍ସବ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ମହୋତ୍ସବରେ ସମସ୍ତ ସହଯୋଗ କରିବେ ବୋଲି ମତ ଦେଇଥିଲେ।

# ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ

ଗଞ୍ଜାମ, ୨୦।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ଏଚ ବୁରୁଡି ଓଭରବ୍ରିଜ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ରମ୍ଭା ଥାନା ଅନ୍ତର୍ଗତ ସୁବଳୟା ଗ୍ରାମର ଆର୍ତ୍ତତ୍ରାଣ ବେହେରା ଓ ତାଙ୍କ ସ୍ତ୍ରୀ ଶଶି ବେହେରା। ରମ୍ଭାରେ ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗଦେଇ ଦମ୍ପତି ବାଇକ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ରମ୍ଭା ପୋଲିସ ସେମାନଙ୍କୁ ଉଦ୍ଧାର କରି ଛତ୍ରପୁର ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଶଶିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ନଳକୂପ ଚଟାଣ ଦବିବା ନେଇ ସାଧାରଣରେ ପ୍ରଶ୍ନବାଚୀ

ଖଣ୍ଡପଡା,୨୦।୧୨(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ନଳକୂପମାନ ଖନନ ହୋଇଛି। ବିଭିନ୍ନ ସମୟରେ ନଳକୂପଗୁଡିକରୁ ଲୁହାଗୁଣ୍ଡ ଯୁକ୍ତ ନାଲି ପାଣି ବାହାରୁଛି। ନଳକୂପଗୁଡିକ ଦବି ଯିବା ସହ ନିମ୍ନମାନର କାର୍ଯ୍ୟ ଯୋଗୁ ଏଡାର ପ୍ଲାଟଫର୍ମ ଫାଟି ଯାଉଥିବା ଅଭିଯୋଗ ହେଉଛି। କିଛିଦିନ ତଳେ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ପରିସରରେ ଥିବା ଏକ ନଳକୂପ ମାଟି ମଧ୍ୟକୁ ଦବି ଯାଇଥିଲା। ଏହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ନାନା ପ୍ରଶ୍ନ ସୃଷ୍ଟି ହୋଇଥିବା ବେଳେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ ସଜଡା ଯାଇଥିଲା। ତେବେ ରବିବାର କଣ୍ଟିଲୋ ଫାଣ୍ଡି ପରିସରରେ ଦୀର୍ଘ ୧୫ ବର୍ଷ ପୂର୍ବରୁ ଖନନ ହୋଇଥିବା ନଳକୂପର ଚଟାଣଟି ଫାଟିଯିବା ସହ ନଳକୂପର ଚାରିପାଖରେ ଗର୍ତ୍ତ ସୃଷ୍ଟି ହୋଇ ୨ରୁ ୩ ଫୁଟରୁ ଉର୍ଦ୍ଧ୍ୱ ମାଟି ଦବି ଯାଇଛି। ଗର୍ତ୍ତଟି ବେଳକୁ ବେଳ ଅଧିକ ହେଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରା ସୃଷ୍ଟି ହୋଇଥିବା ଗର୍ତ୍ତରେ ମାଟି ଭରି କରି ମରାମତି କରିବାକୁ ସୂଚନା ଦେଇଥିବା ବେଳେ ଭୂସ୍ଖଳନ ହୋଇ ଏପରି ଘଟଣା ଘଟିଥିବା ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ତେବେ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ୩୫ ବର୍ଷ ହେଲା ଭଡ଼ା ଘରେ ଚାଲିଛି ନୂଆଗଡ଼ିଆସାହି ଫାଣ୍ଡି

## କଣ୍ଟିଲୋ ଫାଣ୍ଡି ବି ସମସ୍ୟା ଘେରରେ

ଖଣ୍ଡପଡ଼ା,୨୦।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଓ ନୂଆଗଡିଆସାହି ଫାଣ୍ଡି ନାନା ସମସ୍ୟା ମଧ୍ୟରେ ଚାଲିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦାସୀନତା ଏଥିପାଇଁ ଦାୟୀ ବୋଲି ଅଭିଯୋଗ ହେଉଛି । ଫାଣ୍ଡି ପରିସରରେ ଥିବା ଆଜବେଷ୍ଟସ ଗୃହଗୁଡିକ ଭଙ୍ଗା ଦଦରା ଅବସ୍ଥାରେ ରହିଛି । ଛାତରେ ବ୍ୟବହୃତ କଡି,ସିଲିଂ ବିପଦସଙ୍କୁଳ ଅବସ୍ଥାରେ ଅଛି । ବର୍ଷା ଦିନେ ଛାତରୁ ପାଣି ଝରୁଛି । ଫାଣ୍ଡି ଅଧିକାରୀଙ୍କ ପାଇଁ ଉର୍ଦ୍ଦିଷ୍ଟ କ୍ୱାର୍ଟର୍ସଟି ପୂର୍ବତନ ଫାଣ୍ଡି ଅଧିକାରୀଙ୍କ କବ୍‌ଜାରେ ଥିବାରୁ ନୂଆ ଫାଣ୍ଡି ଅଧିକାରୀ ଏକ ଘରେ ରହୁଛନ୍ତି ।

ସେହିପରି ଦୀର୍ଘ ୩୫ ବର୍ଷ ଧରି ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଖଣ୍ଡପଡ଼ା ଥାନା ଅଧୀନ ନୂଆଗଡିଆ ସାହି ଫାଣ୍ଡି । ଏକ ଭଡାଘରେ ଫାଣ୍ଡିଟି


କଣ୍ଟିଲୋ ଫାଣ୍ଡି।

ଚାଲିଛି । କର୍ମଚାରୀମାନେ ମଧ୍ୟ ଆଖପାଖ ଅଞ୍ଚଳରେ ଘର ଭଡାନେଇ ରହୁଛନ୍ତି । ନୂଆଗଡିଆସାହି ଫାଣ୍ଡିର ନିଜସ୍ୱ କାର୍ଯ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସ୍ଥାନୀୟ ଅଞ୍ଚଳରେ ସରକାରୀ ଜାଗା ଚିହ୍ନଟ କରାଯିବା ସହ ଏଥି ପାଇଁ ଆବଶ୍ୟକ ଅନୁଦାନ ଅର୍ଥ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି । ମାତ୍ର ରାଜସ୍ୱ ବିଭାଗ ଓ ପୋଲିସ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ନୂଆଗଡିଆସାହି ଫାଣ୍ଡିର ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇ ପାରୁ ନ ଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଫାଣ୍ଡି କାର୍ଯ୍ୟାଳୟ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବିତ ସ୍ଥାନକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲରେ ରଖିଥିବାରୁ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣରେ ବାଧକ ସାଜିଥିବା ଅଭିଯୋଗ ହେଉଛି । ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀ ପ୍ରବଣ ଇଲାକାରେ କାର୍ଯ୍ୟ କରୁଥିବା ଏହି ନୂଆଗଡିଆସାହି ଫାଣ୍ଡିର ବିଭିନ୍ନ ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଓ ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଜଜ୍‌ଙ୍କୁ ଦୁର୍ବ୍ୟବହାର: ୨ କର୍ମଚାରୀ ନିଲମ୍ବିତ

ଚେନ୍ନାଇର ଭଦାପଲାଇ ଅଣ୍ଡଭାର ମନ୍ଦିରରେ ମାଡ୍ରାସ ହାଇକୋର୍ଟ ବିଚାରପତି ଏସ୍.ଏମ୍. ସୁବ୍ରମନିୟମଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ସ୍ଥାନୀୟ ପ୍ରଶାସନ ୨ ମନ୍ଦିର କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ମନ୍ଦିରରେ ପ୍ରବେଶ ଲାଗି କଟାଯାଉଥିବା ଟିକେଟ ନେଇ ଏକାଧିକ ଅଭିଯୋଗ ଆସିବା ପରେ ବିଚାରପତି ସାଧାରଣ ଶ୍ରଦ୍ଧାଳୁ ବେଶରେ ପରିବାର ସହ ଠାକୁର ଦର୍ଶନ କରିଥିଲେ। ସେ ସମୟରେ କେତେଜଣ ମନ୍ଦିର କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ସେ କହିଥିଲେ।

## ସଂକ୍ଷେପରେ

### ଫାଟିଲା ଗ୍ୟାସ୍ ସିଲିଣ୍ଡର : ୧୨ ମୃତ

**କରାଚି, ୨୦।୧୨:** ପାକିସ୍ତାନ ବେଲୁଚିସ୍ତାନ ପ୍ରଦେଶର ଲେସବେଲା ଜିଲାର ଏକ ଗ୍ୟାସ୍ ସିଲିଣ୍ଡର ଦୋକାନରେ ଅଗ୍ନିକାଣ୍ଡ ଘଟି ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୨୫ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିବା ଖବର ପ୍ରକାଶ ପାଇଛି। ଦୋକାନରେ ଗ୍ୟାସ୍ ସିଲିଣ୍ଡର ଫାଟିବା ଯୋଗୁ ଅଗ୍ନି ଚାରିଆଡ଼େ ଖେଳେଇ ହୋଇ ପାଖରେ ଥିବା ଅନ୍ୟ ଦୋକାନରେ ମଧ ଲାଗିଯାଇଥିଲା। ନିହତଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟଣାସ୍ଥଳରେ ହୋଇଥିବାବେଳେ ହସ୍ପିଟାଲରେ ୧୦ ଜଣ ଆଖି ବୁଜିଥିଲେ।

### ତାଜମହଲକୁ ୨ କୋଟିର ପାଣି ଟିକସ ନୋଟିସ



**ଆଗ୍ରା,୨୦।୧୨:** ବିଶ୍ୱପ୍ରସିଦ୍ଧ କୀର୍ତ୍ତିରାଜି ତାଜମହଲକୁ ପାଖାପାଖି ୨ କୋଟି ଟଙ୍କାର ପାଣି ବିଲ୍ ସହ ୧.୫ ଲକ୍ଷ ଟଙ୍କା ଖଜଣା ଏବଂ ୫ କୋଟି ଟଙ୍କା ସେବା କର ପୈଠ କରିବା ଲାଗି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ)କୁ ନୋଟିସ୍ ଆସିଛି। ଜାତୀୟ କୀର୍ତ୍ତିରାଜିଗୁଡ଼ିକୁ ଏହିସବୁ ଟ୍ୟାକ୍ସରୁ ବାଦ୍ ଦିଆଯାଉଥିବା ଏଏସ୍ଆଇ କହିଛି। ତେବେ ଆଗ୍ରା ମ୍ୟୁନିସିପାଲ କମିଶନର ନିଖିଲ ଟିକାରାମ ଫୁଣ୍ଡେଙ୍କ କହିବା ଅନୁଯାୟୀ ଅନେକ ବିଲ୍ଡିଂକୁ ନୋଟିସ୍ ଜାରି ହୋଇଛି। ଯେଉଁମାନେ ଟିକସ ଛାଡ଼ ପାଇବାକୁ ଯୋଗ୍ୟ ସେମାନଙ୍କୁ ବାଦ୍ ଦିଆଯିବ। ଏଏସ୍ଆଇକୁ ପୌର ନିଗମ ପଠାଇଥିବା ନୋଟିସରେ ତାଜମହଲ ପାଣି ବିଲ୍ ବାବଦକୁ ୧.୯୪ କୋଟି ଟଙ୍କା, ତାଜମହଲ ସମ୍ପତ୍ତି ପାଇଁ ୧.୪୭ ଲକ୍ଷ ଏବଂ ସେଠାରେ ଥିବା ଅନ୍ୟ ଏକ କୀର୍ତ୍ତିରାଜି ଇତ୍‌ମାଦ୍-ଉଦ୍-ଦୌଲା ଗମ୍ବୁଜ ପାଇଁ ୧.୪୦ ଲକ୍ଷ ଟଙ୍କା ସମ୍ପତ୍ତି ଟିକସ ପୈଠ କରିବାକୁ କୁହାଯାଇଛି। ଏହା ବ୍ୟତୀତ ଆଗ୍ରା ଦୁର୍ଗ ପାଇଁ ୫ କୋଟି ଟଙ୍କା ସେବା ଟିକସ ପୈଠ କରିବାକୁ ସେଠାର କ୍ୟାଣ୍ଟନମେଣ୍ଟ ବୋର୍ଡ ଏଏସ୍ଆଇକୁ ନୋଟିସ ପଠାଇଛି।

### ପାକ୍‌ରେ ଶକ୍ତି ସଙ୍କଟ: ରାତି ୮ଟାରୁ ବଜାର ବନ୍ଦ

**ଇସ୍‌ଲାମାବାଦ୍, ୨୦।୧୨:** ଭୟାବହ ବନ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ପାକିସ୍ତାନ ଅଣ୍ଟା ସଳଖୁଥିବାବେଳେ ଦେଶରେ ଶକ୍ତି ସଙ୍କଟ ମୁଣ୍ଡ ଟେକିଛି। ଏ ନେଇ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ମଧ ଜୋର୍‌ସୋର ଆରମ୍ଭ କରାଯାଇଛି। ପ୍ରକାଶିତ ଖବର ଅନୁସାରେ ଶକ୍ତି ସଂରକ୍ଷଣ ପାଇଁ ଶେହବାଜ ସରକାର ତରଫରୁ ବହୁମୁଖୀ ପଦକ୍ଷେପ ନିଆଯାଇଛି। ରାତି ୮ଟା ସୁଦ୍ଧା ସମସ୍ତ ବଜାର ବନ୍ଦ କରାଯିବା ସହ ବାହାଘର ହଲ୍ ଗୁଡ଼ିକ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସକାଶେ ପାକ୍‌ରେ ଶକ୍ତି ସଙ୍କଟ ଦେଖାଦେଇଥିବା କୁହାଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ଶେହବାଜଙ୍କ ତତ୍ତ୍ୱାବଧାନରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖାୱାଜା ଆଶିଫ୍ ମଙ୍ଗଳବାର ଜାତୀୟ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସାରା ଦେଶରେ ଖୁବ୍‌ଶୀଘ୍ର ଏହି କଟକଣା ଲାଗୁ କରାଯିବାକୁ ଥିବାବେଳେ ଅନ୍ତିମ ନିଷ୍ପତ୍ତି ଗୁରୁବାର ନିଆଯିବ। ୨୦% ସରକାରୀ କର୍ମଚାରୀ ୱାର୍କଫ୍ରମ୍‌ହୋମ୍ କରିବେ। ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ପାଖାପାଖି ୫୬ ବିଲିୟନ୍ ଡଲାର ରାଜସ୍ୱ ସଂଞ୍ଚୟ କରାଯାଇ ପାରିବ।

## ସୁପର କାର୍‌ରେ ଆସିଲା କିଡ୍‌ନୀ



ରୋମ୍, ୨୦।୧୨

ଇଟାଲୀ ପୋଲିସ ମଙ୍ଗଳବାର ଦୁଇଜଣ କିଡ୍‌ନୀ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଘଣ୍ଟା ପ୍ରତି ୩୦୦ କି.ମି ଦୂର ପର୍ଯ୍ୟନ୍ତ ଅତିକ୍ରମ କରୁଥିବା ସୁପର୍ କାର୍ ଲମ୍ବୋରଗିନିର ସହାୟତାରେ ଇଟାଲୀୟ ପୋଲିସ କିଡ୍‌ନୀ ନେଇ ୪୦୦ କି.ମି. ଦୂର ହସ୍ପିଟାଲରେ ପହଞ୍ଚିଛି। ସ୍ୱତନ୍ତ୍ର ବକ୍ସରେ ବନ୍ଦ ଥିବା କିଡ୍‌ନୀକୁ ପାଦୁଆ ହସ୍ପିଟାଲରୁ ଆଣି ମୋଡର୍ନା ଓ ରୋମ୍‌ର ଏକ ହସ୍ପିଟାଲରେ ପହଞ୍ଚିଥିଲେ। ଇଟାଲୀୟ ପୋଲିସର ଏପ୍ରକାର ସହଯୋଗିତା ପାଇଁ ଦୁଇ ଗୁରୁତର ରୋଗୀଙ୍କ ଜୀବନ ରକ୍ଷା କରାଯାଇଛି।




ଇରାନ୍‌ରେ ମହସା ଅମିନିଙ୍କ ମୃତ୍ୟୁ ପରେ ମୁଣ୍ଡ ଟେକିଥିବା ଆନ୍ଦୋଳନବେଳେ ଗିରଫ ବିକ୍ଷୋଭକାରୀଙ୍କ ମୁକ୍ତି ଦାବି ଏବଂ ଦିଆଯାଉଥିବା ଫାଶୀ ଦଣ୍ଡ ବିରୋଧରେ ମେକ୍ସିକୋସ୍ଥିତ ଇରାନୀୟ ଦୂତାବାସ ଆଗରେ ଜଣେ ମହିଳା ନିଜ ମୁହଁରେ ନାଲି ରଙ୍ଗ ବୋଳି ପ୍ରତିବାଦ କରୁଛନ୍ତି।

# ମୃତଦେହ ପାଇଁ ଜାଗା ନାହିଁ

ବେଜିଂ,୨୦।୧୨

ଚାଇନା ଜିରୋ-କୋଭିଡ୍ ନୀତି କୋହଳ କରିବା ପରେ ଏବେ ସେଠାରେ ମହାମାରୀ ସଂକ୍ରମଣ ଭୟଙ୍କର ରୂପ ଧାରଣ କରିଛି। ଚାଇନାର ହସ୍ପିଟାଲଗୁଡ଼ିକରେ କୋଭିଡ୍ ରୋଗୀ ଭର୍ତ୍ତି ହୋଇଥିବା ସଂକ୍ରାମକ ରୋଗ ବିଶେଷଜ୍ଞ ଏରିକ୍ ଫେଇଗଲ୍-ଡିଙ୍ଗ୍ କହିଛନ୍ତି। ରାଜଧାନୀ ବେଜିଂର କ୍ରିମେଟୋରିୟମଗୁଡ଼ିକରେ ଶବ ରଖିବାକୁ ଜାଗା ନାହିଁ। ଶବ ସତ୍କାର ପାଇଁ ଅଧିକ କର୍ମଚାରୀ ନିୟୋଜିତ ହେବା ସହ ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ବାହାରେ ପୋଲିସ ଓ ସୁରକ୍ଷା କର୍ମୀ ଜଗି ରହିଛନ୍ତି। ତେଣୁ କୋଭିଡ୍ ମୃତ୍ୟୁ ସମ୍ପର୍କରେ ସରକାରୀ ଭାବେ ଯେଉଁ ତଥ୍ୟ ଦିଆଯାଉଛି, ତାହାଠାରୁ ପ୍ରକୃତ ମୃତ୍ୟୁସଂଖ୍ୟା ବହୁ ଗୁଣ ଅଧିକ ବୋଲି କୁହାଯାଉଛି। କାରଣ ବିଭିନ୍ନ କ୍ରିମେଟୋରିୟମରେ ଗଦା ଗଦା ଶବ ଥିବା ଏବଂ ହସ୍ପିଟାଲଗୁଡ଼ିକରେ କୋଭିଡ୍ ରୋଗୀ ଭର୍ତ୍ତି ହୋଇଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କୋଭିଡ୍ ମୃତକଙ୍କ ସଂସ୍କାର ପାଇଁ ଉଦ୍ଦିଷ୍ଟ ଅଧିକାଂଶ କ୍ରିମେଟୋରିୟମ୍‌କୁ ଦୈନିକ ୨୦୦ରୁ ଅଧିକ ମୃତଦେହ ଆସୁଥିବା ଜଣେ କର୍ମଚାରୀ କହିଛନ୍ତି।

ମହାମାରୀ ବିଶେଷଜ୍ଞ ଏରିକ୍‌ଙ୍କ ମତରେ ଆଗାମୀ ୯୦ ଦିନ ମଧ୍ୟରେ ଚାଇନାର ୬୦ ପ୍ରତିଶତରୁ ଅଧିକ ଏବଂ ବିଶ୍ୱ ଜନସଂଖ୍ୟାର ୧୦ ପ୍ରତିଶତ କୋଭିଡ୍‌ରେ ସଂକ୍ରମିତ ହେବେ। ଏଥିସହିତ ଅନେକ ନିୟୁତ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ସେ ଆକଳନ କରିଛନ୍ତି। ଚାଇନାରେ ଜିରୋ କୋଭିଡ୍ ନୀତିକୁ ବିରୋଧ କରି ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ବିରୋଧରେ ଆନ୍ଦୋଳନ ଜୋର୍‌ଦାର ହେବା ପରେ ସରକାର ନିୟମ କୋହଳ କରିଥିଲେ। ଏବେ ଚାଇନା କମ୍ୟୁନିଷ୍ଟ ପାର୍ଟି ସରକାରଙ୍କ ଉଦ୍ଦେଶ୍ୟ ହେଲା ଯିଏ ସଂକ୍ରମିତ ହେବାକୁ ଚାହୁଁଛନ୍ତି ହୁଅନ୍ତୁ ଓ ଯିଏ ମରିବାକୁ ଚାହୁଁଛନ୍ତି ମରନ୍ତୁ। ଶୀଘ୍ର ସଂକ୍ରମଣ ହେଲେ ଶୀଘ୍ର ଏହା ଶୀର୍ଷ ଛୁଇଁବ ଏବଂ ଉତ୍ପାଦନ ପୁନର୍ବାର ଆରମ୍ଭ ମଧ୍ୟ ଶୀଘ୍ର ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି।

### ଚାଇନାରେ କୋଭିଡ୍‌ର ଭୟଙ୍କର ଚିତ୍ର



- ■ତଥ୍ୟ ଲୁଚାଉଛି ବେଜିଂ
- ■୩ ମାସରେ ୬୦% ସଂକ୍ରମିତ ହେବେ: ବିଶେଷଜ୍ଞ

ବେଜିଂରୁ ମିଳିଥିବା ଏକ ରିପୋର୍ଟ ଅନୁଯାୟୀ, ନୂଆ କରୋନା ଭୂତାଣୁ ଭାରିଆଣ୍ଟ ଯୋଗୁ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଛି। କୋଭିଡ୍ ମୃତ୍ୟୁସଂଖ୍ୟା ବଢ଼ିଥିବା ଶବାଗାର ସହ ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି। ତେବେ ସୋମବାର ବେଜିଂରେ କୋଭିଡ୍ ମୃତ୍ୟୁସଂଖ୍ୟା ୨ ଥିଲା ବୋଲି ସରକାରୀ ଭାବେ କୁହାଯାଇଛି। ଚାଇନା ନ୍ୟାଶନାଲ ହେଲ୍‌ଥ କମିଶନଙ୍କ ରିପୋର୍ଟ ଅନୁଯାୟୀ ୨୦୨୦ ଜାନୁୟାରୀରେ ମହାମାରୀ ଆରମ୍ଭ ହେବା ଦିନଠାରୁ ସେଠାରେ ଅଦ୍ୟାବଧି ୫,୨୩୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୩,୮୦,୪୫୩ ଜଣ ସଂକ୍ରମିତ ହୋଇଛନ୍ତି। ଆମେରିକା ଏବଂ ଭାରତ ସମେତ ଅନ୍ୟ ଦେଶ ତୁଳନାରେ ଏହି ସଂଖ୍ୟା ବହୁତ କମ୍ ହୋଇଥିବାବେଳେ ଏହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ୱାର୍ଲ୍ଡ ଇନ୍ ଡାଟା ରିପୋର୍ଟ ଅନୁଯାୟୀ ଚାଇନାରେ ମହାମାରୀ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ୧୯ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି। ଗତ ନଭେମ୍ବରରେ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଥିଲା ଏବଂ ୨୪ ଘଣ୍ଟା ମଧ୍ୟରେ ୪୦ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଥିଲେ। ଡିସେମ୍ବର ୧୯ ବେଳକୁ ଦୈନିକ ସଂକ୍ରମଣ ୨,୮୧୯କୁ ହ୍ରାସ ପାଇଥିବା କୁହାଯାଉଛି। ଚାଇନା ଅତି କଠୋର କଣ୍ଟେନମେଣ୍ଟ ନୀତି ଆପଣାଇ ସଂକ୍ରମଣ ହ୍ରାସ କରିବାରେ ସଫଳ ହୋଇଥିଲା। କଠୋର ନୀତି ପ୍ରତ୍ୟାହାର ହେବାର ଦିନ କେଇଟା ମଧ୍ୟରେ ସଂକ୍ରମଣର ନୂଆ ଲହର ଆସିଛି। ସଂକ୍ରମଣ ରୋକିବା ପାଇଁ ଚାଇନା ୩୫୦ କୋଟି ଡୋଜ୍ ସିନୋଭାକ୍ ଏବଂ ସିନୋଫାର୍ମ ଟିକା ଦେଇଥିବାବେଳେ ଏହା ଠିକ୍ ଭାବେ କାମ କରୁ ନ ଥିବା କୁହାଯାଉଛି। ୮୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କ କ୍ଷେତ୍ରରେ ଟିକାକରଣ ହାର ବହୁତ କମ୍ ରହିଛି। ସେହିପରି କେତେ ବୁଷ୍ଟର ଡୋଜ୍ ଦିଆଯାଇଛି, ତାହାର ସ୍ପଷ୍ଟ ହିସାବ ମିଳୁନାହିଁ। ବୁଷ୍ଟର ଡୋଜ୍ ଏବଂ ସ୍ୱାଭାବିକ ଇମ୍ୟୁନିଟି ଅଭାବ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଥିବା କୁହାଯାଉଛି।

### ଜାପାନକୁ ଆକ୍ରମଣ ଧମକ ଦେଲା ଉତ୍ତର କୋରିଆ

ସିଓଲ,୨୦।୧୨

ଜାପାନ ବିରୋଧରେ ଦୃଢ଼ ତଥା ନିର୍ଣ୍ଣାୟକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଉତ୍ତର କୋରିଆ ମଙ୍ଗଳବାର ଧମକ ଦେଇଛି। ଟୋକିଓ ଗ୍ରହଣ କରିଥିବା ଜାତୀୟ ସୁରକ୍ଷା ନୀତିକୁ ଉତ୍ତର କୋରିଆ ନିନ୍ଦା କରିଛି। ୪ ଦିନ ପୂର୍ବରୁ ଜାପାନ ଏହାର ସୁରକ୍ଷା ରଣନୀତି ଘୋଷଣା କରିଥିଲା, ଯେଉଁଥିରେ ଶତ୍ରୁପକ୍ଷର ଟାର୍ଗେଟଗୁଡ଼ିକୁ ପ୍ରତିଆକ୍ରମଣ ସାମର୍ଥ୍ୟ ସହ ଚାଇନା ଓ ଉତ୍ତର କୋରିଆକୁ ସାମନା କରିବା ଲାଗି ପ୍ରତିରକ୍ଷା ବ୍ୟୟ ଦ୍ୱିଗୁଣ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ପ୍ରତିଆକ୍ରମଣ ସାମର୍ଥ୍ୟ ବଢ଼ାଇବା ଜାପାନର ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଅନ୍ୟ ଅଞ୍ଚଳ ଉପରେ ଆକ୍ରମଣ ପାଇଁ ଉଦ୍ଦିଷ୍ଟ ବୋଲି ଉତ୍ତର କୋରିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ସରକାରୀ ଆକାଉଣ୍ଟ ପାଇଁ ଗ୍ରେ ବଟନ୍

ୱାଶିଂଟନ୍, ୨୦।୧୨

ମାଇକ୍ରୋବ୍ଲଗିଂ ଆପ୍ ଟୁଇଟରରେ ଏଣିକି ଆକାଉଣ୍ଟ ମଧ୍ୟରେ ପ୍ରଭେଦ ଜାଣିବା ହେବ ଆହୁରି ସହଜ। ପୂର୍ବରୁ ଅଧିକ ଫଲୋୟର୍ସ ଥିବା ଆକାଉଣ୍ଟକୁ ଟୁଇଟର ବ୍ଲୁ ଟିକ୍ ବଟନ୍ ଲଗାଉ ଥିଲା। ଏଣିକି ବିଜ୍‌ନେସ୍ ଓ ସରକାରୀ ଆକାଉଣ୍ଟ ଚିହ୍ନିବା ସହଜ ହେବ। ଟୁଇଟରରେ ଥିବା ବିଜ୍‌ନେସ୍ ଟୁଇଟର ଆକାଉଣ୍ଟରେ ନୀଳ ବଟନ୍ ପୂର୍ବପ୍ରକାରେ ରହିବାକୁ ଥିବାବେଳେ ସରକାରୀ କାର୍ଯ୍ୟାଳୟର ଆକାଉଣ୍ଟରେ ଗ୍ରେ ରଙ୍ଗର ବଟନ୍ ରହିବ। ଏହାଦ୍ୱାରା ୟୁଜର୍ସ ସହଜରେ ଆକାଉଣ୍ଟ ମଧ୍ୟରେ ପାର୍ଥକ୍ୟ ଜାଣିପାରିବେ।

# ଖାର୍ଗେଙ୍କ ସହ ଏକାଠି ଖାଇଲେ ମୋଦି



ପାର୍ଲାମେଣ୍ଟ ପରିସରରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟାହ୍ନଭୋଜନ କରୁଛନ୍ତି।

ନୂଆଦିଲ୍ଲୀ,୨୦।୧୨

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ କୁକୁର ଏବଂ ମୂଷା ମନ୍ତବ୍ୟକୁ ନେଇ ମଙ୍ଗଳବାର ରାଜ୍ୟ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଖାର୍ଗେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଓ ଅନ୍ୟ ଏମ୍‌ପିମାନଙ୍କ ସହ ଏକାଠି ଭୋଜନ କରିଥିଲେ। ସେମାନଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପରଷା ଯାଇଥିଲା। ୨୦୨୩କୁ ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ପାଳନ କରିବାକୁ ଆମେ ପ୍ରସ୍ତୁତ ହେଉଥିବାବେଳେ ପାର୍ଲାମେଣ୍ଟରେ ମାଣ୍ଡିଆ ପ୍ରସ୍ତୁତି ସାମଗ୍ରୀରେ ସୁନ୍ଦର ମଧ୍ୟାହ୍ନଭୋଜନରେ ସବୁ ଦଳର ସଦସ୍ୟ ଯୋଗଦେଇଥିବାରୁ ମୋଦି ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ମାଣ୍ଡିଆ ଏବଂ କ୍ରୀଡ଼ା ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥିବାରୁ ଏହାର ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ଭାଜପା ଏମ୍‌ପିମାନେ ଉଦ୍ୟମ କରନ୍ତୁ ବୋଲି ମୋଦି ଭାଜପା ସଂସଦୀୟ ଦଳ ବୈଠକରେ କହିଥିଲେ।

### ମିଲେଟ୍ ଲଞ୍ଚ

### ଖାର୍ଗେଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ରାଜ୍ୟ ସଭାରେ ହଟ୍ଟଗୋଳ

ନୂଆଦିଲ୍ଲୀ,୨୦।୧୨(ପି.ଟି.)

ରାଜସ୍ଥାନର ଅଲୱାରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସୋମବାର ରାଜ୍ୟ ସଭାରେ ଶାସକ ଏବଂ ବିରୋଧୀ ସଦସ୍ୟମାନଙ୍କ ମଧ୍ୟରେ ପ୍ରବଳ ହଟ୍ଟଗୋଳ ହୋଇଛି। ସୋମବାର ଅଲୱାରରେ ଏକ ରାଲିରେ ଖାର୍ଗେ କହିଥିଲେ, କଂଗ୍ରେସ ଦେଶ ପାଇଁ ସ୍ୱାଧୀନତା ଆଣିଛି। ଏହାର ଅନେକ ନେତା ଦେଶ ପାଇଁ ପ୍ରାଣବଳି ଦେଇଛନ୍ତି, କିନ୍ତୁ ଭାଜପାର ଗୋଟିଏ କୁକୁର ମଧ ମରିନାହିଁ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାକୁ ଭାଜପା 'ଭାରତ ତୋଡ଼ୋ ଯାତ୍ରା' କହି ପରିହାସ କରୁଥିବାରୁ ତାହାର ଜବାବରେ ଖାର୍ଗେ ଏଭଳି କହିଥିଲେ। ସୀମାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷକୁ ନେଇ ପାର୍ଲାମେଣ୍ଟରେ ଆଲୋଚନା କରିବାକୁ ସରକାର ଦେଉ ନାହାନ୍ତି। ଭାଜପା ସରକାର ବାହାରେ ସିଂହ ଭଳି କହୁଥିବାବେଳେ ଗୃହ ଭିତରେ ମୂଷା ଭଳି ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ।

ତାଙ୍କର ବିବାଦୀୟ ମନ୍ତବ୍ୟ ଲାଗି ବିରୋଧୀ ଦଳ କ୍ଷମା ମାଗୁ ବୋଲି ଭାଜପା ଏମ୍‌ପିମାନେ ଗୃହରେ ଦାବି କରିବାରୁ ହଟ୍ଟଗୋଳ ହୋଇଥିଲା। ଖାର୍ଗେ ଯେଉଁଭଳି ଭାଷା ବ୍ୟବହାର କରିଛନ୍ତି ଓ ମିଥ୍ୟାର ପ୍ରସାର କରିବାକୁ ଉଦ୍ୟମ କରିଛନ୍ତି, ତାହାକୁ ଆମେ ନିନ୍ଦା କରୁଛୁ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିବା ସହ ଅଲୱାରରେ ବ୍ୟବହୃତ ଭାଷା ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। ମନ୍ତବ୍ୟ ପାର୍ଲାମେଣ୍ଟ ବାହାରେ ଦିଆଯାଇଥିବାରୁ ଏହା ଉପରେ ଗୃହରେ ଆଲୋଚନା ହେବା ଉଚିତ ନୁହେଁ ବୋଲି କହି ଖାର୍ଗେ କ୍ଷମା ମାଗିବାକୁ ମନା କରିଦେଇଥିଲେ। ଶୃଙ୍ଖଳା ରକ୍ଷା ଲାଗି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଗୃହର ନେତାମାନଙ୍କୁ ନିବେଦନ କରିଥିଲେ। ଗୃହରେ ଯାହା ହେଉଛି, ତାହା ଖରାପ ଉଦାହରଣ ସୃଷ୍ଟି କରୁଛି ଏବଂ ଗୃହର ବଦ୍‌ନାମ ହେଉଛି। ଦେଶର ୧୩୫ କୋଟି ଲୋକ ହସୁଛନ୍ତି ବୋଲି ଧନ୍‌କର କହିଥିଲେ।

### ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨୦।୧୨

ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ମଙ୍ଗଳବାର ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ଲଶ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ପୋଲିସ ବିଭାଗ ଅତିରିକ୍ତ ସାଧାରଣ ନିର୍ଦ୍ଦେଶକ ବିଜୟ କୁମାରଙ୍କ ସୂଚନାନୁସାରେ, ମୃତ ଆତଙ୍କବାଦୀ ପ୍ରଦେଶର ସାଧାରଣ ଲୋକଙ୍କୁ ହତ୍ୟା କରିଥିବାବେଳେ କଶ୍ମୀର ପଣ୍ଡିତଙ୍କ ହତ୍ୟା ଘଟଣାରେ ଏମାନଙ୍କ ସମ୍ପୃକ୍ତିଥିଲା।

# ବାକ୍‌ଯୁଦ୍ଧ ନ କରି ଆଲୋଚନା କରନ୍ତୁ ଭାରତ-ପାକ୍

ୱାଶିଂଟନ,୨୦।୧୨(ପି.ଟି.)

ଭାରତ ଓ ପାକିସ୍ତାନ ବାକ୍‌ଯୁଦ୍ଧରେ ଲିପ୍ତ ନ ରହି ଦେଶବାସୀଙ୍କ ଭଲ ପାଇଁ ଗଠନମୂଳକ ଆଲୋଚନା କରନ୍ତୁ ବୋଲି ଆମେରିକା ପରାମର୍ଶ ଦେଇଛି। କଶ୍ମୀର ପ୍ରସଙ୍ଗ ଏବଂ ପାକିସ୍ତାନରୁ ସୀମାପାର ଆତଙ୍କବାଦକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଅଧିକ ଖରାପ ହୋଇଛି। ନ୍ୟୁୟର୍କରେ ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେବା ପରେ ଏହାକୁ ନେଇ ଦୁଇଦେଶର ନେତାମାନଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ହୋଇଛି। ଏନେଇ ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ଉଭୟ ରାଷ୍ଟ୍ର ଆମ ପାଇଁ ଅପରିହାର୍ଯ୍ୟ। ସେମାନଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହେବା ଆମେରିକା ଚାହେଁ ନାହିଁ। ଭାରତ ପାକ୍ ଗଠନମୂଳକ ଆଲୋଚନା କରିବା ଆବଶ୍ୟକ। ଏକାଠି ଆଲୋଚନା ମାଧ୍ୟମରେ ଅନେକ କିଛି କରାଯାଇପାରିବ। ଜଣେ ସହଯୋଗୀ ଭାବେ ଆମେରିକା ଏକ୍ଷେତ୍ରରେ ଉଭୟ ଦେଶକୁ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ପ୍ରାଇସ୍ କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ଏବଂ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଭାରତ-ପାକ୍ ମଧ୍ୟରେ ତିକ୍ତତା ବଢ଼ିଛି। ଗତ ସପ୍ତାହରେ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପାକିସ୍ତାନକୁ ଆତଙ୍କବାଦର କେନ୍ଦ୍ର କହିବା ପରେ ଏହାର ଜବାବରେ ବିଲାୱଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବ୍ୟକ୍ତିଗତ ଭାବେ ନିନ୍ଦା କରିଥିଲେ। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

### ବିଲାୱଲଙ୍କ ମନ୍ତବ୍ୟକୁ ନେଇ ଆମେରିକାର ପରାମର୍ଶ



ନେଡ୍ ପ୍ରାଇସ୍

# ମିଛ ଅପହରଣ ପରେ ସତ ବାହାଘର

ହାଇଦ୍ରାବାଦ୍,୨୦।୧୨

ତେଲଙ୍ଗାନାର ରାଜନ୍ନା ଜିଲାର ଏକ ଗ୍ରାମରେ ନାଟକୀୟ ଢଙ୍ଗରେ ଜଣେ ଝିଅ ନିଜ ପ୍ରେମିକଙ୍କୁ ବାହା ହୋଇଛନ୍ତି। ଅପହରଣ ହେବାର ୧୨ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଘଟଣାର ସତ ପଦାରେ ପଡ଼ିଛି। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୫ଟାବେଳେ ଝିଅଜଣକ ମନ୍ଦିରରୁ ବାପାଙ୍କ ସହ ଫେରୁଥିଲେ। ଏତିକିବେଳେ ୪ ଜଣ ମୁଖାପିନ୍ଧା ଯୁବକ କାର୍‌ରେ ଆସି ବାପାଙ୍କୁ ଠେଲାପେଲା କରି ଝିଅଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ୧୮ ବର୍ଷୀୟା ଯୁବତୀଙ୍କ ବାପା ଏ ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଅଭିଯୋଗ କଲେ।



ଘଟଣାର ତଦନ୍ତ ଲାଗି ପୋଲିସ ୬ଟି ଟିମ୍ ଗଠନ କରି ଝିଅଙ୍କୁ ଖୋଜିବାରେ ଲାଗିଗଲା। ମଙ୍ଗଳବାର ସନ୍ଧ୍ୟାରେ ଏକ ଭିଡିଓ ଜାରି କରି ସମ୍ପୃକ୍ତା ଝିଅ ନିଜ ମିଛ ଅପହରଣର ଗୁମର ଫିଟାଇଥିଲେ। ଅପହରଣ କରିଥିବା ଯୁବକଙ୍କ ମଧ୍ୟରୁ ଜଣେ ଥିଲେ ସମ୍ପୃକ୍ତା ଝିଅଙ୍କ ପ୍ରେମିକ। ପୁଅ ଛୋଟ ଜାତିର ହୋଇଥିବା ଯୋଗୁ ଝିଅଙ୍କ ବାପା ଏ ସମ୍ପର୍କକୁ ସ୍ୱୀକୃତି ଦେଉ ନ ଥିଲେ। ଏହାପରେ ଦୁହେଁ ମିଶି ଏକ ଅପହରଣ ନାଟକର ଯୋଜନା କଲେ। ଘଟଣାର ୧୦ ମାସ ପୂର୍ବରୁ ଦୁହେଁ ବାହା ହୋଇଯାଇଥିବାବେଳେ ଯୌନ ନିର୍ଯ୍ୟାତନା ଏବଂ ଶିଶୁ ବିବାହ ମାମଲାରୁ ବର୍ତ୍ତିବା ପାଇଁ ସେମାନେ ବାହାଘରକୁ ଗୋପନୀୟ ରଖିଥିବା ଭିଡିଓରେ ଝିଅଜଣକ କହିଛନ୍ତି। ଅପହରଣ ପରେ ଦୁହେଁ ଏକ ମନ୍ଦିରରେ ବୈଦିକ ରୀତିନୀତିରେ ବାହାହୋଇଛନ୍ତି।

### ଭିଡିଓ ଖୋଲିଲା ଗୁମର

**କେନ୍ଦ୍ରୀୟ ଯୋଜନାର ପ୍ରଚାର କରିବେ ରାଷ୍ଟ୍ରୀୟ ମହିଳା ନେତ୍ରୀ**

ଭୁବନେଶ୍ୱର,ବ୍ୟୁରୋ): ମହିଳାଙ୍କୁ ସଶକ୍ତ କରିବା ଲାଗି ମୋଦି ସରକାର ସ୍ୱୟଂସହାୟକ ଗୋଷ୍ଠୀ ଆରମ୍ଭ କରିଥିଲେ। କିନ୍ତୁ ରାଜ୍ୟ ସରକାର ଏସ୍‌ଏଚ୍‌ଜି ମହିଳାଙ୍କୁ ନିଜ ଦଳୀୟ କାର୍ଯ୍ୟରେ ଲଗାଇବା ସହ ସ୍ୱାବଲମ୍ବୀ ହେବାର ସ୍ୱପ୍ନକୁ ନିରାଶ କରିଛନ୍ତି। ନାରୀଙ୍କ ନ୍ୟାୟ ଲାଗି ଭାଜପା ସବୁ ଗାଁରେ ବୁଲି ସଚେତନ କରିବ। ବିଭିନ୍ନ ରାଜ୍ୟର ରାଷ୍ଟ୍ରୀୟସ୍ତରରେ ନେତୃତ୍ୱ ନେଇଥିବା ୩୬ ଜଣ ନେତ୍ରୀ ଓଡ଼ିଶା ଆସୁଛନ୍ତି। ଆସନ୍ତା ୨୨ ଓ ୨୩ରେ ରାଜ୍ୟର ୩୬ଟି ସାଂଗଠନିକ ଜିଲା ଗସ୍ତକରି ଏ ସମ୍ପର୍କରେ ଅବଗତ କରାଇବେ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି କହିଲେ ବିରୋଧୀ

**ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣା**

- ନିଜ ନେତା, ମନ୍ତ୍ରୀଙ୍କୁ ବଞ୍ଚାଇବାକୁ ସାକ୍ଷୀଙ୍କୁ ହତ୍ୟା କରିବାକୁ ସରକାର ପଛାଉନାହାନ୍ତି: ଭାଜପା
- ଗୋବିନ୍ଦଙ୍କ ମୃତ୍ୟୁ ପଛରେ ବଡ଼ ଷଡ଼ଯନ୍ତ୍ର ରହିଛି: କଂଗ୍ରେସ
- ମାମଲା କୋର୍ଟରେ ଅଛି : ବିଜେଡି

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ମଙ୍ଗଳବାର ବେକରେ ଫାଶ ଲଗାଇ ଜେଲ ପରିସରରେ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ବହୁ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ଏହା ହତ୍ୟା ବୋଲି ଅଭିଯୋଗ ଉଠିବା ଆରମ୍ଭ ହୋଇଛି। ଶାସକ ଦଳର ଜଣେ ପୂର୍ବତନ ମନ୍ତ୍ରୀ ତଥା ଏବକାର ବିଧାୟକ ମମିତା ମେହେର ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ ଆସୁଥିବାରୁ ଜାଣିଶୁଣି ଗୋବିନ୍ଦଙ୍କୁ ହତ୍ୟା କରି ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଉଥିବା ଉଭୟ ଭାଜପା ଏବଂ କଂଗ୍ରେସ ଅଭିଯୋଗ କରୁଛନ୍ତି। ଏହି ଘଟଣାରେ କଂଗ୍ରେସ ସିବିଆଇ ତଦନ୍ତ ଦାବି କରୁଥିବା ବେଳେ ଏହା ସିଧାସଳଖ ହତ୍ୟା ବୋଲି ଭାଜପା କହିଛି। ଅନ୍ୟପଟେ ଏହି ବିଷୟ ଏବେ କୋର୍ଟରେ ଥିବା ଯୋଗୁ ବର୍ତ୍ତମାନ କିଛି କହିବାକୁ ବିଜେଡି ମନା କରିଦେଇଛି।

ଭାଜପା ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ କହିଛନ୍ତି, ଅପରାଧୀମାନଙ୍କୁ ନେଇ ଏ ସରକାର ଚାଲିଛି। ଯିଏ ଅପରାଧ କରେ ତାକୁ ଏଠାରେ ଆଶ୍ରୟ ମିଳେ। ଏହି ସରକାରରେ ସବୁ କିଛି ସମ୍ଭବ। ଏପରି କ୍ଷେତ୍ରରେ ଗୋବିନ୍ଦ ସାହୁ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି, ତାହାର ତଦନ୍ତ ହେବା ଦରକାର। ଇତିଶ୍ରୀ ଓ ବେବିନା କ୍ଷେତ୍ରରେ ଯାହା ଘଟିଥିଲା, ତା'ର ପୁନରାବୃତ୍ତି ପୁଣି ଓଡ଼ିଶା ମାଟିରେ ହେଲା। ଅର୍ଚ୍ଚନା ନାଗ ମାମଲାରେ ମଧ୍ୟ ସେହିଭଳି କିଛି ଘଟିବ। ଅର୍ଚ୍ଚନା ନାଗ ମଧ୍ୟ ଜେଲରେ ଆତ୍ମହତ୍ୟା କରିବେ। ରାଜ୍ୟରେ ଘଟିଯାଇଥିବା ବଡ଼ ଅପରାଧରେ ଶାସକ ବିଜେଡିର ବଡ଼ ବଡ଼ ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତିର ଯଥେଷ୍ଟ ପ୍ରମାଣ ରହିଛି । ନିଜ ନେତା ଓ ମନ୍ତ୍ରୀଙ୍କୁ ବଞ୍ଚାଇବା ପାଇଁ ସାକ୍ଷୀଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବାକୁ ମଧ୍ୟ ରାଜ୍ୟ ସରକାର ପଛାଉନାହାନ୍ତି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ମଧ୍ୟ ଜଣେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବାରୁ ମୁଖ୍ୟ ସାକ୍ଷୀଙ୍କୁ ହତ୍ୟା କରାଯାଇଥିଲା ବୋଲି ସ୍ମୃତି କହିଛନ୍ତି।

କଂଗ୍ରେସର କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ମମିତା ମେହେର ମାମଲାରେ ଗୋବିନ୍ଦ ସହ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ପୃକ୍ତ ଥିଲେ। ପୂର୍ବତନ ମନ୍ତ୍ରୀ ଗୋବିନ୍ଦଙ୍କୁ କିଛିଦିନ ଭିତରେ ମୁକ୍ତ କରି ଦେବେ ବୋଲି କଥା ଦେଇଥିଲେ। ହେଲେ ଶେଷରେ ତାଙ୍କ ହାତ ଛାଡ଼ିଦେଇଛନ୍ତି। ଯେତେବେଳେ ମୁକ୍ତି ପାଇବାର ବାଟ ବନ୍ଦ ଥିବା ଦେଖିଲେ ଗୋବିନ୍ଦ ପ୍ରବଳ ମାନସିକ ଚାପରେ ଥିଲେ। ଅପରପକ୍ଷରେ ପୂର୍ବତନ ମନ୍ତ୍ରୀଙ୍କ ପାଇଁ ଗୋବିନ୍ଦଙ୍କୁ ଜେଲରେ ଜ୍ୱାଇଁପୁଅ ଭାବେ ଚର୍ଚ୍ଚା ମଧ୍ୟ ମିଳୁଥିଲା। ତେଣୁ ଗୋବିନ୍ଦ ସାହୁ ଆତ୍ମହତ୍ୟା କଲା ବେଳେ ଜେଲ କର୍ମଚାରୀମାନେ କେମିତି ଦେଖିପାରିଲେ ନାହିଁ। ଗୋବିନ୍ଦଙ୍କ ମୃତ୍ୟୁ ଘଟିବାରୁ ମମିତା ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ତାଙ୍କ ମୃତ୍ୟୁ ପଛରେ ନିଶ୍ଚିତ ଭାବେ ଗୋଟିଏ ବଡ଼ ଷଡ଼ଯନ୍ତ୍ର ଥିବା ସନ୍ଦେହ ହେଉଛି। ଏହା ଆତ୍ମହତ୍ୟା ନୁହେଁ, ତାଙ୍କୁ ହତ୍ୟା କରାଯାଇଥାଇପାରେ। ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ସାଲୁଜା ଦାବି କରିଛନ୍ତି। ସେହିପରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଗୋବିନ୍ଦ ସାହୁ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ ମାରି ଦିଆଯାଇଛି ।

ଅନ୍ୟପଟେ ବିଜେଡି ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି, ଏହି ବିଷୟ ଏବେ କୋର୍ଟରେ ବିଚାରାଧୀନ ଅବସ୍ଥାରେ ଅଛି। ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଘଟଣା କୋର୍ଟରେ ରହିଛି। ସେ କାହିଁକି ଆତ୍ମହତ୍ୟା କଲେ ତା'ର ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ କିଛି ଜଣାପଡ଼ିବ ନାହିଁ। ତା'ର ତଦନ୍ତ ଚାଲିଛି। ତେଣୁ ଏବେଠାରୁ କିଛି କହିବା ଠିକ୍ ହେବ ନାହିଁ ବୋଲି ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ, ଗୋବିନ୍ଦ ସାହୁ ମଙ୍ଗଳବାର ସକାଳେ ଜେଲ ପରିସରରେ ବେକରେ ଗାମୁଛା ବାନ୍ଧି ଏକ ଗଛରୁ ଝୁଲିପଡ଼ିଥିଲେ ବୋଲି କୁହାଯାଉଛି। ଏହି ଘଟଣାରେ ଏ ପର୍ଯ୍ୟନ୍ତ କେବଳ ଜେଲ ୱାର୍ଡରଙ୍କୁ ସସ୍‌ପେଣ୍ଡ କରାଯାଇଥିବା ବେଳେ ପୋଲିସ ମହାନିର୍ଦ୍ଦେଶକ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ନେତାଙ୍କ ପୁଅଙ୍କୁ ନିର୍ବାଚନ ଟିକେଟ

**କର୍ଣ୍ଣାଟକରେ ବଂଶବାଦ ରାଜନୀତି**

ବେଲଗାଭି,୨୦।୧୨ :କର୍ଣ୍ଣାଟକରେ ବଂଶଗତ ରାଜନୀତି ଜୋର୍ ଧରିଛି। ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟ ବିଧାନସଭା ନିର୍ବାଚନ ଲାଗି ଜେଡିଏସ୍ ସୋମବାର ୯୩ ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ସେମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ପୁଅ ନିଖିଲ କୁମାରସ୍ୱାମୀ, ପୂର୍ବତନ ମନ୍ତ୍ରୀ ଜି.ଟି. ଦେବେଗୌଡ଼ାଙ୍କ ପୁଅ ଜି.ଟି. ହରିଶଗୌଡ଼ା, ରାଜ୍ୟ ଜେଡିଏସ୍ ସଭାପତି ସି.ଏମ୍. ଇବ୍ରାହିମ୍‌ଙ୍କ ପୁଅ ସି.ଏମ୍. ଫୟାଜଙ୍କ ନାଁ ରହିଛି। ନିଖିଲ ରାମନଗର ଆସନରୁ ନିର୍ବାଚନ ଲଢ଼ିବେ। ଏବେ ଏହି ଆସନରୁ ତାଙ୍କ ମାଆ ଅନୀତା ବିଧାୟିକା ଅଛନ୍ତି। ସେହିପରି ହରିଶ ମହୀଶୂର ଜିଲାର ହୁନ୍‌ସୁରରୁ ପ୍ରାର୍ଥୀ ହୋଇଛନ୍ତି। ଏଚ୍.ଡି. କୁମାରସ୍ୱାମୀ ଚନ୍ନାପାଟନା ଆସନରୁ ଲଢ଼ିବେ। ସେ ୨୦୧୮ରେ ଉକ୍ତ ଆସନରୁ ନିର୍ବାଚିତ ହୋଇଥିଲେ। ସେହିପରି ଜି.ଟି.ଦେବେଗୌଡ଼ା ଚାମୁଣ୍ଡେଶ୍ୱରୀ ଆସନରୁ ପୁନର୍ବାର ନିର୍ବାଚିତ ହେବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୧୮ରେ ସେ ଏହି ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମାୟାଙ୍କୁ ହରାଇଥିଲେ। ୨୦୨୩ ନିର୍ବାଚନ ନିଖିଲଙ୍କ ପାଇଁ ଦ୍ୱିତୀୟ ଲଢ଼େଇ। ସେ ୨୦୧୯ରେ ମାଣ୍ଡ୍ୟା ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। କୁମାରସ୍ୱାମୀ ତାଙ୍କ ଉତ୍ତରାଧିକାରୀ ଭାବେ ନିଖିଲଙ୍କୁ ବିଧାନସଭାକୁ ପଠାଇବାକୁ ଚାହୁଁଛନ୍ତି। ସେହିପରି ଜି.ଟି. ଦେବେଗୌଡ଼ା ଓ ତାଙ୍କ ପୁଅ ଯେପରି ଭାଜପା କିମ୍ବା କଂଗ୍ରେସକୁ ନ ଡିଅନ୍ତି, ସେଥିପାଇଁ ଜେଡିଏସ୍ ସେମାନଙ୍କୁ ଟିକେଟ ଦେଇଛି।

# 'ଚାଷ ନ ହୋଇ ଏମ୍‌ଏସ୍‌ପି ନେବାକୁ ହୋଇଛି ମସୁଧା'



**କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟିଲେ ଓଡ଼ିଶାର ଭାଜପା ଏମ୍‌ପି**

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଓଡ଼ିଶାରେ କ୍ରମାଗତ ଧାନକିଣାରେ ଦୁର୍ନୀତି, ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ଓ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ମଙ୍ଗଳବାର ଓଡ଼ିଶାର ଭାଜପା ଏମ୍‌ପିମାନେ ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଏନେଇ ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି, ନକଲି ଚାଷୀ, ଠକ ବେପାରୀମାନେ ମଣ୍ଡି କର୍ମଚାରୀଙ୍କ ସହ ଅସାଧୁ ମେଣ୍ଟକରି ଧାନ ବିକ୍ରି ନିମନ୍ତେ ଟୋକନ ହାତେଇବା ସହିତ ସରକାରୀ ଏମ୍‌ଏସ୍‌ପିକୁ ହରିଲୁଟ କରୁଛନ୍ତି। ସାଟେଲାଇଟ ସର୍ଭେରେ ଚଳିତ ଖରିଫ ଋତୁରେ ୫ ଲକ୍ଷ ୫୪ ହଜାର ୬୭୯ ଏକର ଭୂତଜମି ବୋଲି ଜଣାପଡ଼ିଛି। ମାତ୍ର ଏ ବାବଦରେ ୧୭୧୫ କୋଟି ଟଙ୍କାର ଏମ୍‌ଏସ୍‌ପି ସହାୟତା ପାଇବାକୁ ମସୁଧା ହୋଇଛି। ତେବେ ସାଟେଲାଇଟ ସର୍ଭେରେ ଜଣାପଡ଼ିଥିବା ଭୂତଜମି ରିପୋର୍ଟ କିଏ କଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଭାରତ ସରକାର ଧାନ କିଣା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଏହାଦ୍ୱାରା ସ୍ଥାନୀୟ ଚାଷୀମାନେ ଏମ୍‌ଏସ୍‌ପିର ଲାଭ ନେଉଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଅବ୍ୟବସ୍ଥା ଯୋଗୁ ଧାନ ସଂଗ୍ରହ ପ୍ରକ୍ରିୟା ଓଡ଼ିଶାର ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ୧୬ ମାର୍ଚ୍ଚ ୨୦୨୧ ଏବଂ ୨୨ ଡିସେମ୍ବର ୨୦୨୨ରେ ଆର୍‌ଏମ୍‌ଏସି, ମଣ୍ଡି ସୋସାଇଟିରେ ଚାଲିଥିବା ଦୁର୍ନୀତି ଓ ଅବ୍ୟବସ୍ଥା ସମ୍ପର୍କରେ ଆମ ଦଳ ତରଫରୁ ଭାରତ ସରକାରଙ୍କ ବିଭାଗୀୟ ମନ୍ତ୍ରଣାଳୟକୁ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଦୁର୍ନୀତିକୁ ନେଇ କେନ୍ଦ୍ରୀୟ ଟିମ୍ କରିଥିବା ତଦନ୍ତରେ ମଧ୍ୟ ଉକ୍ତ ବିଷୟରେ ମତ ରଖିଥିଲା। ମାତ୍ର ଦୁର୍ଭାଗ୍ୟଜନକ ଭାବେ ରାଜ୍ୟ ସରକାର କେନ୍ଦ୍ରୀୟ ତଦନ୍ତକାରୀ ଟିମ୍ ଦେଇଥିବା ରିପୋର୍ଟ ଓ ପରାମର୍ଶକୁ ଉପେକ୍ଷା କରିଛନ୍ତି, ଯାହା ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଧାନ କିଣା ପ୍ରକ୍ରିୟାରେ ହେଉଥିବା ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ସରକାରୀ ଭାବେ ଖରିଫ୍ ଧାନକିଣା ବ୍ୟବସ୍ଥା ଅକ୍ଟୋବରରୁ ଆରମ୍ଭ ହୋଇଥାଏ। ଧାନକିଣାକୁ ବ୍ୟବସ୍ଥିତ କରିବା ପାଇଁ ଏହାର ସମୟସୀମା ରହିଛି ୧୫୧ ଦିନ। ମାତ୍ର ଓଡ଼ିଶାରେ କିଛି ଜିଲାକୁ ଛାଡ଼ିଦେଲେ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ମଣ୍ଡି ଖୋଲିନାହିଁ। ନିକଟରେ ହୋଇଥିବା ଡ୍ରୋନ୍ ସର୍ଭେ ରିପୋର୍ଟ ଅନୁସାରେ ପ୍ରାୟ ୩୫ ପ୍ରତିଶତ ଚାଷ ଜମିରୁ ଫସଲ ଅମଳ ସରିଛି। ଅପରପକ୍ଷେ ଅଧିକାଂଶ ଉପକୂଳବର୍ତ୍ତୀ ଜିଲାରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ ବୋଲି ବସନ୍ତ କହିଛନ୍ତି।


**CLASSIFIED DISPLAY**

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବଡ଼ସାହିରେ ଭାଜପା-ବିଜେଡି ମୁହାଁମୁହିଁ



ସମର୍ଥକଙ୍କ ସହ ହସ୍ପିଟାଲ ପରିସରରେ ବସିଥିବା ବିଧାୟକ ସନାତନ ବିଜୁଳି।

ବଡ଼ସାହି,୨୦।୧୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ପ୍ରଶାସନିକ ଭବନ ଉଦ୍‌ଘାଟନକୁ ନେଇ ମଙ୍ଗଳବାର ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଆଇନ ଶୃଙ୍ଖଳା ଦୃଷ୍ଟିରୁ ହସ୍ପିଟାଲ ପରିସରରେ ପୋଲିସ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଭାଜପା ବିଧାୟକ ସନାତନ ବିଜୁଳି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ପ୍ରଶାସନିକ ଭବନକୁ ଉଦ୍‌ଘାଟନ କରିବା ପାଇଁ ଆସିଥିବା ବେଳେ ବିଜେଡି କର୍ମୀମାନେ ତାଙ୍କୁ ବିରୋଧ କରିଥିଲେ। ବିଧାୟକ ତାଙ୍କ ନିଜସ୍ୱ ପାଣ୍ଠିରୁ ଗୃହ ନିର୍ମାଣ ପାଇଁ ଅନୁଦାନ ଦେଇ ନ ଥିବା, ସ୍ଥାନୀୟ କୌଣସି ଜନ ପ୍ରତିନିଧିଙ୍କୁ ସୂଚନା ନ ଦେଇ ଉଦ୍‌ଘାଟନ କରିବା ତଥା ମଙ୍ଗଳବାର ଜିଲାରେ ଆଦିବାସୀଙ୍କ ଦାବି ପୂରଣ ପାଇଁ ବନ୍ଦ ପାଳନ ଚାଲିଥିବା ସମୟରେ ଏଭଳି ଉଦ୍‌ଘାଟନ ଉତ୍ସବକୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି ବୋଲି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର କହିଛନ୍ତି। ଏହାର ପ୍ରତିବାଦରେ ପୂର୍ବତନ ବିଧାୟକ ପାତ୍ରଙ୍କ ସମେତ ବ୍ଲକ ସଭାପତି, ଯୁବ ଓ ଛାତ୍ର ବିଜେଡି ସଭାପତିଙ୍କ ସହିତ ବହୁ ବରିଷ୍ଠ ନେତା ତଥା କର୍ମୀ ନୂତନ ଗୃହ ସମ୍ମୁଖରେ ଧାରଣାରେ ବସିଥିଲେ। ଅନ୍ୟପକ୍ଷରେ ବିଧାୟକ ବିଜୁଳି ଉଦ୍‌ଘାଟନ କରି ନ ପାରି ବହୁ ସଂଖ୍ୟକ କର୍ମୀଙ୍କ ଗହଣରେ ହସ୍ପିଟାଲ ପରିସରରେ ବସି ରହିଥିଲେ। ଏ ସମ୍ପର୍କରେ ବିଧାୟକ ବିଜୁଳିଙ୍କୁ ପଚାରିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କଠାରୁ ନିମନ୍ତ୍ରଣ ପାଇ ଉଦ୍‌ଘାଟନ ସକାଶେ ଆସିଥିବା ବେଳେ ବିଜେଡି କର୍ମୀମାନେ ହୀନ ରାଜନୀତି କରି ତାଙ୍କୁ ବିରୋଧ କରିଛନ୍ତି ବୋଲି କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁକାନ୍ତ ପାତ୍ରଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ଚାଲି ଯାଇଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ଗୃହଟି ଓଡ଼ିଶା ଖଣିଜ ଆଧାରିତ ଅଞ୍ଚଳ ଉନ୍ନୟନ ନିଗମ କଲ୍ୟାଣ ପାଣ୍ଠିରୁ ନିର୍ମାଣ ହୋଇଛି।


**Classified Everyday 0674-2580101, 2549949**



MATRIMONIAL

**BRIDE WANTED**

Professional Librarian ପାତ୍ର ପାଇଁ ମାଟ୍ରିକ୍ ପାସ୍ କରିଥିବା ଜ୍ୟୋତିଷ ଘର ପାତ୍ରୀ ଆବଶ୍ୟକ। ଯୋଗାଯୋଗ- 9237210331. D-2276

Khandayat Groom fres candidate 49, 5'7" BBSR, MA., Contractor in Rourkela Steel Plant, Requires beautiful Govt. College Lecturer. 8908731617. D-2254

**GROOM WANTED**

Khandayat Bride beautiful +3 Arts 5'4" requires Karan Khandayat service or business candidates. 8908731617. D-2255





**SALE**

Scootypep Scooter, new tyre, Battery Tiptop urgent sale. Whatsapp- 8763839132. D-2284



REAL ESTATE

**SALE**

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହାଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

Yellowzone gharabari plot for sale, 2000sqft. (13Nos) at Mouza- Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road- 30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165. D-2273

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

Puri Kalingavihar Sipasarubali OSHC Beach land urgent sale. Whatsapp- 8763839132. D-2285

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166

**GENERAL**

**SALE**

Gent's Beauty Parlour (Saloon) Chair for sale. Contact: 9861542977, 9338058332. D-74618

Running fly ash Bricks Machinery for sale at Gudiapokhari, Bhubaneswar. Contact: 7978532710. D-2301

Wanttosaleacomplete mineralwater and Colddrinks plant and Machinery at reasonable prices. Contact: 9090004443. D-71047





Newly open full body massage ladies and gents. 8327740003, 8093860513. D-74616

Full body massage in homely atmosphere. All Therapy, Mob.- 8114881641. D-73417

Relax, Refresh your Body, Mind at Saikrupa Spa with best therapies. 8984068077. D-2230

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74612





3BHK Duplex house at Brahmeswar Patna Ansu homes. Contact: 9040668776. D-2246

7500sqft. commercial building with 150 KVA Transformer at Khurda suitable for factory, Godown. Contact: 9090004443. D-71048



CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2264

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଜଳସମ୍ପଦ ବିଭାଗ, ଓଡ଼ିଶା।
ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳୀ ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୭୧୬୬୫

**ଦ୍ୱାଦଶ କାର୍ଯ୍ୟ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଚନ୍ଦ୍ର ଶେଖର ସାହୁ**
ଛତ୍ରପୁର, ରିକ୍ସାପଲ୍ଲୀ, ମେନ୍ ରୋଡ୍
ଆବିର୍ଭାବ: ୧୪।୦୪।୧୯୫୦
ତିରୋଧାନ: ୧୦।୧୨।୨୦୨୨
ଆମେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ ତାଙ୍କର ଚରଣ କମଳରେ ତମକୁ ଟିକିଏ ଜାଗା ଦିଅନ୍ତୁ। ତମେ ଯେଉଁଠାରେ ବି ଥାଅ, ଭଲରେ ଥାଅ, ତମ ଆତ୍ମାର ସଦ୍‌ଗତି ହେଉ ।
ତୁମର ହତଭାଗିନୀ ସ୍ତ୍ରୀ: ସୌଦାମିନୀ, ପୌଷ୍ୟପୁତ୍ର: ରମଣି ରଞ୍ଜନ ସାହୁ ।
ଧ-୨୩୦୪

**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଆସସ୍ ଗେମିଂ ଡେଜ୍ ସେଲ୍

**ନୂଆଦିଲ୍ଲୀ:** ଆସସ୍ ଇଣ୍ଡିଆର ରିପବ୍ଲିକ୍ ଅଫ୍ ଗେମର୍ସ (ରଗ୍) ପକ୍ଷରୁ ଆସସ୍ ଗେମିଂ ଡେଜ୍ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଆସସ୍ ଇ-ଶପ୍, ଆସସ୍ ଏକ୍ସକ୍ଲୁସିଭ୍ ଷ୍ଟୋର ଓ ରଗ୍ ଷ୍ଟୋରରେ ଉପଲବ୍ଧ ସମଗ୍ର ଗେମିଂ ପିସି ପୋର୍ଟଫୋଲିଓ ଉପରେ ମଧ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏପରିକି ଚଳିତ ବର୍ଷ ଡିସେମ୍ବର ୨୩ ପର୍ଯ୍ୟନ୍ତ ହେବାକୁ ଥିବା ଉକ୍ତ ସେଲ୍‌ରେ ଉପଭୋକ୍ତାମାନେ ଲୋକପ୍ରିୟ ଓ ନୂତନ ରଗ୍ ଲାପ୍‌ଟପ୍‌ଗୁଡିକ ଉପରେ ଏକାଧିକ ରିହାତି ସମେତ ସମସ୍ତ ଗେମିଂ ଲାପ୍‌ଟପ୍‌ଗୁଡିକ ଉପରେ ରିହାତିଯୁକ୍ତ ୱାରେଣ୍ଟି ଏକ୍ସଟେନଶନ ଓ ନୋ କଷ୍ଟ ଇଏମ୍‌ଆଇ ଆଦି ସୁବିଧା ପାଇପାରିବେ।

# ଇ-ମାର୍କେଟରେ ଦେଶୀ ବ୍ରାଣ୍ଡ୍‌ର ଚାହିଦା ବୃଦ୍ଧି

ନୂଆଦିଲ୍ଲୀ,୨୦।୧୨

ଗତ କିଛି ବର୍ଷ ମଧ୍ୟରେ ଭାରତୀୟ କମ୍ପାନୀଗୁଡିକର ସ୍ୱଦେଶୀ ବ୍ରାଣ୍ଡ୍‌ର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଇ-ମାର୍କେଟ୍ ଜରିଆରେ କାରବାର କରୁଥିବା ଇଲେକ୍ଟ୍ରୋନିକ୍ସ କମ୍ପାନୀ ଗୁଡିକ ଧୀରେ ଧୀରେ ଇଲେକ୍ଟ୍ରୋନିକ ବଜାରରେ ପ୍ରଭାବ ବିସ୍ତାର କରୁଛନ୍ତି। ଏପରିକି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିର ଦେଶ ଭାରତ ଇ-ବଜାରକୁ ଆୟତ୍ତ କରିବା ନେଇ ଯେଉଁ ସ୍ୱପ୍ନ ଦେଖିଥିଲା ତାକୁ ଦେଶର କିଛି ପ୍ରମୁଖ ସ୍ୱଦେଶୀ ବ୍ରାଣ୍ଡ ସାକାର କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଭାରତୀୟ ଇ-ଉପକରଣ ବଜାରରେ ୫୫%ର ବଜାର କାରବାର ଦେଶୀ କମ୍ପାନୀଗୁଡ଼ିକର ରହିଛି। ଏପରିକି ଇ-ମାର୍କେଟରେ ଗୋଇନ୍ଦା ତଥ୍ୟ ସଂଗ୍ରହ କରୁଥିବା ଘରୋଇ ସଂସ୍ଥା ଆଇଡିସି ଇଣ୍ଡିଆ ପକ୍ଷରୁ ନିକଟରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ବିଶେଷକରି ଇ-ଉପକରଣ ମଧ୍ୟରେ ପିନ୍ଧିବା, ଶୁଣିବା ଓ ପାୱାର ଉପକରଣ ଭଳି ଅନେକ କିଛି ଉତ୍ପାଦ ସାମିଲ ରହିଛି। ସେହିଭଳି ପିନ୍ଧିବାଯୋଗ୍ୟ ଇ-ଉପକରଣର ନୂଆ ନୂଆ ସୁବିଧା ଯୁକ୍ତ ଉତ୍ପାଦନ, ବିଭିନ୍ନ ଲୋଭନୀୟ ଅଫର ଓ ଅପେକ୍ଷାକୃତ ଶସ୍ତା ନୀତି ଯୋଗୁ ସମ୍ପୃକ୍ତ ବ୍ରାଣ୍ଡ୍‌ଗୁଡ଼ିକ ବଜାରରେ ଆଶାଠାରୁ ଭଲ କାରବାର କରିବାର ସକ୍ଷମ ହୋଇପାରିଛି। ଏପରିକି ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ଭୟର ମୋବାଇଲ ଉତ୍ପାଦନ କମୁଥିବା ବେଳେ ଭାରତୀୟ ପିନ୍ଧିବାଯୋଗ୍ୟ ଇ-ଉପକରଣ ବ୍ରାଣ୍ଡ୍‌ଗୁଡ଼ିକର ଉତ୍ପାଦନ କିନ୍ତୁ ଦ୍ୱିଗୁଣା ଗତିରେ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ବର୍ତ୍ତମାନ ସ୍ଥିତିରେ ଭାରତର ପ୍ରମୁଖ ୫ଟି ପିନ୍ଧିବାଯୋଗ୍ୟ ଇ-ଉପକରଣ ମଧ୍ୟରୁ ଟପ୍-୩ରେ ୩ ଭାରତୀୟ ବ୍ରାଣ୍ଡ୍ ଇମାଜିନ ମାର୍କେଟିଂ କମ୍ପାନୀର ବୋଟ୍ ୩୨% ଚାହିଦା ଥିବାବେଳେ ନେକ୍ସବେସ୍ ନଏଜ୍‌ର ୧୪% ଓ ଫାୟାର ବୋଲ୍ଟ ୯%ର ଶେୟାର ରହିଥିବା ଜଣାପଡ଼ିଛି। ଅପରପକ୍ଷରେ ଚାଇନାର ୱାନ୍ ପ୍ଲସ୍ ୮% ରୁ ଅଧିକ ଏବଂ ରିୟଲ ମି ୪% ରୁ ଅଧିକ ବଜାର କାରବାର ରହିଛି। ଚାଇନାର ଉକ୍ତ ଦୁଇ ବ୍ରାଣ୍ଡ ସମେତ ଭାରତ ର ୩ ପ୍ରମୁଖ ବ୍ରାଣ୍ଡ ପିନ୍ଧିବାଯୋଗ୍ୟ ଇ-ଉପକରଣରେ ସାମିଲ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ସାରା ବିଶ୍ୱରେ ଉଦ୍ୟୋଗ ଜଗତ ପାଇଁ କରୋନା ମହାମାରୀ ଏକ ବଡ଼ ଚ୍ୟାଲେଞ୍ଜ ଆଣିଥିଲା। ଏଭଳି ନିଅଣ୍ଟିଆ ସ୍ଥିତି ଯୋଗୁ ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ୭୨% ଶେୟାର ହାସଲ କରିଥିବା ଚାଇନା ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକ ଫୋନ ମାର୍କେଟରୁ ଧ୍ୟାନ ହଟାଇପାରିଲେ ନାହିଁ। ତାହା ସହିତ ଯୋଗାଣରେ ବାଧା ଉପୁଜିବା ଆଦି ସମସ୍ୟା ଯୋଗୁ ଚାଇନା କମ୍ପାନୀଗୁଡ଼ିକ ପିନ୍ଧିବାଯୋଗ୍ୟ ଇ-ଉପକରଣ ବଜାରକୁ ଦଖଲ କରିପାରିଲେ ନାହିଁ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା କରୁଥିବା ଜଣାପଡ଼ିଛି।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୨୦।୧୨

ଦିନକ ପରେ ପୁଣି ଥରେ ଷ୍ଟକ୍ ବଜାରର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ (ଷ୍ଟକ୍ ବଜାର) ର ଫଳାଫଳ ଯୋଗୁ ଶେୟାର ବଜାରର ନିବେଶକମାନେ ମଧ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାରର ଷ୍ଟକ୍ ବଜାରର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୪ (୧୦୩.୯୦) ପଏଣ୍ଟ ଖସି ୬୧,୭୦୨ (୬୧,୭୦୨.୨୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୩୫ (୩୫.୧୫) ପଏଣ୍ଟ ହ୍ରାସ ଘଟି ୧୮,୩୮୫ (୧୮,୩୮୫.୩୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ନିଷ୍ପତ୍ତି କାରଣରୁ ଭାରତୀୟ ଶେୟାର ବଜାରର କାରବାର ପ୍ରଭାବିତ ହେଉଥିବା ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ବିଆଇପିଏଫ୍‌କୁ ଇଣ୍ଡିଆ ସିଏସ୍‌ଆର୍ ପୁରସ୍କାର




ଭୁବନେଶ୍ୱର,୨୦।୧୨

ରାଜ୍ୟର ପ୍ରମୁଖ ଶିଳ୍ପସଂସ୍ଥା ଇମ୍ଫାର ସହଯୋଗୀ ଅନୁଷ୍ଠାନ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍)କୁ ନିକଟରେ ଇଣ୍ଡିଆ ସିଏସ୍‌ଆର୍ ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି ବିଆଇପିଏଫ୍ ତା'ର କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବିକାର ଉନ୍ନତି ପାଇଁ ବ୍ୟାପକ ସହଯୋଗୀ ଭାବେ କାର୍ଯ୍ୟ ନିର୍ବାହ କରିଥିବାରୁ ଅନୁଷ୍ଠାନକୁ ଉପରୋକ୍ତ ପୁରସ୍କାର ମିଳିଥିବା ଜଣାପଡ଼ିଛି। ଏପରିକି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୧୩ତମ ସିଏସ୍‌ଆର୍ ଲିଡରଶିପ୍ ସମିଟ୍-୨୦୨୨ କାର୍ଯ୍ୟକ୍ରମରେ ବିଆଇପିଏଫ୍‌କୁ ସିଏସ୍‌ଆର୍ ବିଜେତା ଭାବେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଏମ୍‌ପି ଆର୍.କେ. ସିଂହ ଏବଂ କର୍ନାଟକର ଅତିରିକ୍ତ ମୁଖ୍ୟ ସଚିବ ଡ. ଶାଳିନୀ ରଜନୀଶଙ୍କ ଅନୁଗ୍ରହରେ ବିଆଇପିଏଫ୍‌ର ଉପସଭାପତି ଅଶୋକ ବେହେରା ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ସେହିଭଳି ଉକ୍ତ ପୁରସ୍କାରଗୁଡ଼ିକ ସମ୍ପ୍ରଦାୟର ବିକାଶ ଏବଂ ସିଏସ୍‌ଆର କାର୍ଯ୍ୟକଳାପ ପାଇଁ ଦେଶର ବିଭିନ୍ନ ଶିଳ୍ପ ଅନୁଷ୍ଠାନର ଶ୍ରେଷ୍ଠ ଅବଦାନକାରୀଙ୍କୁ ଇଣ୍ଡିଆ ସିଏସ୍‌ଆର ନେଟ୍‌ୱର୍କ ଦ୍ୱାରା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ।

## ଜିଓ ସିନେମାରେ ଫିଫା ଫୁଟ୍‌ବଲ ବିଶ୍ୱକପ୍

ନୂଆଦିଲ୍ଲୀ,୨୦।୧୨

କାତାର ଫିଫା ଫୁଟ୍‌ବଲ ବିଶ୍ୱକପ୍ ୨୦୨୨ ଶେଷ ହୋଇଥିବା ବେଳେ ଡିଜିଟାଲ ମାଧ୍ୟମରେ ମ୍ୟାଚ୍ ଦେଖିବା କ୍ଷେତ୍ରରେ ଜିଓ ସିନେମା ନୂତନ ରେକର୍ଡ ସ୍ଥାପନ କରିଛି। ପ୍ରଥମ ଥର ପାଇଁ ଟିଭି ତୁଳନାରେ ଅଧିକ ଲୋକ ଡିଜିଟାଲ୍ ମାଧ୍ୟମରେ ବିଶ୍ୱର ଏହି ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା କାର୍ଯ୍ୟକ୍ରମର ମଜା ନେଇଛନ୍ତି। ବିଶେଷକରି ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌କୁ ରେକର୍ଡ ୩.୨ କୋଟି ଦର୍ଶକ ଜିଓ ସିନେମାରେ ଦେଖିଛନ୍ତି। ସେହିଭଳି ଫିଫା ଫୁଟ୍‌ବଲ ବିଶ୍ୱକପ୍‌କୁ ୧୧୦ ନିୟୁତରୁ ଅଧିକ ଦର୍ଶକ ଡିଜିଟାଲ ମାଧ୍ୟମରେ ଦେଖିଥିବା ଜଣାପଡିଛି। ଫଳରେ ଡିଜିଟାଲ ମାଧ୍ୟମରେ ସର୍ବାଧିକ ଲୋକ ଦେଖିଥିବା କ୍ରୀଡ଼ା କାର୍ଯ୍ୟକ୍ରମରେ ଏହା ପରିଣତ ହୋଇଛି। ସେହିପରି ବିଶ୍ୱକପର ମ୍ୟାଚ୍‌ଗୁଡ଼ିକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିବା ଯୋଗୁ ଭାରତରେ ସ୍ପୋର୍ଟସ୍ ୧୮ ଚ୍ୟାନେଲ ଓ ଜିଓ ସିନେମା ଆପ୍‌ରେ ମ୍ୟାଚ୍‌ଗୁଡ଼ିକୁ ୪୦ ବିଲିଅନ ମିନିଟ୍‌ରୁ ଅଧିକ ସମୟ ଲୋକମାନେ ଦେଖିଛନ୍ତି। ଅପରପକ୍ଷରେ ସ୍ମାର୍ଟଫୋନ୍ ଓ କନେକ୍ଟେଡ୍ ଟିଭିରେ ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ଲୋକମାନେ ପସନ୍ଦ କରୁଥିବାରୁ ଜିଓ ସିନେମା ଡାଉନ୍‌ଲୋଡ୍‌ରେ ବୃଦ୍ଧି ଘଟିଛି। ଏପରିକି ଜିଓ ସିନେମା ଜରିଆରେ ପ୍ରଥମ ଥର ପାଇଁ ୟୁଏଚ୍‌ଡି ୪କେ'ରେ ଦର୍ଶକମାନେ ଫୁଟ୍‌ବଲ ବିଶ୍ୱକପ୍ ମ୍ୟାଚ୍‌ଗୁଡ଼ିକର ମଜା ନେବାର ସୁଯୋଗ ପାଇଥିଲେ। ଏ ସମ୍ପର୍କରେ ଭାୟାକମ୍ ୧୮ ସ୍ପୋର୍ଟସ୍‌ର ସିଇଓ ଅନିଲ ଜୟରାଜ କହିଛନ୍ତି, କାତାର ଫିଫା ବିଶ୍ୱକପ୍ ୨୦୨୨କୁ ବିଶ୍ୱସ୍ତରୀୟ ଢଙ୍ଗରେ ଦର୍ଶକମାନଙ୍କ ପାଖରେ ପହଞ୍ଚାଇବାକୁ ଆମେ ପ୍ରତିଶ୍ରୁତି ଦେଇଥିଲୁ ଏବଂ ସେହି ଅନୁସାରେ ଭାରତ ଅଂଶଗ୍ରହଣ କରି ନ ଥିବା କ୍ରୀଡ଼ା କାର୍ଯ୍ୟକ୍ରମ ଭାବେ ଡିଜିଟାଲ ମାଧ୍ୟମରେ ସର୍ବାଧିକ ଲୋକ ଦେଖିଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଟୁର୍ନାମେଣ୍ଟରେ ତାହା ପରିଣତ ହୋଇଥିଲା।

## 'ପ୍ରଶାସନିକ କୋଠାର ଭିତ୍ତିପ୍ରସ୍ତର'




ଭୁବନେଶ୍ୱର,୨୦।୧୨

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟ୍ ସହଯୋଗରେ ଝାରସୁଗୁଡ଼ା ଜିଲା ଦୌଡ଼କୁଦ ସଂଘର ପ୍ରଶାସନିକ କୋଠାର ଭିତ୍ତିପ୍ରସ୍ତର କାର୍ଯ୍ୟ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବରଗଡ଼ ଏମ୍‌ପି ନିରଞ୍ଜନ ପୂଜାରୀଙ୍କ ସମେତ ବେଦାନ୍ତ ଲିମିଟେଡ୍(ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତାଙ୍କ ଉପସ୍ଥିତିରେ ଝାରସୁଗୁଡା ନିକଟସ୍ଥ କଣ୍ଟାପାଲି ଗ୍ରାମରେ ସଂଘର ନୂଆ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏପରିକି ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ଜିଲା ଦୌଡ଼କୁଦ ସଂଘର ନୂଆ ପ୍ରଶାସନିକ କୋଠାର ନିର୍ମାଣର ପ୍ରାୟୋଜକ ମଧ ରହିଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା)ର ସିଇଓ ଗୁପ୍ତା କହିଛନ୍ତି, ଜାତୀୟ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ ସୃଷ୍ଟି କରିବାର ଏକ ସମୃଦ୍ଧ ପରମ୍ପରା ଓଡ଼ିଶାର ରହିଛି। ଏପରିକି ଝାରସୁଗୁଡ଼ା ଜିଲାର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ାର ପ୍ରସାର କରିବା ଲାଗି ଜିଲା ଦୌଡ଼କୁଦ ସଂଘ ପ୍ରଶଂସନୀୟ କାର୍ଯ୍ୟ କରୁଛି ଏବଂ ଏକ ପ୍ରଶାସନିକ କୋଠାର ବିକାଶ ଜରିଆରେ ସେମାନଙ୍କ ଉଦ୍ୟମରେ ଉନ୍ନତି ଆଣୁଥିବାରୁ ଆମେ ବେଶ୍ ଗର୍ବିତ ଅଛୁ।

## ପରବର୍ତ୍ତୀ ମାଇଲଖୁଣ୍ଟ ଅପେକ୍ଷାରେ ସ୍କୋଡା

ନୂଆଦିଲ୍ଲୀ,୨୦।୧୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ତା'ର ପରବର୍ତ୍ତୀ ମାଇଲଖୁଣ୍ଟ ଅପେକ୍ଷାରେ ରହିଛି। କାରଣ କମ୍ପାନୀର ଇଣ୍ଡିଆ ୨.୦ ରଣନୀତି ଜରିଆରେ ଆଗକୁ ବଢୁଛି। ବିଶେଷକରି କମ୍ପାନୀ ଗ୍ରାହକଙ୍କ ସ୍ପର୍ଶବିନ୍ଦୁ ବୃଦ୍ଧିକରି ବର୍ତ୍ତମାନ ସାରା ଭାରତରେ ୨୨୫ରୁ ଅଧିକରେ ପହଞ୍ଚିଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସ୍ଲୋକ୍ କହିଛନ୍ତି, ସ୍କୋଡାର ଇଣ୍ଡିଆ ୨.୦ ରଣନୀତି ପାଇଁ ଗ୍ରାହକ କୈନ୍ଦ୍ରିକତା ଏବଂ ଗ୍ରାହକଙ୍କ ସନ୍ତୁଷ୍ଟି ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଏହା ହାସଲ କରିବାର ଚାବି ହେଲା ଆମର ନେଟ୍‌ୱର୍କକୁ ବିସ୍ତାର କରିବା ଏବଂ ଆମ ଗ୍ରାହକଙ୍କ ଅଧିକ ନିକଟତର ହେବା। ବିକ୍ରି ଏବଂ ସେବା ଆଉଟଲେଟ୍, କମ୍ପେକ୍ଟ କର୍ମଶାଳା, ଶୋ'ରୁମ୍ ଅନ୍ତର୍ଭୁକ୍ତ କରୁଥିବା ଆମର ଗ୍ରାହକ ସ୍ପର୍ଶବିନ୍ଦୁ ଚମତ୍କାର କ୍ରୟ, ମାଲିକାନା ଏବଂ ରକ୍ଷଣାବେକ୍ଷଣ ଅଭିଜ୍ଞତାକୁ ବଢ଼ାଇବା ଆମ ପାଇଁ ଏକ ରାସ୍ତା । ଆମ ଗ୍ରାହକମାନେ ଏକ ସ୍କୋଡାର ମାଲିକ ହେବା ବେଳେ ସେମାନଙ୍କୁ ମାଲିକାନା କମ୍ ଖର୍ଚ୍ଚ, ଉଦ୍ୟୋଗ ଅଗ୍ରଣୀ ୱାରେଣ୍ଟି ଏବଂ ରକ୍ଷଣାବେକ୍ଷଣ ପ୍ୟାକେଜ ସହ ଗ୍ରାହକମାନଙ୍କୁ ଏକ ପୁରସ୍କୃତ ଅଭିଜ୍ଞତା ପ୍ରଦାନ କରିବା ଆମ ଲକ୍ଷ୍ୟର ଏକ ସ୍ୱାଭାବିକ ଅଂଶ । ବାର୍ଷିକ ବିକ୍ରି ୫୦,୦୦୦ କାର୍ ଅତିକ୍ରମ କରିଥିବା ଏବଂ ଚଳିତ ବର୍ଷରେ ଗଣନା ଜାରି ରହିଥିବା ୨୦୨୨କୁ ସ୍କୋଡା ଅଟୋ ଇଣ୍ଡିଆ ଦେଶରେ ସବୁଠାରୁ ବଡ଼ ବର୍ଷ ଭାବେ ରେକର୍ଡ କରିଛି। ବାର୍ଷିକ ବିକ୍ରିକୁ ୨୦୨୧ ତୁଳନାରେ କମ୍ପାନୀ ପୂର୍ବରୁ ଦ୍ୱିଗୁଣିତ କରିସାରିଛି ଏବଂ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଭାରତ ତୃତୀୟ ବୃହତ୍ତମ ବଜାର ଭାବେ ପରିଗଣିତ ହେଉଛି।

## ଫୁରସତ୍

# ବିଲୁପ୍ତିପଥେ ଡାଇଭିଂ ବାର୍ଡ

ୱାଶିଂଟନ୍



ଜଳବାୟୁ ପରିବର୍ତ୍ତନ ପ୍ରତ୍ୟେକ ଜୀବକୁ ପ୍ରଭାବିତ କରିଛି। ଏପରି ଅନେକ ପ୍ରଜାତିର ଜୀବ ରହିଛନ୍ତି, ଯେଉଁମାନେ ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବାର ସାହାରା ଖୋଜି ପାଇଛନ୍ତି। ଆଉ କିଛିଜୀବଙ୍କ ପାଖରେ ଏହାର ମୁକାବିଲା ପାଇଁ କୌଣସି ବାଟ ନାହିଁ। ବର୍ତ୍ତମାନ ସମୟରେ ଏହି ସ୍ଥିତି ଦେଇ ଗତି କରୁଛନ୍ତି ଜଳପକ୍ଷୀ। ପେଙ୍ଗୁଇନ୍, ପଫିନ୍ସ ଏବଂ ପାଣିକୁଆ ଭଳି ପକ୍ଷୀ ଏବେ ବିଲୁପ୍ତ ହେବାକୁ ବସିଛନ୍ତି। ସ୍ଥଳଭାଗରେ ଗଛରୁ ଗଛକୁ ଉଡ଼ି ଖାଦ୍ୟ ସଂଗ୍ରହ କରୁଥିବା ପକ୍ଷୀଙ୍କ ତୁଳନାରେ ଗଭୀର ଜଳରେ ପହଁରି ଖାଦ୍ୟ ସଂଗ୍ରହ କରୁଥିବା ପକ୍ଷୀଙ୍କ ଜୀବନ ଅଧିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଆମେରିକାର ବାଥ୍ ୟୁନିଭର୍ସିଟି ମିଲନର ସେଣ୍ଟର ଫର୍ ଇଭୋଲ୍ୟୁଶନ୍‌ର ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ପେଙ୍ଗୁଇନ୍ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଡାଇଭିଂ ବା ଗଭୀର ଜଳରେ ପହଁରି ଶିକାର କରନ୍ତି। ତେବେ ଏପ୍ରକାର ଜଳପକ୍ଷୀଙ୍କ ପାଇଁ ଡାଇଭିଂ କାଳ ସାଜିଥିବା ଇଭୋଲ୍ୟୁଶନ୍ ବୈଜ୍ଞାନିକ ଜୋଶୁଆ ଟାଇଲର ଏବଂ ଡା. ଜେନ୍ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଗବେଷକଙ୍କ ଅନୁସାରେ ଡାଇଭିଂ କରୁଥିବା ପ୍ରତ୍ୟେକ ପକ୍ଷୀଙ୍କ ପହଁରିବା ପ୍ରଣାଳୀ ସେମାନଙ୍କ ଶରୀର ଗଠନ ଉପରେ ନିର୍ଭରକରେ। ପେଙ୍ଗୁଇନ୍ ଓ ପଫିନ୍ସ ହେଉଛନ୍ତି ୱିଙ୍ଗ୍ ଡାଇଭର୍ସ। ପାଣି ଭିତରେ ଖାଦ୍ୟର ସନ୍ଧାନବେଳେ ସେମାନେ ଡେଣା ସାହାଯ୍ୟରେ ଆଗକୁ ବଢ଼ିଥାନ୍ତି। ସେମାନଙ୍କର ଶରୀର ଅନ୍ୟ ପକ୍ଷୀଙ୍କ ଅନୁସାରେ ବଡ଼ ହୋଇଥାଏ। ସେହିପରି ଜଳକୁଆ ଡାଇଭିଂ ପାଇଁ ସେମାନଙ୍କ ଗୋଡ଼କୁ ବ୍ୟବହାର କରନ୍ତି। ପାଖପାଖି ୭୨୭ ପ୍ରକାର ପ୍ରଜାତିର ଜଳପକ୍ଷୀ ଏହି ପ୍ରଣାଳୀକୁ ବ୍ୟବହାର କରି ଜଳରୁ ଖାଦ୍ୟ ସଂଗ୍ରହ କରନ୍ତି। ଗବେଷଣାରେ ବ୍ୟବହାର କରାଯାଇଥିବା ପଦ୍ଧତି ଜରିଆରେ ଜୀବ ସଂରକ୍ଷଣକାରୀ ଗବେଷକମାନେ ବିଲୁପ୍ତପ୍ରାୟ ପକ୍ଷୀଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରିପାରିବେ। ଉଭୟ ଜଳପକ୍ଷୀ ଏବଂ ସ୍ଥଳଭାଗରେ ରହୁଥିବା ବିହଙ୍ଗଙ୍କ ଗୁଣସୂତ୍ର ପ୍ରାୟତଃ ସମାନ। କିନ୍ତୁ ସେମାନଙ୍କ ଶାରୀରିକ ଗଠନ ପ୍ରଣାଳୀ ପରସ୍ପରଠାରୁ ଭିନ୍ନ ହୋଇଥାଏ। ପେଙ୍ଗୁଇନ୍ ଯେଉଁ ବେଗରେ ଜଳ ମଧ୍ୟରେ ପହଁରେ ସେହି ସ୍ପିଡ୍‌ରେ ପହଞ୍ଚିବା ସ୍ଥଳଭାଗରେ ରହୁଥିବା ପକ୍ଷୀଙ୍କ ପାଇଁ ସମ୍ଭବପର ହୋଇ ନ ଥିଲେ ମଧ ସେମାନେ ଜଳ ମଧ୍ୟରେ ଖାଦ୍ୟର ଅନ୍ୱେଷଣ କରିପାରିବେ। କିନ୍ତୁ ଜଳପକ୍ଷୀମାନେ ସ୍ଥଳଭାଗରୁ ଆବଶ୍ୟକ ଅନୁସାରେ ଶିକାର କରିପାରିବେ ନାହିଁ। ସେହି ଦୃଷ୍ଟିରୁ ଜଳପକ୍ଷୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି।

### ୭୨୭ ପ୍ରଜାତିର ଜଳପକ୍ଷୀଙ୍କ ପ୍ରତି ବିପଦ ଆଶଙ୍କା

## ଘର ପାଇଁ ହେବାକୁ ପଡ଼ିଥିଲା ହତାଦର



ତେଜସ୍ୱିନୀ ପଣ୍ଡିତ

**ମୁମ୍ବାଇ:** ଲୋକପ୍ରିୟ ମରାଠୀ ଅଭିନେତ୍ରୀ ତେଜସ୍ୱିନୀ ପଣ୍ଡିତ ତାଙ୍କ ଜୀବନର ଏକ ଖରାପ ଅଧ୍ୟାୟ କଥା ଶେୟାର କରିଛନ୍ତି। ଯାହା ସମସ୍ତଙ୍କୁ ଚକିତ କରିଛି। ତେଜସ୍ୱିନୀ ତାଙ୍କର ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ୨୦୦୯-୧୦ରେ ସେ ପୁଣେର ସିଂହଗଡ଼ ରୋଡସ୍ଥିତ ଏକ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିଲେ। ସେତେବେଳେ ତାଙ୍କର ମାତ୍ର ୨ଟି ଫିଲ୍ମ ବଡ଼ ପରଦାକୁ ଆସିଥିଲା। ସେ ରହୁଥିବା ଆପାର୍ଟମେଣ୍ଟ ଜଣେ କର୍ପୋରେଟରଙ୍କ ଥିଲା। ତେଜସ୍ୱିନୀ ଯେତେବେଳେ ତାଙ୍କ ଘର ଭଡ଼ା ଦେବାକୁ ଅଫିସ୍‌କୁ ଯାଉଥିଲେ, ସେତେବେଳେ ଘର ମାଲିକ ତାଙ୍କ ମୁହଁରେ ଟେବୁଲ ଉପରେ ଥିବା ପାଣିକୁ ପିଙ୍ଗିବା ସହ ଦୁର୍ବ୍ୟବହାର କରୁଥିଲେ। ଘର ଭଡ଼ା ବଦଳରେ ମାଲିକ ଜଣକ ଅଭିନେତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଅଫର ଦେଉଥିଲେ। ସେତେବେଳେ ସେ ନୂଆ ନୂଆ ଫିଲ୍ମ ଇଣ୍ଡଷ୍ଟ୍ରୀରେ କାମ କରିବା ଆରମ୍ଭ କରୁଥିଲେ। ତାଙ୍କର ୨ଟି ଫିଲ୍ମ ରିଲିଜ୍ ହୋଇସାରିଥିଲେ ମଧ ଆର୍ଥିକ ସ୍ଥିତି ସେତେ ସୁଦୃଢ଼ ନ ଥିବା ସେ କହିଛନ୍ତି।

## ରାଗରେ ଅଛନ୍ତି ଅନୁଷ୍କା



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ଜଣାଶୁଣା ବ୍ରାଣ୍ଡ 'ପୁମା' ମଧ୍ୟରେ ସୋସିଆଲ ମିଡିଆରେ ଲଢ଼େଇ ଆରମ୍ଭ ହୋଇଯାଇଛି। 'ପୁମା' ବ୍ରାଣ୍ଡର ଏକ ପୋଷାକକୁ ଅନୁଷ୍କା ପିନ୍ଧିଥିଲେ। କମ୍ପାନୀ ଉକ୍ତ ଫଟୋକୁ ବିଜ୍ଞାପନ ଭାବରେ ବ୍ୟବହାର କରି ଅନୁଷ୍କାଙ୍କ କ୍ରୋଧର ଶିକାର ହୋଇଛି। ଅନୁଷ୍କା 'ପୁମା' ବ୍ରାଣ୍ଡ୍‌ର ଏକ ପୋଷାକ ପିନ୍ଧି ବସିଥିବା ଫଟୋ ଶେୟାର କରିଥିଲେ। ଅନୁଷ୍କା ତାଙ୍କର ଏହି ବିଜ୍ଞାପନ ଫଟୋ ପୋଷ୍ଟରେ ଲେଖିଛନ୍ତି, ମୋ ଫଟୋ ଆପଣଙ୍କ ଲୋକପ୍ରିୟତା ହାସଲ କରିବା ପାଇଁ ବ୍ୟବହାର କରିବା ପୂର୍ବରୁ ଅନୁମତି ନେବା ଜରୁରୀ ବୋଲି ଜଣାଥିବ। ମୁଁ ଆପଣଙ୍କ ବ୍ରାଣ୍ଡ୍ ଆମ୍ବାସାଡର ନୁହେଁ ବୋଲି ଆପଣ ଜାଣିବା ଉଚିତ୍ ଥିଲା। ଏହାକୁ ତୁରନ୍ତ ବନ୍ଦ କରିବାକୁ ଅନୁଷ୍କା ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ଲେଖିଛନ୍ତି। ଏଥିରେ ଅନୁଷ୍କାଙ୍କ ସ୍ୱାମୀ କ୍ରିକେଟର ବିରାଟ କୋହଲି ମଧ 'ପୁମା' ଏପରି ଆଚରଣରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିରେ କମ୍ପାନୀ ପକ୍ଷରୁ ପୁମା ଏକ୍ସ ଅନୁଷ୍କାଙ୍କ ଏକ ପେପର ଉପରେ କନ୍‌ଫିଡେନ୍‌ସିଆଲ ବୋଲି ଷ୍ଟାମ୍ପ ଥିବା ଫଟୋ ଶେୟାର କରିଛି।

## ଚର୍ଚ୍ଚାରେ ଭାରତୀୟ-ନାଇଜେରୀୟ ଦମ୍ପତି



**ଅବୁଜା:** ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଭାରତୀୟ- ନାଇଜେରୀୟ ଦମ୍ପତିଙ୍କୁ ଦେଖିବାକୁ ମିଳିଛି। ସୂଚନା ଯେ, ଚେନ୍ନାଇରେ ରହୁଥିବା କଳ୍ପନା ନାଇଜେରିଆର ଲୋଗେସ୍‌ରେ ରହୁଥିବା ଟାମିଣ୍ଡେ ଅକିନିମି ପ୍ରଥମ ଥର ପାଇଁ ୨୦୧୫ରେ ସାକ୍ଷାତ ହୋଇଥିଲା। ଉଭୟ ଏକ ବ୍ୟୁଟି ପ୍ରେଜେଣ୍ଟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଠାରେ ଜଣେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ଯୋଡି କରାଯାଇଥିଲା। ଯୋଡିରେ ଦୁହେଁ ଏକାଠି ପ୍ରଦର୍ଶନ କରିଥିଲେ ଏବଂ ସେହି ପ୍ରତିଯୋଗିତାକୁ ଉଭୟେ ଜିତିଥିଲେ। କଳ୍ପନା ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ତାଙ୍କ ଜନ୍ମ ଚେନ୍ନାଇରେ ହୋଇଥିଲା। ତାଙ୍କ ବାପା ୟୁନାଇଟେଡ୍ ନେଶନରେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ପରିବାର ସହ କେନିଆ ଯିବାକୁ ପଡ଼ିଥିଲା। ପରେ ତାଙ୍କ ପରିବାର ଭାରତକୁ ଫେରିଆସିଥିଲେ ମଧ ସେ ସେଠାରେ ରହି ପାଠ ପଢୁଥିଲେ। ସେତେବେଳେ ବ୍ୟୁଟି ପ୍ରତିଯୋଗିତାରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ୫ ବର୍ଷର ସମ୍ପର୍କ ପରେ ୨୦୨୧ରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏବେ ତାଙ୍କ ଘରକୁ ଏକ ନୂଆ ଅତିଥି ଆସିବାକୁ ନେଇ ଦୁହେଁ ୟୁଟ୍ୟୁବ୍ ମାଧ୍ୟମରେ ସୂଚନା ଦେଇଛନ୍ତି।

# ଭାରତ ଜୁନିୟର ଦଳରେ ଓଡ଼ିଶାର ୪

**ରାଉରକେଲା ଅଫିସ,୨୦।୧୨**

ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆଉ ପୁରୁଷ ହକି ବିଶ୍ୱକପ୍ ଖେଳାଯିବାକୁ ଆଉ ଅଳ୍ପଦିନ ବାକି ରହିଛି। ଏଥିପାଇଁ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପଟେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ହକି ବିଶ୍ୱକପକୁ ଅଧିକ ରୋମାଞ୍ଚକ କରିବା ପାଇଁ ଜିଲ୍ଲାର ବିଭିନ୍ନ ଗ୍ରାମଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ଏଲ୍ଇଡି ସ୍କ୍ରିନର ବ୍ୟବସ୍ଥା କରାଯାଉଛି। ଆଉ କେତେକ ସ୍ଥାନରେ ହକି ଖେଳାଳିଙ୍କ ଷ୍ଟାଚ୍ୟୁ ନିର୍ମାଣ ଚାଲିଛି। ଷ୍ଟିଲ୍ ସିଟି ରାଉରକେଲାରେ ପ୍ରଥମ ଥର ବିଶ୍ୱକପ୍ ହକି ମ୍ୟାଚର ଆୟୋଜନ ହେଉଥିବାବେଳେ ଏଠାରେ ସମୁଦାୟ ୨୦ଟି ମ୍ୟାଚ ଖେଳାଯିବ। ସେଥିମଧ୍ୟରୁ ୨୦୨୩ ଜାନୁଆରୀ ୧୩ରେ ପ୍ରଥମ ମ୍ୟାଚ ଭାରତ ସହ ସ୍ପେନ ଦଳ ମଧ୍ୟରେ ଖେଳାଯିବ। ଏହି ମ୍ୟାଚକୁ ଦେଖିବା ପାଇଁ ଷ୍ଟାଡିୟମ ପରିସରରେ ଦୁଇଟି ଅଫ୍‌ଲାଇନ ଟିକେଟ କାଉଣ୍ଟର ବ୍ୟବସ୍ଥା କରାଯାଇଥିବାବେଳେ ପ୍ରତିଦିନ ଏହି ଟିକେଟ କାଉଣ୍ଟରରେ ଭିଡ ଦେଖିବାକୁ ମିଳୁଛି। ଆସନ୍ତା ୨୪ ତାରିଖରେ ଜିଲ୍ଲା ତଥା ସହରବାସୀ ବିର୍ସାମୁଣ୍ଡା ଷ୍ଟାଡିୟମରେ ଜୁନିୟର ଭାରତ ଦଳ ସହ ଦକ୍ଷିଣ କୋରିଆ ଦଳର ଅଭ୍ୟାସ ମ୍ୟାଚ ଖେଳ ଦେଖିବାକୁ ସୁଯୋଗ ପାଇ ପାରିବେ।



**ପୁରୁଷ ହକି ବିଶ୍ୱକପ୍ ଅଭ୍ୟାସ ମ୍ୟାଚ**

ଆଉ ମାତ୍ର ୩ ଦିନ ପରେ ଜୁନିୟର ଭାରତ ଦଳ ସାଉଥକୋରିଆ ଦଳ ସହ ଅଭ୍ୟାସ ମ୍ୟାଚ ଖେଳି ବିଜୟୀ ହୋଇ ବିଶ୍ୱକପକୁ ସ୍ୱାଗତ କରିବ ବୋଲି ବିଭିନ୍ନ କ୍ରୀଡାପ୍ରେମୀ ଆଶା କରିଛନ୍ତି। ଏହି ଅଭ୍ୟାସ ମ୍ୟାଚରେ ଭାରତ ଜୁନିୟର ଦଳରେ ସୁନ୍ଦରଗଡ ଜିଲ୍ଲାର ସୁଦୀପ ଚିର୍ମାକୁ, ଅଭିଷେକ ଲାକ୍ରା, ସୁନିଲ ଜୋଜୋ ଓ ଶିଉଲ ଲୁଗୁନ ନିଜର ହକିଷ୍ଟିକ ଯାଦୁ ଦେଖାଇବେ । ହକି ତାରକା ଉତ୍ତମ ସିଂଙ୍କ ନେତୃତ୍ୱରେ ଭାରତ ଜୁନିୟର ହକି ଦଳ ସାଉଥକୋରିଆ ସହ ଅଭ୍ୟାସ ମ୍ୟାଚ ଖେଳିବ। ଏହି ଅଭ୍ୟାସ ମ୍ୟାଚକୁ ବିଭିନ୍ନ କ୍ରୀଡାପ୍ରେମୀ ବିନା ଟିକେଟରେ ଉପଲବ୍ଧ କରିପାରିବେ। ଏହି ଉଭୟ ଦଳର ସମସ୍ତ ଖେଳାଳୀଙ୍କ ଦକ୍ଷତାପୂର୍ଣ୍ଣ ମ୍ୟାଚକୁ ଦେଖିବା ପାଇଁ ଷ୍ଟାଡିୟମରେ ଭିଡ ଓ ଟ୍ରାଫିକ ବ୍ୟବସ୍ଥାକୁ ନିୟମନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ଷ୍ଟାଡିୟମ ପରିସରରେ ସମସ୍ତ ଖେଳାଳିମାନଙ୍କ ପାଇଁ ୪ଟି ହୋଟେଲର ବ୍ୟବସ୍ଥା ସହ ଏ.ବି.ସି.ଡି ବ୍ଲକରେ ବିଭକ୍ତ କରାଯାଇଛି। ଏହି ହୋଟେଲରେ ଖେଳାଳିମାନଙ୍କ ପାଇଁ ଅତ୍ୟାଧୁନୀକ ଜିମ୍‌ଉପକରଣ ସାଙ୍ଗକୁ ଡ୍ରେସିଙ୍ଗରୁମ, ସୁଇମିଙ୍ଗପୋଲ ଭଳି ଅନ୍ୟାନ୍ୟ ଉନ୍ନତ ଧରଣର ବ୍ୟବସ୍ଥା ସହ ୨୧୬ଟି କକ୍ଷ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଖେଳାଳିମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ପାଇଁ ବମ୍ବେର ତାଜ୍ ହୋଟେଲରୁ ୧୫୦ ଜଣ ରୋଷୟାଙ୍କୁ ଚୟନ କରାଯାଇଛି। ଆସନ୍ତା ଜାନୁଆରୀ ୫ରେ ଖେଳାଳିମାନେ ରାଉରକେଲାରେ ପହଞ୍ଚିବେ। ସେମାନଙ୍କ ଲାଗି ପାନପୋଷ ଛାତ୍ର କ୍ରୀଡ଼ାବାସ, ବିର୍ସାମୁଣ୍ଡା ଷ୍ଟାଡିୟମରେ ଥିବା ଆଷ୍ଟ୍ରୋଟର୍ଫ ଫିଲ୍ଡ ସହ ଅନ୍ୟ କେତେକ ଆଷ୍ଟ୍ରୋ ପଡିଆରେ ଅଭ୍ୟାସ କରିବା ପାଇଁ ବ୍ୟବସ୍ଥା କରାଯାଇଛି।




ଆର୍ଜେଣ୍ଟିନାକୁ ବିଶ୍ୱକପ୍ ବିଜୟୀ କରିବା ପରେ ସ୍ତ୍ରୀ ଆଣ୍ଟୋନେଲା ରୋକୁଜ୍ଜୋ ଏବଂ ତିନି ପିଲାଙ୍କ ସହିତ ଲିଓନେଲ ମେସି।

# ଆର୍ଜେଣ୍ଟିନା ଦଳକୁ ଭବ୍ୟ ସ୍ୱାଗତ

**ବୁଏନ୍ସ ଏୟାର୍ସ,୨୦।୧୨ (ପି.ଟି.)**

ଫୁଟବଲ ବିଶ୍ୱକପ୍ ବିଜୟୀ ଆର୍ଜେଣ୍ଟିନା ଦଳକୁ ମିଳିଛି ଭବ୍ୟ ସ୍ୱାଗତ। ମଧ୍ୟରାତ୍ରରେ ଦଳ ଦେଶରେ ପହଞ୍ଚିଥିଲେ ମଧ୍ୟ ହଜାର ହଜାର ସମର୍ଥକ ଦଳକୁ ସ୍ୱାଗତ କରିବାକୁ ପ୍ରସ୍ତୁତ ରହିଥିଲେ। ବିଶ୍ୱକପ୍ ଇତିହାସର ଅନ୍ୟତମ ଶ୍ରେଷ୍ଠ ଫାଇନାଲରେ ଦଳ ଫ୍ରାନ୍ସକୁ ୪-୨ ପେନାଲ୍ଟି ଶୁଟ୍‌ଆଉଟରେ ପରାସ୍ତ କରି ତୃତୀୟ ଥର ପାଇଁ ଟାଇଟଲ ହାସଲ କରିଥିଲା। ସୋମବାର ରାତି ୩ଟାରେ ଆର୍ଜେଣ୍ଟିନା ଦଳ ଏଜେଇଜାରେ ବିମାନରୁ ଅବତରଣ କରିଥିଲେ। ଅଧିନାୟକ ଲିଓନେଲ ମେସିଙ୍କ ସହିତ ସମସ୍ତ ଆର୍ଜେଣ୍ଟିନା ଦଳକୁ ବିମାନ ବନ୍ଦର ବାହାରେ ମିଳିଥିଲା ରେଡ୍ କାର୍ପେଟ ସ୍ୱାଗତ। ବିଶ୍ୱକପ୍ ସହିତ ପ୍ରଥମ ଖେଳାଳି ଭାବରେ ମେସି ବିମାନରୁ ଓହ୍ଲାଇଥିଲେ। ପଛକୁ ରହିଥିଲେ ଦଳର କୋଚ୍ ଲିଓନେଲ ସ୍କାଲୋନି ଏବଂ ଅନ୍ୟ ସମସ୍ତ ଖେଳାଳି। ଲା ମୋସ୍କା ନାମକ ଏକ ବ୍ୟାଣ୍ଡ 'ମଚାଚୋଷ' ନାମକ ଗୀତ ଗାଇ ଦଳକୁ ସ୍ୱାଗତ କରିଥିଲେ। ଏହି ଗୀତକୁ ଜଣେ ଫୁଟବଲ ଫ୍ୟାନ୍ ଲେଖିଥିବା ବେଳେ କାତାର ୨୦୨୨ରେ ଏହା ଆର୍ଜେଣ୍ଟିନା ଦଳର ଅନୌପଚାରିକ ଆନ୍ଥେମ (ସଙ୍ଗୀତ) ରହିଥିଲା। ଏହା ପରେ ଏକ ଛାତଖୋଲା ବସ୍ ସାହାଯ୍ୟରେ ଖେଳାଳିମାନଙ୍କୁ ଆର୍ଜେଣ୍ଟିନା ଫୁଟବଲ ସଂଘ ମୁଖ୍ୟାଳୟକୁ ନିଆଯାଇଥିଲା। ମେସିଙ୍କ ସମେତ ସମସ୍ତ ଖେଳାଳି ବସ୍‌ରେ ରହିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିଲା ଜନସମୁଦ୍ର। ନିଜ ପ୍ରିୟ ଖେଳାଳିଙ୍କ ଝଲକ ପାଇବା ପାଇଁ ଫ୍ୟାନ୍‌ଙ୍କ ମଧ୍ୟରେ ରହିଥିଲା ପ୍ରବଳ ଉତ୍ସାହ। ମୁଖ୍ୟାଳୟରେ ବିଶ୍ରାମ ପରେ ଦଳ ସମାନ ଭିଡ ମଧ୍ୟରେ ଓବେଲିସ୍କ ଅଭିମୁଖେ ଯାତ୍ରା କରିଥିଲା। ୧୯୮୬ ବିଶ୍ୱକପ୍ ପରେ ଏହା ଦେଶର ତୃତୀୟ ବିଶ୍ୱକପ୍ ଟାଇଟଲ ହୋଇଥିବା ବେଳେ ରାଷ୍ଟ୍ରପତି ଆଲବର୍ଟୋ ଫର୍ନାଣ୍ଡେଜ ଗୋଟିଏ ଦିନ ଛୁଟି ଘୋଷଣା କରିଥିଲେ। ଆର୍ଜେଣ୍ଟିନାର ବିଜୟ ଉତ୍ସବରେ ସାମିଲ ହେବା ସହିତ ଫ୍ୟାନ୍‌ମାନେ ରାସ୍ତାକୁ ଆସି ସେଲିବ୍ରେଶନ୍ କରିଥିଲେ। ଆର୍ଜେଣ୍ଟିନା ଦଳର ବିମାନ ପହଞ୍ଚିବା ପୂର୍ବରୁ ଟିଭି ଚ୍ୟାନେଲଗୁଡିକରେ ଏହାର ଲାଇଭ୍ ଅପଡେଟ୍ ମିଳୁଥିବା ବେଳେ ଅନ୍‌ଲାଇନରେ ପ୍ରାୟ ୨ ଲକ୍ଷ ଲୋକ ବିମାନ ପହଞ୍ଚିବାର ସମୟକୁ ଚେକ୍ କରୁଥିଲେ। ଏପରି କି ଓବେଲିସ୍କରେ ମଧ୍ୟ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଥିଲା। ରାଷ୍ଟ୍ରପତି ନିଜର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରି ଦଳ ସହିତ ସାମିଲ ହୋଇଥିଲେ। ଏପରି କି ବିଶ୍ୱକପ୍ ପାଇଁ ରହିଥିବା କିଛି ଶୁଭେଚ୍ଛା ମେସେଜକୁ ନିଜେ ରାଷ୍ଟ୍ରପତି ଉତ୍ତର ମଧ୍ୟ ଦେଇଥିଲେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଶୁଭେଚ୍ଛା ମେସେଜକୁ ରିଟୁଇଟ୍ କରିବା ସହିତ ସେ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ଦେଶରେ ପହଞ୍ଚିବା ପରେ ସମର୍ଥକଙ୍କ ଗହଣରେ ଟ୍ରଫି ସହ ଆର୍ଜେଣ୍ଟିନା ଗୋଲକିପର ଏମିଲିଆନୋ ମାର୍ଟିନେଜ୍।



ଫ୍ରାନ୍ସ ଫୁଟ୍‌ବଲ ଦଳକୁ ସ୍ୱାଗତ ଲାଗି ପ୍ୟାରିସରେ ଜନସମୁଦ୍ର।

# ପ୍ୟାରିସରେ ବିପୁଳ ସମର୍ଥନ

**ପ୍ୟାରିସ୍,୨୦।୧୨(ପି.ଟି)**

ବିଶ୍ୱକପ୍ ଫାଇନାଲରେ ଫ୍ରାନ୍ସ ଦଳ ପରାଜିତ ହୋଇଥିଲେ ହେଁ ପ୍ୟାରିସରେ ଦଳକୁ ମିଳିଛି ଅଭୂତପୂର୍ବ ସ୍ୱାଗତ। କିଲିଆନ୍ ଏମ୍‌ବାପେ ଏବଂ ଦଳର ଅନ୍ୟ ସମସ୍ତ ସଦସ୍ୟ ଚାର୍ଲସ ଡେ ଗଲ୍ଲେ ବିମାନ ବନ୍ଦରରେ ପହଞ୍ଚିବା ପରେ ଲକ୍ଷ ଲକ୍ଷ ସମର୍ଥକ ଦଳର ସମର୍ଥନ ପାଇଁ ଉପସ୍ଥିତ ଥିଲେ। ପରାଜୟ ଦୁଃଖରେ ଖେଳାଳିମାନେ ଆସିଥିଲେ ହେଁ ବିମାନ ବନ୍ଦର ବାହାରେ 'ଧନ୍ୟବାଦ' ଓ 'ପ୍ୟାରିସ୍ ତୁମକୁ ଭଲପାଏ' ବୋଲି ପ୍ଲା କାର୍ଡ ସହ ଅପେକ୍ଷା କରିଥିଲେ ଫ୍ୟାନ୍। ଏହାପରେ ବସରେ ଡେ ଲା କନକର୍ଡ ପର୍ଯ୍ୟନ୍ତ ଯାଇଥିଲା। ଏହାପାର ଚାମ୍ପ ଏଲିସ୍‌ରେ ଦଳକୁ ପ୍ୟାରେଡ ଜରିଆରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏପରିକି ୨୦୧୮ ରୁଷିଆ ବିଶ୍ୱକପରେ ଦଳ ଚାମ୍ପିୟନ ହୋଇ ଫେରିଥିଲେ ମଧ୍ୟ ଏଭଳି ସମ୍ବର୍ଦ୍ଧନା ମିଳିନଥିଲା। ପ୍ରଶଂସକମାନେ ଦଳର ସମର୍ଥନରେ ବିଭିନ୍ନ ସ୍ଲୋଗାନ ଦେଉଥିବା ବେଳେ ଫ୍ରାନ୍ସ ଦଳର ଅଧିନାୟକ ହ୍ୟୁଗୋ ଲାରିସ୍, ଅଲିଭର ଗିରୁଡ୍, ଓସୁମାନେ ଡେମ୍ବେଲେ, ଆଣ୍ଟୋନିଓ ଗ୍ରୀଜମ୍ୟାନ୍ ଓ କିଲିଆନ୍ ଏମ୍‌ବାପେଙ୍କ ପରି ଖେଳାଳି ଉପସ୍ଥିତ ଫ୍ୟାନଙ୍କୁ ହାତ ହଲାଇ ଅଭିବାଦନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କିଲିଆନ୍ ଏମ୍‌ବାପେଙ୍କ ହ୍ୟାଟ୍ରିକ୍ ସତ୍ତ୍ୱେ ଫ୍ରାନ୍ସ ଦଳ ପେନାଲ୍ଟି ଶୁଟଆଉଟକୁ ୪-୨ରେ ହାରିବା ସହିତ ଟାଇଟଲ ଡିଫେଣ୍ଡ କରିବାରେ ବିଫଳ ହୋଇଥିଲା। ଚଳିତ ବିଶ୍ୱକପରେ ଫ୍ରାନ୍ସରେ ୨୪ ମିଲିୟନ ଦର୍ଶକ ଟିଭିରେ ଏହାର ମଜା ନେଇଥିଲେ। ଟିଭି ଦେଖୁଥିବା ଲୋକଙ୍କ ମଧ୍ୟରେ ୧୦ରୁ ୮ ଜଣ ଲୋକ ଫୁଟବଲ ବିଶ୍ୱକପ ଦେଖିଥିଲେ।

# ସାଇ ଏକାଦଶ ବିଜୟୀ

**ସୋର, ୨୦।୧୨(ଡି.ଏନ.ଏ.)**

**ମହାବୀର ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ**

ବାଲେଶ୍ୱର ଜିଲ ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖେଳପଡ଼ିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ୨ୟ କ୍ୱାଟର ଫାଇନାଲରେ ଖଡ଼୍ଗପୁର ସେରସାକୁ ହରାଇ ଭୁବନେଶ୍ୱର ସାଇ ଏକାଦଶ ବିଜୟୀ ହୋଇଛି। ଟସ୍ ଜିଣି ସେରସା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ସେରସା ନିର୍ଦ୍ଧାରିତ ୨୮ଓଭରରୁ ୨୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ୍ କରିଥିଲା। ଦେବୋପମ ବିଶ୍ୱାସ ୪୫ ବଲ୍ ଖେଳି ୪୦ ରନ୍ କରିଥିବା ବେଳେ ସାଇ ଏକାଦଶର ମନୋଜ କୁମାର ବାରିକ ୬ ଓଭର ବୋଲିଂ କରି ୨୦ ରନ୍‌ରେ ୪ ଉଇକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ସାଇ ଏକାଦଶ ୧୨.୧ ଓଭରରେ କୌଣସି ଉଇକେଟ ନ ହରାଇ ୧୬୧ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ସାଇ ଏକାଦଶର ବ୍ୟାଟ୍ସମ୍ୟାନ ସିଦ୍ଧାନ୍ତ କୁମାର ଜେନା ୩୪ ବଲ୍‌ରେ ୧୨ଟି ଛକା ଓ ୬ଟି ଚୌକା ମାରି ୧୦୬ ରନ୍ ସଂଗ୍ରହ କରି ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ତାଙ୍କୁ କ୍ଲବର ସଭାପତି ଅଖିଳରାମ ଜେନା ପୁରସ୍କାର ପ୍ରଦାନ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ଆଶୁତୋଷ ପାଣି ଏବଂ ରଞ୍ଜନ ମହାନ୍ତି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରଶାନ୍ତ ଜେନା, ରାଜେଶ ଜେନା ଓ ଅନଲାଇନ୍ ସ୍କୋରର ଭାବେ କିରଣ ମନୋହର ମହାନ୍ତି ଏବଂ ଭାଷ୍ୟକାର ଭାବେ ଯଦୁନାଥ ଜେନା, ସେକ୍ ଅତୱଲା ଏବଂ ବାସୁଦେବ ଜେନା ଦାୟିତ୍ୱ ତୁଲାଇଥିଲେ। ଜଗନ୍ନାଥ ଶିଅଳ, ରାଜେଶ ଜେନା, ଦୀପକ ବେହେରା, ଶକ୍ତି ସ୍ୱରୂପ ଦାସ, ମହେନ୍ଦ୍ର ଦେ, ପ୍ରଶାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଜୟନ୍ତ କୁମାର ମଲିକ, ଚିନ୍ମୟ ପ୍ରଧାନ, ରମାକାନ୍ତ ମଲିକ, ରାଜକିଶୋର ଦେ ପ୍ରମୁଖଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ମ୍ୟାଚ୍‌କୁ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ୟୁ ଆଣ୍ଡ ମି ବାଲେଶ୍ୱର ଓ ସାଇ ଏକାଦଶ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

# ନର୍ଥଇଷ୍ଟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ ଉଦ୍‌ଘାଟିତ

**ଭୁବନେଶ୍ୱର,୨୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱର ସ୍ଥିତ କିଟ୍-କିସ୍‌ରେ ଉଦ୍‌ଘାଟିତ ହୋଇଛି ନର୍ଥଇଷ୍ଟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପ୍। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିର ମିଳିତ ସହଯୋଗରେ ୩ ଦିନ ଯାଏ ଏହି ଚାମ୍ପିୟନଶିପ୍ ଆୟୋଜିତ ହେବ। ୨୫୦ଟି ବିଶ୍ୱବିଦ୍ୟାଳୟରୁ ୨୫୦୦ ଛାତ୍ରୀ ଛାତ୍ର ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ୧୦୦ ମିଟର ମହିଳା ବର୍ଗରେ ଦୂତୀ ଚାନ୍ଦ, ୧୦୦ ମିଟର ପୁରୁଷ ବର୍ଗରେ ଲାଲୁ ପ୍ରସାଦ ଭୋଇ ଫାଇନାଲରେ ପ୍ରବେଶ କରିଥିବା ବେଳେ ହାମର୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଅଜୟ କୁମାର। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, କିଟ୍ କୁଳପତି ସସ୍ମିତା ସାମନ୍ତ, ଅର୍ଜୁନ ପୁରସ୍କାର ବିଜେତା ତଥା ଅଲିମ୍ପିଆନ୍ ଦୂତୀ ଚାନ୍ଦ, କିଟ୍ କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଏବଂ କିସ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ସମସ୍ତ ଖେଳାଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।




କୃତୀ ପ୍ରତିଯୋଗୀ ପୁରସ୍କୃତ ହେଉଛନ୍ତି।

# ରିଚା ଘୋଷ୍‌ଙ୍କୁ ୪ ସ୍ଥାନ ଫାଇଦା

**ଦୁବାଇ, ୨୦।୧୨ (ପି.ଟି.):** ଆଇସିସି ମହିଳା ଟି୨୦ ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତର ଉଇକେଟକିପର ବ୍ୟାଟର ରିଚା ଘୋଷଙ୍କୁ ୪ ସ୍ଥାନ ଫାଇଦା ମିଳିଛି। ସେ ବ୍ୟାଟର ତାଲିକାରେ ୪୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୪ର୍ଥ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ଅପରାଜିତ ୪୦ ରନ ପାଇଁ ଏହା ହୋଇପାରିଛି। ଭାରତର ଦୀପ୍ତିଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ୩୨ତମ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆ ଅଲରାଉଣ୍ଡର ଆଶଲେ ଗାର୍ଡନର ବ୍ୟାଟର ତାଲିକାର ୯ମ ସ୍ଥାନରେ ରହିଛନ୍ତି। ଗତ ଶନିବାର ଭାରତ ବିପକ୍ଷ ଚତୁର୍ଥ ମ୍ୟାଚ ବେଳେ ୭ରନ ବିଜୟ ସୂଚକ ସ୍କୋରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା।

# ଇଂଲଣ୍ଡର ସିରିଜ କ୍ଲିନ୍ ସୁଇପ୍

**କରାଚୀ,୨୦।୧୨(ପି.ଟି)**

ପାକିସ୍ତାନ ମାଟିରେ ୩-୦ରେ ଟେଷ୍ଟ ସିରିଜ ଜିତିବା ସହିତ କ୍ଲିନ୍ ସୁଇପ୍ କରିଛି ଇଂଲଣ୍ଡ। ଦୀର୍ଘ ୧୭ ବର୍ଷ ପରେ ପାକିସ୍ତାନ ଗସ୍ତରେ ଆସିଥିବା ଇଂଲଣ୍ଡ ଆକ୍ରମଣାତ୍ମକ ବ୍ରାଣ୍ଡର କ୍ରିକେଟ ଖେଳିବା ସହିତ ସିରିଜ କ୍ଲିନ୍‌ସୁଇପ୍ କରିଛି। ପ୍ରଥମ ଥର ପାଇଁ ପାକିସ୍ତାନ ଘରୋଇ ମାଟିରେ କୌଣସି ଟେଷ୍ଟ ସିରିଜ କ୍ଲିନ୍‌ସୁଇପ୍‌ରେ ପରାସ୍ତ ହୋଇଛି। ୧୬୭ ରନ୍ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ମାତ୍ର ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଓପନର ବେନ୍ ଡକେଟ୍ ଦ୍ରୁତ ୮୨ ରନ୍ କରିଥିବା ବେଳେ ଅଧିନାୟକ ବେନ୍ ଷ୍ଟୋକ୍ସ ୩୫ ରନ୍ କରିଥିଲେ। ଅନ୍ତିମ ଦିନରେ ଇଂଲଣ୍ଡକୁ ବିଜୟ ପାଇଁ ୫୫ ରନ୍ ଆବଶ୍ୟକ ଥିବା ବେଳେ ଆଉ କୌଣସି ଉଇକେଟ ନ ହରାଇ ଦଳ ବିଜୟୀ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୦୪
ଇଂଲଣ୍ଡ ପ୍ରଥମ ଇନିଂସ: ୩୫୪
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୧୬ (ବାବର ଆଜାମ-୫୪, ସାଉଦ୍ ଶକିଲ-୫୩, ଅବ୍‌ଦୁଲ୍ଲା ସଫିକ୍-୨୬ ; ରେହାନ ଅହମ୍ମଦ-୫/୪୮, ଜ୍ୟାକ୍ ଲିଚ୍-୩/୭୨)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୭୦/୨ (ବେନ୍ ଡକେଟ-୮୨*, ଜ୍ୟାକ୍ କ୍ରଲି-୪୧, ଅବ୍ରାର ଅହମ୍ମଦ-୨/୭୮)।



ସିରିଜ୍ ବିଜୟୀ ଟ୍ରଫି ସହ ଇଂଲଣ୍ଡ କ୍ରିକେଟ ଦଳ।

# ଜଗା ୟୁନାଇଟେଡ୍ ସେମିଫାଇନାଲରେ

**ଭୁବନେଶ୍ୱର, ୨୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଜଗା ୟୁନାଇଟେଡ୍ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଭୁବନେଶ୍ୱରର ଦୁଇ ଦଳ କିଶୋର କ୍ଲବ ଓ ଜଗା ୟୁନାଇଟେଡ ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ୪୬ତମ ମିନିଟ୍‌ରେ ଜଗା ୟୁନାଇଟେଡର ଅଜୟ ବରୁଆ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ଅଗ୍ରଣୀ କରାଇଥିଲେ। ଖେଳର ଶେଷ ଭାଗରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳିଥିଲେ ମଧ୍ୟ ଗୋଲ୍ ସ୍କୋର ହୋଇ ପାରି ନ ଥିଲା। ଫଳରେ ଜଗା ୟୁନାଇଟେଡ୍ ୧-୦ଗୋଲରେ ବିଜୟୀ ହୋଇଥିଲା।

# ପ୍ରଥମ ଦିବସରେ ଓଡ଼ିଶା ୨୧୩ରେ ସୀମିତ

**ଡେରାଡୁନ୍,୨୦।୧୨**

ରଣଜୀ ଟ୍ରଫିରେ ଓଡ଼ିଶା ଦଳ ଉତ୍ତରାଖଣ୍ଡ ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ ଖେଳିଛି। ପ୍ରଥମ ଦିନରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୧୩ ରନ୍‌ରେ ସୀମିତ ରହିଛି। ଜବାବରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ବିନା କୌଣସି କ୍ଷତିରେ ୪ ରନ୍ ସଂଗ୍ରହ କରିଛି। ଦୁଇ

**ରଣଜୀ ଟ୍ରଫି**

ବାମହାତୀ ସ୍ପିନର ମୟଙ୍କ ମିଶ୍ର ଓ ସ୍ୱପ୍ନିଲ ସିଂଙ୍କ ଘାତକ ବୋଲିଂ କାରଣରୁ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଉତ୍ତରାଖଣ୍ଡର ଅଭିମନ୍ୟୁ କ୍ରିକେଟ ଏକାଡେମୀରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଶାନ୍ତନୁ ମିଶ୍ର(୦) ଖାତା ଖୋଲିବାରେ ବିଫଳ ହୋଇଥିଲେ। ଅନୁରାଗ ଷଡଙ୍ଗୀ(୨୭) ଓ ଶୁଭ୍ରାଂଶୁ ସେନାପତି (୧୧) ବଡ ସ୍କୋରରେ ବିଫଳ ହେବା ଯୋଗୁ ଓଡ଼ିଶା ୩୮ ରନରେ ୩ ଉଇକେଟ ହରାଇଥିଲା। ତେବେ ବିପ୍ଳବ ସାମନ୍ତରାୟ(୪୬) ଓ ଟପ୍ ସ୍କୋରର କାର୍ତ୍ତିକ ବିଶ୍ୱାଳ(୪୮)ଙ୍କ ମଧ୍ୟରେ ୮୦ ରନର ପାର୍ଟନରଶିପ୍ ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ବିପ୍ଳବ ୧୬୧ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ କାର୍ତ୍ତିକ ୭୫ ବଲ ଖେଳି ୮ ଚୌକା ସହିତ ୪୮ ରନ କରିଥିଲେ। ମୟଙ୍କ ମିଶ୍ର ଓ ସ୍ୱପ୍ନିଲ ସିଂ ପରସ୍ପର ମଧ୍ୟରେ ୭ ଉଇକେଟ ବାଣ୍ଟିନେବାରୁ ଓଡ଼ିଶା ମଧ୍ୟକ୍ରମ ବଡ ସ୍କୋର କରିବାରେ ବିଫଳ ହୋଇଥିଲା। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଭିଷେକ ରାଉତ ୩୨ ଓ ରାଜେଶ ଧୂପର ୨୧ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶା ୭୬.୧ ଓଭରରେ ୨୧୩ ରନରେ ଅଲଆଉଟ ହୋଇଥିଲା। ଉତ୍ତରାଖଣ୍ଡ ପକ୍ଷରୁ ସ୍ୱପ୍ନିଲ ସିଂ ୪ ଓ ମୟଙ୍କ ମିଶ୍ର ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ଧପୋଲା ୨ ଓ ଆକାଶ ମଧୱାଲ ଗୋଟିଏ ଉଇକେଟ ନେଇଥିଲେ। ଉତ୍ତରାଖଣ୍ଡ ଇନିଂସର ମାତ୍ର ୪ ଓଭର ଖେଳ ସମ୍ଭବ ହୋଇଥିବା ବେଳେ ଦଳ ବିନା କ୍ଷତିରେ ୪ ରନ ସଂଗ୍ରହ କରିଛି।



କାର୍ତ୍ତିକ ବିଶ୍ୱାଳ



ବିପ୍ଳବ ସାମନ୍ତରାୟ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୭୬.୧ ଓଭରରେ ୨୧୩/୧୦ (କାର୍ତ୍ତିକ ବିଶ୍ୱାଳ-୪୮, ବିପ୍ଳବ ସାମନ୍ତରାୟ-୪୬, ଅଭିଷେକ ରାଉତ-୩୨, ମୟଙ୍କ ମିଶ୍ର-୩/୩୯, ସ୍ୱପ୍ନିଲ ସିଂ-୪/୪୮, ଦୀପକ ଧପୋଲା-୨/୪୭)। ଉତ୍ତରାଖଣ୍ଡ ପ୍ରଥମ ଇନିଂସ- ୪ ଓଭରରେ ୪/୦(ଜୀୱନଜୋତ ସିଂ-୪*)

## କୋବିଜାତୀୟ ଫସଲ: ରୋଗପୋକ ଦମନ



**କୋ**ବିଜାତୀୟ ଫସଲରେ ଜଉ ପୋକ,ଠିକିରି ପିଠିଆ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

## ଫୁଲଚାଷରେ ତରଳ ଖତ ପ୍ରୟୋଗ

**ଫୁ**ଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) ଠଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି। ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।



## ବାର୍ଡ ଫ୍ଲୁ ଲକ୍ଷଣ



**କୁ**କୁଡ଼ାଙ୍କ ଠାରେ ନିମ୍ନ ଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡ ଫ୍ଲୁର ସୂଚନା ମିଳିଥାଏ । କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଣି ବାହାରିବା ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ । ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ବ୍ରଏଲର କୁକୁଡ଼ା – ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ ।

# ସଫଳ ବିରିଚାଷ



ଡ. ପରେଶ କୁମାର ପଣ୍ଡା

**ଆମ** ରାଜ୍ୟରେ ବିରି ଚାଷ ବେଶ୍ ଲୋକପ୍ରିୟ। ଏହାର ଚାଷ ଅତି ସହଜ। ଏହାର ଅବଧି ଅଢ଼େଇ ମାସ ଥିବାରୁ ବିଭିନ୍ନ ଫସଲ ପର୍ଯ୍ୟାୟରେ ମଧ୍ୟ ଏହାକୁ ନିଆଯାଇପାରେ। ବିରି ସ୍ୱଳ୍ପ ଅବଧି ବିଶିଷ୍ଟ ଥିବାରୁ ବର୍ଷର ଯେକୌଣସି ସମୟରେ ଅନ୍ତଃଫସଲ, ମିଶ୍ରିତ ଫସଲ ତଥା ଅମୁହାଁ ବା ପାଇରା ଫସଲ ରୂପେ ନିଆଯାଇଥାଏ। ଏବେ ରାଜ୍ୟ କୃଷି ବିଭାଗ ଜରିଆରେ ତ୍ରାଫା, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଡାଲି) ଧାଡ଼ି ବୁଣା (ଡାଲି) ତଥା ଖାଲି ପଡୁଥିବା ଧାନଜମିରେ ପରିଚାଳନା ପରି ଯୋଜନାଗୁଡ଼ିକରେ ଏହାର ଚାଷକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ ପ୍ରକାର ସରକାରୀ ସହାୟତାର ବ୍ୟବସ୍ଥା ରଖାଯାଇଛି। ଅଧିକନ୍ତୁ ଫସଲ ବିବିଧକରଣରେ ମଧ୍ୟ ଏହାର ଚାଷକୁ ଅନ୍ତର୍ଭୁକ୍ତ କରାଯାଇ କୃଷକର ଆୟ ବୃଦ୍ଧି ତଥା ଚାଷଜମିକୁ ସୁସ୍ଥ ଓ ଉର୍ବରିଆ ରଖିବାରେ ଗୁରୁତ୍ୱାରୋପ କରାଯାଉଛି। ବିରି ଡାଲିରେ ପୁଷ୍ଟିସାର ୨୪ ପ୍ରତିଶତ ରହିଥାଏ। ବର୍ତ୍ତମାନ ଆମ ରାଜ୍ୟରେ ବହୁଳ ଭାବେ ଚାଷ କରାଯାଉଥିବା ବିଜ୍ଞପିତ, ଅଧିକ ଅମଳକ୍ଷମ, ଉନ୍ନତ ବିରି କିସମଗୁଡିକ (ଅବଧି ୬୫-୯୦ ଦିନ) ହେଲା :

**(ଖରାଦିନ)** : ସିଓ-୬, ମାସ୍-୪୭୯ (କେଜିୟୁ ୪୭୯), ପ୍ରସାଦ, ବଲ୍ଲଭ ଉରଦ-୧ (୬୫-୮୨ ଦିନିଆ ଓ ସାହେବୀ ପ୍ରତିରୋଧୀ), ପନ୍ତ ଉରଦ-୪୦, ସୁଲତା ଓ ଇନ୍ଦିରା ଉରଦ ପ୍ରଥମ (ଆରୟୁ ୦୩-୧୪) ଅନ୍ୟ ଉନ୍ନତ କିସମ : ଭିବିଏନ୍ (ବି.ଜି.) ୭, ଆଇପିୟୁ ୧୧-୨ ଅଧିକ ଅମଳ ଦେଇଥାଏ। ଗତ ୧୫ ବର୍ଷ ମଧ୍ୟରେ ବାହାରିଥିବା ବିରି କିସମଗୁଡିକ ହେଲା : ଆଇପିୟୁ-୨-୪୩, ଶଶୀ, ମହୁରୀ, ଉଜ୍ଜ୍ୱଳା, ପ୍ରସାଦ, ଶେଖର-୩, ଏଲ୍‌ଏଏମ୍-୭୦୯, ପନ୍ତ ଉରଦ-୩୧, ପନ୍ତ ଉରଦ-୪୦, ସୁଲତା, ରଶ୍ମୀ, ବିଶ୍ୱାସ, ଆଜାଦ ଉରଦ-୩, ଆଇପିୟୁ ୧୧-୨, ଆଇପିୟୁ ୯୪-୧, ଏଲ୍‌ବିଡି ୭୭, ପ୍ରତାପ ଉରଦ-୧, ସିଓ-୬, ମାସ୍ ୪୭୯, ଭିବିଏନ (ବି.ଜି.) ୭, ବଲ୍ଲଭ ଉରଦ ୧ ଓ ଇନ୍ଦିରା ଉରଦ ପ୍ରଥମ ଇତ୍ୟାଦି)।

**ବର୍ଷା** ଦିନ ପାଇଁ ଟି-୯, ସାରଳା, ପନ୍ତ, ୟୁ-୧୯, ପନ୍ତ ୟୁ-୩୧, ଆଇପିୟୁ ୦୨-୪୩, ଆଇପିୟୁ ୧୧-୨, ପ୍ରସାଦ, ଉଜ୍ଜ୍ୱଳା, ମହୁରୀ, ପନ୍ତ ୟୁ-୩୫, କେ.ୟୁ.-୩୦୦ ଓ ଶେଖର-୧ (କେ.ୟୁ.-୩୦୧), ଉତ୍ତରା, ଶଶୀ, ରଶ୍ମି, ଶେଖର-୩, ଆଜାଦ ଉରଦ-୩। (ପ୍ରାକ୍ ରବି) : ଟି-୯, ଶାରଳା, ପ୍ରସାଦ, ଉଜ୍ଜ୍ୱଳା (ଓ.ବି.ଜି.-୧୭, ପନ୍ତ ୟୁ-୩୦, ପନ୍ତ ୟୁ-୩୫, ପନ୍ତ ୟୁ-୧୯, ପି.ଡି.ୟୁ.-୧, ଆଜାଦ ଉରଦ-୧, ଆଜାଦ ଉରଦ-୩, ଆଇପିୟୁ ୯୪-୧, ଶଶୀ (ପାଇରା ଫସଲ ଉପଯୋଗୀ) ଇତ୍ୟାଦି।

**ବିହନ, ବୁଣା ଓ ଖତସାର :** ଏକର ପ୍ରତି ୮-୧୦ କି.ଗ୍ରା. ବିହନ ଦରକାର ପଡ଼ିଥାଏ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରିବା ଆବଶ୍ୟକ। ତହିଁରୁ ଆଶାନୁରୂପ ଅମଳ ମିଳିଥାଏ। ବିଭିନ୍ନ ପ୍ରକାର ଫିମ୍ପି ଜାତୀୟ ରୋଜ ଫସଲରେ ନ ହେବା ନିମନ୍ତେ ସର୍ବଦା ବିହନକୁ ବିଶୋଧନ କରିବା ଜରୁରୀ। ସେଥିଲାଗି ୧୦ କି.ଗ୍ରା. ବିହନ ପାଇଁ ୩୦ ଗ୍ରାମ ଥିରାମ ବା ୧୫ ଗ୍ରାମ କାର୍ବୋଜାଣ୍ଡିମ ଆବଶ୍ୟକ ପଡିଥାଏ। ବିହନ ବିଶୋଧନର ସପ୍ତାହକ ମଧ୍ୟରେ ଓ ବିହନ ବୁଣିବାର କିଛି ସମୟ ପୂର୍ବରୁ ୧୦ କି.ଗ୍ରା. ବିହନ ପ୍ରତି ୨୦୦ ଗ୍ରାମ ବୀଜାଣୁ କଲ୍‌ଚର ଉପଚାର ପୂର୍ବରୁ ବିହନକୁ ୫-୬ ଘଣ୍ଟା ପାଣିରେ ଭିଜାଇ ଏପରି ଛାଣି ଦିଅନ୍ତୁ ଯେପରି କି ଫୁଲିଥିବା ମଞ୍ଜି ଚୋପା ଫାଟି ନ ଥିବ। ଏହାଦ୍ୱାରା ବିହନ ବୁଣିବା ମାତ୍ରେ ଗଜା ବାହାରିବା ପ୍ରକ୍ରିୟା ଆରମ୍ଭ



ହୋଇଯାଏ ଏବଂ ମୃତ୍ତିକାରେ କୌଣସି କ୍ଷେତ୍ରରେ ଆର୍ଦ୍ରତା କମିଯାଇଥିଲେ ତାହା ଗଜା ପ୍ରକ୍ରିୟାକୁ ଡେରି କରି ନ ଥାଏ। ମାଟିରୁ ଯଥେଷ୍ଟ ପରିମାଣର ଫସ୍‌ଫରସ ଫସଲକୁ ଉପଲବ୍ଧ ହେବା ପାଇଁ ୧୦ କି.ଗ୍ରା. ବିହନ ପ୍ରତି ଫସ୍‌ଫୋକଲଚର ୨୦୦ ଗ୍ରାମକୁ ରାଇଜୋବିୟମ ଉପଚାର ବେଳେ ମିଶାଇ ଦିଆଯାଏ। ଆହୁରି ମଧ୍ୟ ରାଇବୋଜିୟମ କାର୍ଯ୍ୟଦକ୍ଷତା ବଢ଼ାଇବା ତଥା ଫସଲର ବୃଦ୍ଧି ଅଧିକ ଘଟିବା ନିମନ୍ତେ ୧୦ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ ମଲିବଜେଟ୍ ଅଣୁସାରକୁ କଲ୍‌ଚର ମିଶ୍ରଣରେ ଗୋଳାଇ ଦିଆଯାଏ।

ମାଟିକୁ ଭଲ ରୂପେ ଗୁଣ୍ଡ (ପାୱାରଟିଲର ହଳ ଦ୍ୱାରା ଟ୍ରାକ୍ଟର ହଳ ତୁଳନାରେ ମାଟି ଭଲ ଗୁଣ୍ଡ ହୋଇଥାଏ) ଚାଷ କରି ସର୍ବଦା ଧାଡ଼ିରେ ବିହନ ବୁଣିବା ଦରକାର। ସାଧାରଣତଃ ଧାଡ଼ିକୁ ଧାଡ଼ି ୨୫-୩୦ ସେମି ଓ ଗଛ ମଧ୍ୟରେ ୧୦ସେମି ରଖିବା ଭଲ। ବିହନ ବୁଣିବା ପୂର୍ବରୁ ଶେଷ ଓଡ଼ ଚାଷ ସମୟରେ (ଡାଲିଜାତୀୟ ଫସଲରେ) ଏକର ପ୍ରତି ଜିପ୍‌ସମ ୮୦-୧୦୦ କି.ଗ୍ରା., ବୋରାକ୍ସ ୪ କି.ଗ୍ରା., ଜିଙ୍କ୍ ସଲଫେଟ୍ ୪.୮ କି.ଗ୍ରା., ଖତ ୧୨ କୁଇଣ୍ଟାଲ, ୮:୧୬:୮ ଯବକ୍ଷାରଜାନ-ଫସ୍‌ଫରସ-ପଟାସ ସାରକୁ (ଅର୍ଥାତ୍ ଡିଏପି ୩୫ କି.ଗ୍ରା., ୟୁରିଆ ୪ କି.ଗ୍ରା. ଓ ପଟାସ୍ ୧୩ କି.ଗ୍ରା.) ୟୁରିଆକୁ ଛାଡ଼ି ଅବଶିଷ୍ଟ ପ୍ରୟୋଗ କରାଯାଏ। ୟୁରିଆ ୪ କି.ଗ୍ରା.କୁ ପ୍ରଥମେ କୋଡାଖୁସା ବେଳେ ଦିଆଯାଏ। ପାଇରା ବା ଅମୁହାଁ ବା ଅଛରା ବୁଣା କରିବାର ଥିଲେ ବିହନକୁ ୫-୬ ଘଣ୍ଟା ପାଣିରେ ବତୁରାଇ ଧାନ କାଟିବାର ୧୦ ଦିନ ପୂର୍ବରୁ ଓଦା ଜମିରେ ବୁଣି ତା'ର ଠିକ୍ ପରେ ଏକର ପ୍ରତି ୩୫ କି.ଗ୍ରା. ଡିଏପି ଓ ୧୦ କି.ଗ୍ରା. ପଟାସ୍ ଛାଟି ଦେଲେ ଫସଲ ଭଲ ହୋଇଥାଏ।

**ଘାସ ନିୟନ୍ତ୍ରଣ ଓ ରୋଗପୋକ ପରିଚାଳନା :** ଗଛ ଉଠିବାର ୩ସପ୍ତାହ ମଧ୍ୟରେ ଓ ଦେଢ଼ମାସ ବେଳକୁ ଘାସ ବାଛିଦେବା ଦରକାର। ନଚେତ୍ ରାସାୟନିକ ତୃଣନାଶକ ଯଥା- ପେଣ୍ଡିମେଥାଲିନ୍ ୩୦ ଇସି-୧୨୦୦ ମିଲି, (ବୁଣାର ୨ଦିନ ମଧ୍ୟରେ), ନଚେତ୍ କ୍ୱିଜାଲିଫସ୍ ଇଥାଇଲ୍ ୫ ପ୍ରତିଶତ ଇ.ସି./ଇମାଜିଆପିର ୧୦ ପ୍ରତିଶତ ଏସ.ଏଲ୍./ପ୍ରୋପାକ୍ୱିଜାଫସ୍ ୧୦ ପ୍ରତିଶତ ଇ.ସି. ୩୦୦-୪୦୦ ମି.ଲି. (ବୁଣାର ୨୦-୨୫ଦିନ ବେଳକୁ) ଏକର ପ୍ରତି ମାଟିରେ ବତର ଥିବା ଅବସ୍ଥାରେ ପ୍ରୟୋଗ କରି ତୃଣଗୁଡିକୁ ନିୟନ୍ତ୍ରଣ କରାଯାଏ। ସାଧାରଣତଃ ରବି ଓ ଖରାଦିନିଆ ବିରି ଚାଷରେ ବୁଣିବା, ବୁଣିବାର ତିନି ସପ୍ତାହ ବେଳକୁ ଫୁଲ ଧରିବା ଓ ଛୁଇଁ ବଢ଼ିବା ସମୟରେ ଜଳସେଚନ ଦିଆଗଲେ ଛୁଇଁ ଅଧିକ ହୋଇ ଅଧିକ ଅମଳ ମିଳିଥାଏ। ସର୍ବଦା ହାଲୁକା ଜଳସେଚନ (ସିଞ୍ଚନ ବେଳକୁ ପ୍ରାଧାନ୍ୟ ଦେବା) କରାଗଲେ ଘାସ ନିୟନ୍ତ୍ରିତ ହୋଇ ଫସଲ ଭଲ ବଢ଼ିଥାଏ ଓ ଅଧିକ ଫୁଲ ଆସିଥାଏ। କୌଣସି ପରିସ୍ଥିତିରେ ମଡ଼ା ପାଣି ନ ଦେବା ଭଲ। ସିଞ୍ଚନର ବ୍ୟବସ୍ଥା ନ ଥିଲେ ୧୦ ଫୁଟ ବ୍ୟବଧାନରେ ଅଗଭୀର ନାଳ କରି ତହିଁରେ ପାଣି ମଡାଇ ଦିଆଯାଏ, ଯେପରି କି ଜମିରେ ଅଧିକ ପାଣି ରହିବ ନାହିଁ। ବିଭିନ୍ନ ରୋଗ ଯଥା-ଝାଉଁଳା, ଚେର ପଚା/ଶଢ଼ା, କଳଙ୍କି, ପତ୍ରପୋଡ଼ା, କଳାଦାଗ, ପତ୍ରଚିତା, ପାଉଁଶିଆ ଓ ସାହେବୀ ଭୂତାଣୁର ନିୟନ୍ତ୍ରଣ ନିମନ୍ତେ ହରଡ ଫସଲ ପରି କୀଟନାଶକର ମାତ୍ରା ଅନୁଯାୟୀ ସିଞ୍ଚନ କରାଯାଏ।

**ଅମଳ :** ଫସଲରୁ ଛୁଇଁ ତୋଳାଗଲେ ଓ ମଝିରେ ମଝିରେ ବର୍ଷା ବା ଜଳ ସିଞ୍ଚନ କରାଗଲେ ଅଧିକ ଛୁଇଁ ହୋଇ ଫସଲର ଅବଧି ବଢ଼ିଯାଏ ଏବଂ ଅମଳ ଅଧିକ (୧-୨ ଦୁଇ କୁଇଣ୍ଟାଲ) ହୋଇଥାଏ। ଛୁଇଁ ୮୦ ଭାଗ ପାଚିଗଲେ ଅମଳ କରିନେବା ଆବଶ୍ୟକ। ବିରି ଗଛ ପାଚି ଆସିଲେ ଗଛକୁ ପୋଡ଼ି ଭୂମି ପତ୍ତନରୁ କାଟି ଅମଳ କରିବା ଆବଶ୍ୟକ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇଲେ ମଞ୍ଜିରେ ୯ ପ୍ରତିଶତକୁ କମ୍ ଜଳୀୟ ଅଂଶ ରହିଥାଏ।

-ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୭୨୦୫୦୯୬୦୮୦

## ଜାଣିରଖନ୍ତୁ...



**ବ**ର୍ତ୍ତମାନ କଦଳୀ ଗଛ ଲଗାଇ ପାରିବେ। ଏଥିପାଇଁ ଗ୍ରାଣ୍ଡ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ। ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡଓ୍ୱାର୍ଫ ଜ୍ୟାଣ୍ଟ ଅରେଞ୍ଜ୍, ଆଫ୍ରିକାନ୍ ଡଓ୍ୱାର୍ଫ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦାବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ। ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିକ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

## ଫଳଚାଷ



**ବ**ଗିଚାକୁ ଭଲଭାବରେ ଚାଷ କରନ୍ତୁ। ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ ।

## ତରଭୁଜ

**ବି**ହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜାହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ । ଉନ୍ନତ କିସମ – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା ସଙ୍କର କିସମ – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍ ରୁବି, ମମତାଜ୍, ଆଣ୍ଡାମାନ୍।



## ଆଳୁ ଅମଳ ସମୟରେ...

**ଆ**ଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ। ଅନ୍ୟପକ୍ଷରେ ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ। ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଲଗାଇବା ସମୟରେ ଗଛଗୁଡିକ ମଧ୍ୟରେ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର।



# ସମନ୍ୱିତ କୃଷି ସହ ମାଛଚାଷ ଓ ପ୍ରାଣୀପାଳନ

(ଶେଷ ଭାଗ)

**ମାଛଚାଷ ଓ ଅନ୍ୟାନ୍ୟ କୃଷିର ସମନ୍ୱୟ:** ମାଛଚାଷ କରିବା ସହିତ ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାର ଫଳ, ପନିପରିବା, ଫୁଲ, ସବୁଜ ଗୋଖାଦ୍ୟ ଫସଲ ଇତ୍ୟାଦି ଚାଷ କରାଯାଏ । ଭଲ ଫସଲ ପାଇଁ ପୋଖରୀରୁ ପାଣି ଓ ଉର୍ବର ପଙ୍କ ନେଇ ବ୍ୟବହାର କରାଯାଇପାରିବ । ଫସଲରୁ ବାହାରୁଥିବା ସବୁଜ ପତ୍ର ଆଦି ଗ୍ରାସ କାର୍ପ ବା ଦଳଖିଆ ରୋହି ମାଛର ଅତି ପ୍ରିୟଖାଦ୍ୟ । ପୋଖରୀ ହୁଡ଼ା ଗଡ଼ାଣୀରେ କନ୍ଦମୂଳ ଚାଷ କଲେ ଏହା ହୁଡ଼ାର ମାଟିକୁ ଧୋଇଦିଏ ନାହିଁ ଏବଂ ଏହାର ପତ୍ର ମାଛମାନେ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି।

ପୋଖରୀ ଭିତର ଆଡ଼କୁ ମଞ୍ଚା ତିଆରି କରି ଲତାଜାତୀୟ ପନିପରିବା ଚାଷ କରାଯାଇ ହୁଡ଼ାରୁ ମଞ୍ଚା ଆଡ଼କୁ ମଡ଼ାଯାଇପାରିବ। ଏହି ଉପାୟରେ ଚାଷ କଲେ, ପନିପରିବା ଉତ୍ପାଦନ ପାଇଁ ଅଧିକ ଜାଗା ଦରକାର ହୁଏ ନାହିଁ । ପୋଖରୀ ହୁଡ଼ାରେ ଫୁଲକୋବି, ବନ୍ଧାକୋବି, କଦଳୀ, ଭେଣ୍ଡି, ବିନ୍‌ସ୍, ଅମୃତଭଣ୍ଡା, ଟମାଟୋ ଆଦି ଚାଷକଲେ ଅଧିକ ଉତ୍ପାଦନ ସହ ସମନ୍ୱିତ କୃଷିରୁ ଲାଭ ମିଳିଥାଏ ।



**ସମନ୍ୱିତ ଧାନ-ମାଛଚାଷ :** ଆମ ଦେଶରେ ମୁଣ୍ଡ ପିଛା ଉପଲବ୍ଧ ହେଉଥିବା ଜମିର ପରିମାଣ ହେଉଛି ୦.୧୫ ହେକ୍ଟର ବା ୩୭ ଡେସିମିଲ । ଦ୍ରୁତ ଶିଳ୍ପାୟନ ଓ ଅଧିକ ସହରୀକରଣ ପ୍ରକ୍ରିୟା ଯୋଗୁ ଏହି ଉପଲବ୍ଧ ହେଉଥିବା ଜମିର ପରିମାଣ ଧୀରେ ଧୀରେ କମିବାରେ ଲାଗିଛି । ତେଣୁ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ଏକକ ବା କମ୍ ଜମିରୁ ଅଧିକରୁ ଅଧିକ ଫସଲ ଆଦାୟ କରିବାର ଆବଶ୍ୟକତା ରହିଛି । ଏହି ପରିପେକ୍ଷୀରେ ଧାନ, ମାଛ ଓ ଚିଙ୍ଗୁଡ଼ିଚାଷକୁ ସମନ୍ୱିତ କରି ସମନ୍ୱିତ ଧାନ-ମାଛଚାଷ କରିବା ଏକ ଠିକ୍ ଓ ଉଚିତ ପନ୍ଥା ବୋଲି ଗବେଷଣା ଲବ୍ଧ ଫଳାଫଳରୁ ଜଣାଯାଇଛି । ଏହି ସମନ୍ୱିତ ଧାନ-ମାଛଚାଷ ଏବେ କିଛି ନୂଆ କଥା ନୁହେଁ । ଆମ ଦେଶରେ ୧୫ ଶହ ବର୍ଷ ପୂର୍ବରୁ ଏହି ସମନ୍ୱିତ ଧାନ-ମାଛଚାଷ କରାଯାଇ ଆସୁଛି ଏବଂ ଏହା କ୍ରମେ ଏସିଆର ଅନ୍ୟାନ୍ୟ ଦେଶକୁ ସମ୍ପ୍ରସାରିତ ହୋଇଛି। ଉପଲବ୍ଧ ତଥ୍ୟ ଅନୁଯାୟୀ ଆମ ଦେଶରେ ପ୍ରାୟ ୪୩୦ ଲକ୍ଷ ହେକ୍ଟର ଧାନ ଚାଷଜମି ମଧ୍ୟରୁ ପୂର୍ବାଞ୍ଚଳରେ ୧୪୨ ଲକ୍ଷ ହେକ୍ଟର ସମେତ ମୋଟ ୧୭୪ ଲକ୍ଷ ହେକ୍ଟର କେବଳ ଖାଲୁଆ ଜମି ରହିଅଛି । କିନ୍ତୁ ଏସବୁ ଅଞ୍ଚଳର ମାତ୍ର ୨ ଲକ୍ଷ ହେକ୍ଟର ଜମିରେ ସମନ୍ୱିତ ଧାନ ମାଛଚାଷ ହେଉଛି । ତେଣୁ ଖାଲୁଆ ଜମିର ଉପଯୁକ୍ତ ବିନିଯୋଗକରି ଅଧିକ ଉତ୍ପାଦନ କରିବା ପାଇଁ ଧାନ-ମାଛଚାଷ ଏକ ଯୁଗୋପଯୋଗୀ ଆବଶ୍ୟକତା ହୋଇପଡ଼ିଛି।

**ଉପଯୋଗିତା :** ଧାନ-ମାଛଚାଷରେ ଗୋଟିଏ ପରିବେଶରେ ଉଭୟ ଉଭୟଙ୍କ ଦ୍ୱାରା ଉପକୃତ ହୋଇଥାନ୍ତି । ଏକା ଜଳରେ ଧାନ ସହିତ ମାଛ ଓ ଚିଙ୍ଗୁଡ଼ି ସଭିଏଁ ସାଥିରେ ପରିପୁଷ୍ଟ ହୁଅନ୍ତି । ଦିନରେ ଧାନ ଗଛ ଏବଂ ଅଣୁ ଉଦ୍ଭିଦମାନଙ୍କ ଅଙ୍ଗାର ପରିପାକ କ୍ରିୟାରୁ ନିର୍ଗତ ଅମ୍ଳଜାନ ପରିମାଣକୁ ବୃଦ୍ଧିକରେ, ଯାହାକି ମାଛ ଓ ଚିଙ୍ଗୁଡ଼ି ଚାଷ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟିକରେ । ମାଛ ଧାନକ୍ଷେତରୁ ତା'ର ପ୍ରାକୃତିକ ଖାଦ୍ୟ ଅଣୁଜୀବ, ଅଣୁ ଉଦ୍ଭିଦ ଆଦି ଖାଇଥାନ୍ତି । ଏସବୁ ଖାଦ୍ୟର ୩-୪ ପ୍ରତିଶତ ମାଛ ହଜମ କରି ତା'ର ଶରୀର ଗଠନ ଓ ବୃଦ୍ଧିରେ ଲଗାଇଥାଏ । ପରୀକ୍ଷାରୁ ଜଣାଯାଇଛି ଯେ, ମାତ୍ର ୫୦ କି.ଗ୍ରା ମାଛ ପ୍ରାୟ ୬୫ ଶହ ବର୍ଗମିଟର (ଦେଢ଼ ଏକର) ପରିମିତ ଧାନଚାଷ ଜମିକୁ ଉର୍ବର କରିବାରେ ସହାୟକ ହୋଇଥାଏ । ଦିନରେ ମାଛ ଯେତିକି ଅଙ୍ଗାରକାମ୍ଳ ଛାଡ଼େ, ସେତିକି ଧାନର ଅଙ୍ଗାର ପରିପାକ କ୍ରିୟାରେ ସହାୟକ ହୁଏ । ମାଛ ଚଲାବୁଲା କରିବା ଫଳରେ ଧାନଗଛର ମୂଳ ଦୃଢ଼ ଓ ପରିପୁଷ୍ଟ ହୁଏ । ତେଣୁ ଏଭଳି ସମନ୍ୱିତ ଚାଷରେ ଧାନ ଉତ୍ପାଦନ ୨୦ ରୁ ୩୦ ପ୍ରତିଶତ ଅଧିକ ହୋଇଥାଏ ।

– ଡା. ବୀରକିଶୋର ପରିଡ଼ା
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର,
ମୋ : ୯୪୩୭୬୦୭୩୧୨



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


MARUTI SUZUKI
NEXA
TOUGH, STYLISH, SPORTY.
AND NOW 2,00,000 CUSTOMERS STRONG.
Ignis, a perfect city car, sets a new milestone.
Join the community of the Tough.
CREATE. INSPIRE.
IGNIS
2 LACS MILESTONE
IGNIS
COMPACT URBAN SUV
17.78 cm Smartplay Studio (Available from Zeta variant onwards)
High Ground Clearance and SUV-lIKE Stance
Auto Gear Shift
Spacious and Comfortable Interiors
1.2L VVT Petrol Engine
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.
Scan the QR code for more details about the Ignis.
VISIT YOUR NEAREST NEXA DEALERSHIP OR LOG ON TO www.nexaexperience.com TO AVAIL EXCITING OFFERS.
Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 7064499300), NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153),
CUTTACK: NEXA STADIUM RD (JYOTE MOTORS PH: 7440005202).
SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
Multiple financiers
Digital Document Upload
Live Loan status
Complete transparency (associated fees & charges)
*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Offers vary across variants. Maruti Suzuki India Limited reserves the right to discontinue offers without notice. For details on functioning of safety features, kindly refer to the Owner's Manual.